R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୧୦
ତିଥି: ଦ୍ୱିତୀୟା
୧୪ ଅଗଷ୍ଟ ୨୦୨୬, ଶୁକ୍ରବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 310
14 August 2026, Friday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur




# ବୈତରଣୀ, ବୁଢ଼ାବଲଙ୍ଗରେ ଆସୁଛି ବଡ଼ ବନ୍ୟା

**ଆଜି ସୁଦ୍ଧା ବୁଡ଼ିଯିବ ପାଞ୍ଚ ଜିଲ୍ଲାର ଶତାଧିକ ପଞ୍ଚାୟତ | ପଶ୍ଚିମବଙ୍ଗ ଗଲାପରେ ବି ଉତ୍ତରରେ ପ୍ରବଳ ବର୍ଷିଲା | ଦୁର୍ଦ୍ଦଶା ଥମିନି, ପୁଣି ବନ୍ୟା ପ୍ରପୀଡ଼ିତଙ୍କୁ କନ୍ଦାଇବ**

ଭୁବନେଶ୍ୱର, ୧୩।୮ (ସବ୍ୟୁ): ବାଲେଶ୍ୱର, ଯାଜପୁର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝରରେ ବନ୍ୟା ଦୁର୍ଦ୍ଦଶା ଥମିନଥିବା ବେଳେ ପୁଣି ବୁଢ଼ାବଲଙ୍ଗ, ଜଳକା ଓ ବୈତରଣୀ ନଦୀ ଅବବାହିକାରେ ଆସୁଛି ବଡ଼ ବନ୍ୟା । ବୁଧବାର ରାତିରେ ଅବିଶ୍ରାନ୍ତ ବର୍ଷା ଯୋଗୁ ଗୁରୁବାର ରାତି ସୁଦ୍ଧା ଏହି ପାଞ୍ଚ ଜିଲ୍ଲାର ଶହଶହ ପଞ୍ଚାୟତ ବୁଡ଼ିଯିବ ।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ରୂପ ନେଇ ପଶ୍ଚିମବଙ୍ଗ ଭିତରକୁ ପ୍ରବେଶ କଲା ପରେ ବି ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷିଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱରର ଭୋଗରାଇରେ ସର୍ବାଧିକ ୨୩୬ ମିମି ବର୍ଷା ହୋଇଥିବାବେଳେ ମୟୂରଭଞ୍ଜର ଶ୍ୟାମାଖୁଣ୍ଟାରେ ୨୩୦ ମିମି, ବାରିପଦାରେ ୨୧୫ ମିମି, ରାଜଘାଟରେ ୨୦୪ ମିମି ବର୍ଷା ରେକର୍ଡ଼ ହୋଇଛି । ଫଳରେ ବାଲେଶ୍ୱର ସହର ସମେତ ତଳିଆ ଅଞ୍ଚଳ ଜଳମଗ୍ନ ହୋଇଛି। କେତେକ ନଦୀର ଜଳସ୍ତର ବୃଦ୍ଧି ପାଇବା ଯୋଗୁ ପୋଲ ଉପରେ ଆଣ୍ଠୁଏ ଉଚ୍ଚର ବନ୍ୟା ପାଣି ପ୍ରବାହିତ ହେଉଛି ।

ବୁଢ଼ାବଲଙ୍ଗ ନଦୀ ଏନଏଚ୍-୫ ଗୋବିନ୍ଦପୁରରେ ବିପଦ ସଙ୍କେତ ୮.୧୩ ମିଟର ଥିବାରେ ଗୁରୁବାର ରାତି ୮ଟା ସୁଦ୍ଧା ୭.୬୦ ମିଟର ଉଚ୍ଚରେ ପ୍ରବାହିତ ହେଉଥିବା ବେଳେ ଜଳସ୍ତର ବୃଦ୍ଧି ପାଉଛି । ସେହିପରି ବାରିପଦାରେ ଜଳସ୍ତର ୨୯.୯ମିଟର ଥିବା ବେଳେ ୩୦.୯୨ ମିଟର ବିପଦ ସଙ୍କେତ ରହିବା ସହିତ ଏଠାରେ ଜଳିସ୍ତର ବଢ଼ି ଚାଲିଛି । ଫଳରେ ବାରିପଦା ସହରରେ ପାଣି ପଶି ଜଳମଗ୍ନ ହୋଇଛି । ବୈତରଣୀ ନଦୀର ଆଖୁଆପଦା ଠାରେ ବିପଦ ସଙ୍କେତ ୧୮.୩୩ ମିଟର ଥିବା ବେଳେ ରାତି ୮ଟାରେ ୧୭.୩୪ ମିଟର ଉଚ୍ଚତାରେ ବନ୍ୟାଜଳ ପ୍ରବାହିତ ହେଉଛି । ତେବେ ଗୁରୁବାର ରାତି ସୁଦ୍ଧା ୨୦ ମିଟର ଟପିଯିବ ବୋଲି ଅଶଙ୍କା କରାଯାଉଛି । ଆନନ୍ଦପୁର ଠାରେ ବିପଦ ସଙ୍କେତ ୩୮.୩୬ ମିଟର ରହିଥିବା ବେଳେ ୩୮.୮୧ ମିଟର ଉଚ୍ଚରେ ବନ୍ୟା ଜଳ ପ୍ରବାହିତ



ହେଉଛି । ଆସନ୍ତାକାଲି(ଶୁକ୍ରବାର) ସୁଦ୍ଧା ବୈତରଣୀ, ବୁଢ଼ାବଲଙ୍ଗ, ଜଳକା ନଦୀର ଅବବାହିକାରେ ବଡ଼ ବନ୍ୟା ଆସିବା ସହିତ ବହୁ ବ୍ଲକ ପ୍ରଭାବିତ ହେବ ।

ଗୁରୁବାର ସକାଳ ୮.୩୦ ସୁଦ୍ଧା ବାଲେଶ୍ୱର ଜିଲ୍ଲାର ଏନ୍ଏଚ୍-୫ ଗୋବିନ୍ଦପୁରରେ ୧୮୫ ମିମି ବର୍ଷା ରେକର୍ଡ଼ ହୋଇଥିବାବେଳେ ବାଲେଶ୍ୱରରେ ୧୬୯ ମିମି, ଜଳେଶ୍ୱରରେ ୧୬୨ ମିମି, ରେମୁଣାରେ ୧୨୬ ମିମି, ବାହାନଗାରେ ୧୨୦ ମିମି, ମୟୂରଭଞ୍ଜ ଜିଲ୍ଲାର ବାଙ୍ଗିରିପୋଷିରେ ୧୭୦ ମିମି, ବେତନଟୀରେ ୧୬୭ ମିମି, ମୁରୁଡ଼ାରେ ୧୩୨ ମିମି, ଚନ୍ଦନପୁରରେ ୧୩୦ ମିମି, ଚାନ୍ଦୁଆରେ ୧୩୦ ମିମି, ରାସଗୋବିନ୍ଦପୁରରେ ୧୨୮ ମିମି, ଯଶୀପୁରରେ ୧୨୭ ମିମି, ରାଇରଙ୍ଗପୁରରେ ୧୨୦ ମିମି, କେନ୍ଦୁଝରର ଚମ୍ପୁଆରେ ୧୧୯ ମିମି, ସୁନ୍ଦରଗଡ଼ର ପାନପୋଷରେ ୧୧୯ ମିମି ବର୍ଷା ରେକର୍ଡ଼ କରାଯାଇଛି । ଗୋଟିଏ ଦିନରେ ଏତେ ପରିମାଣର ବର୍ଷା ଯୋଗୁ ନଦୀଗୁଡ଼ିକର ଜଳସ୍ତର ଫୁଲିବାରେ ଲାଗିଛି ।

## ମୟୂରଭଞ୍ଜରେ ୨୨ ବ୍ଲକ୍ ପ୍ରଭାବିତ, ଜଣେ ମୃତ

ବାରିପଦା, ୧୩।୮ (ସବ୍ୟୁ): ଲଘୁଚାପଜନିତ ଅବିରତ ବର୍ଷାରେ ମୟୂରଭଞ୍ଜ ଜିଲ୍ଲାରେ ବନ୍ୟା ଓ ଜଳବନ୍ଦୀ ପରିସ୍ଥିତି ଉଦ୍‌ବେଗଜନକ ରୂପ ନେଇଛି । ବୁଧବାର ରାତିଠାରୁ ଜାରି ରହିଥିବା ପ୍ରବଳ ବର୍ଷା ଯୋଗୁଁ ଜିଲ୍ଲାର ୨୨ଟି ବ୍ଲକ୍‌ର ୨୮ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୪୫ଟି ଗାଁ ପ୍ରଭାବିତ ହୋଇଛି । ପ୍ରାୟ ୧୭୩୫ଜଣ ଲୋକ ଜଳବନ୍ଦୀ ହୋଇଥିବା ବେଳେ ୨୧୫ଟି ଘର ଆଂଶିକ କିମ୍ବା ସମ୍ପୂର୍ଣ୍ଣ କ୍ଷତିଗ୍ରସ୍ତ ହୋଇଛି। ବାରିପଦା ସହରର ୩, ୭, ୮, ୯, ୧୫, (୯ ପୃଷ୍ଠାରେ)

## ଲଗାଣ ବର୍ଷାରେ ବାଲେଶ୍ୱର, ଯୋଡ଼ା ଜଳମଗ୍ନ

ବାଲେଶ୍ୱର/ଯୋଡ଼ା/ବେତନଟି, ୧୩।୮ (ସବ୍ୟୁ) : ବୁଧବାର ଓ ଗୁରୁବାର ଲଘୁଚାପ ବର୍ଷାରେ ବାଲେଶ୍ୱର ସହର ବେହାଲ ହୋଇପଡ଼ିଥିବା ବେଳେ ଅବିଶ୍ରାନ୍ତ ୧୩ ଘଣ୍ଟା ବର୍ଷାରେ କେନ୍ଦୁଝର ଜିଲ୍ଲା ଯୋଡ଼ା ସହର ଜଳମଗ୍ନ ହୋଇପଡ଼ିଛି । ୧୭୯ ମିଲିମିଟର ବର୍ଷାରେ ଜଳାର୍ଣ୍ଣବ ହୋଇଛି ପୂରା ବାଲେଶ୍ୱର ସହର। ରାସ୍ତାଘାଟରେ ପାଣି ସୁଅ ଚାଲିବା ସହ ଘରେ ପଶିଛି । ଘର ଛାଡ଼ି ବାଧ୍ୟ ହୋଇ ହୋଟେଲରେ ଆଶ୍ରୟ ନେଉଛନ୍ତି ଲୋକେ । ବାରମ୍ବାର ଏଭଳି ଜଳବନ୍ଦୀ ଅବସ୍ଥା ଲୋକଙ୍କୁ ଦୁର୍ଦ୍ଦଶାକୁ (୯ ପୃଷ୍ଠାରେ)

## ଆସୁଛି ଆଉ ଏକ ଲଘୁଚାପ

ଭୁବନେଶ୍ୱର, ୧୩।୮ (ସବ୍ୟୁ): ଗୋଟିଏ ଯାଉଯାଉ ଆଉ ଏକ ଲଘୁଚାପ ଆସୁଛି । ଉତ୍ତର ଓଡ଼ିଶାରେ ପୁଣି ପ୍ରବଳ ବର୍ଷିବ । ଆସନ୍ତା ୧୯ରେ ଘୂର୍ଣ୍ଣିବଳୟ ଓ ୨୦ରେ ଲଘୁଚାପ ସୃଷ୍ଟି ହୋଇପାରେ

**୧୯ରେ ଘୂର୍ଣ୍ଣିବଳୟ, ୨୦ରେ ଲଘୁଚାପ**

**ସପ୍ତାହେ ଯାଏଁ ଜାରି ରହିପାରେ ବର୍ଷା**

ବୋଲି ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ ।

ଭାରତୀୟ ପାଣିପାଗ ବିଭାଗର ବିସ୍ତୃତ ଆକଳନ ଅନୁଯାୟୀ, ୧୪ରୁ ୨୦ ଅଗଷ୍ଟ ମଧ୍ୟରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇ ଲଘୁଚାପ ରୂପ ନେଇପାରେ। ଅର୍ଥାତ ୧୯ ତାରିଖ ସୁଦ୍ଧା ଉତ୍ତର ବଙ୍ଗୋପସାଗର ଉପରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ୨୦ ତାରିଖ ବେଳକୁ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଉପରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇପାରେ । ଫଳରେ ରାଜ୍ୟରେ ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି ।

ସେପଟେ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ବର୍ତ୍ତମାନ ଅବପାତରେ ପରିଣତ ହୋଇ ପଶ୍ଚିମବଙ୍ଗ ଉପକୂଳ ଉପରେ ରହିଛି ଓ ଉତ୍ତର-ପଶ୍ଚିମ ଦିଗକୁ ଗତି ( ୯ ପୃଷ୍ଠାରେ)

## ୨୦୩୦ ସୁଦ୍ଧା ସମସ୍ତଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ସେବା

ଭୁବନେଶ୍ୱର, ୧୩।୮ (ସବ୍ୟୁ) : ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକସେବା ଭବନରେ ଶକ୍ତି ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଓ ଆଗାମୀ ଦିନରେ ହେବାକୁ ଥିବା ଶକ୍ତି ପ୍ରକଳ୍ପ ସମ୍ପର୍କରେ

**ଗୁଣାତ୍ମକ ବିଦ୍ୟୁତ୍ ସେବା ଲାଗି ୭୬୫ କେଭି ଗ୍ରିଡର ରିଂ ସିଷ୍ଟମ୍**

ସମୀକ୍ଷା କରିଛନ୍ତି।



ବୈଠକରୁ ଜଣାଯାଇଛି ଯେ, ବର୍ତ୍ତମାନ ରାଜ୍ୟରେ ୨୧୦ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ କାର୍ଯ୍ୟକ୍ଷମ ଅଛି । ସେଥିମଧ୍ୟରୁ ଗତ ୨ ବର୍ଷ ମଧ୍ୟରେ ୧୫ଟି ନୂଆ ଗ୍ରୀଡ୍ ସବ୍‌ଷ୍ଟେସନ୍ ସ୍ଥାପନ କରାଯାଇଛି। ସେହିଭଳି ୨ ବର୍ଷ ମଧ୍ୟରେ ୭୮୮.୯୯ ସର୍କିଟ୍ କିଲୋମିଟର ଟ୍ରାନ୍ସମିସନ୍ ଲାଇନ୍ ମଧ୍ୟ ବିଛାଯାଇଛି ।

ବୈଠକରେ ୨୦୩୦ ସୁଦ୍ଧା ରାଜ୍ୟର ପ୍ରତ୍ୟେକ ଅଞ୍ଚଳକୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଇ ଦେବା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ (୯ ପୃଷ୍ଠାରେ)

**ପ୍ୟାକେଟ୍ ଖାଦ୍ୟ ଉପରେ ସତର୍କତା ଲେବଲିଂ**

## ଏଫ୍ଏସ୍ଏସ୍ଏଆଇ, କେନ୍ଦ୍ରକୁ ସୁପ୍ରିମ୍‌କୋର୍ଟଙ୍କ ତାଗିଦ୍

ନୂଆଦିଲ୍ଲୀ, ୧୩।୮ : ପ୍ୟାକେଜ୍‌ରେ ଆସୁଥିବା ଖାଦ୍ୟ ଉପରେ କେତେ ପ୍ରତିଶତ ମିଠା, ଲୁଣ ଓ ସାଚିରୁଟେଡ୍ ଫ୍ୟାଟ୍ ରହିଛି ତାହାର ସୂଚନା ଲେଖିବା ପାଇଁ ସୁପ୍ରିମ୍‌କୋର୍ଟ ତାଗିଦ୍ କରିଛନ୍ତି। ଏନେଇ କେନ୍ଦ୍ର ସରକାର ଏବଂ ଏଫ୍ଏସ୍ଏସ୍ଏଆଇକୁ ପ୍ରଶ୍ନ କରିଛନ୍ତି ଯେ ଆପଣମାନେ କ'ଣ କର୍ପୋରେଟ୍ ଜଗତର ଚାପରେ ଅଛନ୍ତି। ଯଦି ତମେମାନେ ପାରୁନାହଁ ତେବେ ଆମେ ପଦକ୍ଷେପ ନେବୁ।

ଏହି ପ୍ରସଙ୍ଗରେ ସୁପ୍ରିମ୍‌କୋର୍ଟ କହିଛନ୍ତି ଯେ ଏହା ସାଧାରଣ ନାଗରିକଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତ । ବିଶେଷକରି ଆଗକୁ ବଢ଼ୁଥିବା ପିଲାଙ୍କ ସ୍ୱାସ୍ଥ୍ୟଗତ ପ୍ରସଙ୍ଗ। ଏ ନେଇ କର୍ପୋରେଟ୍‌ମାନଙ୍କ ଚାପରେ ରୁହନ୍ତୁ ନାହିଁ। ଜଷ୍ଟିସ୍ ଜେବି ପାରିଡୱାଲା ଓ ଜଷ୍ଟିସ୍ କେ ବିନୋଦଚନ୍ଦ୍ରନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ଜନସ୍ୱାର୍ଥ ସମ୍ବଳିତ ମାମଲାର ଶୁଣାଣି କରୁଥିଲେ। ପ୍ୟାକେଜ୍ ଖାଦ୍ୟ ପ୍ରସ୍ତୁତ କରୁଥିବା ଶିଳ୍ପ ଜଗତ ସତର୍କତା ଲେବଲିଂ ବିରୋଧରେ ଥିବା ଏଫ୍ଏସ୍ଏସ୍ଏଆଇ କହୁଥିବା ଜାଣିବା ପରେ ଖଣ୍ଡପୀଠ ଏହାକୁ ସମାଲୋଚନା କରିଛନ୍ତି। ମାର୍ଚ୍ଚ ୭ରେ ଅନୁଷ୍ଠିତ ଏଫ୍ଏସ୍ଏସ୍ଏଆଇ (୯ ପୃଷ୍ଠାରେ)

## ସରିଲା ସଂସଦର ମୌସୁମୀ ଅଧିବେଶନ

ନୂଆଦିଲ୍ଲୀ, ୧୩।୮ : ସଂସଦର ମୌସୁମୀ ଅଧିବେଶନ ଶେଷ ହୋଇଛି। ଗତ ୨୦ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଧିବେଶନ ବସ୍ତୁତଃ ଅଚଳ ରହିଥିଲା। ଲୋକସଭାରେ ମାତ୍ର ୧୯% ଓ ରାଜ୍ୟସଭାରେ ୩୯% କାର୍ଯ୍ୟ ହୋଇଛି। ହଟ୍ଟଗୋଳ, ନାରାବାଜି ଯୋଗୁ ସଂସଦର ମୌସୁମୀ ଅଧିବେଶନ ଦିନଟିଏ ଲାଗି ସ୍ୱାଭାବିକ ହୋଇପାରିନଥିଲା। ନିଟ୍ ପ୍ରଶ୍ନପତ୍ର ଲିକ୍, ଯନ୍ତରମନ୍ତରରେ ଆନ୍ଦୋଳନରତ ଛାତ୍ରଙ୍କ ଉପରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଏବଂ ଅଯୋଧ୍ୟା ରାମ ମନ୍ଦିରର ଦାନ ଅର୍ଥ ଚୋରି ପ୍ରସଙ୍ଗକୁ ନେଇ ବିରୋଧୀ ଅଡ଼ି ବସିବାରୁ ଗୃହର କାର୍ଯ୍ୟ ଚାଲିବା ସମ୍ଭବପର ହୋଇପାରିନଥିଲା। ତେବେ ହୋ ହଲ୍ଲା ମଧ୍ୟରେ ୧୨ ବିଲ୍ ବିନା ଆଲୋଚନାରେ ପାରିତ ହୋଇଛି ।



**⏭ ଉଭୟ ଗୃହ ଅନିର୍ଦ୍ଦିଷ୍ଟକାଳ ଲାଗି ମୁଲତବୀ**

**⏭ ହୋ-ହଲ୍ଲା, ସ୍ଲୋଗାନବାଜିରେ ଚାଲିପାରିଲାନି ଗୃହ**

**⏭ ବିନା ଆଲୋଚନାରେ ୧୨ ବିଲ୍ ପାରିତ**

ଆଜି ଲୋକସଭା ଆରମ୍ଭ ହେବାମାତ୍ରେ ପ୍ରଥମେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ଗୃହକୁ ଆସିଥିଲେ। ଅଧିବେଶନ ଆରମ୍ଭରୁ ଶ୍ରୀ ଶାହା ଗୃହରେ ଅନୁପସ୍ଥିତ ଥିଲେ। ସେ ତାଙ୍କ ଆସନରେ ବସିବା ପରେ ବିରୋଧୀ ଦଳ ସାଂସଦମାନେ ସ୍ଲୋଗାନବାଜି ଆରମ୍ଭ କରିଦେଇଥିଲେ। ଲାଠି ଚାର୍ଜ ପାଇଁ କିଏ ନିର୍ଦ୍ଦେଶ ଦେଇଥିଲା, କ୍ଷମା ମାଗ ମାଗ ବୋଲି ନାରା ଦେଇଥିଲେ। ଏହାପରେ ପ୍ରଧାନମନ୍ତ୍ରୀ ଗୃହକୁ ଆସିଥିଲେ। ପ୍ରଧାନମନ୍ତ୍ରୀ ଆସିବା ପରେ ଲୋକସଭା ବାଚସ୍ପତି ଓମ୍ ବିର୍ଲ୍ଲା ବନ୍ଦେ ମା ତରମ୍ ଗାନ ପାଇଁ କହିବା ସହ ସବୁ ସାଂସଦମାନଙ୍କୁ ନିଜ ଆସନରେ ଠିଆ ହେବାଲାଗି କହିଥିଲେ। ପ୍ରାୟ ୩ ମିନିଟ୍ ୧୦ ସେକେଣ୍ଡ ପରେ ଲୋକସଭାକୁ ଅନିର୍ଦ୍ଦିଷ୍ଟକାଳ ପାଇଁ ମୁଲତବୀ କରିଥିଲେ। ତେବେ ବାଚସ୍ପତି ମଧ୍ୟ ଲୋକସଭାର ସମାପନ ଅଭିଭାଷଣ ପାଠ କରିପାରିନଥିଲେ। ଜୁଲାଇ ୨୦ରୁ ନିଟ୍ ପେପର ଲିକ୍ ସମ୍ପର୍କରେ ଗୃହ ସରଗରମ ହୋଇଥିଲା। ବିରୋଧୀ ଦଳ ସାଂସଦମାନେ ୨୦ ତାରିଖ ଘଟଣାରେ ଅମିତ୍ ଶାହାଙ୍କ ଠାରୁ ବିବୃତ୍ତି ଦାବି କରିଥିଲେ। ତେବେ ଶ୍ରୀ ଶାହା ଗୃହରେ ବିବୃତ୍ତି ରଖିବାକୁ ରାଜି ବୋଲି ସରକାର କହିବା ପରେ ମଧ୍ୟ ବିରୋଧୀ ଦଳ ଏହାକୁ ପ୍ରତ୍ୟାଖ୍ୟାନ କରିବା ସହ ଦୁଇଟି ଦାବି ରଖିଥିଲେ। ଛାତ୍ରଙ୍କ (୯ ପୃଷ୍ଠାରେ)

## ୧୮ ଯାଏଁ ଡିଜିପି ଚୟନରେ ରୋକ୍

### ୟୁପିଏସ୍‌ସିକୁ ନିର୍ଦ୍ଦେଶ ଦେଲେ ସୁପ୍ରିମ୍‌କୋର୍ଟ

ଭୁବନେଶ୍ୱର, ୧୩।୮(ସବ୍ୟୁ): ଓଡ଼ିଶା ପୋଲିସର ପରବର୍ତ୍ତୀ ଡିଜି ଚୟନ ପ୍ରକ୍ରିୟା ଉପରେ ସୁପ୍ରିମକୋର୍ଟ ରୋକ ଲଗାଇଛନ୍ତି। ଆସନ୍ତା ୧୮ ତାରିଖ ଯାଏଁ ଚୟନ ନକରିବାକୁ ସୁପ୍ରିମକୋର୍ଟ ୟୁପିଏସ୍‌ସିକୁ କହିଛନ୍ତି। ତେବେ ଗୁରୁବାର ସନ୍ଧ୍ୟା ସାଢ଼େ ୫ଟାରେ ୟୁପିଏସ୍‌ସିର ହେବାକୁ ଥିବା ବୈଠକ ବାତିଲ ହୋଇଛି ଓ ୧୮ ତାରିଖରେ ପରବର୍ତ୍ତୀ ଶୁଣାଣି କରାଯିବ।



ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଏକ ଜନସ୍ୱାର୍ଥ ମାମଲା ଶୁଣାଣି ହୋଇଥିଲା। ଓଡ଼ିଶା ଡିଜିପି ନିଯୁକ୍ତି ପ୍ରକ୍ରିୟାରେ ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ ଉଲ୍ଲଂଘନ ହୋଇଛି ବୋଲି ଅଭିଯୋଗ ହୋଇଥିଲା। ତେବେ ଆଡ୍‌ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସରକାରଙ୍କ ପକ୍ଷ ରଖି ନିୟମ ଉଲ୍ଲଂଘନ ହୋଇଥିବା ଅଭିଯୋଗକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରିଥିଲେ। ଧାର୍ଯ୍ୟ ସମୟସୀମାରେ ନୂଆ ଡିଜିପି ନିଯୁକ୍ତି ନହେଲେ କାର୍ଯ୍ୟକାରୀ ନିଯୁକ୍ତିରେ କାର୍ଯ୍ୟ ଚଳାଇବାକୁ ପଡ଼ିବ। ଯାହା ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଉଲ୍ଲଂଘନ ବୋଲି ସେ ଦର୍ଶାଇଥିଲେ। ଖଣ୍ଡପୀଠ ମଧ୍ୟ କୌଣସି ପ୍ରଭାବିତ ଅଫିସର କୋର୍ଟର ଦ୍ୱାରସ୍ଥ ହୋଇନଥିବାରୁ ଜନସ୍ୱାର୍ଥ ମାମଲାର ଗ୍ରହଣ ଯୋଗ୍ୟତା ନେଇ ସନ୍ଦେହ କରିଥିଲେ। ତେବେ ଆମିକସ୍ କ୍ୟୁରୀ ବରିଷ୍ଠ ଓକିଲ ରାଜୁ ରାମଚନ୍ଦ୍ରନ୍‌ଙ୍କ ମତାମତ ଜାଣିବାକୁ ଚାହିଁଥିଲେ। ଶ୍ରୀ ରାମଚନ୍ଦ୍ରନ ମଧ୍ୟ ଜନସ୍ୱାର୍ଥ ମାମଲାକୁ ସମର୍ଥନ କରି ରାଜ୍ୟ ସରକାର ପ୍ରକାଶ ସିଂହ ମାମଲାରେ ସୁପ୍ରିମକୋର୍ଟଙ୍କ ଗାଇଡ୍‌ଲାଇନ ଉଲ୍ଲଂଘନ ହୋଇଥିବା ନେଇ ମତ ରଖିଥିଲେ। ଏହାକୁ ଆଧାର କରି ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ଡିଜିପି ଚୟନ ପ୍ରକ୍ରିୟା ଚୂଡ଼ାନ୍ତ ନକରିବାକୁ ୟୁପିଏସ୍‌ସିକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ପି.ଚିଦାମ୍ବରମ୍ ପକ୍ଷ ରଖିଥିଲେ। ତେବେ ସୂଚନା ଯୋଗ୍ୟ, ଡିଜିପି ୱାଇବି ଖୁରାନିଆଙ୍କ କାର୍ଯ୍ୟକାଳ ସରୁଛି। କିଏ ହେବ ଅନ୍ତରିଣ ଡିଜିପି, ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି।

## ଜିଲ୍ଲାରେ ସ୍ୱତନ୍ତ୍ର ସଘନ ସଂଶୋଧନ

# ରାଜନୈତିକ ପ୍ରତିନିଧିଙ୍କ ସହ ସ୍ଥିତି ସଂକ୍ରାନ୍ତରେ ଜିଲ୍ଲାପାଳଙ୍କ ବୈଠକ

କଟକ, (ସବ୍ୟୁ): ଆଜି ଅପରାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଭାଗୃହଠାରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ, ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସ୍ୱତନ୍ତ୍ର ସଘନ ସଂଶୋଧନ ନିମନ୍ତେ ନିର୍ଦ୍ଧାରିତ ପ୍ରକ୍ରିୟା ଅନୁଯାୟୀ କାର୍ଯ୍ୟ ଅଗ୍ରଗତି ଓ ସ୍ଥିତି ସମ୍ପର୍କିତ ଆଲୋଚନା ହୋଇଥିଲା । ଖାରଚ ହୋଇଥିବା ଫର୍ମ, ପରିବର୍ତ୍ତିତ ତାରିଖ ସମ୍ବନ୍ଧରେ ବୈଠକରେ ଆଲୋଚନା ହୋଇଥଲା । ଦୈନନ୍ଦିନ ଯାଞ୍ଚ ପୂର୍ବକ ତଥ୍ୟ ଆନୁଯାୟୀ ଭୋଟର ତାଲିକାରେ ପ୍ରଥମ ଥର ନାମ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଫର୍ମ -୬, କାରଣ ବଶତଃ ଭୋଟର ତାଲିକାରୁ ବାଦ ନିମନ୍ତେ ଫର୍ମ-୭, ନାମ, ଠିକଣା,ବୟସ ଆଦି ସଂଶୋଧନ ନିମନ୍ତେ ଫର୍ମ-୮ ଏବଂ ଏହାର ପ୍ରତିବେଦନ(ରିପୋର୍ଟ) ପାଇଁ ଫର୍ମ ୯,୧୦,୧୧ ସମ୍ବନ୍ଧରେ ଆଲୋଚନା କରାଯାଇ ରାଜନୈତିକ



ଦଳର ପ୍ରତିନିଧି ମାନଙ୍କୁ ଦସ୍ତାବିଜ ପ୍ରଦାନ କରାଯାଇଛି । ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ଯୋଗ୍ୟ ମତଦାତାଙ୍କୁ ଭୋଟର ତାଲିକାରେ ସଂଯୁକ୍ତ କରିବା ଏବଂ ଅନଧିକୃତ ଅଯୋଗ୍ୟ ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ ଦେବା,ମୃତ ବ୍ୟକ୍ତିଙ୍କ ନାମ ଏବଂ ନକଲି ନାମ ଗୁଡ଼ିକୁ ତାଲିକାରୁ ବାଦ ଦିଆଯିବା ସହ ସ୍ଥାନାନ୍ତରିତ ମତଦାତାଙ୍କ ନାମ ସଂଶୋଧନ କରାଯାଇଛି । ଅତିରିକ୍ତ ଜିଲ୍ଲାପାଳ ତଥା ଅତିରିକ୍ତ ଜିଲ୍ଲା ନିର୍ବାଚନ ଅଧିକାରୀ ଏବଂ କଟକ ସଦର ନିର୍ବାଚନ ଫଂଜିକରଣ ଅଧିକାରୀ, କମଳଜିତ୍ ଦାସ ଉପସ୍ଥିତ ରହି ଏ ସମ୍ବନ୍ଧୀୟ ସମସ୍ତ ଟିପ୍ପଣୀ ପ୍ରସ୍ତୁତି ସହ ସୂଚନା ପ୍ରଦାନ କରିଥିଲେ । ବୈଠକରେ ସାଲେପୁର ପାଇଁ ନିୟୋଜିତ ହୋଇଥିବା ନିର୍ବାଚନ ଫଂଜିକରଣ ଅଧିକାରୀ ଅତିରିକ୍ତ ଜିଲ୍ଲାପାଳ ଡ଼ଃ ଦିବ୍ୟଲୋଚନ ମହାନ୍ତ, ଚୌଦ୍ୱାର କଟକ ପାଇଁ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ବାରବାଟୀ-କଟକ ପାଇଁ ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜି ଦେଓ, ଆଠଗଡ ପାଇଁ ପ୍ରହଲ୍ଲାଦ ନାରାୟଣ ଶର୍ମା, ବାଙ୍କୀ ପାଇଁ ମନସ୍ୱିନୀ ଦାସ, ନିଆଳି ପାଇଁ ଅତିରିକ୍ତ ଉପଜିଲ୍ଲାପାଳ, ଦେବାଶିଷ ମହାପାତ୍ର, ମାହାଙ୍ଗା ପାଇଁ କଟକ ମହାନଗର ନିଗମ ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ ଏବଂ ବଡ଼ମ୍ବା ପାଇଁ ମହାନଗର ନିଗମର ଯୁଗ୍ମ ଆୟୁକ୍ତ, ବରେନ୍ଦୁ ମହାନ୍ତି, ଡେପୁଟୀ କଲେକ୍ଟର, ନିର୍ବାଚନ ଅମ୍ଲାନ ଅପରାଜିତା ମିଶ୍ର ସଂଯୋଜନା ପୂର୍ବକ ବୈଠକରେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

## ଏସ୍‌ସିବିରେ ପୁଣି ସକ୍ରିୟ ଦଲାଲ ଗ୍ୟାଙ୍ଗ, ୩ ଗିରଫ

କଟକ,(ସବ୍ୟୁ): ଶ୍ରୀରାମଚନ୍ଦ୍ର ଭଞ୍ଜ (ଏସ୍‌ସିବି) ମେଡ଼ିକାଲ କଲେଜ ଓ ଡାକ୍ତରଖାନାରେ ପୁଣି ଥରେ ଦଲାଲି ରାଜ୍ ଆରମ୍ଭ ହୋଇଛି । ଦୈନିକ ଆସୁଥିବା ଶହ ଶହ ନିରୀହ, ଗରିବ ଏବଂ ଅସହାୟ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ନିଜ ଜାଲରେ ଫସାଇ ମୋଟା ଅଙ୍କର ଅର୍ଥ ରୋଜଗାର କରୁଥିବା ଏକ ସଂଘବଦ୍ଧ ଦଲାଲ ଗ୍ୟାଙ୍ଗର ପର୍ଦ୍ଦାଫାଶ କରିଛି ମଙ୍ଗଳାବାଗ ଥାନା ପୁଲିସ । ଗତକାଲି ବିଳମ୍ବିତ ରାତିରେ ଏସ୍‌ସିବିର ନନ୍-ଟ୍ରମା ୱାର୍ଡରେ ପୁଲିସ ଚଢ଼ଉ କରି ଘଟଣାସ୍ଥଳରୁ ୩ ଜଣ ଦଲାଲଙ୍କୁ କାବୁ କରିବା ସହ ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇଥିବା ଅଭିଯୁକ୍ତମାନେ ହେଲେ ଭଦ୍ରକ ଜିଲ୍ଲା ତିହିଡ଼ି ଅଞ୍ଚଳର ରାଜେନ୍ଦ୍ର ସୂତାର, କଟକ ଗ୍ରାମାଞ୍ଚଳ ବାଙ୍କୀ ଅଞ୍ଚଳର ଜିତେନ୍ଦ୍ର ସେଠୀ ଏବଂ କଟକ ଜିଲ୍ଲା ବଡ଼ମ୍ବା ଅଞ୍ଚଳର ଲକ୍ଷ୍ମୀଧର ଖଟୁଆ । ସମସ୍ତ କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ୍ ଆବେଦନ ନାମଞ୍ଜୁର ହେବାରୁ ସେମାନଙ୍କୁ ଚୌଦ୍ୱାର ଜେଲକୁ ପଠାଇ ଦିଆଯାଇଛି ।

## ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ମାମଲା

# ରାଜ୍ୟ ସରକାରଙ୍କୁ ଜବାବ ମାଗିଲେ ହାଇକୋର୍ଟ

କଟକ,(ସବ୍ୟୁ): ରାଜ୍ୟର ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ସମ୍ପର୍କିତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ରାଜ୍ୟ ସରକାରଙ୍କୁ ଜବାବ ଦାଖଲ ଲାଗି ନିର୍ଦ୍ଦେଶ ଦେଇଛନ୍ତି । ମାନବାଧିକାର କର୍ମୀ ତଥା ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଥିଲାବେଳେ ଏହାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଥିଲେ। ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ହରିଶ ଟଣ୍ଡନ ଓ ଜଷ୍ଟିସ୍ ଚିତ୍ତ ରଞ୍ଜନ ଦାଶଙ୍କୁ ନେଇ ଗଠିତ ଖଣ୍ଡପୀଠ ତିନି ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ ପାଇଁ ସରକାରଙ୍କୁ କହିଛନ୍ତି । ମାମଲାର ପରବର୍ତ୍ତୀ ଶୁଣାଣି ସେପ୍ଟେମ୍ବର ୩ରେ ହେବ। ଆବେଦନକାରୀ ଶ୍ରୀ ଦାସ ପିଟିସନ୍‌ରେ ଦର୍ଶାଇଛନ୍ତି ଯେ, ନିକଟ ଅତୀତରେ ମୟୂରଭଞ୍ଜ, କୋରାପୁଟ ଓ ଗଜପତି ଜିଲ୍ଲାର ବିଭିନ୍ନ ସରକାରୀ ବିଦ୍ୟାଳୟରେ କଂକ୍ରିଟ ଫଳକ ଓ ପାଚେରୀ ଭୁଶୁଡ଼ି ଏକାଧିକ ଛାତ୍ରଛାତ୍ରୀଙ୍କ ମୃତ୍ୟୁ ଘଟିଛି । ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସୁରକ୍ଷା ଓ ନିରାପତ୍ତା ନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ ହୋଇଥିଲେ ମଧ୍ୟ ବାରମ୍ବାର ଏଭଳି ଦୁଃଖଦ ଘଟଣା ସାମ୍ନାକୁ ଆସୁଛି। ବିଦ୍ୟାଳୟଗୁଡ଼ିକରେ ଛାତ୍ରଛାତ୍ରୀଙ୍କ ସୁରକ୍ଷା ସମ୍ପର୍କିତ ମାର୍ଗଦର୍ଶିକା ପ୍ରସ୍ତୁତ ପାଇଁ ଟାସ୍କଫୋର୍ସ କିମ୍ବା ବିଶେଷଜ୍ଞ କମିଟି ଗଠନ, ଘଟିଥିବା ଦୁର୍ଘଟଣାଗୁଡ଼ିକର ଉଚ୍ଚସ୍ତରୀୟ ତଦନ୍ତ, ଦାୟୀ ଅଧିକାରୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଏବଂ ମୃତ ଓ କ୍ଷତିଗ୍ରସ୍ତ ଛାତ୍ରଛାତ୍ରୀଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ ପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ପ୍ରାର୍ଥନା କରିଛନ୍ତି।

## ହିଣ୍ଡାଲ୍‌କୋର ବାଫ୍‌ଲିମାଳି ଦୀର୍ଘସ୍ଥାୟୀ ଖଣି କାର୍ଯ୍ୟପଦ୍ଧତି ନିମନ୍ତେ

# ଏଏସ୍‌ଆଇ ମାନ୍ୟତା ହାସଲ କରିବାରେ ଭାରତର ପ୍ରଥମ ବକ୍ସାଇଟ ଖଣି

ଭୁବନେଶ୍ୱର, (ସବ୍ୟୁ): ଆଦିତ୍ୟ ବିର୍ଲା ଗ୍ରୁପ୍‌ର ଅଗ୍ରଣୀ ଧାତବ କମ୍ପାନୀ ହିଣ୍ଡାଲ୍‌କୋ ଇଣ୍ଡଷ୍ଟ୍ରିଜ ଲିମିଟେଡର ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ



ଲିମିଟେଡ (ୟୁଏଆଇଏଲ) ଓଡ଼ିଶାର ରାୟଗଡା ଜିଲ୍ଲାରେ ଥିବା ତାହାର ବାଫ୍‌ଲିମାଳି ବକ୍ସାଇଟ ଖଣି ନିମନ୍ତେ ଆଲୁମିନିୟମ ଷ୍ଟିୱାର୍ଡସିପ୍ ଇନିସିଏଟିଭ୍ (ଏଏସ୍‌ଆଇ) ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ (୨୦୨୩) ପ୍ରମାଣନ ହାସଲ କରିଛି। ଏଏସ୍‌ଆଇ ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ ପ୍ରମାଣନରେ ଯୋଜନା ପ୍ରସ୍ତୁତି, ଖଣି କାର୍ଯ୍ୟ, ଉକ୍ତ ସ୍ଥାନରେ ଚୂର୍ଣ୍ଣ କରିବା ଏବଂ ବାଫ୍‌ଲିମାଳି ବକ୍ସାଇଟ ଖଣିଗୁଡ଼ିକରୁ ବକ୍ସାଇଟକୁ କନ୍‌ଭେୟର ପରିବହନ ଆଦି ସାମିଲ ରହିଛି, ଯାହାର ବାର୍ଷିକ ଉତ୍ପାଦନ କ୍ଷମତା ୮.୫ ନିୟୁତ ଟନ୍ ରହିଛି। ଏହି ଖଣିଗୁଡ଼ିକ ଉତ୍କଳ ଆଲୁମିନା ବିଶୋଧନାଗାର ପରିଚାଳନା ନିମନ୍ତେ ବକ୍ସାଇଟ ଯୋଗାଣ କରୁଛି ଏବଂ ହିଣ୍ଡାଲ୍‌କୋର ସମନ୍ୱିତ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଅଟେ। ଏହି ସଫଳତା ସହିତ ବାଫ୍‌ଲିମାଳି ଏଏସ୍‌ଆଇ ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ ମାନ୍ୟତା ହାସଲ କରିବାରେ ଭାରତର ପ୍ରଥମ ବକ୍ସାଇଟ ଖଣି କାର୍ଯ୍ୟପଦ୍ଧତି ହୋଇଛି। ଏହି ଉଲ୍ଲେଖନୀୟ ସଫଳତା ହିଣ୍ଡାଲ୍‌କୋର ଏ ଏ ସ୍ ଆ ଇ - ପ୍ର ମା ଣି କୃ ତ ବର୍ଗମାଳା ସମୁଦାୟ ଖଣି କାର୍ଯ୍ୟ, ସ୍ମେଲଟିଂ ଏବଂ ଡାଉନ୍‌ଷ୍ଟ୍ରିମ ଉତ୍ପାଦନ ପରିଚାଳନାରେ ୧୧ଟି କାର୍ଯ୍ୟକ୍ଷେତ୍ରକୁ ସମ୍ପ୍ରସାରିତ ହୋଇଛି। ଉତ୍କଳ ଆଲୁମିନା ହିଣ୍ଡାଲ୍‌କୋର ଅନ୍ୟତମ ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ କାର୍ଯ୍ୟ ପରିଚାଳନା କମ୍ପାନୀ ହୋଇଛି, ଯାହା ବାର୍ଷିକ ପ୍ରାୟ ୨.୬୭ ନିୟୁତ ଟନ୍‌ଆ ଲୁମିନା ଉତ୍ପାଦନ କରୁଛି। ବିଶୋଧନାଗାର ନିମନ୍ତେ ବକ୍ସାଇଟର ପ୍ରାଥମିକ ଉତ୍ସ ଭାବରେ ବାଫ୍‌ଲିମାଳି ଆଲୁମିନିୟମ ଉତ୍ପାଦନକୁ ସମର୍ଥନ କରିବାରେ ଏକ ରଣନୈତିକ ଭୂମିକା ନିର୍ବାହ କରୁଛି।

## ପିସିସି ତଥ୍ୟ ଅନୁସନ୍ଧାନକାରୀ କମିଟି

# କୋଇଲି ଦୁଷ୍କର୍ମ ପୀଡିତା ପ୍ରସଙ୍ଗରେ କଟକ ଏସପିଙ୍କୁ ଭେଟିବେ

ଭୁବନେଶ୍ୱର,(ସବ୍ୟୁ): କଟକ ଜିଲ୍ଲା ନିଶ୍ଚିନ୍ତକୋଇଲି ଜଣେ ମହିଳାଙ୍କୁ ଗଣଦୁଷ୍କର୍ମ ଘଟଣା ଏବଂ ଏହା ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ଅନୁସନ୍ଧାନ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟିସଭାପତି ଭକ୍ତଚରଣ ଦାସ ପ୍ରଦେଶ କଂଗ୍ରେସର ଏକ ତଥ୍ୟ ଅନୁସନ୍ଧାନକାରୀ ଦଳ ଗଠନ କରିଛନ୍ତି । ଶୁକ୍ରବାର ଏହି ଅନୁସନ୍ଧାନକାରୀ ଦଳ କଟକ ଜିଲ୍ଲା ପୁଲିସ ସୁପରିଟେଣ୍ଡଙ୍କୁ ସାକ୍ଷାତ କରିବେ ଏବଂ ପରବର୍ତ୍ତି ପର୍ଯ୍ୟାୟରେ ପୀଡିତାଏବଂ ତାଙ୍କ ପରିବାରକୁ ସାକ୍ଷାତ କରିବେ ।ଏହି ତଥ୍ୟ ଅନୁସନ୍ଧାନ କମିଟିରେବରିଷ୍ଠକଂଗ୍ରେସ ନେତା ତଥା ଆଇନଜୀବି ଶିବାନନ୍ଦ ରାୟଅଧ୍ୟକ୍ଷ ରହିଥିବାବେଳେ ପ୍ରଦେଶ ମହିଳା କଂଗ୍ରେସସ ଭାନେତ୍ରୀ ମିନାକ୍ଷୀବାହିନିପତି ସଭ୍ୟାଭାବରେରହିଛନ୍ତି । ସେହିଭଳି ଅନ୍ୟ ସଭ୍ୟାମାନେ ହେଲେ ସିପ୍ରା ମଲ୍ଲିକ, ଲଲାଟେନ୍ଦୁ ଦାସ, ପ୍ରଦିପ୍ତ ଦାସ, ଡା. ଦେବସ୍ମିତାଶର୍ମା, ଅମିତା ବିଶ୍ୱାଳ, ମଧୁସ୍ମିତା ସେଠୀ, ଜୟଶ୍ରୀ ପାତ୍ର, ଡ. ମନୀଷାଦାସ ପଟ୍ଟନାୟକ, କରୁଣାକରରଥ, ଆଲୋକ ନନ୍ଦ, ବିଶ୍ୱକଲ୍ୟାଣୀ କର ଓ ପ୍ରତିଚ୍ଛନ୍ଦାକୈବଲ୍ୟ ନାୟକ ।

# ରେଭେନ୍ସା ଅଧ୍ୟାପକଙ୍କ ଉପରେ ରାଗ ସୁଝାଇଲେ ବିଧାୟକ : ଯୁବକଂଗ୍ରେସ

ଭୁ ବ ନେ ଶ୍ୱ ର , ( ସ ବ୍ୟୁ ) : ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ପ୍ରଭାବିତ କରି ରେଭେନ୍ସାର କିଛି ଅଧ୍ୟାପକଙ୍କୁହଇରାଣ ହରକତ କରିବାରେ ବିଧାୟକ ପ୍ରକାଶ ସେଠୀ ସଫଳ ହୋଇଛନ୍ତି ବୋଲି ପ୍ରଦେଶ ଯୁବକଂଗ୍ରେସ ସାଧାରଣ ସମ୍ପାଦକ ସୁଦୀପ ସାମଲ ଏକ ପ୍ରେସ ବିଜ୍ଞପ୍ତିରେ ଜଣାଇଛନ୍ତି । ନିକଟ ଅତୀତରେ ରେ ଭେ ନ୍ସା ବି ଶ୍ୱ ବି ଦ୍ୟା ଳ ୟ ର ଛାତ୍ରଛାତ୍ରୀମାନେ ଆନ୍ଦୋଳନରେ ବସିଥିବା ସମୟରେ ହଠାତ୍ କଟକ ସଦର ବିଧାୟକ ଶ୍ରୀ ସେଠୀ ଆନ୍ଦୋଳନସ୍ଥଳକୁ ଯାଇ ସେଠାରେ ଚିଫ୍‌ୱାର୍ଡେନ ଏବଂ ବିଶ୍ୱ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଅଶାଳୀନ ଭାବରେ ଗାଳି ଗୁଲଜ କରିଥିଲେ । ଏହାର ପ୍ରତିବାଦରେ ବିଶ୍ୱ ବିଦ୍ୟାଳୟରକର୍ତ୍ତୃପକ୍ଷମାନେ ମଧ୍ୟ ବିଧାୟକଙ୍କ ଏଭଳି ଆଚରଣକୁ ନିନ୍ଦାକରିବିଧାୟକଙ୍କ ଠାରୁ କ୍ଷମା ଦାବିକରିଥିଲେ । ଏକ ଗୌରବମୟ ଅନୁଷ୍ଠାନ ପରିସରରେ ବିଜେପି ବିଧାୟକ ବିନା କାରଣରେ ପ୍ରବେଶ କରି ଶୈକ୍ଷିକ ପରିବେଶକୁ ଅଶାନ୍ତ କରିବା ପାଇ ଁଚକ୍ରାନ୍ତ କରୁଥିଲେ ବୋଲି ଯୁବକଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି । ଏଠାରେ ସୂଚନାଯୋଗ୍ୟ ଯେ ଆନ୍ଦୋଳନରତ ଛାତ୍ରଛାତ୍ରୀମାନେ ବିଧାୟକଙ୍କୁସହଯୋଗ ପାଇଁ ଆନ୍ଦୋଳନସ୍ଥଳକୁ ଡାକିନଥିଲେ ବୋଲି ବକ୍ତବ୍ୟ ଦେଇସାରିଛନ୍ତି । ସୁତରାଂ ବିଧାୟକ ଶ୍ରୀ ସେଠୀ ମନକୁ ମନ ସେଠାକୁ ଯାଇ ଉପରେ ପଡି ଏଭଳି କାଣ୍ଡ କରିଥିଲେ । ନିଜ କ୍ଷମତାକୁ ପ୍ରଦର୍ଶନ କରିବା ପାଇଁ ଉଦ୍ୟମ କରି ବିଧାୟକ ଓଡ଼ିଶା ବିଧାନସଭାର ବାଚସ୍ପତିଙ୍କୁ ପତ୍ର ଲେଖିଲେ ଯେ, ତାଙ୍କ ଉପରେ ଆରୋପ ଲଗାଇଥିବା ବିଶ୍ୱବିଦ୍ୟାଳୟର କର୍ତ୍ତୃପକ୍ଷଙ୍କ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ପାଇ ଁଚାପ ପ୍ରୟୋଗକରାଯାଇଛି । ଫଳାଫଳରୁ ଅନୁଶୀଳନ କଲେ ସ୍ପଷ୍ଟ ହୋଇପଡୁଛି ଯେ, ବିଧାୟକଙ୍କ ପ୍ରରୋଚନାରେ ବାଚସ୍ପତି ମଧ୍ୟ ଘଟଣାକୁ ନ ବୁଝି ବିଧାୟକଙ୍କୁସମର୍ଥନ କରି କାର୍ଯ୍ୟାନୁଷ୍ଠାନ ପାଇଁ ଅଲିଖିତ ନିର୍ଦ୍ଦେଶ ଦେଲେ ବୋଲି ଯୁବକଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି । ଏହା ବ୍ୟବସ୍ଥା ବିରୋଧି ଏବଂ ପ୍ରଦେଶ ଯୁବ କଂଗ୍ରେସ ଏହାକୁଦୃଢ଼ ନିନ୍ଦାକରୁଛି ବୋଲି କୁହାଯାଇଛି ।

## ସମ୍ ନର୍ସିଂ କଲେଜ କ୍ୟାମ୍ପସ ୨ରେ ନିଶାମୁକ୍ତ ଅଭିଯାନ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, (ସବ୍ୟୁ): ଯୁବପିଢ଼ି ମଧ୍ୟରେ ନିଶା ସେବନର କୁପ୍ରଭାବ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ଏକ ନିଶାମୁକ୍ତ ସୁସ୍ଥ ସମାଜ ଗଠନର ଲକ୍ଷ୍ୟ ନେଇ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସମ୍ ନର୍ସିଂ କଲେଜ କ୍ୟାମ୍ପସ, ଫୁଲନଖରା ପରିସରରେ ନିଶାମୁକ୍ତ ଅଭିଯାନ ସମ୍ପର୍କିତ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପ୍ରଜାପିତା ବ୍ରହ୍ମାକୁମାରୀ ଅନୁଷ୍ଠାନ ପକ୍ଷରୁ ଡକ୍ଟର କୃତି ଏସ୍‌ଏନ୍‌ସି କ୍ୟାମ୍ପସ-୨ ଆସି ଛାତ୍ରଛାତ୍ରୀମାନଙ୍କୁ ନିଶାସେବନର କୁପ୍ରଭାବ ଉପରେ ଏକ ପ୍ରେରଣାଦାୟକ ଏବଂ ସଚେତନତା ମୂଳକ ଭାଷଣ ପ୍ରଦାନ କରିଥିଲେ। ନିଶାସେବନ ଦ୍ୱାରା ହେଉଥିବା ଶାରୀରିକ, ମାନସିକ, ସାମାଜିକ ଓ ଭାବନାତ୍ମକ କ୍ଷତି ସମ୍ପର୍କରେ ସେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବା ସହ ସୁସ୍ଥ ଜୀବନ ଶୈଳୀ, ସକାରାତ୍ମକ ଚିନ୍ତାଧାରା ଓ ଆତ୍ମସଂଯମ ଅବଲମ୍ବନ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଡକ୍ଟର କୃତି ଛାତ୍ରଛାତ୍ରୀମାନଙ୍କ ସହ ଆଲୋଚନା କରି ନିଶା ବିରୋଧୀ ସଚେତନତା ପ୍ରସାରରେ ଯୁବପିଢ଼ିର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଆଲୋକପାତ କରିଥିଲେ।



ଏହି କାର୍ଯ୍ୟକ୍ରମ ଏକ ନିଶାମୁକ୍ତ ପରିବେଶ ଗଠନ ନିମନ୍ତେ ସମସ୍ତଙ୍କ ସାମୂହିକ ଦାୟିତ୍ୱ ଓ ପ୍ରତିବଦ୍ଧତାର ବାର୍ତ୍ତା ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମରେ ଏସ୍‌ଏନ୍‌ସି କ୍ୟାମ୍ପସ୨ର ଡିନ୍ ପ୍ରଫେସର ଅନୁରାଧା ପଣ୍ଡା, ଅଧ୍ୟାପକ-ଅଧ୍ୟାପିକା, ଛାତ୍ରଛାତ୍ରୀ ଏବଂ ଅନ୍ୟାନ୍ୟ କର୍ମଚାରୀମାନେ ଉତ୍ସାହର ସହ ଯୋଗ ଦେଇଥିଲେ। ଯୁବପିଢ଼ିଙ୍କୁ ସଚେତନ, ଦାୟିତ୍ୱବାନ ଓ ନିଶାମୁକ୍ତ ଜୀବନ ନିମନ୍ତେ ପ୍ରେରିତ କରିବା ଦିଗରେ ଏହି କାର୍ଯ୍ୟକ୍ରମ ଏକ ସାର୍ଥକ ପଦକ୍ଷେପ ଭାବେ ପରିଗଣିତ ହୋଇଥିଲା।

## ତ୍ରିରଙ୍ଗା ପ୍ରତ୍ୟେକ ଭାରତୀୟଙ୍କ ଆତ୍ମା

# ଶୌର୍ଯ୍ୟ, ସ୍ୱାଭିମାନ ଓ ଭାଇଚାରାର ପ୍ରତୀକ :ଓମ ପ୍ରକାଶ ମିଶ୍ର

ପୁରୀ, (ସବ୍ୟୁ) : ତ୍ରିରଙ୍ଗା ପ୍ରତ୍ୟେକ ଭାରତୀୟ ଙ୍କ ଆତ୍ମା ।ଏଥିରେ ଭରି ରହିଛି ଶୌର୍ଯ୍ୟ, ସ୍ୱାଭିମାନ ଓ ଭାଇଚାରା। ଏହା ବିଭିନ୍ନତା ମଧ୍ୟରେ ଏକତା ଓ ସମନ୍ୱୟ ର ପରିଚୟ ଦେଇଛି ବୋଲି କହିଛନ୍ତି ଜିଲ୍ଲା ଯୋଜନା ବୋର୍ଡ ର ଅଧ୍ୟକ୍ଷ ତଥା ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର। ଗୁରୁବାର ପୂର୍ବାହ୍ନରେ ଶରଧାବାଲି ମୁକ୍ତାକାଶ ରଙ୍ଗମଞ୍ଚ ଠାରୁ ହରଘର ତ୍ରିରଙ୍ଗା କାର୍ଯ୍ୟକ୍ରମର ଏକ ବିଶାଳ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ୫ ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷ ଏଥିରେ ସାମିଲ ହୋଇ ଦେଶପ୍ରେମ ର ଆନନ୍ଦ ଓ ଆବେଗ ମଧ୍ୟରେ ବଗଲା ଧର୍ମଶାଳା ଠାରେ ପହଞ୍ଚିଥିଲେ।ଏହି ଉପଲକ୍ଷେ ଶରଧାବାଲି ଠାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ଶ୍ରୀ ମିଶ୍ର ଆମେ ଦେଶକୁ ଯେପରି ଭଲ ପାଆନ୍ତି, ତ୍ରିରଙ୍ଗା ପାଇଁ ସେତିକି ଗର୍ବ ଅନୁଭବ କରନ୍ତି ବୋଲି କହିଥିଲେ।ସ୍ୱାଧୀନତା ପାଇଁ ଆମ ପୂର୍ବ ସୂରୀ ମାନଙ୍କ ଅବଦାନ ଓ ସଂଘର୍ଷ ଚିର ସ୍ମରଣୀୟ।ଆଜିର ଯୁବ ପିଢ଼ି ଆମର ମହାନ ସ୍ୱାଧୀନତା ସଂଗ୍ରାମ, ତ୍ୟାଗ, ବଳିଦାନ, ଆମ ସଂସ୍କୃତି, ଐତିହ୍ୟ, ପରମ୍ପରା ଓ ଅହିଂସା ସମ୍ପର୍କରେ ଅବଗତ ହେବା ସହ ସେମାନଙ୍କ ଶକ୍ତି ଓ ପ୍ରତିଭା କୁ ଦେଶ ସେବା ରେ ବିନିଯୋଗ ପାଇଁ ଶ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ।ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା ସମସ୍ତଙ୍କୁ ସ୍ୱାଗତ କରିବା ସହ ହରଘର ତ୍ରିରଙ୍ଗା ଆମ ଗର୍ବ,ଗୌରବ ଓ ସ୍ୱାଭିମାନ ର ପ୍ରତୀକ ବୋଲି କହିଥିଲେ।ଏସପି ପ୍ରତୀକ ସିଂ, ଏନସିସି ୬ ଷ୍ଠ ବାଟାଲିଆନର କଲୋନେଲ ଅଙ୍କୁର ଭଟ୍ଟନଗର, କଲୋନେଲ ଆର୍ଚେୟ ଥାପା ପ୍ରମୁଖ ଯୋଗ ଦେଇ ତ୍ରିରଙ୍ଗାର ମହତ୍ତ୍ୱ ଓ ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ପୁରୀ ମହାନଗର ନିଗମର ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା, ଏନସିସି ୬ଷ୍ଠ ବାଟାଲିଆନର ଅଧିକାରୀ ବଳଦେବ ସିଂ, ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ହେମନ୍ତ ବେହେରା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ଅନ୍ୟାନ୍ୟ ଅଧିକାରୀ,ବରିଷ୍ଠ ନାଗରିକ, ବିଶିଷ୍ଟ ବ୍ୟକ୍ତି,ଛାତ୍ର ଛାତ୍ରୀ ଓ ଜନ ସାଧାରଣ ଯୋଗ ଦେଇଥିଲେ।ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ହର ଘର ତ୍ରିରଙ୍ଗା ଅଭିଯାନରେ ମୋଟରସାଇକେଲ ରାଲି ଓ ସାଂସ୍କୃତିକ କାର୍ଯ୍ୟକ୍ରମ

କଟକ, (ସବ୍ୟୁ): ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଗୌରବମୟ ସ୍ୱାଧୀନତା ସଂଗ୍ରାମର ସ୍ମୃତିକୁ ଜନମାନସରେ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ 'ହର



ଘର ତିରଙ୍ଗା' ଅଭିଯାନ ଦେଶବ୍ୟାପୀ ଅଗଷ୍ଟ ୯ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ 'ହର ଘର ତିରଙ୍ଗା' ଅଭିଯାନ ଅନ୍ତର୍ଗତ ଜିଲ୍ଲାରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଆଜି ଏକ ବର୍ଣ୍ଣାଢ୍ୟ କାର୍ଯ୍ୟକ୍ରମରେ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହେଇଯାଇଛି । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ତଥା ସ୍କାଉଟ ଗାଇଡର ଛାତ୍ରଛାତ୍ରୀଙ୍କ ସମେତ ବିଭାଗୀୟ କର୍ମଚାରୀ ତଥା ସହରର ବିଭିନ୍ନ ଅନୁଷ୍ଠାନ ମାନଙ୍କର ସଦସ୍ୟମାନେ ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ଡଃ ମିଶ୍ର ନିଜେ ମୋଟରସାଇକେଲ ଚଳାଇ ଶୋଭାଯାତ୍ରାରେ ଭାଗ ନେଇଥିବା ଚାଳକ ମାନଙ୍କୁ ଉତ୍ସାହିତ କରିଥିଲେ । ଉପ ଆୟୁକ୍ତ, ପୁଲିସ ଖିଲାରୀ ରଷିକେଶ ଦ୍ୟାନଦେଓ, ଆରକ୍ଷୀ ଅଧିକ୍ଷକ ବିନୀତ ଅଗ୍ରୱାଲ ,କଟକ ସଦର ଉପଜିଲ୍ଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓ, ଜିଲ୍ଲା ଶିକ୍ଷା ଅଧିକାରୀ ନିତ୍ୟାନନ୍ଦ ବାରିକ, ଜିଲ୍ଲା କ୍ରୀଡା ଅଧିକାରୀ ଗଙ୍ଗାଧର ବେହେରା ପ୍ରମୁଖଙ୍କ ଉପସ୍ଥିତରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ ଜେନାଙ୍କ ସଂଯୋଜନାରେ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା । ଶୋଭାଯାତ୍ରା ନେତାଜୀ ସ୍ମାରକୀସ୍ଥଳ ଠାରୁ ବାହାରି ସ୍ଥାନୀୟ ଜବାହରଲାଲ ନେହେରୁ ଇଣ୍ଡୋର ଷ୍ଟାଡିୟମଠାରେ ପହଞ୍ଚିବା ପରେ ସେଠାରେ ପାରମ୍ପରିକ ଲୋକନୃତ୍ୟ ସହ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମାନ୍ୟବର ବିଧାୟକ କଟକ ସଦର ଇଂ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଗୌରବମୟ ସ୍ୱାଧୀନତା ସଂଗ୍ରାମକୁ ସ୍ମରଣ କରିବା ସହ ଏହି ସ୍ମୃତିକୁ ଜନମାନସରେ ଆହୁରି ସୁଦୃଢ଼ କରିବା ନିମନ୍ତେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ବାର୍ତ୍ତା ଦେଇଥିଲେ । ଦେଶକୁ ଆହୁରି ଆଗକୁ ନେବା ସହ ଆତ୍ମନିର୍ଭର ଭାରତ ଗଢିବା ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହେବା ବୋଲି ମାନ୍ୟବର ବିଧାୟକ କହିଥିଲେ । ସୂଚନାଯୋଗ୍ୟ ଆସନ୍ତା କାଲି ଅପରାହ୍ନ ୪ ଘଟିକା ସମୟରେ ଗଡଗଡିଆ ଘାଟରେ ସାମୁହିକ ବନ୍ଦେ ମାତରମ୍ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।

## ଓ.ୟୁ.ଡବ୍ଲୁ.ଜେର ସାଂଗଠନିକ ବୈଠକ

# ସାମ୍ବାଦିକଙ୍କ ସୁରକ୍ଷା, ପେନସନ ଓ ସ୍ୱାସ୍ଥ୍ୟ ବୀମା ରାଶି ବୃଦ୍ଧି ଦାବି

ଖୋର୍ଦ୍ଧା, (ସବ୍ୟୁ): ସାମ୍ବାଦିକ ସମାଜ ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ଭାବେ ପ୍ରତିକୂଳ ପରିସ୍ଥିତିରେ ମଧ୍ୟ ନିଜର କର୍ତ୍ତବ୍ୟ ଓ ଧର୍ମ ପାଳନ କରିଆସୁଛନ୍ତି। ତେଣୁ ସାମ୍ବାଦିକଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ସହିତ ସେମାନଙ୍କ ଦୀର୍ଘଦିନର ଦାବିଗୁଡ଼ିକ ପୂରଣ ଦିଗରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ଖୋର୍ଦ୍ଧାରେ ଅନୁଷ୍ଠିତ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘ (ଓ.ୟୁ.ଡବ୍ଲୁ.ଜେ)ର ସାଂଗଠନିକ ବୈଠକରେ ମତ ପ୍ରକାଶ ପାଇଛି। ଓ.ୟୁ.ଡବ୍ଲୁ.ଜେ ଖୋର୍ଦ୍ଧା ଜିଲ୍ଲା ଶାଖା ପକ୍ଷରୁ ନୂତନ ଭାବେ ସଂଘର ସଦସ୍ୟତା ଗ୍ରହଣ କରିଥିବା ସାମ୍ବାଦିକମାନଙ୍କୁ ପରିଚୟପତ୍ର ପ୍ରଦାନ ସହିତ ଏକ ସାଂଗଠନିକ ବୈଠକ ଜିଲ୍ଲା ଶାଖା ସଭାପତି ପ୍ରକାଶ କୁମାର ହାତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବୈଠକରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶତାଧିକ ସାମ୍ବାଦିକ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଯୋଗଦେଇଥିଲେ। ସର୍ବଭାରତୀୟ ସମ୍ମିଳିତ କର୍ମଜୀବୀ ସାମ୍ବାଦିକ ସଂଘର ସଭାପତି ପିତବାସ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମ୍ବାଦିକମାନଙ୍କ ଏକତା ଓ




ସାଂଗଠନିକ ଶକ୍ତି ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ଭୁବନେଶ୍ୱର ଶାଖା ସଭାପତି ହୃଷିକେଶ ମହାନ୍ତି ମଧ୍ୟ ଉପସ୍ଥିତ ରହି ସାମ୍ବାଦିକଙ୍କ ଅଧିକାର ଓ ସାଂଗଠନିକ ଶୃଙ୍ଖଳା ସମ୍ପର୍କରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ, ବିଜେଡି ଖୋର୍ଦ୍ଧା ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବିଜେଡି ଖୋର୍ଦ୍ଧା ଜିଲ୍ଲା କାର୍ଯ୍ୟକାରୀ ସଭାପତି କ୍ୟାପଟେନ ମନ୍ମଥ ରାଉତରାୟ, କଂଗ୍ରେସ ନେତ୍ରୀ ସୋନାଲି ସାହୁ, ଖୋର୍ଦ୍ଧା ପୌର ଉପାଧ୍ୟକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ଓ.ୟୁ.ଡବ୍ଲୁ.ଜେ ରାଜ୍ୟ ସାଂଗଠନିକ ସମ୍ପାଦକ ଅର୍ଜ୍ଜୁନ ମୁଦୁଲି ଯୋଗଦେଇଥିଲେ। ବିଶେଷକରି ସାମ୍ବାଦିକମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ସହ ଜଡ଼ିତ ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନାକୁ ନେଇ ଆଲୋଚନା ହୋଇଥିଲା। ବର୍ତ୍ତମାନ ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅନ୍ତର୍ଭୁକ୍ତ ସାମ୍ବାଦିକମାନଙ୍କୁ ଆୟୁଷ୍ମାନ ଯୋଜନାରେ ସାମିଲ କରି ଗୋପବନ୍ଧୁ ସାମ୍ବାଦିକ ସ୍ୱାସ୍ଥ୍ୟ ବୀମା ଯୋଜନା ବନ୍ଦ କରିବା ନେଇ ଚାଲିଥିବା ପ୍ରସ୍ତାବକୁ ଉପସ୍ଥିତ ବକ୍ତାମାନେ ବିରୋଧ କରିଥିଲେ। ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ସୁରକ୍ଷା ଏକ ସ୍ୱତନ୍ତ୍ର ବିଷୟ ହୋଇଥିବାରୁ ଚାଲୁଥିବା ସ୍ୱାସ୍ଥ୍ୟ ବୀମା ବ୍ୟବସ୍ଥାକୁ ଅବ୍ୟାହତ ରଖି ଏହାର ପରିସର ଆହୁରି ବଢ଼ାଇବାକୁ ବୈଠକରେ ଦାବି ହୋଇଥିଲା। ବିଶେଷକରି ବୀମା ଯୋଜନାରେ ସାମ୍ବାଦିକଙ୍କ ପିତାମାତାଙ୍କୁ ସାମିଲ କରିବା, ବୀମା ରାଶି ୫ ଲକ୍ଷରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଏବଂ ଅନ୍ୟ ରାଜ୍ୟ ଗୁଡ଼ିକରେ ଯେପରି ସାମ୍ବାଦିକଙ୍କ ପାଇଁ ବିଭିନ୍ନ ସୁବିଧା ଉପଲବ୍ଧ ରହିଛି, ସେହି ଅନୁରୂପ ବ୍ୟବସ୍ଥା ଓଡ଼ିଶାରେ କରିବାକୁ ଦାବି କରାଯାଇଥିଲା। ଏହା ସହ ସାମ୍ବାଦିକମାନଙ୍କ ବହୁଦିନର ଦାବି ଥିବା ପେନସନ ବ୍ୟବସ୍ଥା, ସାମ୍ବାଦିକଙ୍କ ସୁରକ୍ଷା ନିମନ୍ତେ ଆଇନ ପ୍ରଣୟନ, ଅଧିସ୍ୱୀକୃତି କମିଟିର ଗଠନ ଏବଂ ଅନ୍ୟାନ୍ୟ ସାମ୍ବାଦିକ କଲ୍ୟାଣମୂଳକ ପଦକ୍ଷେପ ତୁରନ୍ତ ଗ୍ରହଣ କରିବାକୁ ବୈଠକରେ ଦାବି ଉଠିଥିଲା। ଅତିଥିମାନେ ନୂତନ ସଦସ୍ୟଙ୍କୁ ପରିଚୟପତ୍ର ପ୍ରଦାନ କରିଥିଲେ। ଶୁଭ୍ରାଂଶୁ ରଞ୍ଜନ ସାମନ୍ତରାୟ ଓ ଲଳିତ ମୋହନ ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ବୈଠକରେ ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ଅଂଚଳରୁ ୧୦୦ରୁ ଉର୍ଦ୍ଧ୍ୱ ସାମ୍ବାଦିକ ଓ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ' ଘରେ ଘରେ ତ୍ରିରଙ୍ଗା ' ଅଭିଯାନରେ ସାମିଲ ହୋଇ ନିଜ ବାସଭବନରେ ତ୍ରିରଙ୍ଗା ଉଡାଇଛନ୍ତି, ଏବଂ ସାମାଜିକ ଗଣମାଧ୍ୟମ X ରେ ଏହାର ଫଟୋ ପୋଷ୍ଟ କରି ଜନ ସାଧାରଣଙ୍କୁ ଏହି ଅଭିଯାନରେ ସାମିଲ ହେବାକୁ ଆହ୍ୱାନ ଦେଇଛନ୍ତି ।



ପ୍ରତିଷ୍ଠିତ ଶିଳ୍ପପତି କରନ ଆଦାନୀ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସହିତ ଆଲୋଚନା କରୁଛନ୍ତି

### ସିବିଆଇ ଅଫିସ୍‌ରେ ମହିଳାଙ୍କ ହଙ୍ଗାମା

## ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲହୁଲୁହାଣ

ଭୁବନେଶ୍ୱର, (ସବ୍ୟୁ) : ସିବିଆଇ ଅଫିସ୍‌ରେ ଜଣେ ମହିଳା ପଶି ହଙ୍ଗାମା କରିଛନ୍ତି । ଖବର ପାଇ ପିସିଆର୍ ଓ ନୂଆପଲ୍ଲୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ । ମହିଳାଙ୍କୁ ନିୟନ୍ତ୍ରଣ କରିବାକୁ ଯାଇ ପୋଲିସ ଲହୁଲୁହାଣ ହୋଇଛି । ଗୁରୁବାର ସନ୍ଧ୍ୟାରେ ଜଣେ ମହିଳା ହଠାତ୍ ସିବିଆଇ ଅଫିସ୍ ଭିତରକୁ ପଶିଯାଇ ହୋହାଲ୍ଲା କରିବା ସହ ଅଫିସରଙ୍କ ପାଖେ ଜୁଲମ କରିଥିଲେ । କ'ଣ ପାଇଁ ସେ ସିବିଆଇ ଅଫିସ୍‌କୁ ଯାଇ ହଙ୍ଗାମା କଲେ ତାହା ସ୍ପଷ୍ଟ ଜଣାପଡିନାହିଁ । ପରିସ୍ଥିତି ଅଣାୟତ୍ତ ହେବାରୁ ସିବିଆଇ ଅଫିସର ପୋଲିସକୁ ଖବର କରିଥିଲେ । ଖବର ପାଇ ସିବିଆଇ ଅଫିସ୍‌ରେ ପୋଲିସ ଅବିଳମ୍ବେ ପହଞ୍ଚିଥିଲା । ମହିଳାଙ୍କୁ ବୁଝାସୁଝା କରୁଥିବା ବେଳେ ସେ ପୋଲିସକୁ ଠେଲାପେଲା କରି ଲହୁଲୁହାଣ କଲା ବୋଲି ଜଣେ ମହିଳା ପୋଲିସ କହିଛନ୍ତି । ମହିଳା ଜଣକ କ'ଣ କହିବାକୁ ସିବିଆଇ ଅଫିସ୍‌କୁ ଯାଇଥିଲେ ତାହା ସିବିଆଇ ଅଫିସରମାନେ କହିନାହାନ୍ତି । ମହିଳାଙ୍କୁ ପୋଲିସ ୪୫ ମିନିଟ୍ ସଂଘର୍ଷ କରିବା ପରେ ତାଙ୍କୁ ବାହାରକୁ କାଢିଥିଲା । ମହିଳା ଜଣକ କ'ଣ ସବୁ ବଡପାଟିରେ ଚିତ୍କାର କରି କହି କହିକା ସିବିଆଇ ଅଫିସ୍ ଗେଟ୍ ବାହାରକୁ ଯାଇଥିଲେ । ରାସ୍ତା ଉପରେ ବିଭିନ୍ନ ଲୋକଙ୍କୁ ଲିଫଫ ମାଗିବା ପରେ ଜଣେ ବାଇକ୍ ଆରୋହୀଙ୍କ ସହ ଯାଇଥିଲେ । ପୋଲିସ କହିବାନୁଯାୟୀ ପୋଲିସ କହିବାନୁଯାୟୀ ତଦନ୍ତ ଆଗକୁ ବଢିଲେ କ'ଣ ପାଇଁ ସେ ସିବିଆଇ ଅଫିସ୍‌ରେ ହଙ୍ଗାମା କରୁଥିଲେ ତାହା ଜଣାପଡିବ । ଏ ସମ୍ପର୍କରେ ବିଧିବଦ୍ଧ ଭାବେ ଲିଖିତ ଅଭିଯୋଗ ହେଲେ ମହିଳାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରେ । ପରିସ୍ଥିତିକୁ ଦୃଷ୍ଟିରେ ରଖି ସିବିଆଇ ଅଫିସ୍ ସାମ୍ନାରେ ଫୋର୍ସ ମୁତୟନ ଅଛନ୍ତି ।

### ପିଏମ୍-ରାହତ, ଆୟୁଷ୍ମାନ କାର୍ଡରେ ଚିକିତ୍ସା

## ହସ୍ପିଟାଲରେ ୨୪ ଘଣ୍ଟିଆ ହେଲ୍ପଡେସ୍କ ସ୍ଥାପନ ନିର୍ଦ୍ଦେଶ

ଭୁବନେଶ୍ୱର (ସବ୍ୟୁ) : ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅଧୀନରେ ତାଲିକାଭୁକ୍ତ ହସ୍ପିଟାଲମାନଙ୍କୁ କାର୍ଡଧାରୀମାନଙ୍କ ସହାୟତା ନିମନ୍ତେ ୨୪ ଘଣ୍ଟିଆ ହେଲ୍ପ ଡେସ୍କ ସ୍ଥାପନ, ପିଏମ୍-ରାହତରେ ମାଗଣା ଜରୁରୀକାଳୀନ ଚିକିତ୍ସା ଏବଂ ଆୟୁଷ୍ମାନ ଡିଜିଟାଲ ମିଶନ ଅନୁପାଳନ ପାଇଁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଭରସା ସମିତିର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡାକ୍ତର ବୃନ୍ଦା ଡି. ଘରୋଇ ହସ୍ପିଟାଲମାନଙ୍କରେ ଏସବୁ ଯୋଜନାର ଅନୁପାଳନ ସମୀକ୍ଷା କରି ଏହି ନିର୍ଦ୍ଦେଶ ଦେଇଛନ୍ତି ।

ଡାକ୍ତର ବୃନ୍ଦା ସ୍ପଷ୍ଟ କରିଦେଇଛନ୍ତି ଯେ, ଚଳିତମାସ ୩୧ ତାରିଖ ସୁଦ୍ଧା ପଞ୍ଜୀକୃତ ହସ୍ପିଟାଲମାନେ ଆୟୁଷ୍ମାନ ଡିଜିଟାଲ ମିଶନ ଦ୍ୱାରା ନିର୍ଦ୍ଧାରିତ ହସ୍ପିଟାଲ ପରିଚାଳନା ସୂଚନା ବ୍ୟବସ୍ଥା, ଆୟୁଷ୍ମାନ ଭାରତ ହେଲଥ ଆକାଉଣ୍ଟ ଆଧାରିତ ରୋଗୀମାନଙ୍କର ମେଡିକାଲ ରେକର୍ଡ, ହସ୍ପିଟାଲରେ ସେବା ସୁବିଧା ରେଜିଷ୍ଟ୍ରି ଏବଂ ସ୍ୱାସ୍ଥ୍ୟସେବା ଯୋଗାଉଥିବା ଡାକ୍ତର ଓ ନର୍ସମାନଙ୍କର ରେଜିଷ୍ଟ୍ରି ଆଦିକୁ ଏବିଡିଏମ୍ ସଫଟେୱୟାର ସହ ସଂଯୁକ୍ତ ନକଲେ ଆୟୁଷ୍ମାନ ଯୋଜନାରେ ସମ୍ପୃକ୍ତ ହସ୍ପିଟାଲ ପାଇଁ ମିଳୁଥିବା ପ୍ରୋତ୍ସାହନ ରାଶି ବନ୍ଦ ହୋଇଯିବ । ଏପରି ଅବସ୍ଥା ବଜାୟ ରଖିଲେ ପରବର୍ତ୍ତୀ ସମୟରେ ହସ୍ପିଟାଲକୁ ତାଲିକା ବହିର୍ଭୂତ କରାଯାଇପାରେ ।



ପ୍ରତି ପଞ୍ଜୀକୃତ ହସ୍ପିଟାଲରେ ନିଜନିଜ ହସ୍ପିଟାଲରେ ମୁଖ୍ୟ ପ୍ରବେଶ ନିକଟ ସଦୃଶ୍ୟ ସ୍ଥାନରେ ସହାୟତା କେନ୍ଦ୍ର ସ୍ଥାପନ କରିବେ ଏବଂ ଏହି କେନ୍ଦ୍ର ଦାୟିତ୍ୱରେ ପ୍ରଧାନମନ୍ତ୍ରୀ ଆରୋଗ୍ୟ ମିତ୍ର ନିୟୋଜନ କରିବେ । କେନ୍ଦ୍ରକୁ ୨୪ ଘଣ୍ଟିଆ ଭିତ୍ତିରେ କାର୍ଯ୍ୟକ୍ଷମ ରଖିବା ନିମନ୍ତେ ଆବଶ୍ୟକୀୟ ସଂଖ୍ୟକ ଆରୋଗ୍ୟ ମିତ୍ର ନିୟୋଜିତ କରିବେ । ସେମାନେ ଆୟୁଷ୍ମାନ କାର୍ଡଧାରୀ ମାନଙ୍କର ଚିହ୍ନଟ, ରେଜିଷ୍ଟ୍ରେସନ୍ ସହ ସେମାନଙ୍କୁ ଚିକିତ୍ସା ସମ୍ବନ୍ଧୀୟ ସୂଚନା ଦେବେ ଏବଂ ଆବଶ୍ୟକୀୟ ସହାୟତା ମଧ୍ୟ ଯୋଗାଇବେ । ହେଲ୍ପ ଡେସ୍କର କେତୋଟି ନମୁନା ଚିତ୍ର ମଧ ହସ୍ପିଟାଲମାନଙ୍କୁ ପ୍ରଦର୍ଶନ କରାଯାଇଥିଲା ।

ଏ ବି ଡି ଏ ମ୍ କାର୍ଯ୍ୟକାରୀ ହେଲେ ରୋଗୀଙ୍କୁ ନିଜର ପୁରୁଣା ମେଡିକାଲ ଫାଇଲ କିମ୍ବା ରିପୋର୍ଟ ସାଙ୍ଗରେ ଧରି ବୁଲିବାକୁ ପଡିବ ନାହିଁ । ଗୋଟିଏ ହସ୍ପିଟାଲରୁ ଅନ୍ୟ ହସ୍ପିଟାଲକୁ ରୋଗୀ ରେଫର୍ ହେଲେ ରୋଗୀଙ୍କ ଚିକିତ୍ସା ବିବରଣୀ ଓ ପରୀକ୍ଷା ଆଦିର ତଥ୍ୟ ମଧ୍ୟ ସୁବିଧାରେ ଓ ଶୀଘ୍ର ସ୍ଥାନାନ୍ତର ହୋଇପାରିବ । ପରବର୍ତ୍ତୀ ଚିକିତ୍ସା ପାଇଁ ସିଟି, ଏମ୍ଆର୍ଆଇ ଆଦିର ଡିଜିଟାଲ ରେକର୍ଡ ମଧ ସହଜରେ ଉପଲବ୍ଧ କରାଯାଇପାରିବ । କେନ୍ଦ୍ରୀୟ ସଶସ୍ତ୍ର ପୋଲିସବାହିନୀ କାର୍ଡଧାରୀମାନଙ୍କୁ ନିୟମ ଅନୁଯାୟୀ ନିଶୁ୍‌ ଚିକିତ୍ସା ଯୋଗାଇବା ପାଇଁ ମଧ ଡାକ୍ତର ବୃନ୍ଦା ନିର୍ଦ୍ଦେଶ ଦେଇଥିଲେ । ଏମାନଙ୍କ ଚିକିତ୍ସା ବାବଦ ବିଲ ଦାଖଲ ଆୟୁଷ୍ମାନ ପୋର୍ଟାଲ ସହ ସଂଯୁକ୍ତ ବୋଲି ହସ୍ପିଟାଲମାନଙ୍କୁ ଜଣାଇ ଦିଆଯାଇଥିଲା । ସମୀକ୍ଷା ବୈଠକରେ ସାସ୍‌ର ଅତିରିକ୍ତ ଶାସନ ସଚିବ-ତଥା-ଯୁଗ୍ମ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ରନିାକର ସାହୁ, ଅତିରିକ୍ତ ନିର୍ଦ୍ଦେଶକ ଡାକ୍ତର ବିଷ୍ଣୁ ପ୍ରସାଦ ମହାପାତ୍ରଙ୍କ ସମେତ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇ ଏହି ସବୁ ଯୋଜନାର ବିଭିନ୍ନ ଦିଗ ବିଷୟରେ ସୂଚନା ଦେଇଥିଲେ ।

**୩୧ ସୁଦ୍ଧା ଏବିଡିଏମ୍‌ରେ ତଥ୍ୟ ନଦେଲେ ପ୍ରୋତ୍ସାହନ ରାଶି ବନ୍ଦ**

### ବିଭିନ୍ନ ଗ୍ରାମରେ ପଶିଲା ବୁଢ଼ାବଳଙ୍ଗ ନଦୀର ବନ୍ୟାଜଳ

## ବିଧାୟକଙ୍କ ନେତୃତ୍ୱରେ ଉଦ୍ଧାର କାର୍ଯ୍ୟ, ଓଡ୍ରାଫ ଏବଂ ଅଗ୍ନିଶମ ବିଭାଗ ନିୟୋଜିତ

ବେତନଟୀ (ସବ୍ୟୁ)- ମୟୂରଭଞ୍ଜ ଜିଲ୍ଲାର ସମସ୍ତ ସ୍ଥାନରେ ଲଘୁଚାପ ଜନିତ ପ୍ରବଳ ବର୍ଷା ଜାରି ରହିଥିବା ବେଳେ ବିଭିନ୍ନ ନଦୀର ଜଳ ସ୍ତର ବଢିବାରେ ଲାଗିଛି । ମୟୂରଭଞ୍ଜର ଶିମିଳିପାଳ ଅଭୟାରଣ୍ୟ ଏବଂ ଏହାର ପାଦଦେଶରେ ପ୍ରବଳ ବର୍ଷା ଯୋଗୁଁ ପ୍ରବାହିତ ହେଉଥିବା ବୁଢ଼ାବଳଙ୍ଗ ନଦୀର ଜଳସ୍ତର କ୍ରମାଗତ ବୃଦ୍ଧି ପାଇଛି । ଗୁରୁବାର ସନ୍ଧ୍ୟା ସମୟରେ ନଦୀର ଜଳସ୍ତର ଉପରେ ତୀକ୍ଷ୍ଣ ନଜର ରଖିଛି ଜିଲ୍ଲା ପ୍ରଶାସନ । ଆଜି ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ବ୍ଲକରେ ପ୍ରବଳ ବୃଷ୍ଟିପାତ ହୋଇଥିବା ବେଳେ ବେତନଟୀ ବ୍ଲକରେ ୧୬୭.୦ ମିମି ରେକର୍ଡ ବୃଷ୍ଟିପାତ ହୋଇଯାଇଛି । ବୁଢାବଳଙ୍ଗର ଜଳସ୍ତର ଅପରାହ୍ନ ସମୟରେ ବୈଶିଙ୍ଗା - ବଡ଼ସାହି ମୁଖ୍ୟ ରାସ୍ତାର ନାଖରା ସେତୁ ନିକଟରେ ମଙ୍ଗଳବାର ସନ୍ଧ୍ୟା ସମୟରେ ସେତୁ ସ୍ପର୍ଶ କରିଥିବା ବେଳେ ରାତି ବେଳକୁ ଏହାର ବନ୍ୟାଜଳ ସ୍ତର ବୃଦ୍ଧି ହୋଇ ସେତୁର ପାଖାପାଖି ଦୁଇଫୁଟ ଉପରେ ପ୍ରବାହିତ ହୋଇପାରେ ବୋଲି ପ୍ରଶାସନ ଆକଳନ କରିଛି । ବନ୍ୟାଜଳ ଧୀରେ ଧୀରେ ବୃଦ୍ଧି ପାଉଥିବା ବେଳେ ପାଟଳୀପୁରା ପଞ୍ଚାୟତ ଅଧୀନର କାଠପାଳ, ଖଣ୍ଡଦେଉଳିଆ, ଡେଙ୍ଗଦା, ସିଙ୍ଗଲାମୁଣ୍ଡଳି, ଶାଳଗାଁ ପ୍ରଭୃତି ତଳିଆ ଅଞ୍ଚଳର ପ୍ରଭାବିତ ଲୋକଙ୍କୁ ବିଭିନ୍ନ ସ୍କୁଲ ଏବଂ ବାତ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି । ଗୁରୁବାର ଦିନ ତମାମ ବଡ଼ସାହି ବିଧାୟକ ସନାତନ ବିଜୁଳି ବିଭିନ୍ନ ପ୍ରଭାବିତ ଗାଁ ବୁଲି ବନ୍ୟା ସ୍ଥିତିର ସମୀକ୍ଷା କରିବା ସହ ପ୍ରଶାସନକୁ ଜିରୋ କାଜୁଆଲଟିକୁ ଗୁରୁତ୍ୱ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରଶାସନ ସହିତ ମିଶି ବିଭିନ୍ନ ବିଭାଗର ଅଧିକାରୀଙ୍କ ସହିତ ଘନଘନ ବୈଠକ ଜାରି ରଖିଛନ୍ତି ଶ୍ରୀ ବିଜୁଳି । ମୟୂରଭଞ୍ଜ ଜିଲ୍ଲାର ଜିଲ୍ଲାପାଳ ହେମକାନ୍ତ ସାଏ, ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲ୍ଲାପାଳ ଇଶ୍ୱର ନାଏକ, ବେତନଟୀ ବିଡିଓ ମୁନା ସେଠୀ, ବେତନଟୀ ତହସିଲଦାର ଚନ୍ଦ୍ରଜିତ ବେହେରା, ବେତନଟୀ ପୂର୍ତ୍ତ ବିଭାଗ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀଙ୍କ ସମେତ ବିଭିନ୍ନ ପଦାଧିକାରୀ ଉପସ୍ଥିତ ରହି ନିଜ ନିଜର କାର୍ଯ୍ୟ ଜାରି ରଖିଛନ୍ତି । ଏଭଳି ସ୍ଥିତିରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଭାଗର ଅଧିକାରୀମାନଙ୍କୁ ସତର୍କ ରହିବାକୁ ସୂଚନା ଦିଆଯାଇଥିବା ଜଣାଯାଇଛି । ବିପଦ ସଂକୁଳ ଅବସ୍ଥାରେ ରହିଥିବା ନାଖରା ପୋଲ ଉପରେ ଯେପରି ଭାରି ଯାନ ନଯାଏ ତଥା ନଦୀର ଜଳସ୍ତର ବଢିଥିବା କାରଣରୁ ବନ୍ୟାଜଳକୁ ଦେଖିବା ପାଇଁ ଲୋକଙ୍କ ଭିଡ ଜମୁଥିବା ଯୋଗୁଁ ବୈଶିଙ୍ଗା ପୁଲିସ ପକ୍ଷରୁ ନାଖରା ପୋଲ ଉପରେ ପୁଲିସ ମୁତୟନ କରାଯାଇଛି । ଉଦ୍ଧାର କାର୍ଯ୍ୟ ପାଇଁ ଓଡ୍ରାଫ ଏବଂ ଅଗ୍ନିଶମ ବିଭାଗ କାର୍ଯ୍ୟରେ ଲିପ୍ତ ଥିବା ଜଣା ଯାଇଛି । ବିଧାୟକ ସନାତନ ବିଜୁଳି ଏବଂ ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ବୈଶିଙ୍ଗା ମଣ୍ଡଳ ସଭାପତି ରାଜୀବ କୁମାର ନନ୍ଦୀ, ବୈଶିଙ୍ଗା ଯୁବମୋର୍ଚ୍ଚା ସଭାପତି ରାକେଶ କୁମାର ମହାନ୍ତି ଏବଂ ସ୍ଥାନୀୟ ଜନସାଧାରଣ ମଧ୍ୟ ଦିନ ତମାମ ଏହି କାର୍ଯ୍ୟରେ ଲାଗିରହିଥିବା ବେଳେ ରାତିରେ ମଧ୍ୟ ବେଲାଣପୁରା ଆଶ୍ରୟସ୍ଥଳୀରେ ରହି ବନ୍ୟାଜଳ ଉପରେ ତୀକ୍ଷ୍ଣ ନଜର ରଖିବା ସହ ସଜାଗ ଥିବାର ଦେଖାଯାଇଛି । ଆଶ୍ରୟସ୍ଥଳୀ ମାନଙ୍କରେ ଲୋକ ପାଇଁ ମଧ ଶୁଖିଲା ଖାଦ୍ୟ ଏବଂ ରନ୍ଧା ଖାଦ୍ୟ ପ୍ରଦାନ କରାଯାଇଛି । ଆବଶ୍ୟକ ପଡ଼ିଲେ ଆହୁରି ଅଧିକ ଲୋକଙ୍କୁ ସ୍ଥାନାନ୍ତର କରାଯିବ ବୋଲି ବିଧାୟକ ଶ୍ରୀ ବିଜୁଳି ପ୍ରକାଶ କରିଛନ୍ତି । ଗଙ୍ଗାହାର ନଦୀରେ ମଧ ବନ୍ୟା ଯୋଗୁଁ ଉଦଳା - ବୈଶିଙ୍ଗା ଏମଡ଼ିଆର ରାସ୍ତା ଉପରେ ବନ୍ୟାଜଳ ପାଇଁ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବାର ଦେଖାଯାଉଛି ।



### ନାବାଳିକାକୁ ଗଣଦୁଷ୍କର୍ମ ଘଟଣା : ୨ନାବାଳକ ଗିରଫ

କଟକ,(ସବ୍ୟୁ): ବାଦାମବାଡି ଥାନା ଅଞ୍ଚଳରେ ଘଟିଥିବା ଲଜ୍ଜାଜନକ ଗଣଦୁଷ୍କର୍ମ ଘଟଣାରେ ଥାନାରେ ଅଟକ ଥିବା ୨ ନାବାଳକଙ୍କୁ ଗିରଫ କରାଯାଇଛି । ଜଣେ ନାବାଳିକାଙ୍କୁ ହୋଟେଲକୁ ଡାକିନେଇ ଏହି ୨ ଜଣ ନାବାଳକ ଗଣଦୁଷ୍କର୍ମ କରିଥିଲେ । କଟକର ଏକ କଲେଜରେ ଜଣେ ୧୬ ବର୍ଷୀୟ ନାବାଳିକା ଯୁକ୍ତ ଦୁଇ ପ୍ରଥମ ବର୍ଷରେ ପଢୁଛନ୍ତି । ସେହି କଲେଜରେ ମର୍କତନଗର ସେକ୍ଟର ୭ ଅଞ୍ଚଳର ଜଣେ ୧୬ ବର୍ଷର ଛାତ୍ର ମଧ ପଢୁଛି । ସହପାଠୀ ବନ୍ଧୁତା ଆଳରେ ନାବାଳକ ଜଣକ ଗତ ମାସରେ ଖାଇବା ପାଇଁ ଉକ୍ତ ନାବାଳିକାଙ୍କୁ ବାଦାମବାଡିରେ ଥିବା ଏକ ହୋଟେଲକୁ ଡାକିଥିଲା ।

## ସିଆର୍‌ପି ଅଟୋଷ୍ଟାଣ୍ଡ ହତ୍ୟାକାଣ୍ଡ : ୧୫ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ସିଆର୍‌ପି ଅଟୋଷ୍ଟାଣ୍ଡରେ ୨୦୧୧ ମସିହା ମାର୍ଚ୍ଚ ୨୯ ତାରିଖରେ ଘଟିଥିବା ହତ୍ୟାକାଣ୍ଡର ଫେରାର ଅଭିଯୁକ୍ତ ବିରଞ୍ଚି ଜେନା (୩୬)କୁ ୧୫ବର୍ଷ ପରେ ନୂଆପଲ୍ଲୀ ଥାନା ପୋଲିସ ପୁରୀ ତାଳବଣିଆ ଅଞ୍ଚଳରୁ ଗିରଫ କରିଛି । ଘଟଣା ଘଟିବା ପରେ ଗିରଫ ହୋଇଥିବା ୪ ଅଭିଯୁକ୍ତ ଜେଲ୍‌ରେ ଆଜୀବନ ସଜା କାଟୁଛନ୍ତି । ବାସନ୍ତୀ ସରକାରଙ୍କ ଦୁଇପୁଅ ଗୋପାଳ ଓ କମଳ ସରକାର ଏକ ନୂଆ ଅଟୋ କିଣି ସିଆର୍‌ପି ଛକରେ ଯାତ୍ରୀ ନେବା ଆଣିବା କରୁଥିଲେ । ମାତ୍ର ସେଠାରେ ଥିବା ଅଟୋଷ୍ଟାଣ୍ଡର କିଛି ଅସାମାଜିକ ଯୁବକ ଦାଦାବଟି ଓ ଷ୍ଟାଣ୍ଡର ସଦସ୍ୟତା ଚାନ୍ଦା ନଦେଲେ ଅଟୋ ଚଳାଇ ଦେବେନାହିଁ ବୋଲି ଧମକ ଦେଇଥିଲେ । ୨୦୧୧ ମସିହା ମାର୍ଚ୍ଚ ୨୯ ତାରିଖ ରାତି ପ୍ରାୟ ୮ଟା ବେଳେ ଏହି ବିବାଦକୁ କେନ୍ଦ୍ରକରି ବାପି ନାଥ, ଟୁଟୁ, ସଞ୍ଜି, ବୁଲୁ ଏବଂ ବିରଞ୍ଚି ମିଳିତ ଭାବେ ଗୋପାଳ ସରକାରଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ । ଖବର ପାଇ ଭାଇକୁ ବଞ୍ଚାଇବାକୁ ଆସିଥିବା କମଳ ସରକାରଙ୍କୁ ଅଭିଯୁକ୍ତ ବିରଞ୍ଚି ଓ ଅନ୍ୟମାନେ ଟାଣିଓଟାରି ଧରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ ବାପି ନାଥ ଏକ ଛୁରିରେ ତାଙ୍କ ଛାତିକୁ ଭୁଷି ହତ୍ୟା କରିଥିଲା । ଜଘନ୍ୟ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ବାପି ନାଥ, ବୁଲୁ, ଟୁଟୁ ଏବଂ ସଞ୍ଜିକୁ ପୋଲିସ ୨୦୧୧ ମସିହାରେ ଗିରଫ କରିଥିଲା । ଅନ୍ୟତମ ଅଭିଯୁକ୍ତ କାଳିଆ ସାମଲ କୋର୍ଟରେ ଆତ୍ମସମର୍ପଣ କରିଥିଲା । ହେଲେ ଅଭିଯୁକ୍ତ ବିରଞ୍ଚି ଜେନା ଦୀର୍ଘ ୧୫ବର୍ଷ ଧରି ଫେରାର ହୋଇଯାଇଥିଲା । ତାଳବଣିଆରେ ଭଡାକୁ ରହି ପୁରୀରେ ଅଟୋ ଚଳାଉଥିଲା । ଏ ସମ୍ପର୍କରେ ନୂଆପଲ୍ଲୀ ଥାନା ପୋଲିସ ଖବର ପାଇ ଚଳିତ ମାସ ୧୨ ତାରିଖରେ ବିରଞ୍ଚିକୁ ତାଳବଣିଆରୁ ଗିରଫ କରିଥିଲା । ଗୁରୁବାର ଏସିପି ସାମ୍ବାଦିକମାନଙ୍କୁ ସୂଚନା ଦେବା ପରେ ତାକୁ କୋର୍ଟଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ବିରଞ୍ଚିକୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଫେରାର ଅଭିଯୁକ୍ତକୁ କୋର୍ଟଚାଲାଣ କରାଯାଇଥିଲେ ମଧ ମାମଲାର ତଦନ୍ତ ଜାରି ରହିଥିବା ନୂଆପଲ୍ଲୀ ଥାନା ଇନ୍ସପେକଫର କହିଛନ୍ତି ।

### ଆପୋଲୋ ହସ୍ପିଟାଲ୍ସ ଭୁବନେଶ୍ୱର ପକ୍ଷରୁ ବିଶ୍ୱଅଙ୍ଗଦାନ ଦିବସ

## ଜଣେ ଅଙ୍ଗଦାତା ବଦଳାଇ ପାରିବେ ଅନେକ ଜୀବନ

ଭୁବନେଶ୍ୱର, (ସବ୍ୟୁ) : ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ଅପୋଲୋ ହସ୍ପିଟାଲ୍ସ ଭୁବନେଶ୍ୱର ପକ୍ଷରୁ ଅଙ୍ଗଦାନର ଗୁରୁତ୍ୱ ଉପରେ ସଚେତନା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଜଣେ ଦାତା ବଦଳାଇ ପାରିବେ ଅନେକ ଜୀବନ ଶୀର୍ଷକ ବିଷୟ ବସ୍ତୁକୁ ନେଇ ଆୟୋଜିତ ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅଙ୍ଗଦାନ, ପ୍ରତ୍ୟାରୋପଣ ଏବଂ ଜଣେଦାତାଙ୍କ ଦ୍ୱାରା ଅନେକ ଜୀବନରେ ଆସୁଥିବା ପରିବର୍ତ୍ତନ ବିଷୟରେ ସଚେତନତା ସୃଷ୍ଟି କରିବା । ସଚେତନତା ମାଧ୍ୟମରେ ଅପୋଲୋ ହସ୍ପିଟାଲ୍ସ ଭୁବନେଶ୍ୱର ଅଙ୍ଗଦାନ ସମ୍ବନ୍ଧୀୟ ସାଧାରଣ ଭ୍ରାନ୍ତଧାରଣା ଗୁଡ଼ିକୁ ଦୂର କରିବା ସହ ବ୍ୟକ୍ତି ଓ ପରିବାର ବର୍ଗଙ୍କୁ ଅଙ୍ଗଦାନ ବିଷୟରେ ସଠିକ୍ ନିଷ୍ପତ୍ତି ନେବାକୁ ଉତ୍ସାହିତ କରୁଛି । ଅଙ୍ଗପ୍ରତ୍ୟାରୋପଣ, ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି, ନେଫ୍ରୋଲୋଜି,



ନ୍ୟୁରୋସର୍ଜରୀ, କ୍ରିଟିକାଲକେୟାର, ଏବଂ ଇଣ୍ଟରନାଲ ମେଡିସିନ ସମେତ ବିଭିନ୍ନ ବିଭାଗର ବରିଷ୍ଠ ଚିକିତ୍ସା ବିଶେଷଜ୍ଞଙ୍କ ଉପସ୍ଥିତିରେ ଅପୋଲୋ ହସ୍ପିଟାଲ୍ସ ଭୁବନେଶ୍ୱର ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଭୁବନେଶ୍ୱର ଆପୋଲୋ ହସପିଟାଲ୍ସ ମୁଖ୍ୟ ପରିଚାଳନା ଅଧିକାରୀ (ସିଓଓ) ଡାକ୍ତର ଆଲୋକ ଶ୍ରୀବାସ୍ତବ କହିଛନ୍ତି ଅଙ୍ଗଦାନ କେବଳ ଗୋଟିଏ ଅଙ୍ଗଦାନ କରିବା ନୁହେଁ ଏହା କାହାକୁ ବଞ୍ଚିବାରେ ସାହାଯ୍ୟ କରେ । ଏଣୁ ଅଧିକ ସଚେତନତା ଏବଂ ଆଲୋଚନା ମାଧ୍ୟମରେ ଏହା ଅଧିକ ଫଳପ୍ରଦ ହେବ ବୋଲି ସେ କହିଥିଲେ । ଅଙ୍ଗ ପ୍ରତ୍ୟାରୋପଣର ଭୂମିକା କିଡନୀ, ଲିଭର୍ ପ୍ରତ୍ୟାରୋପଣରେ ଆଧୁନିକ ଚିକିତ୍ସା କୌଶଳ ଅଙ୍ଗଦାନରେ କ୍ରିଟିକାଲକେୟାରର ଗୁରୁତ୍ୱ ଉପରେ ଉପସ୍ଥିତ ବିଶେଷଜ୍ଞମାନେ ମତ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଫେସର ଡା. ମନୋଜ କୁମାର ସାହୁ, ପ୍ରଫେସର ଡା. ନିଶିଥ କୁମାର ମହାନ୍ତି ଟ୍ରାନ୍ସପ୍ଲାଣ୍ଟ ଫିଜିସିଆନ୍ ଡା. ସୌମ୍ୟରଞ୍ଜ, ଡା ସରୋଜ ପଟ୍ଟନାୟକ, ଡା. ସମୀରଣ ଦାସ, ଡା ଦେବବ୍ରତ ବିଶ୍ୱାଳ, ଡା. ସୁଶାନ୍ତ କୁମାର ସେଠୀ, ଡା ଶୁଭ୍ରାଂଶୁ ଶେଖର ଜେନା ପ୍ରମୁଖଉପସ୍ଥିତ ରହି ଅଙ୍ଗଦାନ ଉପରେ ମତବ୍ୟକ୍ତ କରିଥିଲେ ।

### ଶିକ୍ଷା ହିଁ ପରିବର୍ତ୍ତନର ମୁଖ୍ୟ ଆଧାର

## ଚଣ୍ଡିଖୋଲ ସ୍ୱୟଂଶାସିତ ମହାବିଦ୍ୟାଳୟର ୫୧ତମ ପ୍ରତିଷ୍ଠା ଦିବସ ସମାରୋହ

ଚଣ୍ଡିଖୋଲ, (ସବ୍ୟୁ) ରିଜ୍ୟର ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଯାଜପୁର ଜିଲ୍ଲାର ଚଣ୍ଡିଖୋଲ ସ୍ଥିତ ବାବା ଭୈରବାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟର ୫୧ ତମ ପ୍ରତିଷ୍ଠା ଦିବସ ସମାରୋହ ବୁଧବାର ଦିନ ଅନୁଷ୍ଠିତ ହୋଇଥିଲା । ଏହି ସମାରୋହରେ ବଡଚଣା ବିଧାୟକ ଅମରକୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ମହାବିଦ୍ୟାଳୟର ୫୦ ବର୍ଷର ଗୌରବମୟ ଐତିହ୍ୟ ସମ୍ପର୍କରେ ଆଲୋକପାତ କରି ଏହା କେବଳ ମହାବିଦ୍ୟାଳୟର ୫୦ ବର୍ଷର ପୂର୍ତ୍ତି ଉତ୍ସବ ନୁହେଁ, ଏହା ହେଉଛି ପାଞ୍ଚ ଦଶନ୍ଧିର ସଂଘର୍ଷ,ସଫଳତା ଏବଂ ସାମାଜିକ ପରିବର୍ତ୍ତନର ଏକ ଗୌରବମୟ ଜୟଯାତ୍ରା ବୋଲି ମତ ପ୍ରକାଶ କରିଥିଲେ । ଶିକ୍ଷା ହିଁ ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ଯାହା ବିଶ୍ୱକୁ ପରିବର୍ତ୍ତନ କରିବାପାରିବ ଓ ସମଗ୍ର ବ୍ୟବସ୍ଥାକୁ ସଠିକ ଢଙ୍ଗରେ ପରିଚାଳିତ କରିପାରିବ ବୋଲି ବିଧାୟକ ଶ୍ରୀ ନାୟକ କହିଥିଲେ । ଅଧ୍ୟକ୍ଷ ଡ଼ ପ୍ରିୟବ୍ରତ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ଭିତ୍ତିଭୂମିକୁ





ସୁଦୃଢ କରିବା ପାଇଁ ୨କୋଟି ୯୭ଲକ୍ଷ ଟଙ୍କା ବ୍ୟୟରେ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ନିର୍ମାଣ ଓ ୫୦ ଲକ୍ଷ ଟଙ୍କା ବ୍ୟୟରେ ଓପନ ଆଡିଟୋରିୟମ ନିର୍ମାଣ କରାଯିବାକୁ ଉତ୍ସବରେ ବିଧାୟକ ଘୋଷଣା କରିଥିଲେ । ଏଥିରେ ମୁଖ୍ୟବକ୍ତା ଭାବେ କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ବିଶିଷ୍ଟ ଶିକ୍ଷାବିତ ଜୀତେନ୍ଦ୍ର ନାରାୟଣ ଦାଶ (ଦାଶ ବେନହୁର) ଯୋଗଦେଇ ଛାତ୍ରଛାତ୍ରୀ ମାନେ ଧ୍ୟାନ,ଅଧ୍ୟୟନ,ସାଧନା ଭିତରେ ସମନ୍ୱୟ ରକ୍ଷା କରି ତାହା ଶିକ୍ଷା ଗ୍ରହଣ ପୂର୍ବକ ସଫଳତାର ଶୀର୍ଷରେ ପହଞ୍ଚି ପାରିବେ ବୋଲି ମତ ରଖିଥିଲେ । ଶିକ୍ଷାନୁଷ୍ଠାନ କେବଳ ଡ଼ିଗ୍ରୀ ପ୍ରମାଣପତ୍ର ବାଣ୍ଟିବାର ମାଧ୍ୟମ ନ ହୋଇ ଛାତ୍ରଛାତ୍ରୀଙ୍କୁ ଚରିତ୍ରବାନ କରାଇବା ସଙ୍ଗେ ସଙ୍ଗେ ସେମାନଙ୍କ ଭିତରେ ଥିବା ଲୁକ୍କାଇତ ପ୍ରତିଭାକୁ ବିକଶିତ କରିବାର ମାଧ୍ୟମ ହେଉ ବୋଲି ସେ ଆଶାବ୍ୟକ୍ତ କରିଥିଲେ । ଅଧ୍ୟକ୍ଷ ଡ଼ଃ ମହାନ୍ତି, ପ୍ରାରମ୍ଭରେ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ସୂଚନା ଦେଇ ତାହାର ସମାଧାନ ପାଇଁ ଅତିଥିମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଇତିହାସ ବିଭାଗ ଅଧ୍ୟାପକ ସଲିଳ ରାଜନନ୍ଦନ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ପୁରାତନ ଛାତ୍ର ସଂସଦ ସାଧାରଣ ସଂପାଦକ ଆଡଭୋକେଟ ଦେବରାଜ ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ । ଇତ୍ୟବସରରେ ଅତିଥିମାନେ କଲେଜର ଶିକ୍ଷା କ୍ୟାଲେଣ୍ଡରକୁ ଉନ୍ମୋଚନ କରିବା ସଙ୍ଗେ ସଙ୍ଗେ ଯୁକ୍ତ ଦୁଇ ଓ ଯୁକ୍ତ ତିନ କଳା, ବିଜ୍ଞାନ, ବାଣିଜ୍ୟ ବିଭାଗରେ ଶ୍ରେଷ୍ଠତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ଯଥା ଦିଲ୍ଲୀଠାରେ ସାଧାରଣତନ୍ତ୍ର ଦିବସ ପ୍ୟାରେଡରେ ଯୋଗ ଦେଇଥିବା ଉକ୍ତ କଲେଜ କ୍ୟାଡେଟ ଶୁଭମପ୍ରିୟା ସାମଲଙ୍କ ସମେତ ଭୂମିକା ମିଶ୍ର, ଡୋରା ପାଢ଼ୀ, ରନିତା ମହାନ୍ତି, ଦୀପ୍ତିମୟୀ ପ୍ରଧାନ,ନିବେଦିତା ଦାସ, ବର୍ଷାରାଣୀ ପୃଷ୍ଟି, ଜ୍ୟୋତିର୍ମୟୀ ସାମଲ,ଶୁଭଲକ୍ଷ୍ମୀ ସାହୁ, ପୂଜା ସେନାପତି, ଚହେତୀ ଜୈନ, କଳ୍ପନା ସାହୁ,ଦିବ୍ୟରଞ୍ଜନ ସାମଲ,ସସ୍ମିତା ପୃଷ୍ଟି ପ୍ରମୁଖ ମେଧାବୀ ଛାତ୍ର ଛାତ୍ରୀଙ୍କୁ ଉଦୟ ନାଥ ମହାନ୍ତି,ପଦ୍ମଚରଣ ରାଉତରାୟ, ଡ.ଧରଣୀଧର ନାୟକ,ଡ. ନଟବର ସାମଲ ଓ ନିରଞ୍ଜନ ଗୋଛାୟତଙ୍କ ସ୍ମୃତି ସମ୍ମାନରେ ସମ୍ମାନିତ କରାଯଇଥିଲା । ଅଧ୍ୟାପକ ବିରଞ୍ଚିନାରାୟଣ ନାୟକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଆଗାମୀ ଡ଼ିସେମ୍ବର ମାସରେ ମହାବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ବର୍ଷର ଉଦଯାପନୀ ସମାରୋହ ତିନିଦିନ ଧରି ଆୟୋଜିତ ହେବ ବୋଲି ଘୋଷଣା କରାଯାଇଥିଲା ।

# ନାରାୟଣା ବିଦ୍ୟାଳୟରେ ପଦବୀ ଓ ଦାୟିତ୍ୱ ପ୍ରଦାନ ସମାରୋହ




କଟକ, (ସ୍ୱପ୍ର) : ସ୍ଥାନୀୟ ନୂଆପଡା ପୃଷ୍ଟି ବଗିଚା ସ୍ଥିତ ନାରାୟଣା ବିଦ୍ୟାଳୟ ପରିସରରେ ପଦବୀ ଓ ଦାୟିତ୍ୱ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଡା. ନିକୋଲାସ ବାଲୋଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ମୁଖ୍ୟ ଅତିଥି ରୂପେ ଆସିଷ୍ଟାଣ୍ଟ କମିଶନର ଜୟନ୍ତ କୁମାର ଡୋରା ଯୋଗଦେଇ ଛାତ୍ରଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ ଶୃଙ୍ଖଳା ଜ୍ଞାନର ଆବଶ୍ୟକ ବିଷୟରେ ସୂଚିତ କରିଥିଲେ । ଅନ୍ୟତମ ଅତିଥି ରୂପେ ଟ୍ରାଫିକ ଆଇଆଇସି ଅନିରୁଦ୍ଧ ନାୟକ ଯୋଗଦେଇ ନିର୍ବାଚିତ ଛାତ୍ରଛାତ୍ରୀଙ୍କୁ ନିଷ୍ଠାର ସହ ଦାୟିତ୍ୱ ସଂପାଦନ କରିବାକୁ ଆହ୍ୱାନ ଦେଇଥିଲେ । ବିଦାୟୀ କ୍ୟାବିନେଟ ଦ୍ୱାରା ନବନିର୍ବାଚିତ ପ୍ରତିନିଧିମାନଙ୍କୁ ପଦବୀ, ବ୍ୟାଜ ଓ ଦାୟିତ୍ୱ ହସ୍ତାନ୍ତର କରାଯାଇଥିଲା । ନିର୍ବାଚନ କମିଶନର ଜିତନ୍ଦ୍ରା ବାରିକ ନବନିର୍ବାଚିତ ଛାତ୍ର ପ୍ରତିନିଧିମାନଙ୍କୁ ଶପଥ ପାଠ କରାଇଥିଲେ । ବିଦ୍ୟାଳୟ ତରଫରୁ ଯଥାକ୍ରମେ ତ୍ରିଦେବ ବେହେରା, ସ୍ମିତିପଞ୍ଜା ଓଝା ହେଡ଼ବୟ ଓ ହେଡ଼ଗାର୍ଲ ରୂପେ ନିର୍ବାଚିତ ହୋଇଥିଲେ । ସାଇ କୃଷ୍ଣା ନାୟକ, ତ୍ରିଶିଖା ଦାସ ଯଥାକ୍ରମେ ଡେପୁଟି ବୟ, ଡେପୁଟି ଗାର୍ଲ ରୂପେ ନିର୍ବାଚିତ ହୋଇଛନ୍ତି । ଏତଦବ୍ୟତିତ ବିଭିନ୍ନ ହାଉସର କ୍ୟାପଟେନ ଓ ଭାଇସ କ୍ୟାପଟେନ ମଧ୍ୟ ନିର୍ବାଚିତ ହୋଇଛନ୍ତି । ଏହି କାର୍ଯ୍ୟକ୍ରମରେ ଇ-ଟେକ୍ନୋର ଡ଼ିନ କୌଶଳ ବୁଦ୍ଧଦେବ, ଚାଁମ୍ପସର ଉପାଧ୍ୟକ୍ଷା ରାଜଶ୍ରୀ ମହାନ୍ତି ଉପସ୍ଥିତ ରହି ଚାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ସମଗ୍ର କାର୍ଯ୍ୟକ୍ରମଟିକୁ ସୁଶ୍ରୀ ସୁପ୍ରିୟା ତ୍ରିପାଠୀ ସଫଳ ପରିଚାଳନା କରିଥିଲାବେଳେ ବିଦ୍ୟାଳୟର ଅଧ୍ୟକ୍ଷା ଧନ୍ୟବାଦ ଅର୍ପଣ କରିଥିଲେ ।

# ଓଡ଼ିଶା ଲଳିତ କଳା ଏକାଡ଼େମୀର ପୂର୍ବତନ ସଚିବଏବଂ ସଭାପତି ଜଗଦୀଶ ଚନ୍ଦ୍ର କାନୁନଗୋଙ୍କ ବିୟୋଗ



ଭୁବନେଶ୍ୱର (ସବ୍ୟୁ): ଓଡ଼ିଶା ଲଳିତ କଳା ଏକାଡ଼େମୀର ପୂର୍ବତନ ସଚିବ ଏବଂ ସଭାପତି ତଥା ବରିଷ୍ଠ ଚିତ୍ରଶିଳ୍ପୀ ଜଗଦୀଶ ଚନ୍ଦ୍ର କାନୁନଗୋଙ୍କ ୧୧ତାରିଖ ସନ୍ଧ୍ୟାରେ ଭୁବନେଶ୍ୱରସ୍ଥ ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି । ସ୍ୱର୍ଗତ କାନୁନଗୋ ଓଡ଼ିଶାର ଜଣେ ଦୃଶ୍ୟ କଳା କ୍ଷେତ୍ରରେ ଜଣେ ଉଚ୍ଚକୋଟିର ଶିଳ୍ପୀ ଥିଲେ । ପୁରୀର ଦୋଳମଣ୍ଡପ ସାହିରେ ଜନ୍ମ ଗ୍ରହଣ କରି, ଖଲ୍ଲିକୋଟ ସ୍ଥିତ ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟରୁ ଶିକ୍ଷା ଗ୍ରହଣ ସାରି, ସେ ରାଜ୍ୟ ସଂଗ୍ରହାଳୟରେ ଗ୍ୟାଲେରୀ ସୁପରଭାଇଜର, ପରବର୍ତ୍ତୀ ସମୟରେ ଓଡ଼ିଶା ଲଳିତ କଳା ଏକାଡ଼ଡେମୀରେ ସଚିବ ଏବଂ ସଭାପତି ରୂପେ ନିଯୁକ୍ତ ହୋଇଥିଲେ । ସେ ରାଷ୍ଟ୍ରୀୟ ଲଳିତ କଳା କେନ୍ଦ୍ର ଭୁବନେଶ୍ୱର ଠାରେ ପ୍ରତିଷ୍ଠା କରି ସେଠାରେ ସଚିବ ଭାବେରହି ଚିତ୍ରକଳା କ୍ଷେତ୍ରରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିଯାଇଛନ୍ତି । ସେ ଓଡ଼ିଶାର ସର୍ବଶ୍ରେଷ୍ଠ ସମ୍ମାନ 'ଧର୍ମପଦପୁରସ୍କାର' ଓ 'ରାଜ୍ୟ ପୁରସ୍କାରରେ'ମଧ୍ୟ ସମ୍ମାନିତ ହୋଇଥିଲେ । ସ୍ୱର୍ଗତ କାନୁନଗୋଙ୍କ ଶେଷକୃତ୍ୟ ପୁରୀ ସ୍ୱର୍ଗଦ୍ୱାର ଠାରେ ସମ୍ପନ୍ନ ହୋଇଅଛି । ତାଙ୍କର ବିୟୋଗରେ ସଂସ୍କୃତି ବିଭାଗ ଉପ-ନିର୍ଦ୍ଦେଶକ ତଥା ସଚିବ ଡ଼. ଦେବଯାନୀ ଭୂୟାଁଙ୍କଅଧ୍ୟକ୍ଷତାରେ ରାଜ୍ୟ ସଂଗ୍ରହାଳୟର ସମ୍ମିଳନୀ କକ୍ଷରେ ଏକ ଶୋକସଭା କରାଯାଇଥିଲା । ଏହି ବିଶିଷ୍ଟ ଶିଳ୍ପୀଙ୍କ ଫୋଟୋଚିତ୍ରରେଓଡ଼ିଶାର ବିଶିଷ୍ଟ ଚିତ୍ରଶିଳ୍ପୀ ଡ଼. ଅଲେଖ ଚରଣ ସାହୁ, ରାମହରି ଜେନା, ଗଜେନ୍ଦ୍ର ପ୍ରସାଦ ପାଢୀ, ଡ଼. ପଞ୍ଚାନନ ସାମଲ, ନିଗମାନନ୍ଦ ସାହୁ, ଶ୍ରୀ ତାରାକାନ୍ତ ପରିଡ଼ା, ସତ୍ୟବ୍ରତ ଦାସ, ପ୍ରଫେସର ରଞ୍ଜନ ମଲ୍ଲିକ୍, ଚନ୍ଦନ ସାମଲ, ପ୍ରଫେସର ଗଣେଷ ତାରତାରେ ଅନ୍ୟ କର୍ମକର୍ତ୍ତାମାନଙ୍କ ସହିତ ବିଭିନ୍ନ ଚାରୁ ଓ କାରୁକଳା ମହାବିଦ୍ୟାଳୟର ଛାତ୍ରଛାତ୍ରୀ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ ।

# ୧୦୦ ଶଯ୍ୟା ବିଶିଷ୍ଟ ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଆଜି ଭିତ୍ତିପ୍ରସ୍ତର ସ୍ଥାପନ

ଭୁବନେଶ୍ୱର: (ସବ୍ୟୁ): ଭୁବନେଶ୍ୱରର ବିଜେବି ନଗର ସ୍ଥିତ ନାଗେଶ୍ୱରଟାଙ୍ଗିଠାରେ ଏକ ୧୦୦ ଶଯ୍ୟା ବିଶିଷ୍ଟ ସରକାରୀ ଆୟୁର୍ବେଦ ଚିକିତ୍ସାଳୟ ନିର୍ମାଣ ହେବାକୁ ଯାଉଛି । ରାଜ୍ୟରେ ଆୟୁର୍ବେଦିକ ସ୍ୱାସ୍ଥ୍ୟସେବା ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ବଡ଼ ପଦକ୍ଷେପ ଗ୍ରହଣ କରାଯାଇଛି । ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଚିକିତ୍ସାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ।



ଏହି ୧୦୦ ଶଯ୍ୟା ବିଶିଷ୍ଟ ଆୟୁର୍ବେଦ ହସ୍ପିଟାଲ ନିର୍ମାଣ ହେବା ଦ୍ୱାରା ରାଜଧାନୀ ଭୁବନେଶ୍ୱର ସମେତ ସମଗ୍ର ରାଜ୍ୟରୁ ଆସୁଥିବା ରୋଗୀମାନଙ୍କୁ ଗୋଟିଏ ଛାତ ତଳେ ଆଧୁନିକ ଓ ଗୁଣାତ୍ମକ ଆୟୁର୍ବେଦିକ ଚିକିତ୍ସା ସେବା ଯୋଗାଇଦିଆଯାଇପାରିବ । ସ୍ୱାସ୍ଥ୍ୟ ମନ୍ତ୍ରୀ କହିଛନ୍ତି ଯେ, ୧୦୦ ଶଯ୍ୟା ବିଶିଷ୍ଟ ଏକ ଅତ୍ୟାଧୁନିକ ଆୟୁର୍ବେଦ ହସ୍ପିଟାଲର ଭୂମିପୂଜନ ସମ୍ପନ୍ନ ହୋଇଛି । ଆଗାମୀ ୧୫ ମାସ ମଧ୍ୟରେ ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇ ଜନସାଧାରଣଙ୍କ ସେବାରେ ଉପଲବ୍ଧ ହେବ । ଏହି କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ ଯୋଗ ଦେଇଥିଲେ । ଆୟୁଷ ନିର୍ଦ୍ଦେଶିକା ଅଞ୍ଜନା ପଣ୍ଡା କହିଲେ ଆୟୁର୍ବେଦ ହସ୍ପିଟାଲର ଜନାଭିମୁଖୀ ହେବା ସହିତ ଏହି ହସ୍ପିଟାଲକୁ କିଭଳି ଅଧିକ ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନ ଭଳି ଉନ୍ନତମାନର ଚିକିତ୍ସା ପ୍ରଦାନ କରିବ ତଦନୁଯାୟୀ ପ୍ରଚେଷ୍ଟା ଜାରିରହିଛି । ଉପଅଧିକ୍ଷକ ଡାକ୍ତର ଚିତ୍ତରଞ୍ଜନ ବେହେରାଙ୍କ ସୁପରି ପରିଚାଳନାରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ।

# ବିଶିଷ୍ଟ ଆଇନଜୀବୀ, ସମାଜସେବୀ ବିଧାନ ଚନ୍ଦ୍ର ମହାନ୍ତିଙ୍କର ପରଲୋକ

ଖୋର୍ଦ୍ଧା, (ସବ୍ୟୁ) : ବିଶିଷ୍ଟ ଆଇନଜୀବୀ ତଥା ସମାଜସେବୀ ବିଧାନ ଚନ୍ଦ୍ର ମହାନ୍ତିଙ୍କର ହୃଦଘାତରେ ପରଲୋକ ହୋଇଯାଇଛି । ମୃତ୍ୟୁବେଳକୁ ତାଙ୍କୁ ୭୫ ବର୍ଷ ହୋଇଥିଲା । ବୁଧବାର ସଂଧ୍ୟାରେ ସେ ଗୁରୁଜଙ୍ଗ ଦେୱାନ ସାହି ସ୍ଥିତ ବାସଭବନରେ ବସିଥିବାବେଳେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ । ଏହାପରେ ତାଙ୍କୁ ଖୋର୍ଦ୍ଧା ଡାକ୍ତରଖାନା ନିଆଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ସ୍ୱର୍ଗତ ମହାନ୍ତିଙ୍କର ପରଲୋକରେ ଗୁରୁଜଙ୍ଗ ଓ ଖୋର୍ଦ୍ଧା ଅଂଚଳରେ ଶୋକର ଛାୟା ଖେଳିଯାଇଛି । ଖୋର୍ଦ୍ଧା କୋର୍ଟର ଜଣେ ଜନପ୍ରିୟ ଆଇନଜୀବୀ ଭାବେ ସେ ସୁନାମ ଅର୍ଜନ କରିଥିଲେ । କିଛି ବର୍ଷ ସରକାରୀ ଓକିଲ ଭାବେ ମଧ୍ୟ ସେ କାର୍ଯ୍ୟ କରିଛନ୍ତି । ରାଜ୍ୟ ଆଇନଜୀବୀ ପରିଷଦର ସଦସ୍ୟ ଭାବେ ସାମାଜିକ ନ୍ୟାୟ ବ୍ୟବସ୍ଥାର ସଂସ୍କାର ଉପରେ ସେ ବିଶେଷ ଗୁରୁତ୍ୱ ଦେଉଥିଲେ । ସ୍ୱର୍ଗତ ମହାନ୍ତି ଖୋର୍ଦ୍ଧା ବରିଷ୍ଠ ନାଗରିକ ମଂଚର ସଭାପତି ଥିଲେ । ଗୁରୁଜଙ୍ଗ ଗ୍ରାମ୍ୟ କମିଟିର ସଭାପତି ତଥା ଫଂଚୁଦୋଳ କମିଟିର ସଭାପତି ଭାବେ ଗୁରୁଜଙ୍ଗ ଗ୍ରାମର ସାମଗ୍ରିକ ଉନ୍ନତି ପାଇଁ ସେ ଚେଷ୍ଟିତ ଥିଲେ । ସ୍ୱର୍ଗତ ମହାନ୍ତିଙ୍କର ପରଲୋକ ଖବର ପାଇବା ପରେ ପୂର୍ବତନ ବିଧାୟକ ରାଜେନ୍ଦ୍ର ସାହୁ, ବିଶିଷ୍ଟ ସାହିତ୍ୟିକ ଡ. ଫନୀ ମହାନ୍ତି, କଳିଙ୍ଗ ପାଇକ ସଂଗଠନର ସଭାପତି ଭୀମସେନ ପ୍ରଧାନ, ସମ୍ପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ, ଐତିହାସିକ ସତ୍ୟବାଦୀ ବଳିଆରସିଂହ, ଖୋର୍ଦ୍ଧା ସାହିତ୍ୟ ସଂସଦର ସଭାପତି ଡ. ନିରଞ୍ଜନ ମହାନ୍ତି, ସାମ୍ବାଦିକ ଶୁଭ୍ରାଂଶୁ ସାମନ୍ତରାୟ, ସାମ୍ବାଦିକ ଲଳିତ ମୋହନ ମହାପାତ୍ର ପ୍ରମୁଖ ବହୁ ବ୍ୟକ୍ତି ସ୍ୱର୍ଗତ ମହାନ୍ତିଙ୍କର ଶେଷ ଦର୍ଶନ କରିଥିଲେ ।



# ଘରେ ଘରେ ତ୍ରିରଙ୍ଗା: ଦେଶପ୍ରେମରୁ ଦେଶଗଠନ ପର୍ଯ୍ୟନ୍ତ
## ଜାତୀୟ ଏକତା ନାଗରିକ କର୍ତ୍ତବ୍ୟ ଓ ରାଷ୍ଟ୍ର ଭକ୍ତିର ଏକ ଜନଆନ୍ଦୋଳନ

ଭାରତ କେବଳ ଏକ ଭୌଗୋଳିକ ସୀମାର ନାମ ନୁହେଁ । ଏହା ହଜାର ହଜାର ବର୍ଷର ସଭ୍ୟତା, ସଂସ୍କୃତି, ପରମ୍ପରା, ସଂଘର୍ଷ ଓ ଅସଂଖ୍ୟ ମହାନ ବ୍ୟକ୍ତିତ୍ୱଙ୍କ ଅବଦାନରେ ଗଢ଼ିଉଠିଥିବା ଏକ ମହାନ ରାଷ୍ଟ୍ର । ଏହି ରାଷ୍ଟ୍ରର ଏକତା, ସ୍ୱାଧୀନତା ଓ ସାର୍ବଭୌମତ୍ୱର ସବୁଠାରୁ ଶକ୍ତିଶାଳୀ ପ୍ରତୀକ ହେଉଛି ଆମ ଜାତୀୟ ପତାକା, "ତ୍ରିରଙ୍ଗା" । ତ୍ରିରଙ୍ଗା କେବଳ ଆମର ଜାତୀୟ ପତାକା ନୁହେଁ, ଏହା ଭାରତୀୟଙ୍କ ମନରେ ସ୍ୱାଧୀନତାର ସ୍ମୃତି, ସହିଦମାନଙ୍କ ତ୍ୟାଗ, ଗଣତନ୍ତ୍ରର ମୂଲ୍ୟବୋଧ ଓ ଜାତୀୟ ଏକତାର ଭାବନାକୁ ସଦାସର୍ବଦା ଜାଗ୍ରତ କରେ । ତ୍ରିରଙ୍ଗାକୁ ପ୍ରତ୍ୟେକ ଘରେ ସମ୍ମାନର ସହ ଉତୋଳନ କରିବାର ଆହ୍ୱାନ ହେଉଛି- 'ହର ଘର ତ୍ରିରଙ୍ଗା' ।

'ହର ଘର ତ୍ରିରଙ୍ଗା' ଅଭିଯାନ ୨୦୨୨ରେ 'ଆଜାଦୀ କା ଅମୃତ ମହୋତ୍ସବ'ର ଏକ ପ୍ରମୁଖ ଅଂଶ ଭାବେ ଆରମ୍ଭ ହୋଇଥିଲା । ସମୟକ୍ରମେ ଏହା ଏକ ବ୍ୟାପକ ଜନସହଭାଗୀ ଅଭିଯାନର ରୂପ ନେଇଛି । କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ତଥ୍ୟ ଅନୁସାରେ ୨୦୨୫ର ଅଭିଯାନରେ ୭.୫ କୋଟିରୁ ଅଧିକ ନାଗରିକମାନଙ୍କ 'ସେଲ୍ଫି ତ୍ରିରଙ୍ଗା' ସହ ସାମାଜିକ ଗଣମାଧ୍ୟମରେ ଅପଲୋଡ୍ ହୋଇଥିଲା ଏବଂ ୯ ଲକ୍ଷରୁ ଅଧିକ ତ୍ରିରଙ୍ଗା ସ୍ୱେଚ୍ଛାସେବକ ଯୋଗ ଦେଇଥିଲେ । ଏହା ଦେଖାଇଥିଲା ଯେ, ଜାତୀୟ ପ୍ରତୀକକୁ କେନ୍ଦ୍ର କରି ନାଗରିକମାନଙ୍କ ମନରେ ବେଶ ଭାବପ୍ରବଣତା ରହିଛି । ୨୦୨୬ ସ୍ୱାଧୀନତା ଦିବସ ପାଳନ ଅବସରରେ 'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ଚାଲିଛି । ଏହା ଅଗଷ୍ଟ ୯ ତାରିଖରୁ ଅଗଷ୍ଟ ୧୭ ତାରିଖ ପର୍ଯ୍ୟନ୍ତ ସାରା ଦେଶରେ ପାଳନ କରାଯାଉଛି, ଯାହାର ସଂଯୋଜନା କରୁଛି କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟ । ଏହା ନାଗରିକମାନଙ୍କୁ ଜାତୀୟ ପତାକା ତ୍ରିରଙ୍ଗାକୁ ନିଜ ଘରେ ଗର୍ବର ସହିତ ଉତୋଳନ କରିବାକୁ ଉତ୍ସାହିତ କରେ ଓ ଏହା ସହିତ ଏକ ସେଲ୍ଫି ଉଠାଇ ତାକୁ ହରଘରତ୍ରିରଙ୍ଗା.କମ (https://harghartiranga.com/) ପୋର୍ଟାଲରେ ଅପଲୋଡ଼ କରିବାକୁ ଉତ୍ସାହିତ ମଧ୍ୟ କରେ । ତ୍ରିରଙ୍ଗା ରାଲି, ପତାକା ବଂଟନ, ସଚେତନତା କାର୍ଯ୍ୟକ୍ରମ ଏବଂ ଗୋଷ୍ଠି ପ୍ରଚାର ଭଳି କାର୍ଯ୍ୟକଳା ମାଧ୍ୟମରେ ଏହି ଅଭିଯାନ ନାଗରିକମାନଙ୍କୁ ଗର୍ବ ଏବଂ ସମ୍ମାନର ସହିତ ଜାତୀୟ ପତାକା ଉତୋଳନକୁ ଏକ ପର୍ବ ରୂପେ ପାଳନ କରିବାକୁ ପ୍ରେରଣା ଦିଏ ।



ତ୍ରିରଙ୍ଗାରୁ 'ଟିମ୍ ଇଣ୍ଡିଆ'ର ଭାବନା ସୃଷ୍ଟି ହୁଏ । 'ଆଇ ଏମ୍ ଭାରତ'ର ଶକ୍ତି ଏହାର ବିବିଧତାରେ ଅଛି । ଭିନ୍ନ ଭାଷା, ଭିନ୍ନ ଧର୍ମ, ଭିନ୍ନ ପରମ୍ପରା, ଭିନ୍ନ ଖାଦ୍ୟ ଓ ପୋଷାକ ଆମର ବିବିଧତା କିନ୍ତୁ, ଜାତୀୟ ପତାକା ତଳେ ଆମେ ସମସ୍ତେ ଭାରତୀୟ । ଏହି ମନୋଭାବକୁ ଯୁବପିଢ଼ି ମଧ୍ୟରେ ମଜବୁତ କରିବା ଆଜିର ସମୟର ଏକ ବଡ଼ ଆବଶ୍ୟକତା । କାରଣ ଆଗାମୀ ଭାରତର ନେତୃତ୍ୱ ଯେଉଁ ପିଢ଼ି ନେବ, ସେହି ପିଢ଼ି ଯଦି ଜାତୀୟ ଏକତା, ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ନାଗରିକ କର୍ତବ୍ୟ ପ୍ରତି ସଚେତନ ହୁଏ, ତେବେ ଭାରତର ଭବିଷ୍ୟତ ଆହୁରି ଦୃଢ଼ ହେବ । ଏହି ଅଭିଯାନ ସରକାରୀ ପ୍ରୟାସରେ ସୀମିତ ନ ରହି ବିଭିନ୍ନ ସାମାଜିକ ଓ ରାଜନୈତିକ ସଂଗଠନର ଅଂଶଗ୍ରହଣରେ ଏକ ଜନ ଜାଗରଣ ରୂପ ନେଇଛି । ବିଜେପି ନିଜ ସଂଗଠନର ମଣ୍ଡଳ, ବୁଥ୍ ଓ ସ୍ଥାନୀୟ ସ୍ତରର କର୍ମକର୍ତାଙ୍କ ମାଧ୍ୟମରେ ତ୍ରିରଙ୍ଗା ଯାତ୍ରା କରିବା, ଘରେ ଘରେ ତ୍ରିରଙ୍ଗା ପହଂଚାଇବା, ସ୍ୱାଧୀନତା ସଂଗ୍ରାମୀଙ୍କୁ ସ୍ମରଣ କରିବା ଓ ଯୁବମାନଙ୍କୁ ଯୋଡ଼ିବା ଭଳି କାର୍ଯ୍ୟକ୍ରମ ଆୟୋଜନ କରୁଛି ।

ଏଠାରେ ଏକ ମୌଳିକ ପ୍ରଶ୍ନ ଉଠେ, ଏପରି ଅଭିଯାନରେ ଏକ ରାଜନୈତିକ ଦଳର ଭୂମିକା କାହିଁକି ଆବଶ୍ୟକ? ଏହାର ଉତର ହେଉଛି ଭାରତୀୟ ଗଣତନ୍ତ୍ରରେ ରାଜନୈତିକ ଦଳମାନେ କେବଳ ନିର୍ବାଚନ ଲଢୁଥିବା ସଂଗଠନ ନୁହେଁ, ସେମାନେ ଜନସାଧାରଣଙ୍କୁ ସାମାଜିକ ଓ ଜାତୀୟ ପ୍ରସଙ୍ଗରେ ସଂଗଠିତ କରିବାର ଏକ ମାଧ୍ୟମ ମଧ୍ୟ । ତେଣୁ ସବୁ ଦଳ ଏହି କାର୍ଯ୍ୟକ୍ରମରେ ସାମିଲ ହେବା ଆବଶ୍ୟକ । ତେବେ ଏହି ଅଭିଯାନର ମୂଳ ସନ୍ଦେଶ ଦଳୀୟ ସୀମା ଭିତରେ ନରହି ଜାତୀୟତା ଉପରେ ଫୋକସ କରିବା ଦରକାର । ଦେଶର ବିଭିନ୍ନ ରାଜ୍ୟରେ ଏହି କାର୍ଯ୍ୟକ୍ରମ ଆଗ୍ରହରେ ପାଳନ କରାଯାଉଥିବା ବେଳେ ଓଡ଼ିଶାରେ ମଧ୍ୟ କାର୍ଯ୍ୟକ୍ରମକୁ ଲୋକେମାନେ ଆଗ୍ରହର ସହିତ ପାଳନ କରୁଛନ୍ତି । ଓଡ଼ିଶାର ରାଜନୈତିକ ଇତିହାସ ତ୍ୟାଗ ଓ ଦେଶପ୍ରେମର ଅନେକ ଉଦାହରଣରେ ପରିପୂର୍ଣ୍ଣ । ପାଇକ ବିଦ୍ରୋହରୁ ଆରମ୍ଭ କରି ସ୍ୱାଧୀନତା ସଂଗ୍ରାମର ବିଭିନ୍ନ ଅଧ୍ୟାୟ ପର୍ଯ୍ୟନ୍ତ ଓଡ଼ିଶାର ଜନସାଧାରଣ ଜାତୀୟ ଚେତନାରେ ନିଜର ଅବଦାନ ରଖିଛନ୍ତି । ସେହି ପରମ୍ପରାକୁ ଆଧୁନିକ ପିଢ଼ି ସହ ଯୋଡ଼ିବା ପାଇଁ 'ହର ଘର ତ୍ରିରଙ୍ଗା' ଏକ ସୁଯୋଗ । ଓଡ଼ିଆ ଭାଷାରେ ସ୍ଥାନୀୟ ସ୍ୱାଧୀନତା ସଂଗ୍ରାମୀଙ୍କ କାହାଣୀ, ପାଇକ ବିଦ୍ରୋହର ଇତିହାସ, ଓଡ଼ିଶାର ସ୍ୱାଧୀନତା ସଂଗ୍ରାମର ଅବଦାନ ଓ ଦେଶ ଗଠନରେ ଓଡ଼ିଶାର ଭୂମିକାକୁ ଯୁବମାନଙ୍କ ନିକଟକୁ ନେଲେ ଏହି ଅଭିଯାନ ଏକ ଶିକ୍ଷଣୀୟ ରୂପ ନେଇପାରିବ ।

୨୦୨୫ରେ କଟକ ବିଜେପି ମଣ୍ଡଳ ପକ୍ଷରୁ ଆୟୋଜିତ ଏକ ବିଶାଳ ତ୍ରିରଙ୍ଗା ଯାତ୍ରାରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗ ଦେଇ ଲୋକଙ୍କୁ ଉତ୍ସାହିତ କରିଥିଲେ । ଏହି ଯାତ୍ରାରେ ହଜାର ହଜାର ଲୋକ ସାମିଲ ହୋଇଥିଲେ । ଏ ବର୍ଷ ମଧ୍ୟ ଲୋକଙ୍କ ମଧ୍ୟରେ ଆଗ୍ରହ ସୃଷ୍ଟି ହୋଇଛି । ଓଡ଼ିଶାର ଗାଁ ଠାରୁ ସହର, ମହାନଗରଠାରୁ ଆଦିବାସୀ ଅଂଚଳ ପର୍ଯ୍ୟନ୍ତ ପ୍ରତ୍ୟେକ ଘରେ ତ୍ରିରଙ୍ଗା ପହଂଚାଇବାର ଅର୍ଥ ହେଉଛି ବିଭିନ୍ନ ସାମାଜିକ ବର୍ଗକୁ ଜାତୀୟ ପ୍ରତୀକ ତଳେ ଏକତ୍ରିତ କରିବା ।

'ହର ଘର ତ୍ରିରଙ୍ଗା' କାର୍ଯ୍ୟକ୍ରମ ମାଧ୍ୟମରେ ଯୁବ ପିଢ଼ି ଡିଜିଟାଲ୍ ପ୍ଲାଟଫର୍ମରେ ନିଜ ଇତିହାସ, ସ୍ୱାଧୀନତା ସଂଗ୍ରାମ ଓ ଜାତୀୟ ମୂଲ୍ୟବୋଧ ସହ ସମ୍ପର୍କ ମଜବୁତ କରିଥିବା ବାର୍ତା ସମାଜରେ ପ୍ରଚାର କରିପାରିବେ । ଘର ଉପରେ ତ୍ରିରଙ୍ଗା ଉଡ଼ିବା ସମୟରେ ଯଦି ଜଣେ ଯୁବକ କିମ୍ବା ଯୁବତୀ ନିଜକୁ ପଚାରନ୍ତି ଯେ, ଦ"ଏହି ପତାକା ପାଇଁ କେତେ ଲୋକ ତ୍ୟାଗ କରିଥିଲେ? ସ୍ୱାଧୀନତାର ଅର୍ଥ କ'ଣ? ଦେଶ ପାଇଁ ମୋର ଭୂମିକା କ'ଣ? ତେବେ ଅଭିଯାନର ପ୍ରକୃତ ଲକ୍ଷ ପୂରଣ ହେଲା ବୋଲି ବିବେଚନା କରାଯିବ । ଭାରତର ଯୁବପିଢ଼ି ଦେଶର ସବୁଠାରୁ ବଡ଼ ମାନବ ସମ୍ପଦ । ତେଣୁ 'ହର ଘର ତ୍ରିରଙ୍ଗା'କୁ କେବଳ ପତାକା ଉତୋଳନରେ ସୀମିତ ରଖିଲେ ଏହାର ସମ୍ଭାବନା ଅଧାରେ ରହିଯିବ । ପତାକା ଉତୋଳନ ସହିତ ଯୁବ ବର୍ଗ ମାନେ ସ୍ୱାଧୀନତା ସଂଗ୍ରାମ ଉପରେ କୁଇଜ୍ ଓ ଆଲୋଚନା, ସ୍ୱାଧୀନତା ସଂଗ୍ରାମୀଙ୍କ ଜୀବନୀ ପାଠ, ଦେଶପ୍ରେମ ଓ ନାଗରିକ କର୍ତବ୍ୟ ଉପରେ ଡିବେଟ୍, ସ୍ୱଚ୍ଛତା ଅଭିଯାନ, ରକ୍ତଦାନ ଓ ସାମାଜିକ ସେବା, ପରିବେଶ ସୁରକ୍ଷା, ଡିଜିଟାଲ୍ ଜାଗରଣ, ସ୍ଥାନୀୟ ଇତିହାସ ଓ ଐତିହ୍ୟ ସୁରକ୍ଷା ଆଲୋଚନା ଆଦି କାର୍ଯ୍ୟକ୍ରମ ଆୟୋଜନ କରିବା ଉଚିତ ।

ତେବେ ଦେଶପ୍ରେମର ଅର୍ଥ କେବଳ ତ୍ରିରଙ୍ଗା ଉଡ଼ାଇବା ନୁହେଁ । ଦେଶପ୍ରେମର ଅର୍ଥ ଜଣେ ଭଲ ନାଗରିକ ହେବା, ଆଇନକୁ ସମ୍ମାନ କରିବା, ସାର୍ବଜନୀନ ସମ୍ପତିର ସୁରକ୍ଷା କରିବା, ପରିବେଶକୁ ସୁରକ୍ଷିତ ରଖିବା, ଅନ୍ୟ ନାଗରିକଙ୍କ ଅଧିକାରକୁ ସମ୍ମାନ କରିବା ଓ ନିଜ କର୍ତ୍ତବ୍ୟ ପାଳନ କରିବା ମଧ୍ୟ । "ଘର ଉପରେ ତ୍ରିରଙ୍ଗା", ହୃଦୟରେ ଦେଶପ୍ରେମ ଏବଂ ଜୀବନରେ ନାଗରିକ କର୍ତବ୍ୟ"- ଏହା ହିଁ ହେବା ଦରକାର ଅଭିଯାନର ମୂଳ ମନ୍ତ୍ର । 'ହର ଘର ତ୍ରିରଙ୍ଗା'କୁ ଯଦି କେବଳ ଅଗଷ୍ଟ ୧୫ର ଏକ ଉତ୍ସବ ଭାବେ ଦେଖାଯାଏ, ତେବେ ଏହାର ଅର୍ଥ ଅତ୍ୟନ୍ତ ସୀମିତ ହୋଇଯିବ । କିନ୍ତୁ ଯଦି ଏହାକୁ ସ୍ୱାଧୀନତାର ଇତିହାସ, ସହିଦଙ୍କ ତ୍ୟାଗ, ଜାତୀୟ ଏକତା, ନାଗରିକ କର୍ତ୍ତବ୍ୟ, ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଯୁବଶକ୍ତିର ସୃଜନଶୀଳ ଭୂମିକା ସହିତ ଯୋଡ଼ାଯାଏ, ତେବେ ଏହା ଏକ ଅର୍ଥପୂର୍ଣ୍ଣ ଜନଆନ୍ଦୋଳନରେ ପରିଣତ ହୋଇପାରିବ । ବିଜେପି ଭଳି ବଡ଼ ସଂଗଠନ ପାଇଁ ଏହା ଜନସମ୍ପର୍କର ଏକ ମାଧ୍ୟମ ହୋଇପାରେ କିନ୍ତୁ, ତାହାଠାରୁ ବଡ଼ କଥା ହେଉଛି ଏହାକୁ ଦଳୀୟ ସୀମା ଉପରକୁ ନେଇ ଜାତୀୟ ଅଭିଯାନ କରିବା । କାରଣ ତ୍ରିରଙ୍ଗା କୌଣସି ଦଳର ନୁହେଁ, କୌଣସି ସରକାରର ନୁହେଁ, କୌଣସି ଅଂଚଳର ନୁହେଁ, ତ୍ରିରଙ୍ଗା ହେଉଛି ୧୪୦ କୋଟିରୁ ଅଧିକ ଭାରତୀୟଙ୍କ ଆତ୍ମପରିଚୟର ପ୍ରତୀକ । ତେଣୁ 'ଘରେ ଘରେ ତ୍ରିରଙ୍ଗା'ର ପ୍ରକୃତ ସଫଳତା ସେତେବେଳେ ହେବ, ଯେତେବେଳେ ଘର ଉପରେ ଉଡୁଥିବା ତ୍ରିରଙ୍ଗା ଯୁବ ହୃଦୟରେ ଦାୟିତ୍ୱବୋଧ, ସେବାଭାବ, ଶୃଙ୍ଖଳା ଓ ଦେଶ ଗଠନର ସଂକଳ୍ପକୁ ଜାଗ୍ରତ କରିବ ।

**ଘରେ ଘରେ ତ୍ରିରଙ୍ଗା - ହୃଦୟେ ହୃଦୟେ ଭାରତ!**

**ଶ୍ରୀ ମନମୋହନ ସାମଲ**
**ରାଜ୍ୟ ସଭାପତି,**
**ଭାରତୀୟ ଜନତା ପାର୍ଟି, ଓଡ଼ିଶା**
**ଏବଂ ରାଜ୍ୟସଭା ସାଂସଦ**

# ପାଞ୍ଚମାସ ହେଲା ମିଳିନି ବାର୍ଦ୍ଧକ୍ୟ ଭତ୍ତା

ମାହାଙ୍ଗା (ସବ୍ୟୁ) : ମାହାଙ୍ଗା ବ୍ଲକରେ ବାର୍ଦ୍ଧକ୍ୟ ଭତ୍ତା ପ୍ରଦାନରେ ହିତାଧିକାରୀଙ୍କ ମହଲରେ କିଛି ଦିନ ହେଲା ଅସନ୍ତୋଷ ବଢିବାରେ ଲାଗିଛି। ଯେଉଁ ହିତାଧିକାରୀମାନେ ବ୍ୟାଙ୍କ ମାଧ୍ୟମରେ ଇନ୍ଦିରାଗାନ୍ଧୀ ଜାତୀୟ ବାର୍ଦ୍ଧକ୍ୟ ଭତ୍ତା ଯୋଜନାରେ ଭତ୍ତା ପାଉଛନ୍ତି ସେମାନଙ୍କର ଭର୍ତ୍ତା ଅର୍ଥ ପ୍ରତିମାସରେ ବ୍ୟାଙ୍କ ଖାତାକୁ ଆସୁନାହିଁ ବ୍ୟାଙ୍କ ନିୟମାନୁଯାୟୀ ଭତ୍ତା ହିତାଧିକାରୀମାନେ କେଓ୍ୱାଇସି ଏବଂ ଅନ୍ୟାନ୍ୟ କାଗଜପତ୍ର ଠିକ କରିଥିଲା ବେଳେ ୫ ମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ପାଇନଥିବା ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ପଂଚାୟତର ଝାଡେଶ୍ୱରପୁର ଗ୍ରାମର ଦେବେନ୍ଦ୍ର ପ୍ରହରାଜଙ୍କ ପତ୍ନୀ ଶୈଳବାଳା ପ୍ରହରାଜ ନିଜର ଅସନ୍ତୋଷ ଗଣମାଧ୍ୟମର ପ୍ରତିନିଧିଙ୍କୁ ଜଣାଇଛନ୍ତି। ବାର୍ଦ୍ଧକ୍ୟ ହେତୁ ସେ ଗୋଟିଏ ସ୍ଥାନରୁ ଉଠିପାରୁନଥିଲା ବେଳେ ୫ ମାସର ଭର୍ତ୍ତା ଅର୍ଥ ବ୍ୟାଙ୍କକୁ ଆସିନାହିଁ ତାଙ୍କର ଗୁହାରୀ ପ୍ରଶାସନ ଶୁଣୁନଥିବା ସେ ଅଭିଯୋଗ କରିଛନ୍ତି। କଟକ ଜିଲ୍ଲାପାଳ ତୁରନ୍ତ ତାଙ୍କ ସମସ୍ୟାକୁ ସମାଧାନ କରିବା ସହ ତାଙ୍କ ବ୍ୟାଙ୍କ ଖାତାକୁ ବକେୟା ବାର୍ଦ୍ଧକ୍ୟ ଭତ୍ତା ଅର୍ଥ ପ୍ରଦାନ କରିବାକୁ ସେ ଆକୁଳ ନିବେଦନ କରିଛନ୍ତି।

# ରାମରାଜ କଟନରେ ସ୍ଥାନ ପାଇଲା ସାନ୍ତାଳୀ ହସ୍ତତନ୍ତ୍ର ଧୋତି 'ପଞ୍ଚ'

ଭୁବନେଶ୍ୱର (ସବ୍ୟୁ): ରାମରାଜ କପା ଆଜି ଓଡ଼ିଶାରେ ପଞ୍ଚର ଶୁଭାରମ୍ଭ କରିଛି, ଯେଉଁ ମାଟିରୁ ଏହା ନିଜର ପରିଚୟ ଆକର୍ଷିତ କରେ ସେହି ମାଟିରେ ଏହାର ନୂତନ ହସ୍ତତନ୍ତ ପ୍ରଦାନ ଆଣିଛି। ପଞ୍ଚ ମୟୂରଭଞ୍ଜର ପାରମ୍ପରିକ ସାନ୍ତାଳୀ ବୁଣାକୁ ଏକ ସମସାମୟିକ ଧୋତି ଭାବରେ ପୁନଃକଳ୍ପନା କରେ, ଯାହା ମୟୂରଭଞ୍ଜର ଗ୍ରାମଗୁଡ଼ିକରୁ ରାଜ୍ୟର ସ୍ୱଦେଶୀ ବସ୍ତ୍ର ଐତିହ୍ୟକୁ ସମସାମୟିକ ଭାରତର ପୋଷାକରେ ପରିଣତ କରିଥାଏ। ଭୁବନେଶ୍ୱରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି, ମୌନା ଧୱାନୀ ଫାଉଣ୍ଡେସନର ପ୍ରତିଷ୍ଠାତା ସୁଶ୍ରୀ ବିନ୍ଦୁ ବିନୋଧନ ସମ୍ମାନିତ ଅତିଥି ଏବଂ ରାମରାଜ କଟନର ପରିଚାଳନା ନିର୍ଦ୍ଦେଶକ ବି.ଆର. ଅରୁଣ ଈଶ୍ୱରଙ୍କ ଉପସ୍ଥିତିରେ ଓଡ଼ିଶାରେ ଏହାର ଶୁଭାରମ୍ଭ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାର ଆଦିବାସୀ ମହିଳା ବୁଣାକାରଙ୍କ ପ୍ରତିନିଧିମାନେ ଯୋଗ ଦେଇଥିଲ।

ପଞ୍ଚ ଭାରତର ବୁଣାକାର ବୟନ ପରମ୍ପରାକୁ ମୁଖ୍ୟ ଧାରାରେ ଆଣିବା ପାଇଁ ରାମରାଜ କଟନଙ୍କ ନିରନ୍ତର ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ ଏବଂ ପିଢ଼ି ପରେ ପିଢ଼ି ଧରି ଏହି ଅନନ୍ୟ ହସ୍ତଶିଳ୍ପକୁ ସଂରକ୍ଷଣ କରିଥିବା ଆଦିବାସୀ ମହିଳା ବୁଣାକାର ମାନଙ୍କ ପାଇଁ ନୂତନ ସ୍ୱୀକୃତି ଏବଂ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରେ।




ମୟୂରଭଞ୍ଜର ସାନ୍ତାଳି ଆଦିବାସୀ ସମ୍ପ୍ରଦାୟର ମହିଳାମାନଙ୍କ ଦ୍ୱାରା ପାରମ୍ପରିକ ଭାବରେ ଶାଢ଼ି ଭାବରେ ବୁଣାଯାଉଥିବା ଏହି ସ୍ୱତନ୍ତ୍ର ବୟନ, ହ୍ରାସ ପାଉଥିବା ପୃଷ୍ଠପୋଷକତା, ପରିବର୍ତ୍ତିତ ଜୀବନ ଶୈଳୀ ଏବଂ ସୀମିତ ବଜାରସୁଯୋଗ ଯୋଗୁଁ ଦଶନ୍ଧି ଧରି ଧୀରେ ଧୀରେ ଲୋକ ପ୍ରିୟତା ହରାଇ ବସିଛି। ଏହାର କଳାତ୍ମକ ମୂଲ୍ୟ ଏବଂ ସମସାମୟିକ ପ୍ରାସଙ୍ଗିକତା ପାଇଁ ଏହାର ସମ୍ଭାବନାକୁ ସ୍ୱୀକାର କରି, ରାମରାଜ କଟନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ କେ.ଆର. ନାଗରାଜନ ଏବେ ସାନ୍ତାଳି ବୟନକୁ ପଞ୍ଚ ମାଧ୍ୟମରେ ଧୋତି ଭାବରେ ପୁନଃ କଳ୍ପନା କରିଛନ୍ତି।

ପଞ୍ଚ କିଛି ମନୋନୀତ ରାମରାଜ କଟନ୍ ସ୍ୱତନ୍ତ୍ର ଷ୍ଟୋରରେ ଏବଂ ଅନଲାଇନରେ www.ramrajcotton.in/collections/panchaa-handwoven-dhotisରେ ଉପଲବ୍ଧ ହେବ। ଏହି ଶୁଭାରମ୍ଭ ବିଷୟରେ ମତାମତ ଦେଇ, ରାମରାଜ କଟନର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ କେ.ଆର. ନାଗରାଜନ କହିଛନ୍ତି: "ମୟୂରଭଞ୍ଜର ସୁନ୍ଦର ସାନ୍ତାଳୀ ବୟନର ଜନ୍ମସ୍ଥାନ ଓଡ଼ିଶାରେ ପଞ୍ଚମ୍ ଶୁଭାରମ୍ଭ କରିବା ଏବଂ ପିଢ଼ି ପରେ ପିଢ଼ି ଧରି ଏହି ଉଲ୍ଲେଖନୀୟ ପରମ୍ପରାକୁ ସଂରକ୍ଷଣ କରିଥିବା ମହିଳା ବୁଣାକାର ଏବଂ କାରିଗର ସମ୍ପ୍ରଦାୟଙ୍କ ଉପସ୍ଥିତିରେ ଏହା କରିବା ଏକ ସୌଭାଗ୍ୟର କଥା। ରାମରାଜ କଟନରେ, ଆମେ ବିଶ୍ୱାସ କରୁ ଯେ ଭାରତର ସମୃଦ୍ଧ ବୟନ ପରମ୍ପରା ଅଧିକ ଲୋକଙ୍କ ଦ୍ୱାରା ଦେଖାଯିବା, ସମ୍ମାନ ପ୍ରଦାନ କରିବା ଏବଂ ପିନ୍ଧିବା ଉଚିତ। ପଞ୍ଚ ମାଧ୍ୟମରେ, ଆମେ ଏହାର ପ୍ରାମାଣିକତା ପ୍ରତି ସତ୍ୟ ରହିବା ସହିତ ଏହି ଅନନ୍ୟ ବୟନକୁ ଏକ ସମସାମୟିକ ରୂପରେ ସମ୍ମାନର ସହିତ ପୁନଃକଳ୍ପନା କରିଛୁ। ଆମେ ଆଶା କରୁଛୁ ଯେ ଏହି ପଦକ୍ଷେପ ହସ୍ତଶିଳ୍ପକୁ ଅଧିକ ସ୍ୱୀକୃତି ପ୍ରଦାନ କରିବ, ବୁଣାକାର ସମ୍ପ୍ରଦାୟ ପାଇଁ ଅର୍ଥପୂର୍ଣ୍ଣ ଜୀବିକାର ସୁଯୋଗ ସୃଷ୍ଟି କରିବ ଏବଂ ଭବିଷ୍ୟତ ପିଢ଼ିକୁ ଏହି ଗର୍ବିତ ଐତିହ୍ୟକୁ ଜାରି ରଖିବା ପାଇଁ ଉତ୍ସାହିତ କରିବ।

## ଜିନ୍ଦଲ ଷ୍ଟେନଲେସ୍ ର ଆର୍ଥିକ ବର୍ଷ ୨୬ର ସମନ୍ୱିତ ବାର୍ଷିକ ରିପୋର୍ଟ

# ସ୍ଥାୟୀ ଅଭିବୃଦ୍ଧି ଏବଂ ଭବିଷ୍ୟତ ପ୍ରସ୍ତୁତ ଉତ୍ପାଦନ ପାଇଁ ରଣନୀତିକ ରୋଡମ୍ୟାପ୍ର ପ୍ରଦର୍ଶନ

ଭୁବନେଶ୍ୱର, (ସବ୍ୟୁ): ଦେଶର ଅଗ୍ରଣୀ ଷ୍ଟେନଲେସ୍ ଷ୍ଟିଲ୍ ଉତ୍ପାଦକ କମ୍ପାନୀ, ଜିନ୍ଦଲ ଷ୍ଟେନଲେସ୍ ଆର୍ ଥକ ବର୍ଷ ୨୬ର ସମନ୍ୱିତ ରିପୋର୍ଟ ଦି ମେଟାଲ ପ୍ରୋଗ୍ରେସ୍ ପ୍ରକାଶ କରିଛି । ଯାହା ଭବିଷ୍ୟତର ଶକ୍ତି, ଭାରତର ବିକଶିତ ଭିତିଭୂମି ଏବଂ ଉତ୍ପାଦନ ସହିତ ସଂଯୁକ୍ତ ଏକ ଅଧିକ ସହନଶୀଳ, ସ୍ଥାୟୀ ଏବଂ ଭବିଷ୍ୟତ ପ୍ରସ୍ତୁତ ଷ୍ଟେନଲେସ୍ ଷ୍ଟିଲ୍ ବ୍ୟବସାୟ ଗଠନ ପାଇଁ କମ୍ପାନୀର ରଣନୀତିକ ପ୍ରାଥମିକତାକୁ ବର୍ଣ୍ଣନା କରିଛି ।

ଭାରତ ବିକଶିତ ଭାରତ ୨୦୪୭ ର ଦୃଷ୍ଟିକୋଣ ଆଡକୁ ଅଗ୍ରସର ହେଉଥିବାବେଳେ ଭିତିଭୂମିକୁ ସୁଦୃଢ଼ କରିବା ତଥା ସେହି ଅନୁସାରେ ସେବା ଯୋଗାଇବା ପାଇଁ ଏହାକୁ ଡିଜାଇନ୍ କରାଯାଉଛି । ଏଥିସହିତ ସାମଗ୍ରୀର ସ୍ଥାୟୀତ୍ୱ, ଜୀବନଚକ୍ର ମୂଲ୍ୟ ଏବଂ ସ୍ଥିରତା ଉପରେ ଅଧିକ ଗୁରୁତ୍ୱ ଦିଆଯାଉଛି । ଏହାର କ୍ଷୟ ପ୍ରତିରୋଧ, ସ୍ଥାୟୀତ୍ୱ ଏବଂ ପୁନଃବ୍ୟବହାରଯୋଗ୍ୟ କ୍ଷମତାକୁ ଦୃଷ୍ଟିରେ ରଖି ଷ୍ଟେନଲେସ୍ ଷ୍ଟିଲ୍ ଏହି ପରିବର୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ଭାବରେ ଉଭା ହେଉଛି । ନୋମୁରାର ଏକ ସଦ୍ୟତମ ରିପୋର୍ଟ ଅନୁଯାୟୀ, ଧାତୁରେ କ୍ଷୟ ହେତୁ ଭାରତୀୟ ଅର୍ଥନୀତିକୁ ବାର୍ଷିକ ପ୍ରାୟ ୧୪.୧ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ କରିବାକୁ ହେବ ବୋଲି ଆକଳନ କରାଯାଇଛି । ଜିନ୍ଦଲ ଷ୍ଟେନଲେସ୍ ର ସମନ୍ୱିତ ବାର୍ଷିକ ରିପୋର୍ଟ ପରିବହନ, ଜଳ, ଶକ୍ତି, ପ୍ରତିରକ୍ଷା, ସହରାଂଚଳ ଭିତିଭୂମି ଏବଂ ଉପକୂଳ ବିକାଶରେ କ୍ଷୟ-ପ୍ରତିରୋଧୀ ଏବଂ ସମ୍ପୂର୍ଣ୍ଣ ପୁନଃ ବ୍ୟବହାର ଯୋଗ୍ୟ ସାମଗ୍ରୀର ବଢୁଥିବା ଗୁରୁତ୍ୱ ଉପରେ ଆଲୋକପାତ କରିଛି । ଏ ସମ୍ପର୍କରେ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ, ପରିଚାଳନା ନିର୍ଦ୍ଦେଶକ, ଜିନ୍ଦଲ ଷ୍ଟେନଲେସ୍, କହିଛନ୍ତି, "ଭାରତର ପରବର୍ତୀ ଅଭିବୃଦ୍ଧି ବର୍ଷରେ ନୁହେଁ ବରଂ, ଦଶନ୍ଧିରେ ଜଣାପଡ଼ିବ । ଏଥିପାଇଁ ଆମେ ନିର୍ମାଣ କରୁଥିବା ସାମଗ୍ରୀରୁ ଜଣାପଡ଼ିବ ଏବଂ ଏକ ପରିବର୍ତନ ଆଣିବ । ଆର୍ ଥକ ବର୍ଷ୨୬ରେ, ଆମେ କିପରି ସ୍ଥିରତା ଏବଂ ଟେକ୍ନୋଲୋଜିର ବ୍ୟବହାର କରିଥିଲୁ ଏବଂ ଯେଉଁଠାରେ ଆମେ କ୍ଷମତା ବିନିଯୋଗ କରିଥିଲୁ, ଆମର ରଣନୀତି ଗ୍ରାହକ, ସମୁଦାୟ ଓ ଦେଶ ପାଇଁ ଦୀର୍ଘକାଳୀନ ମୂଲ୍ୟ ସୃଷ୍ଟି କରିବା ଉପରେ କେନ୍ଦ୍ରିତ ଥିଲା । ଯାହା ଭାରତର ଅଭିବୃଦ୍ଧି କାହାଣୀରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେଇଥିଲା" ।

# ରେଭେନ୍ସାର ପ୍ରଫେସରଙ୍କୁ ଦୁର୍ବ୍ୟବହାର କରିଥିବା ବିଧାୟକଙ୍କ ନାମକୁ ସିନେଟରୁ ପ୍ରତ୍ୟାହାର ଦାବିରେ ଏଆଇଡିଏସ୍ଓର ଦସ୍ତଖତ ସଂଗ୍ରହ ଅଭିଯାନ

କଟକ, (ସବ୍ୟୁ):ରେଭେନ୍ସା ବିଶ୍ୱବିଦ୍ୟାଳୟର ପ୍ରଫେସରଙ୍କୁ ଦୁର୍ବ୍ୟବହାର କରିଥିବା କଟକ ସଦର ବିଧାୟକଙ୍କ ନାମକୁ ସିନେଟ ମନୋନୟନ ତାଲିକାରୁ ପ୍ରତ୍ୟାହାର କରିବା, ବିଧାୟକ କ୍ଷମା ମାଗିବା, ରେଭେନ୍ସାରେ ଛାତ୍ରସଂସଦ ନିର୍ବାଚନ କରିବା, ରେଭେନ୍ସାର ଗଣତାନ୍ତ୍ରିକ ଏବଂ ଶୈକ୍ଷିକ ପରିବେଶ ରକ୍ଷା କରିବା, ଆଦର୍ଶ ଆଚରଣ ସଂହିତା ପ୍ରତ୍ୟାହାର କରିବା ଦାବିରେ ଆଜି ରେଭେନ୍ସା ବିଶ୍ୱବିଦ୍ୟାଳୟରେ ଏଆଇଡିଏସଓ ବିଶ୍ୱବିଦ୍ୟାଳୟ କମିଟି ପକ୍ଷରୁ ଉପସଭାପତି କସକ ଜେନା ଓ ସମ୍ପାଦକ ଗାୟତ୍ରୀ ସାହୁଙ୍କ ନେତୃତ୍ୱରେ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି । ସରକାର ଯଦି ଦାବିଗୁଡ଼ିକୁ ପୂରଣ କରିବା ଦିଗରେ ପଦକ୍ଷେପ ନ ନିଅନ୍ତି, ତେବେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନକୁ ଦୁର୍ବାର କରିବା ପାଇଁ ଛାତ୍ରନେତାମାନେ ଚେତାବନୀ ଦେଇଛନ୍ତି ।



# ଗଞ୍ଜେଇ ଚୋରା ଚାଲାଣ ବେଳେ ମାଡି ବସିଲା ପୋଲିସ

ଭଞ୍ଜନଗର, (ସବ୍ୟୁ) : କନ୍ଧମାଳ ଜିଲ୍ଲାରୁ ଭଞ୍ଜନଗର ଦେଇ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ବେଳେ ଜଣେ ଯୁବକଙ୍କୁ ଭଞ୍ଜନଗର ପୁଲିସ କାବୁ କରିଛି । ତାଙ୍କ ଠାରୁ ୨୨.୪୪୦ କିଲୋଗ୍ରାମ ବେଆଇନ ଗଞ୍ଜେଇ ସହ, ୧୫୦୦ ଟଙ୍କା ଓ ଏକ ମୋବାଇଲ ଜବତ କରାଯାଇଛି। କେନ୍ଦୁଝର ଜିଲ୍ଲାର ପ୍ରକାଶ କୁମାର ରାଉତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଜିବନାନନ୍ଦ ଜେନା ସୁଚନା ଦେଇଛନ୍ତି ।

ସୂଚନାନୁସାରେ ବୁଧବାର ଏସଆଇ ଲକ୍ଷ୍ମୀଧର ମହାନ୍ତିଙ୍କ ନେତୃତ୍ୱରେ ପୁଲିସ୍ ଟିମ୍ ଭଞ୍ଜନଗର ଥାନା ଅଞ୍ଚଳରେ ସନ୍ଧ୍ୟାକାଳୀନ ପାଟ୍ରୋଲିଂ/ବ୍ଲକିଂ ଡ୍ୟୁଟି କରୁଥିଲେ । ଏହି ସମୟରେ ପେଟ୍ରୋଲିଂ ଟିମ୍ ଜାତୀୟ ରାଜପଥ ୧୫୭ ବେଡିଗୁବା ବିଶ୍ରାମ ଗୃହ ନିକଟରେ ଜଣେ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକାଇ ଥିଲେ । ଉକ୍ତ ବ୍ୟକ୍ତିଙ୍କ ପାଖରେ ଦୁଇଟି ବ୍ୟାଗ୍ ଗୋଟିଏ କଫି ରଙ୍ଗର ଟ୍ରଲି ବ୍ୟାଗ୍ ଏବଂ ଗୋଟିଏ କଳା ରଙ୍ଗର ଏୟାର ବ୍ୟାଗ୍) ଥିଲା । ଯେଉଁଥିରେ ନିଷିଦ୍ଧ ସାମଗ୍ରୀ ଅର୍ଥାତ ଗଞ୍ଜେଇ ରହିଥିବା ସନ୍ଦେହ କରାଯାଇଥିଲା ।

## ବିଡିଓ ପରିଚୟ ଦେଇ ପ୍ରିନ୍ସିପାଲଙ୍କୁ ସାଇବର ଠକେଇ ଲୁଟିନେଲେ ୨୦ହଜାର

ବାରିପଦା, (ସବ୍ୟୁ) : ବିଡିଓ ପରିଚୟ ଦେଇ ଜଣେ କଲେଜ ପ୍ରିନ୍ସିପାଲଙ୍କୁ ସାଇବର ଠକେଇର ଶିକାର କରିବା ଘଟଣା ଉଦଳା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ସୋଲାର ପ୍ରୋଜେକଫ ଲଗାଇବା ନାଁରେ ସାଇବର ଠକ ତାଙ୍କ ଆକାଉଣ୍ଟରୁ ୨୦ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି । ସୂଚନା ଅନୁସାରେ, ଖୁଣ୍ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରିନ୍ସିପାଲ ନନ୍ଦ କିଶୋର ପଟ୍ଟନାୟକଙ୍କ ନିକଟକୁ ଏକ ଅଜଣା ନମ୍ବରରୁ ଫୋନ୍ ଆସିଥିଲା । ଫୋନ୍ କରିଥିବା ବ୍ୟକ୍ତି ନିଜକୁ ବିଡିଓ ବୋଲି ପରିଚୟ ଦେଇ କଲେଜରେ ଏକ ସୋଲାର ପ୍ରୋଜେକଫ ସ୍ଥାପନ କରାଯିବ ବୋଲି କହିଥିଲେ । ଏଥିପାଇଁ ସରକାରଙ୍କ ପକ୍ଷରୁ ପ୍ରାଥମିକ ଭାବେ ୪୦ହଜାର ଟଙ୍କା ମିଳିବ ବୋଲି ସେ ବିଶ୍ୱାସ ଦେଇଥିଲେ । ଏହାପରେ ପ୍ରିନ୍ସିପାଲଙ୍କୁ ଆକାଉଣ୍ଟ ନମ୍ବର ସହ ନେଟ୍ ବ୍ୟାଙ୍କିଙ୍ଗ ସମ୍ବନ୍ଧୀୟ ତଥ୍ୟ ମାଗିଥିଲେ । ଫୋନ୍ କରିଥିବା ବ୍ୟକ୍ତି ପ୍ରକୃତରେ ବିଡିଓ ବୋଲି ବିଶ୍ୱାସ କରି ପ୍ରିନ୍ସିପାଲ ତାଙ୍କୁ ଆବଶ୍ୟକୀୟ ତଥ୍ୟ ଦେଇଥିଲେ । ତେବେ କିଛି ସମୟ ପରେ ଆକାଉଣ୍ଟକୁ ୪୦ହଜାର ଟଙ୍କା ଆସିବା ପରିବର୍ତ୍ତେ ତାଙ୍କ ଆକାଉଣ୍ଟରୁ ୨୦ହଜାର ଟଙ୍କା କଟିଯାଇଥିବା ଜଣାପଡ଼ିଥିଲା । ଘଟଣା ସମ୍ପର୍କରେ ପ୍ରିନ୍ସିପାଲ ପୁଲିସରେ ଅଭିଯୋଗ କରିଛନ୍ତି । ଅଭିଯୋଗ ଆଧାରରେ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିବା ସହ ସାଇବର ଠକର ପରିଚୟ ଏବଂ ଠକେଇର ସମ୍ପୂର୍ଣ୍ଣ ତରିକା ଖୋଜୁଛି । ଏହି ଘଟଣା ପରେ ଅଜଣା ବ୍ୟକ୍ତିଙ୍କୁ ବ୍ୟାଙ୍କ ଆକାଉଣ୍ଟ, ନେଟ୍ ବ୍ୟାଙ୍କିଙ୍ଗ କିମ୍ବା ଅନ୍ୟାନ୍ୟ ଗୋପନୀୟ ବ୍ୟାଙ୍କିଙ୍ଗ ତଥ୍ୟ ନଦେବାକୁ ସାଇବର ସୁରକ୍ଷା ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି ।

## ବାରିପଦାର ବନ୍ୟା ସୁରକ୍ଷା ପାଇଁ ରିଙ୍ଗ ରୋଡ୍ ପ୍ରକଳ୍ପ ତ୍ୱରାନ୍ୱିତ ଦାବି

ବାରିପଦା, (ସବ୍ୟୁ) : ବୁଢ଼ାବଳଙ୍ଗ ନଦୀର ବନ୍ୟାରୁ ବାରିପଦା ସହରକୁ ସୁରକ୍ଷା ଦେବା ପାଇଁ ପ୍ରସ୍ତାବିତ ରିଙ୍ଗ ରୋଡ୍ ପ୍ରକଳ୍ପର ଚୂଡ଼ାନ୍ତ ପର୍ଯ୍ୟାୟ ସର୍ଭେ ଶେଷ ହୋଇଛି । ସିରିଡି ସାଇ ମନ୍ଦିର ନିକଟରୁ ମଧୁବନ ପର୍ଯ୍ୟନ୍ତ ପ୍ରସ୍ତାବିତ ଏହି ପ୍ରକଳ୍ପର ସର୍ଭେ ପ୍ରାୟ ୨୨ ଥର ହୋଇଥିବା କୁହାଯାଉଛି । ତେବେ ତଳିଆ ଅଞ୍ଚଳର କିଛି ଘର ଉଚ୍ଛେଦ ଓ ଥଇଥାନ ସମସ୍ୟା ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ଆଗେଇ ପାରୁନାହିଁ । ବର୍ତ୍ତମାନ ବୁଢ଼ାବଳଙ୍ଗର ଜଳପ୍ରବାହ ଓ ବନ୍ୟା ସ୍ଥିତିରେ ପରିବର୍ତ୍ତନ ହେଉଥିବାରୁ ବାରିପଦାର ତଳିଆ ଅଞ୍ଚଳକୁ ସୁରକ୍ଷା ଦେବା ପାଇଁ ନଦୀବନ୍ଧ ରିଙ୍ଗ ରୋଡ୍ର ଆବଶ୍ୟକତା ବଢ଼ିଛି । ପ୍ରସ୍ତାବ ଅନୁଯାୟୀ, ନଦୀଠାରୁ ୨୦ ମିଟର ଅଞ୍ଚଳ ଖାଲି ରଖି ଅବଶିଷ୍ଟ ୪୬ ମିଟର ଅଞ୍ଚଳରେ ରିଙ୍ଗ ରୋଡ୍ ନିର୍ମାଣ କରାଯିବା କଥା ରହିଛି । ପ୍ରକଳ୍ପ ପାଇଁ ପ୍ରାୟ ୫୦ରୁ ୬୦ଟି ଘର ଉଚ୍ଛେଦ ହେବାର ସମ୍ଭାବନା ଥିବାରୁ ସମ୍ପୃକ୍ତ ପରିବାରଙ୍କୁ ଉଚିତ ଥଇଥାନ ଓ ଆବଶ୍ୟକ କ୍ଷେତ୍ରରେ ଅନ୍ୟ ପରିବାରଙ୍କ ପାଇଁ ମଧ୍ୟ ପୁନର୍ବାସ ବ୍ୟବସ୍ଥା କରିବାକୁ ଦାବି ହୋଇଛି । ଦୀର୍ଘ ବର୍ଷ ଧରି ବସବାସ କରୁଥିବା ପରିବାରଙ୍କ ପାଇଁ ଗୃହ ନିର୍ମାଣ କରି ଥଇଥାନ କରାଗଲେ ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରିବ ।

ରିଙ୍ଗ ରୋଡ୍ ନିର୍ମାଣ ହେଲେ ବାରିପଦାର ବନ୍ୟା ସମସ୍ୟା ହ୍ରାସ ପାଇବା ସହ ସହରର ଯୋଗାଯୋଗ, ବ୍ୟବସାୟ ଓ ପର୍ଯ୍ୟଟନ କ୍ଷେତ୍ରରେ ମଧ୍ୟ ବିକାଶର ସୁଯୋଗ ସୃଷ୍ଟି ହୋଇପାରିବ। ତେଣୁ ଥଇଥାନ ସମସ୍ୟାର ସମାଧାନ କରି ପ୍ରକଳ୍ପକୁ ଶୀଘ୍ର କାର୍ଯ୍ୟକାରୀ କରିବା ଦିଗରେ ସରକାର ଓ ସମ୍ପୃକ୍ତ ବିଭାଗ ଗୁରୁତ୍ୱ ଦେବା ଆବଶ୍ୟକ । ବର୍ଷା ଋତୁରେ ବୁଢ଼ାବଳଙ୍ଗର ଜଳସ୍ତର ବୃଦ୍ଧି ପାଇ ବାରିପଦାର ତଳିଆ ଅଞ୍ଚଳ ପ୍ରଭାବିତ ହେଉଥିବାରୁ ରିଙ୍ଗ ରୋଡ୍ ପ୍ରକଳ୍ପକୁ ଆଉ ବିଳମ୍ବ ନକରି ତ୍ୱରାନ୍ୱିତ କରିବା ଆବଶ୍ୟକ ଥିବା ସାଧାରଣରେ ଦାବି ଜୋର ଧରିଛି । ପ୍ରକଳ୍ପ ନିର୍ମାଣ ହେଲେ ବନ୍ୟା ନିୟନ୍ତ୍ରଣ ସହ ଯୋଗାଯୋଗ, ବ୍ୟବସାୟ ଓ ପର୍ଯ୍ୟଟନ କ୍ଷେତ୍ରରେ ବାରିପଦାର ବିକାଶର ନୂଆ ସୁଯୋଗ ସୃଷ୍ଟି ହୋଇପାରିବ ।

## ଚୌଦ୍ୱାର ଶିଶୁ ସଦନରେ ପଦ୍ମିନୀ ରଥଙ୍କ ସ୍ମୃତିସଭା



କଟକ, (ସ୍ୱପ୍ର): ପଦ୍ମିନୀ ରଥଙ୍କ ୧୧ତମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିଚାରଣ ସଭା ଚୌଦ୍ୱାରସ୍ଥିତ ଶିଶୁ ସଦନଠାରେ ଅନୁଷ୍ଠିତ ହୋଇଥିଲା । ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧକ୍ଷ ଦାମୋଦର ସାହୁଙ୍କ ପୌରହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ପଦ୍ମିନୀ ଦେବୀଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା । ସଭାପତି ଶ୍ରୀ ସାହୁ ପଦ୍ମିନୀଙ୍କୁ ସର୍ବଗୁଣ ସମ୍ପନ୍ନା , ଆଦର୍ଶ ଗୃହିଣୀ ଭାବରେ ବର୍ଣ୍ଣନା କରି ବିଭିନ୍ନ ସାମାଜିକ ଓ ଧର୍ମାନୁଷ୍ଠାନର ଉନ୍ନତି ବିଶେଷ କରି ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ସ୍ଥାପନ ପଛରେ ତାଙ୍କର ପ୍ରେରଣା ନିହିତ ଥିଲା । ଟାଙ୍ଗୀ ଠାରେ ସ୍ଥାପିତ ପଦ୍ମିନୀ କେୟାର ହସ୍ପିଟାଲ ତାଙ୍କ ସ୍ମୃତିକୁ ଚିର ଅମ୍ଳାନ କରିଛି ବୋଲି କହିଥିଲେ । ଆତ୍ମାର ସଦ୍‌ଗତି କାମନା କରି ସଦନର ଅନ୍ତେବାସୀ ପିଲାମାନେ ପ୍ରାର୍ଥନା ସହ ଭଜନ ଗାନ କରିଥିଲେ । ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ସଚିବ ସୁଧାଂଶୁ ଭୂଷଣ କର, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁଙ୍କ ସମେତ ଆଶ୍ରମର କର୍ମଚାରୀ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

## ୪ ବର୍ଷର ଶିଶୁକନ୍ୟାକୁ ବଳାତ୍କାର ଉଦ୍ୟମ, ମାମଲା ଥାନାରେ

ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲା ଭଞ୍ଜନଗର ଥାନା ଅଞ୍ଚଳରେ ଏକ ଘୃଣ୍ୟ ଘଟଣା ଘଟିଛି । ଜଣେ ୪୦ ବର୍ଷର ବିବାହିତ ଯୁବକ ତାଙ୍କ ସାଙ୍ଗର ୪ ବର୍ଷର ଝିଅକୁ ବଳାତ୍କାର ଉଦ୍ୟମ କରିଥିବା ନେଇ ଅଭିଯୋଗ ହୋଇଛି । ପୋଲିସ ଗୁରୁବାର ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବୁଲୁ ଡାଙ୍ଗୁଆକୁ ଅଟକ ରଖି ପଚରାଉଚରା ଚଳାଇଛି । ପ୍ରକାଶ ଯେ, ଅଭିଯୁକ୍ତ ବୁଲୁ ଏବଂ ତାଙ୍କ ସାଙ୍ଗ ମିଶି ମାଂସ ତରକାରୀ କରିବା ପାଇଁ ଯୋଜନା ହୋଇଥିଲା । ତେଣୁ ଅଭିଯୁକ୍ତ ବୁଲୁ ସାଙ୍ଗଙ୍କ ଘରେ ଥିଲେ । ସାଙ୍ଗ ଦୋକାନକୁ ମାଂସ ଆଣିବା ପାଇଁ ଚାଲିଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ଜଣଙ୍କ ତାଙ୍କର ୪ ବର୍ଷର ଝିଅକୁ ଏକୁଟିଆ ଦେଖି ତାକୁ ବଳାତ୍କାର ଉଦ୍ୟମ କରିଥିଲେ । ସାଙ୍ଗ ଜଣଙ୍କ ମାଂସ ଧରି ଘରକୁ ଫେରିବା ପରେ ଝିଅ କାନ୍ଦୁଥିବା ଦେଖି ତାକୁ ମେଡିକାଲ ନେଇଥିଲେ । ମେଡିକାଲରେ ଝିଅ ଘଟଣା ସମ୍ପର୍କରେ କହିଥିଲେ । ଏହାପରେ ବାପା ହତୋତ୍ସାହିତ ହୋଇ ଅସୁସ୍ଥ ଝିଅକୁ ପ୍ରାଥମିକ ଚିକିତ୍ସା କରି ଘରକୁ ଚାଲି ଆସିଥିଲେ । ପରେ ଗୁରୁବାର ସକାଳେ ଗ୍ରାମରେ କଥା ପ୍ରଘଟ ହେବାରୁ ଅଭିଯୁକ୍ତଙ୍କୁ ଗ୍ରାମବାସୀ କାବୁ କରି ନିସ୍ତୁକ ମାଡ଼ ମାରିଥିଲେ । ଏହାପରେ ପୋଲିସ ସୂଚନା ପାଇ ଘଟଣାସ୍ଥଳରେ ପହଞ୍ଚି ଅଭିଯୁକ୍ତଙ୍କୁ ଥାନାକୁ ନେଇ ଆସିଥିଲେ । ଘଟଣାର ତଦନ୍ତ ଚାଲିଥିବାବେଳେ ପୋଲିସ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କହିଛି ।

## କଂଗ୍ରେସ ନାମରେ ନକଲି ଫେସ୍‌ବୁକ ଆଇଡି ଖୋଲି ଫସିଲେ ଯୁବକ

ଧରାକୋଟ, (ସବ୍ୟୁ) : କଂଗ୍ରେସ ନାମରେ ନକଲି ଫେସବୁକ ଆଇଡି ଖୋଲି ଫସିଲେ ପବିତ୍ର ମହାଙ୍କୁଡ ଯାହାଙ୍କ ଘର ଧରାକୋଟ ବ୍ଲକ ଅନ୍ତର୍ଗତ କୁଶରବ ଗ୍ରାମରେ ବୋଲି ଜଣାପଡିଛି । ସୂଚନା ପ୍ରକାରେ ଏକ ମାସ ପୂର୍ବେ ଶ୍ରଧାପୁର ପଞ୍ଚାୟତ ସରପଞ୍ଚ ଶ୍ରଦ୍ଧାଞ୍ଜଳି ପ୍ରଧାନ କଂଗ୍ରେସ ନାମରେ ଖୋଲାଯାଇଥିବା ନକଲି ଫେସବୁକ ଆଇଡିରେ ତାଙ୍କ ନାମରେ ଅନେକ ଭିତି ହୀନ ପୋଷ୍ଟ ଆସୁଥିବାରୁ ତାହାକୁ ଆଧାର କରି ଆକ୍ରୋଶ ମୂଳକ ଭାବେ ବରିଗୁଡା ଗ୍ରାମ ନିବାସୀ ରଞ୍ଜନ ପ୍ରଧାନଙ୍କ ନାମରେ ଧରାକୋଟ ଥାନାରେ ଏତେଲା ଦେଇଥିଲେ । ଉକ୍ତ ଏତେଲାକୁ ଆଧାର କରି ଧରାକୋଟ ଥାନା ଆଧିକାରୀ ଚନ୍ଦ୍ରିକା ସ୍ୱାଇଁ ଉକ୍ତ ରଞ୍ଜନ ପ୍ରଧାନଙ୍କୁ ଥାନାକୁ ଡକାଇ ପଚରା ଉଚରା କରି ଲିଖିତ ଭାବେ ଆଗକୁ ତଦନ୍ତରେ ସାହାଯ୍ୟ କରିବା ପାଇଁ ଛାଡିଥିବା ଜଣ ପଡିଛି । ଉକ୍ତ ଘଟଣାର ତଦନ୍ତ କରି ଧରାକୋଟ ଥାନା ଆଧିକାରୀ ଚନ୍ଦ୍ରିକା ସ୍ୱାଇଁ ଆଜି ପ୍ରକୃତ ଦୋଷୀଙ୍କୁ ଧରିବାରେ ସଫଳ ହୋଇଥିବା ସୂଚନା ଦେଇଛନ୍ତି । ଉକ୍ତ ଆସାମୀକୁ ପଚରା ଉଚରା କରିବାରୁ ସେ ନିଜ ଦୋଷ ସ୍ୱୀକାର କରିଥିବା ସହ ଆକ୍ରୋଶ ମୂଳକ ଭାବେ ଏଭଳି କାର୍ଯ୍ୟ କରିଥିବା ପୋଲିସଙ୍କୁ ଜଣାଇଛି । ଦୋଷୀର ବୟାନ ରେକର୍ଡ କରି ଥାନାରେ ୨୭୦/୨୬ ଏତଲା ଆଧାରରେ ୨୭୫(୨) ବି.ଏନ.ଏସ, ୬୭ (ଏ.ଆଇ.ଟି), ୩୧୮(୨), ୭୫(୨), ୭୮(୨) ବି.ଏନ.ଏସ ଧାରା ଅନୁସାରେ ଆଜି କୋର୍ଟ ଚାଲାଣ କରିଥିବା ଜଣା ପଡିଛି । ସବୁଠାରୁ ବଡ଼ ସ୍ୱାଗତଯୋଗ୍ୟ ଧରାକୋଟ ପୋଲିସ ଏକମାସ ଲାଗିଲେ ଥିଲେ ମଧ୍ୟ ଘଟଣାର ପ୍ରକୃତ ଖୋଳତାଡ଼ କରି ଧରାକୋଟ ଆଇ.ଆଇ.ସି ତଦନ୍ତ ପରିଶେଷରେ ନିରୀହ ଲୋକଙ୍କୁ ସନ୍ଦେହ କରି ଅନ୍ୟ ଲୋକଙ୍କ ନାମରେ ଅଭିଯୋଗ ରହିଥିଲେ ସୁଦ୍ଧା ପ୍ରକୃତ ଅଭିଯୁକ୍ତ ପବିତ୍ରକୁ ବାନ୍ଧି କୋର୍ଟ ପଠାଇଥିବା ସୂଚନା ମିଳିଛି । ଅନ୍ୟପଟେ ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟବ୍ୟକ୍ତିଙ୍କୁ ମଧ୍ୟ ତଦନ୍ତ ପରିସର ଭୁକ୍ତ କରାଯିବାର ଅନୁମାନ କରାଯାଉଛି ।



## ଅନ୍ତର୍ଜାତୀୟ ପାରା ଫେନ୍ସିଂ ମଞ୍ଚରେ ସ୍ୱର୍ଣ୍ଣ ଜିତିଲେ ଭି. ରମେଶ ରାଓ

ଛତ୍ରପୁର, (ସବ୍ୟୁ): ଅନ୍ତର୍ଜାତୀୟ ପାରା ଫେନ୍ସିଂ ମଞ୍ଚରେ ପୁଣିଥରେ ଚମକିଛନ୍ତି ଛତ୍ରପୁରର ଓଡ଼ିଆ ପୁଅ ଭି.ରମେଶ ରାଓ । ନାଇଜେରିଆର ଲାଗୋସରେ ଚାଲିଥିବା ୨୦୨୬ କମନୱେଲଥ ଫେନ୍ସିଂ ଚାମ୍ପିଅନସିପରେ ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରି ସେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏହି ସଫଳତା ପରେ ଛତ୍ରପୁର ସମେତ ସମଗ୍ର ଗଞ୍ଜାମ ଜିଲ୍ଲାରେ ଆନନ୍ଦ ଓ ଗର୍ବର ମାହୋଲ ସୃଷ୍ଟି ହୋଇଛି। ନାଇଜେରିଆ ପ୍ରଥମଥର ପାଇଁ କମନୱେଲଥ ଫେନ୍ସିଂ ଚାମ୍ପିଅନସିପର ଆୟୋଜକ ହୋଇଥିବାବେଳେ ଲାଗୋସରେ ଅଗଷ୍ଟ ୯ରୁ ୧୩ ପର୍ଯ୍ୟନ୍ତ ପ୍ରତିଯୋଗିତା ଚାଲିଛି । ଏଥିରେ ପାରା ଫେନ୍ସିଂକୁ ମଧ୍ୟ ସାମିଲ କରାଯାଇଛି । ଏହି ଅନ୍ତର୍ଜାତୀୟ ମଞ୍ଚରେ ରମେଶ ରାଓଙ୍କ ସ୍ୱର୍ଣ୍ଣ ବିଜୟ ଓଡ଼ିଶାର ପାରା କ୍ରୀଡ଼ା କ୍ଷେତ୍ର ପାଇଁ ଏକ ବଡ଼ ସଫଳତା ଭାବେ ବିବେଚିତ ହୋଇଛି । ଛତ୍ରପୁର ଗିଲିଟିପେଟା ସାହିର ବାସିନ୍ଦା ଭି.ରମେଶ ରାଓ ଓଡ଼ିଶା ପାରା ସ୍ପୋର୍ଟସ୍ ଆସୋସିଏସନ୍ ସହ ଜଡ଼ିତ ଥିବା ସହ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଭାରତର ପ୍ରତିନିଧିତ୍ୱ କରି ଅନେକ ପଦକ ହାସଲ କରିଛନ୍ତି। ଛତ୍ରପୁରର ଏହି ପ୍ରତିଭାବାନ୍ ପାରା-ଫେନ୍ସରଙ୍କ ଅନ୍ତର୍ଜାତୀୟ ସଫଳତା ଆଜି କେବଳ ଛତ୍ରପୁର କିମ୍ବା ଗଞ୍ଜାମ ନୁହେଁ, ସମଗ୍ର ଓଡ଼ିଶା ଓ ଭାରତ ପାଇଁ ଗର୍ବର ବିଷୟ ପାଲଟିଛି । ଦୃଢ଼ ଇଚ୍ଛାଶକ୍ତି, ନିରନ୍ତର ଅଭ୍ୟାସ ଓ ପରିଶ୍ରମ ଦ୍ୱାରା ରମେଶ ରାଓ ଅନ୍ୟ ପାରା-କ୍ରୀଡ଼ାବିତଙ୍କ ପାଇଁ ଏକ ଉଦାହରଣ ସୃଷ୍ଟି କରିଛନ୍ତି ।




ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
24001/393/2627
ଘୋଷଣା

No. RDM-LAA-MBJ-0009-2025- 24213 R&DM, Dated. 10.06. 2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( RFCTLAR & R. Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା - ମଧୁଖୁଣ୍ଟା, ଥାନା-ବୈଶିଙ୍ଗା, ନଂ. ୨୨୩, ତହସିଲ-ବେତନଟୀ, ଜିଲ୍ଲା- ମୟୂରଭଞ୍ଜରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର କେଶରୀ ଡିଷ୍ଟ୍ରିବ୍ୟୁଟାରୀ, ତେନ୍ତୁଳିଗାଁ ସବ୍-ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( RFCTLAR & R. Act, 2013) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା– ୧୯୧୧୮, ତା. ୨୬.୦୫.୨୦୨୫ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା - ମଧୁଖୁଣ୍ଟା, ଥାନା-ବୈଶିଙ୍ଗା, ନଂ. ୨୨୩, ତହସିଲ-ବେତନଟୀ, ଜିଲ୍ଲା- ମୟୂରଭଞ୍ଜରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା - ମୟୂରଭଞ୍ଜ — ତହସିଲ- ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ମଧୁଖୁଣ୍ଟା | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୩.୬୮ | ଏକର ୧.୦୭ | ଏଥି ସହିତ ସଂଲଗ୍ନ |

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା - ମୟୂରଭଞ୍ଜ — ତହସିଲ- ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୧୬.୧୧.୨୦୨୬ ।

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା - ୧୦୮/୨୦୨୩
ଏ ୧.୦୭ ହେ.ମି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ ବୈଶିଙ୍ଗା ବ୍ରାଞ୍ଚ କେନାଲ, କେଶରୀ ଡିଷ୍ଟ୍ରିବ୍ୟୁଟାରି, ତେନ୍ତୁଳିଗାଁ ସବ-ମାଇନର ନିମନ୍ତେ
ମୌଜା - ମଧୁଖୁଣ୍ଟା, ଥାନା-ବୈଶିଙ୍ଗା, ନଂ-୨୨୩, ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୨୯ | ୧୬୯ | ୧.୫୩ | ୦.୪୦ | ଶାରଦ ଦୁଇ | ଖାଣ୍ଡିଲି ମାଝୀ, ସ୍ୱାଃ ଦୁର୍ଗା ମାଝୀ, ଜାଃ ସାନ୍ତାଳ, ବାଃ ତେନ୍ତୁଳି ଗାଁ |
| ୪୫ | ୧୭୧ | ୦.୩୬ | ୦.୦୫ | ଶାରଦ ଦୁଇ | ଚୈତନ ମାହାନ୍ତ, ପିଃ ଝୁଟୁ ମାହାନ୍ତ, ଜାଃ କୁଡୁମି, ବାଃ ନିଜଗାଁ |
| ୫୫ | ୧୬୮<br>୧୭୩ | ୦.୦୬<br>୦.୨୦ | ୦.୦୪<br>୦.୦୮ | ଶାରଦ ଦୁଇ<br>ଶାରଦ ଦୁଇ | ଝଙ୍ଗଲ ମାଝୀ, ପିଃ କାଲା ମାଝୀ, ଜାଃ ସାନ୍ତାଳ, ବାଃ ତେନ୍ତୁଳି ଗାଁ |
| ୮୪ | ୧୭୨ | ୦.୪୨ | ୦.୨୪ | ଶାରଦ ଦୁଇ | ପୁରୁଷୋତ୍ତମ ପଣ୍ଡା, ପିଃ ରାଧାକୃଷ୍ଣ ପଣ୍ଡା, ଜାଃ ବ୍ରାହ୍ମଣ, ବାଃ ତେନ୍ତୁଳି ଗାଁ |
| ୧୨୩ | ୧୭୮/୪୨୪ | ୦.୭୫ | ୦.୧୮ | ଶାରଦ ଦୁଇ | ରାସେ ମାଝୀ, ପିଃ ରେଙ୍କା ମାଝୀ, ଜାଃ ସାନ୍ତାଳ, ବାଃ ନିଜଗାଁ |
| ୧୪୭/୨୯ | ୧୭୧/୪୯୨ | ୦.୩୬ | ୦.୦୮ | ଶାରଦ ଦୁଇ | ଗୌରୀ ମହାନ୍ତ, ସ୍ୱାଃ ରାମ ନାରାୟଣ ମହାନ୍ତ, ପି. ହାରାଧନ ମହାନ୍ତ, ଜାଃ କୁଡୁମି, ବାଃ ଫୁଲବାଡିଆ, ଥା. ରାସଗୋବିନ୍ଦପୁର, ଜି. ମୟୂରଭଞ୍ଜ |
| ମୋଟ | ୦୭ ପ୍ଲଟ | ଏ ୩.୬୮ ହେ ମି | ଏ ୧.୦୭ ହେ ମି | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR : 24001/24001/3/26-27/0126



ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
24001/391/2627
ଘୋଷଣା

No. RDM-LAA-MBJ-0008-2025- 12607 R&DM, Dated. 24.03. 2026

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( RFCTLAR & R. Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨(୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା - ପୁରିଖୁଣ୍ଟା (ଅତିରିକ୍ତ), ଥାନା-ବେତନଟୀ ନଂ. ୭୫, ତହସିଲ-ବେତନଟୀ, ଜିଲ୍ଲା- ମୟୂରଭଞ୍ଜ**ରେ ନିମ୍ନ ସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପୁରିଖୁଣ୍ଟା ମାଇନର ନିର୍ମାଣ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି ।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ ( RFCTLAR & R. Act, 2013) ର ଧାରା ୧୧ (୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା– ୧୯୧୫୦, ତା. ୨୭.୦୫.୨୦୨୫ରିଖରେ ପ୍ରକାଶିତ ହୋଇଅଛି ।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, **ପୁରିଖୁଣ୍ଟା (ଅତିରିକ୍ତ), ଥାନା-ବେତନଟୀ ନଂ. ୭୫, ତହସିଲ-ବେତନଟୀ, ଜିଲ୍ଲା- ମୟୂରଭଞ୍ଜ**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ । ପୁନର୍ବାସ ଓ ଥଇଥାନ ଯୋଜନା ଏବଂ କ୍ଷତିପୂରଣ ସମ୍ବନ୍ଧୀୟ ତଥ୍ୟ ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ । ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦା ସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ ।

ତଫସିଲ - କ
(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)

ଜିଲ୍ଲା - ମୟୂରଭଞ୍ଜ — ତହସିଲ- ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପୁରିଖୁଣ୍ଟା (ଅତିରିକ୍ତ) | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏଥି ସହିତ ସଂଲଗ୍ନ | ଏକର ୩.୫୩ | ଏକର ୦.୬୦ | ଏଥି ସହିତ ସଂଲଗ୍ନ |

ତଫସିଲ - ଖ
(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)

ଜିଲ୍ଲା - ମୟୂରଭଞ୍ଜ — ତହସିଲ- ବେତନଟୀ

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ | ପ୍ଲଟ୍ ନଂ | କିସମ | ପ୍ଲଟର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

ଅଧିସୂଚନାର ବୈଧ ତାରିଖ : ୨୧.୧୨.୨୦୨୫ ।

ଭୂମି ଅନୁସୂଚୀ

ଭୂଅର୍ଜନ ମାମଲା ସଂଖ୍ୟା - ୧୮/୨୪
ଏ ୦.୬୦ ହେ.ମି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କେଶରୀ ପୁରିଖୁଣ୍ଟା ମାଇନର ନିମନ୍ତେ
ମୌଜା - ପୁରିଖୁଣ୍ଟା, ଥାନା-ବେତନଟୀ, ନଂ-୭୫,
ତହସିଲ-ବେତନଟୀ, ଜିଲ୍ଲା-ମୟୂରଭଞ୍ଜ

| ଖାତା ନଂ | ପ୍ଲଟ ନଂ | ମୋଟ ରକବା | ଆକ୍ୟୁଆର ରକବା | କିସମ | ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ |
|---|---|---|---|---|---|
| ୧୫ | ୨୪୫ | ୦.୫୨ | ୦.୧୧ | ଡାହି ଏକ | ଆଶାରୁ ମହାନ୍ତ, ପିଃ ବଡ ଶରଦୁ ମହାନ୍ତ, ଜାଃ କୁଡୁମି, ବାଃ ଭୁରୁକୁଣ୍ଡି |
| ୬୦ | ୨୪୬ | ୦.୫୦ | ୦.୦୪ | ଡାହି ଏକ | ନିରଞ୍ଜନ ମହାନ୍ତ, ଭାଗିରଥି ମହାନ୍ତ, ସାଗରି ମହାନ୍ତ, ଯାତ୍ରି ମହାନ୍ତ, ପିଃ ଜେଠୁ ମହାନ୍ତ, ଗୌରି ମହାନ୍ତ, ସ୍ୱାଃ ଜେଠୁ ମହାନ୍ତ, ଜା : କୁଡୁମି ବା : ଭୁରୁକୁଣ୍ଡି |
| ୬୯ | ୨୬୪ | ୦.୬୪ | ୦.୦୯ | ଡାହି ଏକ | ବଲାଇ ବିନ୍ଧାଣି, ରାଇ ବିନ୍ଧାଣି, ଜିତିନି ବିନ୍ଧାଣି, ମୁନି ବିନ୍ଧାଣି, ପି : ଅର୍ଜୁନ ବିନ୍ଧାଣି, ଜାଃ ବିନ୍ଧାଣି, ବାଃ ନିଜଗାଁ |
| ୯୫ | ୨୪୪ | ୦.୩୮ | ୦.୧୦ | ଡାହି ଏକ | ରାଖାଲ ମହାନ୍ତ, ପିଃ ନବୀନ ମହାନ୍ତ, ଜାଃ କୁଡୁମି, ବାଃ ନିଜଗାଁ |
| ୧୧୬ | ୧୯୪ | ୦.୫୮ | ୦.୧୨ | ଘରବାରୀ | ସୀତା ମାଝୀ, ପିଃ ଛକୁ ମାଝୀ, ଜାଃ ସାନ୍ତାଳ, ବାଃ ନିଜଗାଁ |
| ୧୨୮/୧ | ୨୦୮<br>୨୦୯ | ୦.୫୧<br>୦.୪୦ | ୦.୦୮<br>୦.୦୬ | ଡାହି ଏକ<br>ଘରବାରି | ଶିଖର ମୁର୍ମୁ, ପିଃ ସୁରାଇ ମୁର୍ମୁ, ମୋହନ ମୁର୍ମୁ, ପିଃ କାଳି ଚରଣ ମୁର୍ମୁ, ଜାଃ ସାନ୍ତାଳ, ବାଃ ପୁରୀ ଖୁଣ୍ଟା |
| ମୋଟ | ୦୭ ପ୍ଲଟ | ୩.୫୩ ହେ.ମି. | ଏ. ୦.୬୦ ହେ.ମି. | | |

ରାଜ୍ୟପାଳଙ୍କ ଆଦେଶକ୍ରମେ
(ସୁରଞ୍ଜନ ପ୍ରଧାନ)
ଅତିରିକ୍ତ ଶାସନ ସଚିବ

OIPR : 24001/24001/3/26-27/0124

**ରେଳ ମନ୍ତ୍ରଣାଳୟ**
**(ପୂର୍ବ ତଟ ରେଳପଥ)**
**ସୂଚନା ପତ୍ର**
**ଭୁବନେଶ୍ୱର, ତାରିଖ-17.07.2026**

## ରେଳ ଅଧିନିୟମ, ୧୯୮୯ ଧାରା ୨୦ଏ ର ଅନ୍ତର୍ଗତ ସୂଚନା

**S.O. 3949 (E)** ରେଳ ଅଧିନିୟମ,୧୯୮୯ ଧାରା ୨୦ ର ଉପଧାରା ଯାହାକୁ ଏହା ପରେ ଉକ୍ତ ଅଧିନିୟମ କୁହାଗଲା ଏହାଦ୍ୱାରା ବର୍ଣ୍ଣାଯାଇଥିବା ବ୍ୟକ୍ତିମାନଙ୍କୁ ପ୍ରୟୋଗ କରି କେନ୍ଦ୍ରୀୟ ସରକାରଙ୍କ ସର୍ବସାଧାରଣ ଉଦ୍ଦେଶ୍ୟ ପାଇଁ ସନ୍ତୁଷ୍ଟ ଯୋଗ୍ୟ ହେବାପରେ ଏହି ଜମିର ସଂକ୍ଷିପ୍ତ ବିବରଣୀ ସଂଲଗ୍ନ ଅନୁସୂଚୀରେ ଦିଆଯାଇଅଛି,ଯାହା ବିଶେଷ ରେଳ ପରିଯୋଜନା, **ଓଡିଶା ରାଜ୍ୟର ରାୟଗଡା** ଜିଲ୍ଲାରେ **"ଇଷ୍ଟ କୋଷ୍ଟ ରେଳପଥର ରାୟଗଡା ଡିଭିଜନ ଅଧୀନରେ ଦୁଆପଡା-ଗୁଣପୁର ନୂତନ ରେଳ ଲାଇନକୁ ଥେରୁବାଲି ପର୍ଯ୍ୟନ୍ତ (୭୩.୭୨୩ କି.ମି.) ସମ୍ପ୍ରସାରଣ ପାଇଁ ନୂତନ ବ୍ରଡ୍ ଗେଜ୍ ରେଳପଥ ପ୍ରକଳ୍ପ ।"** ଏହି ଅତିରିକ୍ତ ଜମିର ଅଧିଗ୍ରହଣ କରାଯିବା ପାଇଁ ଘୋଷଣା କରାଯାଉଅଛି ।

ଯଦି କୌଣସି ବ୍ୟକ୍ତି ଏହି ବର୍ଣ୍ଣାଯାଇଥିବା ଜମି ଉପରେ ନିଜର ହିତ ସାଧନ ଆଶ ତେବେ ଉକ୍ତ ଅଧିସୂଚନା ରାଜପତ୍ରରେ ପ୍ରକାଶିତ ହେବାର ୩୦ ଦିନ ମଧ୍ୟରେ ଧାରା ୨୦ରେ ଥିବା ପୂର୍ବୋକ୍ତ (୧) ର ଉପଧାରା (ଘ) ପ୍ରୟୋଜନ ପାଇଁ ଏହି ଜମି ହାସଲ ଏବଂ ତାହାର ଉପଯୋଗ ସମ୍ବନ୍ଧରେ ଆପତ୍ତି ଦର୍ଶାଇ ପାରିବେ ।

ଏହିପରି ପ୍ରତ୍ୟେକ ଆପତ୍ତି, ସକ୍ଷମ ଅଧିକାରୀ ଯେ କି **ସ୍ୱତନ୍ତ୍ର ଜମି ଅଧିଗ୍ରହଣ ଅଧିକାରୀ, ରାୟଗଡା, ଓଡିଶା** କୁ ଲିଖିତ ପତ୍ର ଦିଆଯାଇପାରିବ ଓ ଉକ୍ତ ଆଧାରର ଭିତ୍ତିଭୂମି ପ୍ରସ୍ତୁତ କରିବେ ଏବଂ ସକ୍ଷମ ଅଧିକାରୀ ଆକ୍ଷେପ କର୍ତ୍ତାଙ୍କୁ ବ୍ୟକ୍ତିଗତ ଭାବରେ କିମ୍ବା ଆଇନ ଅନୁସାରେ ଶୁଣାଣି କରିବେ । ଏହା ପରେ ସକ୍ଷମ ଅଧିକାରୀ ଯଦି ଆବଶ୍ୟକ ମନେ କରନ୍ତି ତେବେ ଆଦେଶ ଦ୍ୱାରା ଆକ୍ଷେପକୁ ଗ୍ରହଣ କରିପାରନ୍ତି ବା ନ କରିପାରନ୍ତି ।

ଏହି ଅଧିନିୟମ ଧାରା ୨୦ ର ଅନ୍ତର୍ଗତ ସକ୍ଷମ ଅଧିକାରୀଙ୍କ(୨) ର ଉପଧାରା (ଘ) ଦ୍ୱାରା କରାଯାଉଥିବା ଯେକୌଣସି ଆଦେଶ ଅନ୍ତିମ ହେବ । ଜମି ମାନଚିତ୍ର ଏବଂ ଅନ୍ୟାନ୍ୟ ସୂକ୍ଷ୍ମ ଅଂଶ ଉପଲବ୍ଧ ଅଛି ଏବଂ ହିତାଧିକାରୀ ବ୍ୟକ୍ତି ଏହାର ଯାଞ୍ଚ ଏହି ସକ୍ଷମ ଅଧିକାରୀଙ୍କର ଉପରୋକ୍ତ କାର୍ଯ୍ୟାଳୟରେ କରାଯାଇପାରିବ ।

### ଅନୁସୂଚୀ

ଓଡିଶା ରାଜ୍ୟର ରାୟଗଡା ଜିଲ୍ଲାରେ **"ଇଷ୍ଟ କୋଷ୍ଟ ରେଳପଥର ରାୟଗଡା ଡିଭିଜନ ଅଧୀନରେ ଦୁଆପଡା-ଗୁଣପୁର ନୂତନ ରେଳ ଲାଇନକୁ ଥେରୁବାଲି ପର୍ଯ୍ୟନ୍ତ (୭୩.୭୨୩ କି.ମି.) ସମ୍ପ୍ରସାରଣ ପାଇଁ ନୂତନ ବ୍ରଡ୍ ଗେଜ୍ ରେଳପଥ ପ୍ରକଳ୍ପ"।** ରାୟଗଡା ଜିଲ୍ଲା ପାଇଁ ଅଧିଗ୍ରହଣ କରିବା ପାଇଁ ଅତିରିକ୍ତ ଜମିର ସଂକ୍ଷିପ୍ତ ବିବରଣୀ । ସଂକ୍ଷିପ୍ତ ବର୍ଣ୍ଣନା ।

**(୧) ମୌଜା: ବନ୍ଧାଗୁଡ଼ା, ତହସିଲ: ବିଶମକଟକ, ଥାନା: ବିଶମକଟକ (ନଂ-୪୫), ଜିଲ୍ଲା: ରାୟଗଡ଼ା।**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୧/୨୪ | ୨୬/୨୦ | ୩.୧୦୦ | ୦.୭୮୯ | ଡଙ୍ଗର ୩ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୩.୧୦୦ | ୦.୭୮୯ | | |

**(୨) ମୌଜା: ବରଦାଗୁଡ଼ା, (ଅତିରିକ୍ତ) ତହସିଲ: ବିଶମକଟକ, ଥାନା : ଗୁଣପୁର ( ୫୫), ଜିଲ୍ଲା: ରାୟଗଡ଼ା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୩/୧୩ | ୪୩ | ୨.୯୭୦ | ୦.୧୦୫ | ଧାନ ୧ | ବ୍ୟକ୍ତିଗତ |
| ୨ | ୩/୨୧ | ୩୨ | ୨.୩୪୦ | ୦.୪୬୧ | ଡଙ୍ଗର ୩ | ବ୍ୟକ୍ତିଗତ |
| ୩ | | ୪୨ | ୨.୯୪୦ | ୦.୫୦୨ | ଡଙ୍ଗର ୩ | ବ୍ୟକ୍ତିଗତ |
| ୪ | | ୪୭ | ୨.୨୩୦ | ୦.୪୨୨ | ଡଙ୍ଗର ୩ | ବ୍ୟକ୍ତିଗତ |
| ୫ | | ୩୪/୨ | ୬.୧୦୦ | ୦.୬୮୨ | ଡଙ୍ଗର ୩ | ବ୍ୟକ୍ତିଗତ |
| ୬ | ୩/୩୨ | ୫୦/୯୮ | ୧.୬୦୦ | ୦.୧୧୪ | ଡଙ୍ଗର ୩ | ବ୍ୟକ୍ତିଗତ |
| ୭ | ୩/୩୪ | ୫୦/୧୦୦ | ୨.୦୦୦ | ୦.୦୪୦ | ଡଙ୍ଗର ୩ | ବ୍ୟକ୍ତିଗତ |
| ୮ | ୩/୧୧୨ | ୫୦/୯୧ | ୩.୦୦୦ | ୧.୨୬୮ | ଡଙ୍ଗର ୨ | ବ୍ୟକ୍ତିଗତ |
| ୯ | ୩/୧୩୯ | ୫୦/୯୨ | ୩.୦୦୦ | ୧.୨୧୪ | ଡଙ୍ଗର ୨ | ବ୍ୟକ୍ତିଗତ |
| ୧୦ | ୩/୧୦୯ | ୫୪/୧୧୨ | ୨.୦୦୦ | ୦.୫୯୦ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୧ | ୩/୪୫ | ୫୪/୧୧୧ | ୨.୦୦୦ | ୧.୨୭୫ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୨ | ୩/୯୪ | ୩୫/୧/୨୪ | ୩.୦୦୦ | ୧.୮୯୧ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୩ | ୩/୯୫ | ୫୧ | ୩.୪୮୦ | ୧.୪୨୮ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୪ | | ୩୫/୩ | ୫.୫୦୦ | ୦.୦୧୦ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୫ | ୩/୯୭ | ୩୩ | ୦.୮୭୦ | ୦.୩୨୧ | ଧାନ ୩ | ବ୍ୟକ୍ତିଗତ |
| ୧୬ | ୩/୧୩୮ | ୩୫/୧/୭୫ | ୩.୦୦୦ | ୧.୯୪୫ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୭ | ୩/୯୨ | ୪୮/୧/୯୦ | ୩.୦୦୦ | ୦.୮୪୪ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୮ | ୩/୧୦୮ | ୪୮/୧/୮୯ | ୩.୦୦୦ | ୧.୩୭୭ | ଡଙ୍ଗର ୨ | ବ୍ୟକ୍ତିଗତ |
| ୧୯ | ୩/୧୪ | ୪୮/୧/୮୭ | ୩.୦୦୦ | ୦.୬୮୮ | ଡଙ୍ଗର ୨ | ବ୍ୟକ୍ତିଗତ |
| ୨୦ | ୩/୩୯ | ୫୬/୧୦୪ | ୨.୦୦୦ | ୦.୦୧୮ | ଡଙ୍ଗର ୩ | ବ୍ୟକ୍ତିଗତ |
| ୨୧ | ୧ | ୫୩ | ୦.୯୩୦ | ୦.୫୨୨ | ଡଙ୍ଗର ୩ | ବ୍ୟକ୍ତିଗତ |
| ୨୨ | ୩/୯୦ | ୩୪/୧/୭୩ | ୩.୦୦ | ୦.୪୪୦ | ଧାନ ୩ | ବ୍ୟକ୍ତିଗତ |
| ୨୩ | ୩/୧୪୧ | ୨୮ | ୩.୧୧୦ | ୧.୫୭୪ | ଧାନ ୩ | ବ୍ୟକ୍ତିଗତ |
| ୨୪ | ୩/୨୧ | ୩୫/୨ | ୫.୨୨୦ | ୧.୫୧୮ | ଡଙ୍ଗର ୩ | ବ୍ୟକ୍ତିଗତ |
| ୨୫ | ୩/୪୧ | ୫୪/୧୦୭ | ୨.୦୦୦ | ୦.୧୬୨ | ଡଙ୍ଗର ୩ | ବ୍ୟକ୍ତିଗତ |
| ୨୬ | ୩/୪୪ | ୫୪/୧୧୦ | ୨.୦୦୦ | ୦.୦୭୯ | ଡଙ୍ଗର ୩ | ବ୍ୟକ୍ତିଗତ |
| ୨୭ | ୩/୩୯ | ୫୪/୧୦୫ | ୨.୦୦୦ | ୦.୪୦୯ | ଡଙ୍ଗର ୩ | ବ୍ୟକ୍ତିଗତ |
| ୨୮ | ୩/୭୧ | ୫୪/୧୩୭ | ୨.୦୦୦ | ୦.୪୮୧ | ଡଙ୍ଗର ୩ | ବ୍ୟକ୍ତିଗତ |
| ୨୯ | ୩/୪୮ | ୫୪/୧୧୪ | ୦.୦୪୦ | ୦.୦୩୨ | ଘରବାରି | ବ୍ୟକ୍ତିଗତ |
| ୩୦ | ୩/୪୯ | ୫୪/୧୧୫ | ୦.୦୪୦ | ୦.୦୪୦ | ଘରବାରି | ବ୍ୟକ୍ତିଗତ |
| ୩୧ | ୩/୫୦ | ୫୪/୧୧୬ | ୦.୦୪୦ | ୦.୦୪୦ | ଘରବାରି | ବ୍ୟକ୍ତିଗତ |
| ୩୨ | ୩/୫୧ | ୫୪/୧୧୭ | ୦.୦୪୦ | ୦.୦୧୬ | ଘରବାରି | ବ୍ୟକ୍ତିଗତ |
| ୩୩ | ୩/୬୩ | ୫୪/୧୨୯ | ୦.୦୪୦ | ୦.୦୨୯ | ଘରବାରି | ବ୍ୟକ୍ତିଗତ |
| ୩୪ | ୩/୭୪ | ୫୪/୧୩୦ | ୦.୦୪୦ | ୦.୦୪୦ | ଘରବାରି | ବ୍ୟକ୍ତିଗତ |
| ୩୫ | ୩/୭୫ | ୫୪/୧୩୧ | ୦.୦୪୦ | ୦.୦୧୪ | ଘରବାରି | ବ୍ୟକ୍ତିଗତ |
| ୩୬ | ୩/୯୧ | ୪୮/୩ | ୨.୦୦ | ୦.୦୨୮ | ଧାନ ୩ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୭୪.୬୬ | ୨୦.୬୬ | | |

**(୩) ମୌଜା: ବେତପଦା, (ଅତିରିକ୍ତ) ତହସିଲ: ବିଶମକଟକ, ଥାନା: ବିଶମକଟକ (ନଂ- ୬୭) ଜିଲ୍ଲା : ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୬ | ୨୪୭ | ୦.୨୪୦ | ୦.୦୩୬ | ଧାନ ୨ | ବ୍ୟକ୍ତିଗତ |
| ୨ | ୭ | ୨୩୫ | ୦.୯୦୦ | ୦.୦୨୦ | ଧାନ ୨ | ବ୍ୟକ୍ତିଗତ |
| ୩ | ୧୫/୩୪ | ୨୪୯ | ୦.୨୬୦ | ୦.୦୪୯ | ଧାନ ୨ | ବ୍ୟକ୍ତିଗତ |
| ୪ | ୧୫/୩୬ | ୨୪୬ | ୦.୪୩୦ | ୦.୦୩୪ | ଧାନ ୨ | ବ୍ୟକ୍ତିଗତ |
| ୫ | ୧୫/୩୭ | ୨୫୩ | ୧.୨୦୦ | ୦.୧୦୨ | ଧାନ ୧ | ବ୍ୟକ୍ତିଗତ |
| ୬ | ୧୫/୬୭ | ୨୬୩ | ୩.୦୨୦ | ୦.୦୨୮ | ଧାନ ୧ | ବ୍ୟକ୍ତିଗତ |
| ୭ | ୧୫/୨୨୪ | ୨୪୩ | ୦.୪୪୦ | ୦.୦୩୨ | ଧାନ ୨ | ବ୍ୟକ୍ତିଗତ |
| ୮ | ୧୫/୨୨୪ | ୨୫୧ | ୧.୯୩୦ | ୦.୧୮୮ | ଧାନ ୧ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୮.୪୨୦ | ୦.୫୩୪ | | |

**(୪) ମୌଜା: ଭାଲେରୀ, (ଅତିରିକ୍ତ) ତହସିଲ: ବିଶମକଟକ,ଥାନା: ବିଶମକଟକ (ନଂ-୪୪),ଜିଲ୍ଲା: ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୩୩/୧୨ | ୧୫୧ | ୦.୭୬୦ | ୦.୭୬୫ | ଧାନ ୧ | ବ୍ୟକ୍ତିଗତ |
| ୨ | | ୧୬୮ | ୧.୦୫୦ | ୦.୭୭୭ | ଧାନ ୨ | ବ୍ୟକ୍ତିଗତ |
| ୩ | ୩୩/୧୬୧ | ୧୭୭ | ୧.୯୧୦ | ୦.୩୦୦ | ଧାନ ୧ | ବ୍ୟକ୍ତିଗତ |
| ୪ | ୩୩/୧୫୮ | ୧୭୬/୩୯୪ | ୧.୯୧୦ | | ଧାନ ୧ | ବ୍ୟକ୍ତିଗତ |
| ୫ | ୩୩/୧୫୯ | ୧୭୬/୩୯୬ | ୧.୦୦୦ | | ଧାନ ୧ | ବ୍ୟକ୍ତିଗତ |
| ୬ | ୩୩/୧୬୦ | ୧୭୬/୩୯୭ | ୨.୬୫୦ | | ଧାନ ୧ | ବ୍ୟକ୍ତିଗତ |
| ୭ | ୩୩/୩୧ | ୧୫୦ | ୧.୬୯୦ | ୦.୪୮୮ | ଧାନ ୩ | ବ୍ୟକ୍ତିଗତ |
| ୮ | ୩୩/୪୭ | ୧୪୨ | ୧.୧୯୦ | ୦.୬୨୦ | ଧାନ ୨ | ବ୍ୟକ୍ତିଗତ |
| ୯ | | ୧୪୩ | ୦.୨୯୦ | ୦.୧୨୫ | ଧାନ ୧ | ବ୍ୟକ୍ତିଗତ |
| ୧୦ | ୩୩/୫୦ | ୨୨୨ | ୩.୬୩୦ | ୦.୦୩୭ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୧ | | ୨୨୩ | ୫.୨୬୦ | ୧.୭୦୯ | | ବ୍ୟକ୍ତିଗତ |
| ୧୨ | | ୨୩୨ | ୦.୪୫୦ | ୦.୦୯୦ | | ବ୍ୟକ୍ତିଗତ |
| ୧୩ | | ୨୩୩ | ୧.୯୦୦ | ୦.୧୦୯ | ଧାନ ୨ | ବ୍ୟକ୍ତିଗତ |
| ୧୪ | ୩୩/୨୧ | ୨୧୧/୧ | ୨.୦୬୦ | ୧.୨୪୨ | ଧାନ ୧ | ବ୍ୟକ୍ତିଗତ |
| ୧୫ | ୩୩/୭୭୫ | ୧୪୭ | ୦.୦୬୦ | ୦.୦୫୨ | ଧାନ ୩ | ବ୍ୟକ୍ତିଗତ |
| ୧୬ | ୩୩/୭୭୩ | ୧୭୧ | ୦.୨୬୦ | ୦.୨୬୦ | ଧାନ ୨ | ବ୍ୟକ୍ତିଗତ |
| ୧୭ | ୩୩/୭୭୩ | ୧୬୯ | ୦.୦୧୨ | ୦.୦୦୬ | ଡଙ୍ଗର ୨ | ବ୍ୟକ୍ତିଗତ |
| ୧୮ | ୩୩/୧୬୧ | ୧୬୭ | ୧.୬୧୦ | ୦.୨୭୮ | ଧାନ ୨ | ବ୍ୟକ୍ତିଗତ |
| ୧୯ | ୩୩/୭୭ | ୨୦୯ | ୨.୭୪୦ | ୦.୫୮୬ | ଡଙ୍ଗର ୩ | ବ୍ୟକ୍ତିଗତ |
| ୨୦ | ୩୩/୩୨ | ୨୧୦ | ୨.୮୮୦ | ୦.୦୦୨ | ଧାନ ୨ | ବ୍ୟକ୍ତିଗତ |
| ୨୧ | ୩୩/୫୦ | ୨୧୨ | ୦.୪୯୦ | ୦.୦୧୩ | ଧାନ ୩ | ବ୍ୟକ୍ତିଗତ |
| ୨୨ | ୨୪ | ୨୩୦ | ୦.୧୬୦ | ୦.୦୯୩ | ଡଙ୍ଗର ୧ | ବ୍ୟକ୍ତିଗତ |
| ୨୩ | ୩୩/୧୫୫ | ୨୨୯ | ୨.୪୮୦ | ୦.୨୫୫ | ଡଙ୍ଗର ୧ | ବ୍ୟକ୍ତିଗତ |
| ୨୪ | ୩୩/୫୦ | ୨୨୪ | ୩.୬୫୦ | ୦.୧୮୬ | ଡଙ୍ଗର ୩ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୩୭.୩୭୨ | ୭.୪୯୩ | | ବ୍ୟକ୍ତିଗତ |

**(୫) ମୌଜା: ଦୁର୍ଗୀ, (ଅତିରିକ୍ତ) ତହସିଲ: ବିଶମକଟକ, ଥାନା: ବିଶମକଟକ (ନଂ-୪୩), ଜିଲ୍ଲା: ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୧୬ | ୨୨୬ | ୨.୦୧୦ | ୦.୦୨୩ | ଡଙ୍ଗର ୩ | ବ୍ୟକ୍ତିଗତ |
| ୨ | | ୨୮୧ | ୦.୧୮୦ | ୦.୦୧୩ | ଡଙ୍ଗର ୩ | ବ୍ୟକ୍ତିଗତ |
| ୩ | | ୬/୧୧ | ୩.୪୯୦ | ୨.୬୨୪ | ଆମ୍ବ ତୋଟା | ବ୍ୟକ୍ତିଗତ |
| ୪ | ୩୯ | ୧୧ | ୩.୦୦୦ | ୦.୯୧୨ | ଧାନ ୧ | ବ୍ୟକ୍ତିଗତ |
| ୫ | | ୬/୯ | ୫.୮୪୦ | ୦.୫୧୯ | ଡଙ୍ଗର ୩ | ବ୍ୟକ୍ତିଗତ |
| ୬ | ୪୫/୯୦୭ | ୬/୮/୧୧୨୯ | ୨.୦୦୦ | ୦.୦୧୦ | ଡଙ୍ଗର ୩ | ବ୍ୟକ୍ତିଗତ |
| ୭ | ୪୫/୨୮୬ | ୧୩/୩ | ୩.୧୪୦ | ୦.୩୭୮ | ଡଙ୍ଗର ୨ | ବ୍ୟକ୍ତିଗତ |
| ୮ | ୩୯ | ୧୨ | ୨.୨୨୦ | ୦.୧୫୪ | ଡଙ୍ଗର ୩ | ବ୍ୟକ୍ତିଗତ |
| ୯ | | ୯ | ୦.୯୨୦ | ୦.୦୩୩ | ଧାନ ୩ | ବ୍ୟକ୍ତିଗତ |
| ୧୦ | ୩୬ | ୨୮୮ | ୩.୧୫୦ | ୦.୨୫୬ | ଡଙ୍ଗର ୩ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୨୩.୯୪୦ | ୫.୫୨୨ | | |

**( ୬) ମୌଜା: ଫୁଲୁଗୁଡା, (ଅତିରିକ୍ତ) ତହସିଲ: ବିଶମକଟକ, ଥାନା: ବିଶମକଟକ (ନଂ- ୬୬), ଜିଲ୍ଲା: ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୪୧/୧୫୯ | ୨୬୯/୨ | ୨.୦୮୦ | ୦.୦୬୨ | ଧାନ ୨ | ବ୍ୟକ୍ତିଗତ |
| ୨ | ୪୧/୧୭୩ | ୧୮୬ | ୦.୮୧୦ | ୦.୦୧୫ | ଡଙ୍ଗର ୩ | ବ୍ୟକ୍ତିଗତ |
| ୩ | ୪୧/୨୪୨ | ୧୯୦ | ୧.୦୮୦ | ୦.୦୪୧ | ଧାନ ୧ | ବ୍ୟକ୍ତିଗତ |
| ୪ | ୪୧/୭୭ | ୨୩୧ | ୦.୬୭୦ | ୦.୦୧୧ | ଡଙ୍ଗର ୩ | ବ୍ୟକ୍ତିଗତ |
| ୫ | ୪୧/୨୬୦ | ୨୮୬/୩୨୫ | ୧.୬୦୦ | ୦.୦୩୫ | ଡଙ୍ଗର ୩ | ବ୍ୟକ୍ତିଗତ |
| ୬ | ୪୧/୩୬ | ୯୨/୩୩୬ | ୦.୯୦୦ | ୦.୫୦୦ | ଡଙ୍ଗର ୩ | ବ୍ୟକ୍ତିଗତ |
| ୭ | ୪୧/୫୯ | ୯୨/୩୫୭ | ୨.୦୦୦ | ୧.୫୫୦ | ଡଙ୍ଗର ୩ | ବ୍ୟକ୍ତିଗତ |
| ୮ | ୪୧/୮୧ | ୨୮୭/୩୪୨ | ୧.୦୦୦ | ୦.୮୭୭ | ଡଙ୍ଗର ୩ | ବ୍ୟକ୍ତିଗତ |
| ୯ | ୪୧/୮୦ | ୨୮୭/୩୪୨/୩୭୮ | ୧.୦୦୦ | ୦.୭୭୭ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୦ | ୪୧/୧୪୧ | ୨୨୪/୩୧୯ | ୨.୦୦୦ | ୦.୫୪୨ | ଡଙ୍ଗର ୩ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୧୩.୨୪୦ | ୪.୪୦୩ | | |

**(୭) ମୌଜା: ହଜାରିତାଂଗ, (ଅତିରିକ୍ତ) ତହସିଲ: ବିଶମକଟକ, ଥାନା: ବିଶମକଟକ (ନଂ-୨୫), ଜିଲ୍ଲା: ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୧୪/୨୨ | ୧୬୬/୧୯୪ | ୨.୦୫୦ | ୧.୫୨୫ | ଡଙ୍ଗର ୩ | ବ୍ୟକ୍ତିଗତ |
| ୨ | ୧୪/୭ | ୧୬୬/୧୯୮ | ୨.୦୦୦ | ୧.୩୫୯ | ଡଙ୍ଗର ୩ | ବ୍ୟକ୍ତିଗତ |
| ୩ | ୧୪/୭ | ୧୬୬/୧୭୯ | ୧.୨୦୦ | ୧.୦୪୯ | ଡଙ୍ଗର ୩ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୫.୨୫୦ | ୩.୯୩୩ | | |

**(୮) ମୌଜା: କୋଦାଭଟା, (ଅତିରିକ୍ତ) ତହସିଲ: ବିଶମକଟକ, ଥାନା: ବିଶମକଟକ(ନଂ- ୮୧), ଜିଲ୍ଲା: ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୩ | ୮୭ | ୦.୦୮୦ | ୦.୦୨୨ | ଧାନ ୩ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୦.୦୮୦ | ୦.୦୨୨ | | |

**(୯) ମୌଜା : କୁମ୍ଭାରବାରି, (ଅତିରିକ୍ତ) ତହସିଲ: ବିଶମକଟକ, ଥାନା: ବିଶମକଟକ (ନଂ-୬୧), ଜିଲ୍ଲା: ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୧୯/୨୩୪ | ୧୭/୩୭୦ | ୧.୦୦୦ | ୦.୧୩୨ | ଧାନ ୧ | ବ୍ୟକ୍ତିଗତ |
| ୨ | ୧୯/୨୩୨ | ୧୭/୩୬୧ | ୧.୦୦୦ | | ଧାନ ୧ | ବ୍ୟକ୍ତିଗତ |
| ୩ | ୧୯/୬୫ | ୧୭ | ୦.୬୮୦ | | ଧାନ ୧ | ବ୍ୟକ୍ତିଗତ |
| ୪ | ୧୯/୧୧୯ | ୧୭/୩୭୦-୩୭୫ | ୦.୩୭୦ | | ଧାନ ୧ | ବ୍ୟକ୍ତିଗତ |
| ୫ | ୧୯/୮୧ | ୬୯ | ୦.୮୦୦ | ୦.୦୭୨ | ବଣ | ବ୍ୟକ୍ତିଗତ |
| ୬ | ୧୯/୯୮ | ୨୪ | ୦.୬୪୦ | ୦.୦୫୪ | ଧାନ ୧ | ବ୍ୟକ୍ତିଗତ |
| ୭ | | ୩୧ | ୦.୬୧୦ | ୦.୦୨୫ | ଧାନ ୩ | ବ୍ୟକ୍ତିଗତ |
| ୮ | ୧୯/୧୦୧ | ୩୮ | ୦.୯୬୦ | ୦.୦୨ | ଧାନ ୩ | ବ୍ୟକ୍ତିଗତ |
| ୯ | ୨ | ୨୫ | ୦.୦୭୦ | ୦.୦୨୩ | ଧାନ ୧ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୬.୧୩୦ | ୦.୩୬୬ | | |

**(୧୦) ମୌଜା: କୁରାଙ୍ଗକୁଳ, (ଅତିରିକ୍ତ) ତହସିଲ: ବିଶମକଟକ, ଥାନା: ବିଶମକଟକ (ନଂ- ୨୭), ଜିଲ୍ଲା: ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୩/୭ | ୭୦/୧୨ | ୩.୨୪୦ | ୦.୧୩୯ | ଧାନ ୧ | ବ୍ୟକ୍ତିଗତ |
| ୨ | ୩/୩୫ | ୭୦/୧୨/୫୧/୬୬ | ୦.୭୮୦ | | ଧାନ ୧ | ବ୍ୟକ୍ତିଗତ |
| ୩ | | ୭୦/୧୨/୬୬ | ୦.୩୯୦ | | ଧାନ ୧ | ବ୍ୟକ୍ତିଗତ |
| ୪ | ୩/୩୬ | ୭୦/୧୨/୫୧ | ୦.୩୯୦ | | ଧାନ ୧ | ବ୍ୟକ୍ତିଗତ |
| ୫ | ୩/୩ | ୭୧/୪୭ | ୧.୦୦୦ | ୦.୫୬୬ | ଡଙ୍ଗର ୩ | ବ୍ୟକ୍ତିଗତ |
| ୬ | ୩/୨ | ୭୧/୪୮ | ୧.୧୦୦ | ୦.୮୮୩ | ଡଙ୍ଗର ୩ | ବ୍ୟକ୍ତିଗତ |
| ୭ | ୮/୨୦ | ୩୧ | ୦.୩୭୦ | ୦.୦୦୫ | ଡଙ୍ଗର ୩ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୭.୨୭୦ | ୧.୫୯୩ | | |

**(୧୧) ମୌଜା: ଲକ୍ଷ୍ମୀପୁର, (ଅତିରିକ୍ତ) ତହସିଲ: ବିଶମକଟକ, ଥାନା: ବିଶମକଟକ (ନଂ- ୫୪), ଜିଲ୍ଲା : ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୧୦ | ୨୨ | ୦.୮୭୦ | ୦.୩୪୬ | ଡଙ୍ଗର ୩ | ବ୍ୟକ୍ତିଗତ |
| ୨ | | ୨୭୦ | ୦.୪୩୦ | ୦.୨୫୮ | ଧାନ ୧ | ବ୍ୟକ୍ତିଗତ |
| ୩ | ୧୪ | ୨୭ | ୦.୪୧୦ | ୦.୧୩୦ | ଡଙ୍ଗର ୩ | ବ୍ୟକ୍ତିଗତ |
| ୪ | ୨୨ | ୬୮ | ୧.୦୭୦ | ୦.୨୪୫ | ଡଙ୍ଗର ୩ | ବ୍ୟକ୍ତିଗତ |
| ୫ | | ୭୩/୩୯୩ | ୦.୨୯୦ | ୦.୧୭୦ | ଡଙ୍ଗର ୩ | ବ୍ୟକ୍ତିଗତ |
| ୬ | | ୭୧ | ୦.୭୭୦ | ୦.୨୮୫ | ଧାନ ୧ | ବ୍ୟକ୍ତିଗତ |
| ୭ | ୩୧/୪ | ୨୬୩ | ୦.୦୯୦ | ୦.୩୨୫ | ଧାନ ୩ | ବ୍ୟକ୍ତିଗତ |
| ୮ | | ୨୭୫ | ୧.୨୩୦ | ୦.୩୧୫ | ଧାନ ୧ | ବ୍ୟକ୍ତିଗତ |
| ୯ | ୩୧/୧୫ | ୬୬ | ୩.୫୭୦ | ୦.୬୧୧ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୦ | ୩୧/୯୧ | ୭୪ | ୩.୨୫୦ | ୦.୨୨୨ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୧ | ୩୧/୧୪ | ୭୯ | ୨.୭୭୦ | ୦.୨୧୪ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୨ | ୧୩ | ୭୪ | ୦.୨୦୦ | ୦.୦୧୦ | ଧାନ ୩ | ବ୍ୟକ୍ତିଗତ |
| ୧୩ | ୨୨ | ୭୫ | ୦.୫୦୦ | ୦.୦୧୬ | ଧାନ ୩ | ବ୍ୟକ୍ତିଗତ |
| ୧୪ | ୩୧/୧୧୩ | ୨୭୭ | ୦.୯୭୦ | ୦.୬୩୯ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୫ | ୧୬ | ୨୭୫ | ୦.୩୦୦ | ୦.୩୦୦ | ଧାନ ୧ | ବ୍ୟକ୍ତିଗତ |
| ୧୬ | | ୨୭୬ | ୦.୦୭୦ | ୦.୦୭୦ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୭ | ୩୧/୮୬ | ୨୬୯ | ୦.୧୬୦ | ୦.୦୬୩ | ଧାନ ୧ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୧୬.୭୮୦ | ୪.୨୧୯ | | |

**(୧୨) ମୌଜା: ପୁଟୁକାଲୁପାରୁ ଆଲିଆସ କାର୍ଲକଣା, (ଅତିରିକ୍ତ) ତହସିଲ: ବିଶମକଟକ, :ଥାନା: ବିଶମକଟକ (ନଂ-୭୩), ଜିଲ୍ଲା: ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ଜମି ପ୍ରକାର |
|---|---|---|---|---|---|---|
| ୧ | ୧୪ | ୨୭୬ | ୦.୮୯୦ | ୦.୧୩୨ | ଡଙ୍ଗର ୩ | ବ୍ୟକ୍ତିଗତ |
| ୨ | ୧୭/୯୮ | ୨୭୫/୩୭୨ | ୦.୫୫୦ | ୦.୦୧୩ | ଡଙ୍ଗର ୩ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୧.୪୪୦ | ୦.୧୪୫ | | |

**(୧୩) ମୌଜା: ରାଣୀଭଟା (ଅତିରିକ୍ତ) ତହସିଲ: ବିଶମକଟକ, ଥାନା: ବିଶମକଟକ (ନଂ- ୭୨), ଜିଲ୍ଲା : ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୮/୧୪୨ | ୧୨୯ | ୦.୧୬୦ | ୦.୦୧୯ | ଡଙ୍ଗର ୩ | ବ୍ୟକ୍ତିଗତ |
| ୨ | ୮/୧୪୨ | ୧୩୫ | ୦.୮୧୦ | ୦.୬୧୨ | ଡଙ୍ଗର ୩ | ବ୍ୟକ୍ତିଗତ |
| ୩ | ୮/୯୫ | ୧୩୫/୨୩୦ | ୨.୩୮୦ | | ଡଙ୍ଗର ୩ | ବ୍ୟକ୍ତିଗତ |
| ୪ | ୮/୧୪୩ | ୧୨୮ | ୦.୧୯୦ | ୦.୦୩୪ | ଡଙ୍ଗର ୨ | ବ୍ୟକ୍ତିଗତ |
| ୫ | ୮/୨୫ | ୪୬ | ୦.୫୨୦ | ୦.୦୧୯ | ଡଙ୍ଗର ୨ | ବ୍ୟକ୍ତିଗତ |
| ୬ | | ୪୭ | ୦.୮୪୦ | ୦.୦୩୩ | ଡଙ୍ଗର ୧ | ବ୍ୟକ୍ତିଗତ |
| ୭ | | ୧୬୦ | ୦.୬୭୦ | ୦.୦୪୬ | ଡଙ୍ଗର ୨ | ବ୍ୟକ୍ତିଗତ |
| ୮ | ୮/୩ | ୧୩୨ | ୦.୪୮୦ | ୦.୦୧୯ | ଡଙ୍ଗର ୨ | ବ୍ୟକ୍ତିଗତ |
| ୯ | ୮/୩୧ | ୧୨୬ | ୦.୨୦୦ | ୦.୦୩୫ | ଡଙ୍ଗର ୨ | ବ୍ୟକ୍ତିଗତ |
| ୧୦ | ୮/୫୧ | ୧୩୧ | ୦.୮୨୦ | ୦.୦୪୪ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୧ | ୮/୨୪ | ୪୮ | ୦.୨୧୦ | ୦.୦୨୮ | ଧାନ ୨ | ବ୍ୟକ୍ତିଗତ |
| ୧୨ | ୮/୯୯ | ୬୧ | ୦.୬୯୦ | ୦.୦୪୧ | ଧାନ ୩ | ବ୍ୟକ୍ତିଗତ |
| ୧୩ | ୮/୯୨ | ୧୨୭ | ୦.୨୪୦ | ୦.୦୩୬ | ଡଙ୍ଗର ୨ | ବ୍ୟକ୍ତିଗତ |
| ୧୪ | ୮/୧୨ | ୧୪୨/୧୭୭ | ୧.୦୦୦ | ୬.୦୭୫ | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୫ | ୮/୧୨୨ | ୧୪୨/୨୫୪ | ୧.୦୦୦ | | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୬ | ୮/୧୫ | ୧୪୨/୧୮୦ | ୨.୦୦୦ | | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୭ | ୮/୧୭ | ୧୪୨/୧୮୩ | ୨.୦୦୦ | | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୮ | ୮/୩୩ | ୧୪୨/୧୯୯ | ୦.୫୦୦ | | ଡଙ୍ଗର ୩ | ବ୍ୟକ୍ତିଗତ |
| ୧୯ | ୮/୫୫ | ୧୪୨/୧୮୫ | ୧.୦୦୦ | | ଡଙ୍ଗର ୩ | ବ୍ୟକ୍ତିଗତ |
| ୨୦ | ୮/୫୬ | ୧୪୨/୧୮୭ | ୧.୦୦୦ | | ଡଙ୍ଗର ୩ | ବ୍ୟକ୍ତିଗତ |
| ୨୧ | ୮/୯୫ | ୧୪୨/୧୭୬ | ୦.୪୫୦ | | ଡଙ୍ଗର ୩ | ବ୍ୟକ୍ତିଗତ |
| ୨୨ | | ୧୪୨/୧୭୮ | ୨.୦୦୦ | | ଡଙ୍ଗର ୩ | ବ୍ୟକ୍ତିଗତ |
| ୨୩ | | ୧୪୨/୧୪୪ | ୧.୫୦୦ | | ଡଙ୍ଗର ୩ | ବ୍ୟକ୍ତିଗତ |
| ୨୪ | | ୧୪୨/୧୯୯/୨୨୨ | ୦.୨୫୦ | | ଡଙ୍ଗର ୩ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୨୦.୬୦୦ | ୭.୦୪୧ | | |

**(୧୪) ମୌଜା: ରେଲାକୁପା, (ଅତିରିକ୍ତ) ତହସିଲ: ବିଶମକଟକ,ଥାନା: ବିଶମକଟକ (ନଂ- ୮୪), ଜିଲ୍ଲା : ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| 1 | ୧/୩ | ୨/୧୭ | ୨.୦୦୦ | ୦.୩୦୩ | ଡଙ୍ଗର ୨ | ବ୍ୟକ୍ତିଗତ |
| 2 | ୧/୨ | ୨/୨୧ | ୨.୦୦୦ | ୦.୪୦୧ | ଡଙ୍ଗର ୨ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୪.୦୦୦ | ୦.୭୦୪ | | |

**(୧୫) ମୌଜା : ବାଙ୍କିଲି (ଅତିରିକ୍ତ), ତହସିଲ: କୋଲନରା, ଥାନା: ରାୟଗଡା (ନଂ- 340), ଜିଲ୍ଲା: ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୩୧/୨୮ | ୩୦ | ଧାନ ୨ | ୧.୨୮୦ | ୦.୦୨୦ | ବ୍ୟକ୍ତିଗତ |
| ୨ | ୩୧/୫ | ୨୨୦ | ଧାନ ୨ | ୧.୩୧୦ | ୦.୦୨୦ | ବ୍ୟକ୍ତିଗତ |
| ୩ | ୩୧/୫୯ | ୨୩ | ଧାନ ୨ | ୧.୫୯୦ | ୦.୦୧୦ | ବ୍ୟକ୍ତିଗତ |
| ୪ | ୩୧/୬୧ | ୭୫ | ଡଙ୍ଗର ୨ | ୦.୫୭୦ | ୦.୦୧୦ | ବ୍ୟକ୍ତିଗତ |
| ୫ | ୭ | ୨୫ | ଧାନ ୨ | ୦.୨୧୦ | ୦.୦୬୭ | ବ୍ୟକ୍ତିଗତ |
| ୬ | ୩୧/୫୩ | ୨୫/୩୭୫ | ଧାନ ୨ | ୦.୬୫୦ | | ବ୍ୟକ୍ତିଗତ |
| ୭ | ୩୧/୪୧ | ୨୫/୩୪୮ | ଧାନ ୨ | ୦.୪୦୦ | | ବ୍ୟକ୍ତିଗତ |
| ୮ | ୩୧/୪୩ | ୨୫/୩୫୯ | ଧାନ ୨ | ୦.୫୬୦ | | ବ୍ୟକ୍ତିଗତ |
| ୯ | ୩୧/୪୩ | ୨୫/୩୬୦ | ଧାନ ୨ | ୦.୩୫୦ | | ବ୍ୟକ୍ତିଗତ |
| ୧୦ | ୩୧/୪୪ | ୨୫/୩୬୬ | ଧାନ ୨ | ୦.୨୨୦ | | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୫.୨୫୦ | ୦.୧୨୭ | | |

**(୧୬) ମୌଜା: କାରିସୋଲା, (ଅତିରିକ୍ତ) ତହସିଲ: କୋଲନାରା, ପୋଲିସ୍ ଥାନା: ରାୟଗଡା (ନଂ-୩୪୧), ଜିଲ୍ଲା: ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୬ | ୨୯ | ୧.୧୫୦ | ୦.୨୪୨ | ଡଙ୍ଗର ୨ | ବ୍ୟକ୍ତିଗତ |
| ୨ | | ୩୨ | ୧.୬୭୦ | ୦.୦୧୨ | ଡଙ୍ଗର ୩ | ବ୍ୟକ୍ତିଗତ |
| ୩ | | ୩୪ | ୧.୯୩୦ | ୦.୨୪୪ | ଡଙ୍ଗର ୩ | ବ୍ୟକ୍ତିଗତ |
| ୪ | ୮ | ୩୧ | ୩.୭୫୦ | ୦.୯୦୯ | ଡଙ୍ଗର ୨ | ବ୍ୟକ୍ତିଗତ |
| ୫ | ୧୨/୪୯ | ୪୩ | ୩.୩୨୦ | ୦.୦୧୫ | ଡଙ୍ଗର ୧ | ବ୍ୟକ୍ତିଗତ |
| ୬ | ୧୦/୧୪ | ୩୦/୧୪୯/୧୫୬/୧୫୭ | ୦.୮୦୦ | ୦.୨୮୬ | ଡଙ୍ଗର ୨ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୧୨.୮୧୦ | ୨.୯୯୩ | | |

**(୧୭) ମୌଜା: ବେତାପାରୁ, (ଅତିରିକ୍ତ) ତହସିଲ: କୋଲନାରା, ପୋଲିସ ଷ୍ଟେସନ: ରାୟଗଡା (ନଂ-୩୩୮), ଜିଲ୍ଲା: ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୯ | ୯୭ | ୦.୫୪୦ | ୦.୦୨୮ | ଧାନ ୨ | ବ୍ୟକ୍ତିଗତ |
| ୨ | ୧୦ | ୯୪ | ୧.୯୦୦ | ୦.୧୦୬ | ଡଙ୍ଗର ୩ | ବ୍ୟକ୍ତିଗତ |
| ୩ | ୧୩ | ୧୪୯ | ୧.୪୨୦ | ୦.୦୪୨ | ଡଙ୍ଗର ୩ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୨.୪୪୦ | ୦.୧୩୪ | | |

**(୧୮) ମୌଜା : ବେପୁର, (ଅତିରିକ୍ତ) ତହସିଲ: କୋଲନରା, ଥାନା: ରାୟଗଡା (ନଂ- ୨୮), ଜିଲ୍ଲା: ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୫ | ୧୦୩ | ୧.୦୮୦ | ୦.୦୩୬ | ଧାନ ୧ | ବ୍ୟକ୍ତିଗତ |
| ୨ | ୧୧ | ୧୧୧ | ୧.୨୩୦ | ୦.୧୦୨ | ଡଙ୍ଗର ୧ | ବ୍ୟକ୍ତିଗତ |
| ୩ | ୧୮ | ୧୦୮ | ୦.୯୭୦ | ୦.୦୪୭ | ଧାନ ୨ | ବ୍ୟକ୍ତିଗତ |
| ୪ | ୧୮ | ୧୦୯ | ୦.୪୫୦ | ୦.୧୪୦ | ଧାନ ୩ | ବ୍ୟକ୍ତିଗତ |
| ୫ | ୩୩/୭୫ | ୮୫/୭୩୮ | ୦.୨୫୦ | ୦.୨୫୦ | ଧାନ ୧ | ବ୍ୟକ୍ତିଗତ |
| ୬ | ୨୪ | ୫୪ | ୦.୯୨୦ | ୦.୦୧୧ | ଧାନ ୧ | ବ୍ୟକ୍ତିଗତ |
| ୭ | ୨୯ | ୧୦୬ | ୧.୧୩୦ | ୦.୦୨୧ | ଡଙ୍ଗର ୧ | ବ୍ୟକ୍ତିଗତ |
| ୮ | | ୧୧୦ | ୧.୭୨୦ | ୦.୦୨୪ | ଡଙ୍ଗର ୧ | ବ୍ୟକ୍ତିଗତ |
| ୯ | ୩୩/୨ | ୧୬୧ | ୧.୩୧୦ | ୦.୦୧୧ | ଡଙ୍ଗର ୧ | ବ୍ୟକ୍ତିଗତ |
| ୧୦ | ୩୩/୭୩ | ୧୦୪/୭୯୩ | ୨.୦୦୦ | ୦.୦୭୪ | ଧାନ ୩ | ବ୍ୟକ୍ତିଗତ |
| ୧୧ | ୩୩/୨୪ | ୧୦୪ | ୧.୧୧୦ | | ଡଙ୍ଗର ୩ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୧୨.୧୬୦ | ୦.୭୧୬ | | |

**(୧୯) ମୌଜା: ଗୋପିକାକୁବାରି, (ଅତିରିକ୍ତ) ତହସିଲ: କୋଲନରା, ଥାନା: ରାୟଗଡା (ନଂ- ୨୧), ଜିଲ୍ଲା: ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୧୩ | ୨୬୬ | ୩.୨୪୦ | ୦.୩୬୭ | ଡଙ୍ଗର ୨ | ବ୍ୟକ୍ତିଗତ |
| ୨ | ୨୦ | ୨୬୪ | ୩.୦୭୦ | ୦.୨୬୬ | ଡଙ୍ଗର ୨ | ବ୍ୟକ୍ତିଗତ |
| ମୋଟ କ୍ଷେତ୍ରଫଳ ଏକରରେ | | | ୬.୮୧୦ | ୦.୬୩୩ | | |

**(୨୦) ମୌଜା: ରେଲିବାନୀଗାଁ, (ଅତିରିକ୍ତ) ତହସିଲ: କୋଲନରା, ଥାନା: ରାୟଗଡା (ନଂ- ୨୯), ଜିଲ୍ଲା: ରାୟଗଡା**
ବ୍ୟକ୍ତିଗତ ଜମି

| କ୍ରମିକ ସଂଖ୍ୟା | ୧ ଖାତା ନଂ | ୨ ପ୍ଲଟ୍ ନଂ | ୩ ମୋଟ କ୍ଷେତ୍ରଫଳ (ଏକରରେ) | ୪ ଅଧିଗ୍ରହଣ ହେବାକୁଥିବା କ୍ଷେତ୍ରଫଳ (ଏକରରେ) | ୫ କିସମ | ୬ ଜମି ପ୍ରକାର |
|---|---|---|---|---|---|---|
| ୧ | ୧ | ୪୨ | ୨.୨୦୦ | ୦.୦୦୫ | ଡଙ୍ଗର ୨ | ବ୍ୟକ୍ତିଗତ |
ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥାଟି, ଯାହା ଆମ ଅନୁଭବର ପରିଧି ଭିତରକୁ ଆସେ, ତାହା ହେଉଛି, ଆମେ ପ୍ରାୟ ଆଠ ଦଶନ୍ଧି ହେଲା ସ୍ୱାଧୀନତା ଅର୍ଜନ କଲେ, ନିଜକୁ ସ୍ୱାଧୀନ ଭାରତୀୟ କହି ଗୌରବରେ ଉଜ୍ଜ୍ୱଳ ଦିଶିଲେ, କିନ୍ତୁ ଗୋଟେ ମହାଭାରତୀୟ ଚେତନା ଆମ ଭୂଖଣ୍ଡର ସମସ୍ତ ଅଧିବାସୀଙ୍କ ମନୋମଣ୍ଡଳ ସମେତ ସମଗ୍ର ବିଶ୍ୱବାସୀଙ୍କ ମନୋମଣ୍ଡଳକୁ ଆଚ୍ଛନ୍ନ କରି ରହିଛି ସୁଦୀର୍ଘ କାଳ ଓ ରହିଥିବ ଅନନ୍ତ କାଳ ପର୍ଯ୍ୟନ୍ତ । ସେହି ଚେତନାଟି ହେଉଛି ବେଦର ଭିତ୍ତି, ବେଦାନ୍ତର ବିଭୂତି, ଗୀତାର କୀର୍ତ୍ତି, ଭାଗବତର କୃତି, ରାମାୟଣର ସ୍ମୃତି, ମହାଭାରତର ସମ୍ପତ୍ତି ଓ ଆମ ସକଳ ଶାସ୍ତ୍ର ପୁରାଣର ଅସଲ ଅବସ୍ଥିତି । ଜୀବନର ଉପଲବ୍ଧିରେ, ଆତ୍ମ-ସାକ୍ଷାତ୍‌କାରର ସିଦ୍ଧିରେ, ଚିନ୍ତନର ସ୍ୱାଧୀନତାରେ ଓ ଚରିତ୍ରର ଶୁଦ୍ଧିରେ ହିଁ ମହାଭାରତୀୟ ଚେତନାର ପ୍ରତିଭାତ । ବିଶ୍ୱ ଇତିହାସରେ ଭାରତର ସ୍ୱାଧୀନତା ଆଠ ଦଶନ୍ଧିର ସତ୍ୟ, କିନ୍ତୁ ମହାଭାରତୀୟ ଚେତନାଟି ସହସ୍ର ସହସ୍ର ବର୍ଷର । ଯେଉଁ ଚେତନାରୁ ଝରିଆସିଛି 'ବସୁଧୈବ କୁଟୁମ୍ବକମ୍', 'କୃଣ୍ୱନ୍ତୋ ବିଶ୍ୱମାର୍ଯ୍ୟମ୍', 'ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରାଃ' ଭଳି ଉଦାତ୍ତ ଉଚ୍ଚାରଣ । ସେହି ମହାଭାରତୀୟ ଚେତନା ସମଗ୍ର ବିଶ୍ୱର ଜନମାନସକୁ ଗୋଟେ ସାର୍ବଜନିକ, ବୈଶ୍ୱିକ ବିଚାରରେ ବିମୁଗ୍ଧ, ବିଭୋର କରିଛି ।

**ସେହି ଚେତନାଟି ହେଉଛି ବେଦର ଭିତ୍ତି, ବେଦାନ୍ତର ବିଭୂତି, ଗୀତାର କୀର୍ତ୍ତି, ଭାଗବତର କୃତି, ରାମାୟଣର ସ୍ମୃତି, ମହାଭାରତର ସମ୍ପତ୍ତି ଓ ଆମ ସକଳ ଶାସ୍ତ୍ର ପୁରାଣର ଅସଲ ଅବସ୍ଥିତି । ଜୀବନର ଉପଲବ୍ଧିରେ, ଆତ୍ମ-ସାକ୍ଷାତ୍‌କାରର ସିଦ୍ଧିରେ, ଚିନ୍ତନର ସ୍ୱାଧୀନତାରେ ଓ ଚରିତ୍ରର ଶୁଦ୍ଧିରେ ହିଁ ମହାଭାରତୀୟ ଚେତନାର ପ୍ରତିଭାତ ।**

କାଳୋତ୍ତୀର୍ଣ୍ଣ ସେହି ଚେତନାର ପ୍ରଭାବରେ ଆମେରିକାରେ ରାଲ୍‌ଫ୍ ୱାଲ୍‌ଡୋ ଇମର୍ସନ୍ ଗୀତା ପଢ଼ିଲେ, ବ୍ରହ୍ମ ଶୀର୍ଷକ କବିତା ଲେଖିଲେ । ତାଙ୍କ ଶିଷ୍ୟ ହେନରୀ ଡାଭିଡ୍ ଥରୋ ବି ଗୀତା ପଢ଼ିଲେ, ୱେଲ୍‌ଡେନ୍ ପ୍ରବନ୍ଧ ଲେଖିଲେ । ବେଦ, ଉପନିଷଦ, ଗୀତାର ସାର ଓ ସିଦ୍ଧାନ୍ତ ଆଧାରରେ ୱାଲ୍ଟ ହ୍ୱିଟ୍‌ମ୍ୟାନ୍ ଲେଖିଲେ 'ଲିଭ୍ସ ଅଫ୍ ଗ୍ରାସ୍' କବିତା । ରୁଷିଆରେ ଅଟୋଭନ୍ ବୋଟ୍‌ଲିଂ ସାତଟି ଭଲ୍ୟୁମ୍‌ରେ ସଂସ୍କୃତ-ଜର୍ମାନ୍ ଶବ୍ଦକୋଷ ପ୍ରଣୟନ କଲେ । ଇଂଲଣ୍ଡରେ ହୋରେସ୍ ହେମ୍ୟାନ୍ ଉଇଲ୍‌ସନ୍ କାଳିଦାସଙ୍କ ମେଘଦୂତମ୍‌କୁ ଇଂରାଜୀରେ ଅନୁବାଦ କଲେ, ଶୀର୍ଷକ ରଖିଲେ 'ଦି କ୍ଲାଉଡ୍ ମେସେଞ୍ଜର୍' । ଏ.ଏଲ୍.ବାସମ୍ ଲେଖିଲେ ବହିଟିଏ 'ଦି ୱଣ୍ଡର୍ ଦାଟ୍ ୱାଜ୍ ଇଣ୍ଡିଆ' । ଜିମ୍ କର୍‌ବେଟ୍ ଭାରତରେ ବାଇଶି ବର୍ଷ ଅବସ୍ଥାନ କରି ଲେଖିଲେ 'ମାଇଁ ଇଣ୍ଡିଆ' ପୁସ୍ତକ । ଫ୍ରାନ୍ସରେ ରୋମାଁରୋଲାଁ ଲେଖିଲେ 'ଦି ଏନ୍‌ଚ୍ୟାଣ୍ଟେଡ୍ ସୋଲ୍', 'ପ୍ରଫେଟ୍ସ ଅଫ୍ ଦି ନିଉ ଇଣ୍ଡିଆ', 'ଲାଇଫ୍ ଅଫ୍ ବିବେକାନନ୍ଦ' ଶୀର୍ଷକରେ ବହିଗୁଡ଼ିଏ ।

ଜର୍ମାନୀରେ ମ୍ୟାକ୍ସ ମୁଲର୍ ବେଦ ପଢ଼ିଲେ, 'ପ୍ରିଫେସ୍ ଟୁ ଋଗ୍‌ବେଦ' ଲେଖିଲେ, ସେଥିସହିତ ଲେଖିଲେ ବହିଟିଏ 'ଇଣ୍ଡିଆ : ହ୍ୱାଟ୍ କ୍ୟାନ୍ ଇଟ୍ ଟିଚ୍ ଅସ୍' । ହର୍‌ମାନ୍ କୁଲ୍‌କେ ଲେଖିଲେ, 'ଏ ହିଷ୍ଟ୍ରି ଅଫ୍ ଇଣ୍ଡିଆ' । ଆଲ୍‌ବର୍ଟ୍ ଆଇନ୍‌ଷ୍ଟାଇନ୍ ଗୀତା ପଢ଼ିଲେ, ବିଶ୍ୱବାସୀଙ୍କୁ କହିଲେ, ପରମାଣୁ ଶକ୍ତିକୁ ଶାନ୍ତିପୂର୍ଣ୍ଣ ଉପାୟରେ ଉପଯୋଗ କର, ଯାକୁ ପ୍ରୟୋଗ କରି ମରୁଭୂମିକୁ ଶସ୍ୟଶ୍ୟାମଳ କର, ବ୍ୟାଧି ଉପଶମ ପାଇଁ ଔଷଧ ପ୍ରସ୍ତୁତ କର । ଚୀନ୍‌ର ବିଦ୍ୱାନ୍‌ଙ୍କୁ ଫାନ୍‌ଚେଙ୍ଗ୍ ପଣ୍ଡିଚେରୀରେ ସତେଇଶି ବର୍ଷ କାଳ ଅବସ୍ଥାନ କରି ଶ୍ରୀଅରବିନ୍ଦଙ୍କ 'ଦି ଲାଇଫ୍ ଡିଭାଇନ୍', 'ଦି ସିନ୍ଥେସିସ୍ ଅଫ୍ ଯୋଗ', 'ଦି ହ୍ୟୁମାନ୍-ସାଇକିଲ୍' ବହିଗୁଡ଼ିକୁ ଚୀନା ଭାଷାରେ ଅନୁବାଦ କଲେ । ଭାରତୀୟ ଧର୍ମ, ଦର୍ଶନ ଦ୍ୱାରା ପ୍ରଭାବିତ ହୋଇ ଜାପାନର ହାଜିମେ ନାକାମୁରା ଲେଖିଲେ, 'ୱେଜ୍ ଅଫ୍ ଥିଙ୍କିଙ୍ଗ୍ ଅଫ୍ ଇଷ୍ଟର୍ଣ୍ଣ ପିପୁଲ୍ସ', ସେଙ୍ଗାକୁ ମାୟେଡ଼ା ଲେଖିଲେ 'ଇଣ୍ଡିଆନ୍ ଫିଲୋସୋଫି ଆଣ୍ଡ୍ ଆଦି ଶଙ୍କର', ଡାଇସାକୁ ଇକେଡ଼ା ଲେଖିଲେ, 'ଉଇସ୍‌ଡମ୍ ଫର୍ କ୍ରିଏଟିଂ ହାପିନେସ୍ ଆଣ୍ଡ୍ ପିସ୍' । ସ୍ୱେନ୍‌ର ହେନରୀ ହେରାସ୍ ଲେଖିଲେ, 'ଇଣ୍ଡୋଲୋଜିକାଲ୍ ଷ୍ଟଡିଜ୍' । ଇଣ୍ଡୋନେସିଆର ଡ.ଏ.ଡି. ସେଦ୍ୟାବତୀ ଇଣ୍ଡୋନେସିଆ ସଂସ୍କୃତି ଉପରେ ଭାରତୀୟ ସଂସ୍କୃତିର ପ୍ରଭାବ ସମ୍ବନ୍ଧୀୟ ବକ୍ତବ୍ୟ ଉପସ୍ଥାପନ କଲେ ବିଶ୍ୱବାସୀଙ୍କ ଆଗରେ । ମରିସସ୍-ସଂସ୍କୃତି ଉପରେ ଭାରତୀୟ ସଂସ୍କୃତିର ପ୍ରଭାବ ଏତେ ଅଧିକ ଯେ ମରିସସ୍‌କୁ ବିଶ୍ୱବାସୀ ଖୁବ୍ ଆଗ୍ରହରେ ଛୋଟ ଭାରତ ବୋଲି କହିଲେ ।

ଏଭଳି ଦୃଷ୍ଟାନ୍ତ ଦେଲେ ସହସ୍ର ସହସ୍ର ହେବ । ତେବେ ଏଥିରୁ ଗୋଟିଏ କଥା ସ୍ପଷ୍ଟ ଯେ ଏବେ ପାଶ୍ଚାତ୍ୟରେ କୁହାଯାଉଥିବା କିମ୍ବା ଲେଖାଯାଉଥିବା ଅନେକ କଥା ସହସ୍ର ସହସ୍ର ବର୍ଷ ପୂର୍ବରୁ ଭାରତରେ କୁହାଯାଇଥିଲା, ଲେଖାଯାଇଥିଲା । ଟି.ଏସ୍.ଇଲିଅଟ୍ 'ଫୋର୍ କ୍ୱାଟର୍‌ସ' କବିତାରେ କହନ୍ତି, ନଦୀ ଆତ୍ମାର, ସମୁଦ୍ର ପରମାତ୍ମାର ପ୍ରତୀକ । ନଦୀ ସମୁଦ୍ର ଅଭିମୁଖେ ଗତି କରୁଥିଲା ଭଳି ଆତ୍ମା ପରମାତ୍ମା ଅଭିମୁଖେ ଗତିଶୀଳ । ହଜାର ହଜାର ବର୍ଷ ପୂର୍ବରୁ ବ୍ୟାସଦେବ ମହାଭାରତରେ ଲେଖିଥିଲେ, ଆତ୍ମା ନଦୀ ସଂଯମ ପୁଣ୍ୟତୀର୍ଥା ସତ୍ୟୋଦକା ଶୀଳତଟା ଦୟୋର୍ମିଃ / ତତ୍ରାଭିଷେକଂ କୁରୁ ପାଣ୍ଡୁ ପୁତ୍ର ନ ବାରିଣା ଶୁଦ୍ଧ୍ୟତି ଚାନ୍ତରାତ୍ମା ।

ଟି.ଏସ୍.ଇଲିଅଟ୍ 'ଦି ୱେଷ୍ଟ ଲ୍ୟାଣ୍ଡ' କବିତାରେ ବି ଉଲ୍ଲେଖ କଲେ ଉପନିଷଦର କେତୋଟି ସଂସ୍କୃତ ଶବ୍ଦକୁ ଇଂରାଜୀ ଅକ୍ଷରରେ : 'ଦତ୍ତ, ଦୟାଧ୍ୱମ୍, ଦମ୍ୟତା' (ଦାନ କର, ଦୟା କର, ସଂଯମ ଆଚରଣ କର), ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ । କେବଳ ସେତିକି ନୁହେଁ, ଭାରତୀୟ କଳାର ଅନ୍ତଃରାଷ୍ଟ୍ରୀୟ ପ୍ରଭାବ କିଭଳି ରହିଛି, ତାହା ଓଁକାରନାଥ ଠାକୁର ଓ ବିସ୍‌ମିଲ୍ଲା ଖାନ୍‌ଙ୍କୁ ଦୃଷ୍ଟାନ୍ତ ସ୍ୱରୂପ ନେଇ ବିଚାର କରାଯାଇପାରେ । ଏକଦା ଓଁକାରନାଥ ଠାକୁର ଇଟାଲୀରେ ସଙ୍ଗୀତ ପରିବେଷଣ କରୁଥିବା ସମୟରେ ଇଟାଲୀର ତତ୍କାଳୀନ ଶାସକ ମୁସୋଲିନି ତାଙ୍କୁ କହିଲେ, ଅତିଶୟ କର୍ମଚାପ ହେତୁ ମତେ ଭଲ ନିଦ ହେଉନାହିଁ । ଏଭଳି ଭାରତୀୟ ସଙ୍ଗୀତ ଅଛି କି ଯାହାକୁ ଆପଣ ଗାଇବେ ଓ ମୁଁ ତାକୁ ଶୁଣି ଶାନ୍ତିରେ ଶୋଇପାରିବି ? ଓଁକାରନାଥ ଶାସ୍ତ୍ରୀୟ ସଙ୍ଗୀତ ଗାଇଲେ ଓ ମୁସୋଲିନି ତାକୁ ଶୁଣିଲା ପରେ ଦୀର୍ଘ ସମୟ ଶୋଇପାରିଲେ । ଥରେ ବିସ୍‌ମିଲ୍ଲା ଖାନ୍ ଆମେରିକାରେ ସାହାନାଇ ବାଦନ କରୁଥିବା ସମୟରେ ଆମେରିକୀୟ ପ୍ରଶାସନ ତରଫରୁ ତାଙ୍କୁ ଅନୁରୋଧ କରାଗଲା, ଆପଣ ଆମ ଦେଶରେ ରହି ସାହାନାଇ ବାଦନ ଶିକ୍ଷା ଦିଅନ୍ତୁ । ବିସ୍‌ମିଲ୍ଲାଜୀ ଉତ୍ତର ଦେଲେ, ମୁଁ କେବଳ ଭାରତରେ ଗଙ୍ଗାନଦୀ କୂଳରେ ହିଁ ରହିବି, ଯେହେତୁ ଗଙ୍ଗାନଦୀ ଜଳଧାରାର କଳକଳ ଧ୍ୱନିରୁ ମୁଁ ସଙ୍ଗୀତ ସାଧନା ପାଇଁ ପ୍ରେରଣା ଲାଭ କରିଛି । ଶାସ୍ତ୍ରୀୟ ସଙ୍ଗୀତ, ସାହାନାଇ ସ୍ୱରରେ ଯେଉଁ ମହାଭାରତୀୟ ଚେତନାଟି ରହିଛି ତାହାହିଁ ବିଦେଶୀମାନଙ୍କ ମନୋଭୂମିକୁ ଗୋଟେ ସାତ୍ତ୍ୱିକ ଭାବନାରେ ସିକ୍ତ କରୁଛି ।

ସଙ୍ଗୀତଜ୍ଞ ଓ ବାଦ୍ୟଯନ୍ତ୍ରର ସ୍ୱର ଭଳି ଜଣେ ସନ୍ଥଙ୍କ ସ୍ୱରରେ ମଧ୍ୟ ଚୁମ୍ବକତ୍ୱ ଥିଲା । ସେ ହେଲେ ସ୍ୱାମୀ ବିବେକାନନ୍ଦ । ଚିକାଗୋର ବିଶ୍ୱ ଧର୍ମ ମହାସଭାରେ ତାଙ୍କ ସ୍ୱରର ଗମ୍ଭୀରତା, ସ୍ମୃତିର ପ୍ରଖରତା, ବକ୍ତବ୍ୟର ଗଭୀରତା ଭିତରେ ବିଶ୍ୱବାସୀ ଅନୁଭବ କରିଥିଲେ, ଆକଳନ କରିଥିଲେ ଗୋଟେ ସ୍ୱୟଂସଂପୂର୍ଣ୍ଣ ମହାଭାରତୀୟତା, ଅନ୍ତର୍ଭେଦୀ ସାତ୍ତ୍ୱିକତା, ଯାହାର ଆଧାର ଥିଲା ବୈଦାନ୍ତିକ ଦର୍ଶନ । ଦକ୍ଷିଣ ଆଫ୍ରିକାରେ ଓ ପରବର୍ତ୍ତୀ ସମୟରେ ଭାରତବର୍ଷରେ ମହାତ୍ମା ଗାନ୍ଧିଙ୍କ କାର୍ଯ୍ୟଧାରାରେ ଅହିଂସା ଓ ସତ୍ୟାଗ୍ରହର ଅବଲମ୍ବନ ଥିଲା ସେହି ମହାଭାରତୀୟତା ଓ ସାତ୍ତ୍ୱିକତାର ଶୁଦ୍ଧ ପ୍ରକଟନ । ଉଭୟ ବିବେକାନନ୍ଦ ଓ ମହାତ୍ମା ଗାନ୍ଧିଙ୍କ ଉଚ୍ଚାରଣ ଥିଲା ମହାର୍ଘ ମହାଭାରତୀୟ ଚେତନାର ଚିନ୍ମୟ ମନ୍ତ୍ର ।

ସେହି ଚେତନାର ପ୍ରଭାବ ସ୍ପଷ୍ଟ ଅଭିବ୍ୟକ୍ତ ହୋଇଥିଲା ଭାରତରେ ସ୍ୱାଧୀନତା ଆନ୍ଦୋଳନ କାଳରେ । ଆମେରିକାରୁ ଲୁଇ ଫିସର୍ ଧାଇଁ ଆସିଥିଲେ ଭାରତକୁ ଗାନ୍ଧିଙ୍କ ଜୀବନ-ଚରିତ ଲିପିବଦ୍ଧ କରିବା ଉଦ୍ଦେଶ୍ୟରେ ଓ ଲେଖିଲେ ଖଣ୍ଡେ ବହି 'ଦି ଲାଇଫ୍ ଅଫ୍ ମହାତ୍ମା ଗାନ୍ଧୀ' । ଇଂଲଣ୍ଡର ଫେନର୍ ବ୍ରୋକ୍‌ୱେ ଗାନ୍ଧିଙ୍କ ନେତୃତ୍ୱକୁ ଭୂୟସୀ ପ୍ରଶଂସା କଲେ ଓ ତାଙ୍କ ଅହିଂସା ନୀତିରେ ଅନୁପ୍ରାଣିତ ହୋଇ ଉପନିବେଶବାଦ, ସାମ୍ରାଜ୍ୟବାଦ, ଆଣବିକ ଅସ୍ତ୍ର ଓ ଆମିଷ ଭକ୍ଷଣ ବିରୋଧରେ ଜନ-ସଚେତନତା ସୃଷ୍ଟି କଲେ । ଜର୍ମାନୀର ଆଲ୍‌ବର୍ଟ୍ ଆଇନ୍‌ଷ୍ଟାଇନ୍ ଗାନ୍ଧି-ଦର୍ଶନରେ ପ୍ରଭାବିତ ହୋଇ ତାଙ୍କୁ ଜଣେ ସନ୍ଥ ରୂପରେ ଗ୍ରହଣ କଲେ । ଫ୍ରାନ୍ସର ରୋମାଁରୋଲାଁ ଗାନ୍ଧି କିଭଳି ମହାତ୍ମା ହେଲେ ବୋଲି ବିଶ୍ଳେଷଣ କରି ମହାତ୍ମା ଗାନ୍ଧି ଶୀର୍ଷକ ବହିଟିଏ ଲେଖିଲେ ।

ଗାନ୍ଧିଙ୍କର ମହାନୁଭବତା ଥିଲା ତାଙ୍କ ଗ୍ରହଣଶୀଳତାରେ । ସେ ଗ୍ରହଣ କରିଥିଲେ ଆମେରିକାର ହେନରୀ ଡାଭିଡ୍ ଥରୋଙ୍କ ସିଭିଲ୍ ଡିସ୍‌ଓବିଡିଏନ୍ସ ପ୍ରବନ୍ଧରୁ ରାଜନୀତିର ସାର, ଇଂଲଣ୍ଡର ଜନ୍ ରସ୍କିନ୍‌ଙ୍କ 'ଅନ୍‌ଟୁ ଦିସ୍ ଲାଷ୍ଟ' ପୁସ୍ତକରୁ ଅର୍ଥନୀତିର ସାର, ରୁଷିଆର ଲିଓ ଟଲଷ୍ଟୟଙ୍କ 'ଦି କିଙ୍ଗ୍‌ଡମ୍ ଅଫ୍ ଗଡ୍ ଇଜ୍ ଉଇଦିନ୍ ଇଉ ପୁସ୍ତକରୁ ଆଧ୍ୟାତ୍ମିକତାର ସାର । ମହାଭାରତୀୟ ଚେତନା ସତ୍ୟ ଓ ଅହିଂସାକୁ ଗ୍ରହଣ କରିବାର ମାର୍ଗ ଦର୍ଶନ କରେ, ସମଗ୍ର ବସୁଧାକୁ ଗୋଟିଏ କୁଟୁମ୍ବ ବୋଲି ବିଚାର କରେ, ଯେକୌଣସି ରାଷ୍ଟ୍ରର ମହତ ବ୍ୟକ୍ତିଙ୍କ ମହତ ଚିନ୍ତନକୁ ଗ୍ରହଣ କରେ, ଯାହା ପ୍ରତିଫଳିତ ହୋଇଥିଲା ଭାରତର ସ୍ୱାଧୀନତା ଆନ୍ଦୋଳନରେ ।

ବୈଦିକ ଋଷିଙ୍କ କଣ୍ଠରୁ ଝରିଆସିଥିଲା ଅମୃତ ବଚନ, ବିଶ୍ୱକୁ ଆର୍ଯ୍ୟ ବା ଶ୍ରେଷ୍ଠ କର । ବ୍ୟକ୍ତି-ସମୁଦାୟ ଶ୍ରେଷ୍ଠ ହେଲେ ବିଶ୍ୱ ଶ୍ରେଷ୍ଠ ହେବ । ସତ୍ ମନୁଷ୍ୟ ହୁଅ, ସତ୍ ମନୁଷ୍ୟ ସୃଷ୍ଟି କର । ମନୁଷ୍ୟତ୍ୱ ଅର୍ଜନ କର । ମନୁଷ୍ୟତ୍ୱର ବୈଜୟନ୍ତୀ ଉର୍ଦ୍ଧ୍ୱରେ ଉତ୍ତୋଳନ କର । (ମନୁର୍ଭବ ଜନୟା ଦୈବ୍ୟଂ ଜନମ୍ / ଉର୍ଦ୍ଧ୍ୱଂ କୃଣ୍ୱନ୍ତୁ ଧ୍ୱରସ୍ୟ କେତୁମ୍) ।

ସ୍ୱାଧୀନତା ଆନ୍ଦୋଳନକୁ ଫଳପ୍ରଦ କରିଥିବା ଓ ସ୍ୱାଧୀନତା ପ୍ରାପ୍ତି ପରେ ରାଷ୍ଟ୍ର ଗଠନରେ ରଚନାତ୍ମକ ଭୂମିକା ଗ୍ରହଣ କରିଥିବା ପ୍ରମୁଖ ବ୍ୟକ୍ତିମାନଙ୍କ ଜୀବନ-ଚରିତ ପଢ଼ିଲେ ଆମେ ଜାଣିପାରିବା ସେମାନେ କିଭଳି ଉପରୋକ୍ତ ମହାଭାରତୀୟ ଆଦର୍ଶରେ ନିଜ ନିଜର ଜୀବନକୁ ଗଢ଼ିଥିଲେ ଓ ସେପରି ଜୀବନ ଗଢ଼ିବାକୁ ଅନ୍ୟମାନଙ୍କୁ ପ୍ରେରଣା ଦେଇଥିଲେ । ସେହି ସମସ୍ତଙ୍କ ଜୀବନ ଶ୍ରେଷ୍ଠତ୍ୱରେ ଅଧିରୂଢ଼ ହୋଇଥିଲାୟ । ଶ୍ରୀମଦ୍‌ଭଗବତ୍ ଗୀତାରେ ବର୍ଣ୍ଣିତ କର୍ମଯୋଗ ପରିସ୍ଫୁଟ ହୋଇଥିଲା ଗାନ୍ଧିଙ୍କ ଜୀବନରେ, ଯିଏ ଆଜୀବନ କର୍ମବାଦ ବା ସକ୍ରିୟତାବାଦ ଉପରେ ପ୍ରାଧାନ୍ୟ ଆରୋପ କରୁଥିଲେ । ଯେଉଁ କର୍ମବାଦ ପ୍ରତିଫଳିତ ହୋଇଥିଲା ବାଳଗଙ୍ଗାଧର ତିଲକଙ୍କ କେଶରୀ ପତ୍ରିକା ସଂପାଦନାରେ, ବିନୋବାଙ୍କ ଭୂଦାନ ଯଜ୍ଞରେ, ଜୟପ୍ରକାଶଙ୍କ ସର୍ବୋଦୟ ଆନ୍ଦୋଳନରେ, ମଦନମୋହନ ମାଲବ୍ୟ, ସୟଦ୍ ଅହମ୍ମଦ ଖାନ୍, ଆବୁଲ୍ କଲାମ୍ ଆଜାଦ୍‌ଙ୍କ ଶୈକ୍ଷିକ ଉତ୍କର୍ଷ ସାଧନରେ ଓ ସ୍ୱାଧୀନତାର ଉତ୍ତରକାଳରେ ଗଣେଶ ବାସୁଦେବ ମାଭଲଙ୍କର୍ ଓ ଅନନ୍ତଶୟନମ୍ ଆୟେଙ୍ଗର୍ ପ୍ରମୁଖଙ୍କ ପାର୍ଲାମେଣ୍ଟ ପରିଚାଳନାରେ । ଏମିତି ଶତ ଶତ ଦୃଷ୍ଟାନ୍ତ ରହିଛି ।

ରବୀନ୍ଦ୍ରନାଥ ଠାକୁରଙ୍କ ଗୀତାଞ୍ଜଳି (ସଙ୍ଗ୍ ଅଫରିଙ୍ଗ୍) କବିତା-ପୁସ୍ତକରେ ଭୂମଣ୍ଡଳରୁ ନଭୋମଣ୍ଡଳ ପର୍ଯ୍ୟନ୍ତ, ଦେହ-ଦେବାଳୟରୁ ଦୂର ଦିଗ୍‌ବଳୟ ପର୍ଯ୍ୟନ୍ତ ସବୁଠି ଦିବ୍ୟତାର ସ୍ପର୍ଶ ରହିଛି । ସେଥି ସହିତ ରହିଛି ଭାରତୀୟ ଦର୍ଶନର ପ୍ରଶସ୍ତି ଗାନ, ମହାଭାରତୀୟ ଚିନ୍ତନ ଓ ସ୍ୱାଧୀନତା ପ୍ରାପ୍ତି ନିମିତ୍ତ ପ୍ରତ୍ୟୟ, ପ୍ରେରଣା, ପ୍ରାର୍ଥନା । ରବୀନ୍ଦ୍ରନାଥ ମହାଭାରତୀୟ ଚେତନା ସହିତ ସ୍ୱାଧୀନତାକୁ ଯୋଡ଼ିଦେଇ ଗୀତାଞ୍ଜଳି ପୁସ୍ତକଟିକୁ ଗୋଟେ ବୈଶ୍ୱିକ ବିଭୂତିରେ ରୂପାନ୍ତରିତ କରି ଦେଇଛନ୍ତି । ବିଶେଷତଃ 'ହୋୟାର୍ ଦି ମାଇଣ୍ଡ୍ ଇଜ୍ ଉଇଦାଉଟ୍ ଫିଅର୍' କବିତାରେ ସେ ଦେଖିବାକୁ ଚାହିଁଛନ୍ତି ଗୋଟେ ସ୍ୱାଧୀନ ରାଷ୍ଟ୍ର ଯେଉଁଠି ମଣିଷର ମନ ଭୟରୁ ମୁକ୍ତ ହୋଇଥିବ, ମଣିଷ ତାର ମଥା ଉନ୍ନତ କରି ବାଟ ଚାଲୁଥିବ ଓ ସତ୍ୟବାକ୍, ବିବେକୀ ହୋଇଥିବ, ଜ୍ଞାନର ଦ୍ୱାର ସଦା ଉନ୍ମୁକ୍ତ ରହିଥିବ, ସମାଜକୁ ବିଭାଜିତ କରୁଥିବା ସଂକୀର୍ଣ୍ଣତା ନଥିବ, ଅନ୍ଧବିଶ୍ୱାସ, କୁସଂସ୍କାର ନଥିବ ଇତ୍ୟାଦି । ଏସବୁ ତ ପ୍ରଶସ୍ତ ମହାଭାରତୀୟତା ଓ ତନ୍ମଧ୍ୟସ୍ଥ ଉଦାର ମାନବୀୟ ଆବେଦନ, ଯାହାକୁ ପଢ଼ି ଆୟାର୍ଲ୍ୟାଣ୍ଡ୍‌ର କବି ଉଇଲିୟମ୍ ବଟ୍‌ଲର୍ ୟେଟ୍ସ ମଧ୍ୟ ଭାବବିହ୍ୱଳ ହେଇଗଲେ ।

ମହାଭାରତୀୟ ଚେତନାର ଧ୍ୱନି ସମଗ୍ର ବିଶ୍ୱରେ ଯେଭଳି ଆମ ସ୍ୱାଧୀନତା ଆନ୍ଦୋଳନରେ ସେହିଭଳି ପ୍ରତିଧ୍ୱନିତ ହୋଇଛି । ସେହି ଚେତନା ଆମକୁ ଉଦ୍‌ବୁଦ୍ଧ କରିଛି ସତ୍ୟ ଓ ଅହିଂସା ବଳରେ ବିଦେଶୀ ଶାସନରୁ ନିଜକୁ ମୁକ୍ତ କରିବାକୁ, ବିଶ୍ୱ-ଚିନ୍ତକମାନଙ୍କର ମହତ୍ ଚିନ୍ତାକୁ ଗ୍ରହଣ କରିବାକୁ, କର୍ମଯୋଗୀ ହୋଇ ମୂଲ୍ୟବୋଧଯୁକ୍ତ ଜୀବନ ବଞ୍ଚିବାକୁ, ସାର୍ବଜନିକ ମଙ୍ଗଳ ନିମିତ୍ତ ସାତ୍ତ୍ୱିକତାର ପ୍ରୟୋଗ କରିବାକୁ । କେବଳ ମୂଲ୍ୟବୋଧ ହିଁ ସ୍ୱାଧୀନତାର ରକ୍ଷାକବଚ, ଏ ହେଉଛି ମହାଭାରତୀୟ ଚେତନାର ଉଦ୍‌ଘୋଷଣା ।

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର**
**ମୋ-୯୮୫୩୨୮୨୯୬୨**

# ଅଜ୍ଞାନର ଅର୍ଥହୀନତା



**ଯଚିଦାନନ୍ଦ ଦାଶ**

ଇଂରାଜୀରେ ଏକ ପ୍ରବାଦ ଅଛି 'ସମୱାନ୍ ଫିଲସ୍ ୱାଇଜ୍ ଇନ୍ ହିଜ୍ ଓନ୍ ଆଇଜ୍ ।' ଅର୍ଥାତ୍ କିଛି ଲୋକ ଅଛନ୍ତି, ସେମାନେ ନିଜକୁ ନିଜେ ଜ୍ଞାନୀ ବୋଲି ମନେ କରିନିଅନ୍ତି । ଏ ପ୍ରକାର ଲୋକମାନେ କେବଳ କିଛି ଶାସ୍ତ୍ର ଓ ଶ୍ଳୋକ ପୁସ୍ତକରୁ ଉଦ୍ଧାର କରି ବା ମୁଖସ୍ଥ କରି ନିଜକୁ ପଣ୍ଡିତ ଭାବେ ପ୍ରଦର୍ଶନ କରିଥାନ୍ତି । କିଛି ନକଲ ଓ ମୂଲ୍ୟହୀନ ଶବ୍ଦ ଉଚ୍ଚାରଣକୁ କାକ ଭଳି ରାବ କରି ପାଣ୍ଡିତ୍ୟର ପରାକାଷ୍ଠା ଦେଖାଇଥାନ୍ତି । ଫଳରେ ଏମାନେ ଏକ ଅହଂକାରର ପରିବେଶ ସୃଷ୍ଟିକରି ନିଜକୁ ନଷ୍ଟ କରିଥାନ୍ତି । ବେଳେ ବେଳେ ନିଜକୁ ଜ୍ଞାନୀ ବୋଲି ଦେଖାଇ ଅନ୍ୟକୁ ଶୋଷଣ କରିବାକୁ ପଛାନ୍ତି ନାହିଁ । ନିଜର ସୀମିତ ଓ ଉଧାର କରିଥିବା ଶାସ୍ତ୍ରକୁ ପରିବେଷଣ କରି ନିଜେ ତାଙ୍କ ତାକତରେ ମଜ୍ଜି ଯାଆନ୍ତି ଏବଂ ନିଜକୁ ଜ୍ଞାନୀ ବୋଲି ଭାବି ଅହଂକାରରେ ଫାଟି ପଡନ୍ତି । କିଛି ଲୋକ ଅଛନ୍ତି, ନିଜକୁ ସବ୍‌ଜାନ୍ତା ଭାବି ଅନ୍ୟଠାରୁ ଶିଖିବାର ପ୍ରୟାସ ରଖନ୍ତି ନାହିଁ । ଠିକ ଉପଦେଶ ଓ ସମାଲୋଚନାକୁ ଭୃକ୍ଷେପ ନ କରି ତାହା ନିଜ ପ୍ରତି ଅପମାନ ବୋଲି ଭାବି ନିଅନ୍ତି, ଯାହା ଅଜ୍ଞାନତାର ପରିଚୟ ଦିଏ । ଏମାନେ ଜ୍ଞାନର ଅଭାବ ଓ ନିଜର ନିଜତ୍ୱକୁ ଓଜନ କରିବାରେ ଅସମର୍ଥ ହୋଇ ସର୍ବସାଧାରଣରେ ଲଜ୍ଜିତ ହୋଇଥାନ୍ତି ।

ଆଉ କିଛି ବ୍ୟକ୍ତିବିଶେଷ ଅଛନ୍ତି, ନିଜର ସ୍ୱଳ୍ପ ଜ୍ଞାନକୁ ନେଇ ଏବଂ ନିଜ ଇଚ୍ଛାକୁ ପୂରଣ କରିବା ପାଇଁ ଅନ୍ୟର ଗୁଲାମ ବନିବାକୁ ପଛାନ୍ତି ନାହିଁ । ଏ ପ୍ରକାର ଲୋକ କଥା କମ୍ କାମ ବେଶୀ ନିୟମର ଏକ ବଡ଼ ବ୍ୟତିକ୍ରମ ହୋଇ ରହିଯାଆନ୍ତି । ସମାଜ ପ୍ରତି ଏମାନଙ୍କର ଅବଦାନ କିଛି ନଥାଏ । ଏ ପ୍ରକାର ଲୋକଙ୍କ କାର୍ଯ୍ୟାକଳାପକୁ ଅଜ୍ଞାନୀର ଅଭିନୟ କହିଲେ କିଛି ଅତ୍ୟୁକ୍ତି ହେବନାହିଁ । ଏମାନେ ଧରାପୃଷ୍ଠରେ ଖାଲି ଅଭିନୟ କରି ଚାଲନ୍ତି । ଏମାନଙ୍କର କର୍ମରେ, ଜ୍ଞାନରେ ଓ ଚେତନାରେ କିଛି ବାସ୍ତବତା ନ ଥାଏ । ତା' ଛଡ଼ା କାର୍ଯ୍ୟରେ କୌଣସି ଅନୁଭୂତି ମଧ୍ୟ ନଥାଏ । ଏମାନଙ୍କ ପାଖରେ କଳ୍ପନାତ୍ମକ ଚିନ୍ତାଧାରା ଓ ବାସ୍ତବତା ମଧ୍ୟରେ ଅନେକ ତାରତମ୍ୟ ଥାଏ ।

ଅଜ୍ଞାନୀ ଅଭିନୟ କରୁ କରୁ ନିରବତା ପରିବର୍ତ୍ତେ କୋଳାହଳ ପରିବେଶକୁ ଆଦରି ନିଏ । ନିରବତାର ଅଭାବରେ ଅଜ୍ଞାନୀ ମଣିଷ ଚିନ୍ତନ ଓ ମନନ ଶକ୍ତି ହରେଇ ବସେ । ଚିନ୍ତନଶକ୍ତିର ଅଭାବରେ ବିଚାର ଶକ୍ତି ମଧ୍ୟ ହରେଇ ବସେ । ଏ ପ୍ରକାର ମଣିଷ କ୍ଷେତ୍ରରେ କୌଣସି କାର୍ଯ୍ୟର ତୁରନ୍ତ ନିଷ୍ପତ୍ତି ନେବାର କ୍ଷମତା ନଷ୍ଟ ହୋଇଯାଇ ଥାଏ । ଏତଦ୍ ବ୍ୟତୀତ ଦୂରଦୃଷ୍ଟିର ଅଭାବରେ ଭବିଷ୍ୟତ ପାଇଁ କୌଣସି ଯୋଜନା ମଧ୍ୟ କରି ପାରେନା । ଅଜ୍ଞାନୀର ଏ ପ୍ରକାର ନକରାତ୍ମକ ଅଭିନୟ ସମାଜ ପ୍ରତି ଅତ୍ୟନ୍ତ କ୍ଷତିକାରକ । ଅଜ୍ଞାନୀ ଜ୍ଞାନର ସାଗରକୁ ସ୍ପର୍ଶ କରିପାରେନା ଓ ଜ୍ଞାନର ପରିଭାଷାକୁ ବୁଝି ନ ପାରି ଖାଲି ମିଛଟାରେ ଅଭିନୟ କରିଚାଲେ । ନିଜର ଅଜ୍ଞାନତାକୁ ଖୋଜି ବାହାର କରି ପାରେନା । ଫଳରେ ଜ୍ଞାନ ଆହରଣ କରିବାର ପ୍ରୟାସ ଅଜ୍ଞାନୀ ପାଖରେ ନଥାଏ । ନିଜର ସ୍ୱଳ୍ପ ଜ୍ଞାନ ଭିତରେ ବାହାସ୍ଫୋଟ ମାରି ଚାଲେ । ଜ୍ଞାନର ସାଗରରୁ ଏକ ବିନ୍ଦୁ ଜଳଟିଏ ହେବାର ପ୍ରଚେଷ୍ଟା ଅଜ୍ଞ ବ୍ୟକ୍ତିଟି ପାଖରେ ଦେଖାଯାଏନା । ଦାର୍ଶନିକ ଦୃଷ୍ଟିକୋଣରୁ ବିଚାର କଲେ, ଜଣେ ଅଜ୍ଞାନୀଠାରେ ଆତ୍ମ ସଚେତନତା ଅଭାବ ସବୁ ସମୟରେ ପରିଲକ୍ଷିତ ହୋଇଥାଏ । ଯାହାର ପ୍ରଭାବରେ ସେ ନିକୃଷ୍ଟ ଚେତନାର ଅଭିନୟ କରିଚାଲେ । ଅନ୍ୟମାନଙ୍କ ପ୍ରତି ହୀନମନ୍ୟତା ପ୍ରଦର୍ଶନ କରିଥାଏ । ନିଜେ ବୁଦ୍ଧିମାନ ଏବଂ ବଡ଼ଭାବି ଅନ୍ୟମାନଙ୍କ ପ୍ରତି ତୁଚ୍ଛ ଭାବନା ମନରେ ଜାଗ୍ରତ କରାଏ । ଅନେକ ଅଜ୍ଞାନୀ ସ୍ଥୂଳ ଭାବେ ଏ ପ୍ରକାର ଆଚରଣ ପ୍ରଦର୍ଶନ ନ କଲେ ମଧ୍ୟ ସେମାନଙ୍କ ବ୍ୟବହାରରେ ସୂକ୍ଷ୍ମ ଭାବରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଏହାର ପ୍ରତିଫଳନ ହୋଇଥାଏ ।

ଅଜ୍ଞ ବ୍ୟକ୍ତିମାନେ ଚିନ୍ତନଶକ୍ତି ଅଭାବରୁ ସୃଜନଶୀଳ ହୋଇ ପାରନ୍ତି ନାହିଁ । ବେଳେ ବେଳେ ଏମାନଙ୍କର ଅବ୍ୟବସ୍ଥିତ ସାମାଜିକ ବିଭାଜନ ଏବଂ ସାମାଜିକ ସ୍ଥିରତାର ଅବକ୍ଷୟ ଇତ୍ୟାଦି ଘୃଣ୍ୟ ଅଭିନୟ ସମାଜର ଅଶେଷ କ୍ଷତି କରିଚାଲେ । ଏମାନେ ଉଦ୍ଦେଶ୍ୟମୂଳକ ଭାବେ ହିଂସା ଓ ଦ୍ୱେଷରେ ଜଡିତ ହୋଇ ଅନ୍ୟର କ୍ଷତି କରିବା ପାଇଁ ଯୋଜନା କରିଚାଲନ୍ତି । ଅଜ୍ଞାନୀ ସାମାଜିକ ବନ୍ଧନ ଓ ସମ୍ପର୍କକୁ ନଷ୍ଟ କରିଥାଏ । ସମାଜରେ ପରସ୍ପର ମଧ୍ୟରେ ମଧୁର ସମ୍ବନ୍ଧ ରଖିବାକୁ ଏମାନେ ଚାହିଁନଥାନ୍ତି । ସେମାନେ ସେମାନଙ୍କର ବିଶ୍ୱାସଘାତକତା ପ୍ରବୃତ୍ତି ବଳରେ ଭଲ ବନ୍ଧୁମାନଙ୍କୁ ଶତ୍ରୁରେ ପରିଣତ କରନ୍ତି । କ୍ଷଣକୋପୀ ହୋଇ ସହଜରେ ଗଣ୍ଡଗୋଳ ଭିଆଇ ସାମାଜିକ ସମ୍ବନ୍ଧକୁ ନଷ୍ଟ କରନ୍ତି । ଅଜ୍ଞବ୍ୟକ୍ତି ଅନ୍ୟର ପରାମର୍ଶ ଓ ଉପଦେଶକୁ ଭ୍ରୁକ୍ଷେପ କରନ୍ତି ନାହିଁ ଏବଂ ସଦାସର୍ବଦା ନିଜ ଆଖିରେ ନିଜେ ଠିକ୍ ଭଳି ନିଜକୁ ଭାବିଥାଆନ୍ତି । ଏହା ପରୋକ୍ଷରେ ସେମାନଙ୍କର ସ୍ୱେଚ୍ଛାଚାରୀ ଭାବନାର ପ୍ରମାଣ ଦିଏ । ଅନ୍ୟର ଉପଦେଶକୁ ଖାତିରି ନ କରିବା ଫଳରେ କାର୍ଯ୍ୟକ୍ଷେତ୍ରରେ ସମୟେ ସମୟେ ସେମାନେ ଦୁର୍ବଳ ନିଷ୍ପତ୍ତି ନେଇଥାନ୍ତି । ଏହି ଭୋଳା ମନୋବୃତ୍ତିର ଲୋକମାନେ ସହଜରେ ଠକାମିରେ ପଡ଼ିଯାନ୍ତି । କିଛି ଅଂଶରେ ଅଜ୍ଞାନୀ ଏକାଠି ହୋଇଗଲେ, ସମାଜରେ ଶାନ୍ତି ବଦଳରେ ବ୍ୟଭିଚାରର ଜନ୍ମନିଏ । ଜାତୀୟ ସମ୍ପତ୍ତି ଓ ସର୍ବସାଧାରଣ ଭିତ୍ତିଭୂମିକୁ ନଷ୍ଟ କରିବାରେ ଏମାନେ ଅତ୍ୟନ୍ତ ଦକ୍ଷ । ଆଜିର ଦୁନିଆର ନାଟକ ମଞ୍ଚରେ ଏ ପ୍ରକାର ଅଜ୍ଞାନୀଙ୍କ ଅଭିନୟ ଅହରହ ଚାଲିଛି । ଯେଉଁ ଅଭିନୟକୁ ଦେଖିବାକୁ ସୁଜ୍ଞାନୀଙ୍କ ପାଖରେ ଧୈର୍ଯ୍ୟ ବା ସାହାସ ନାହିଁ । ବେଳେ ବେଳେ ସୁଜ୍ଞାନୀ ନୀରବଦ୍ରଷ୍ଟା ହୋଇ ରହିଯାଏ । ତେଣୁ ଅଜ୍ଞାନୀର ଅଭିନୟକୁ ବନ୍ଦ କରି ଆମେମାନେ ଏକ ସୁନ୍ଦର ନାଟକୀୟ ଜୀବନକୁ ନେଇ ଆଗେଇଯିବା ସମାଜ ବା ଆମ ଜାତିର ପ୍ରଗତିରେ ।

**ସିଡ଼ିଏ., କଟକ,ମୋ-୭୦୦୮୬୫୦୬୯୩**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ମୟୂରଭଞ୍ଜରେ...

୧୬, ୧୭, ୧୯ ଓ ୨୦ ନମ୍ବର ୱାର୍ଡ ସମେତ ବିଭିନ୍ନ ତଳିଆ ଅଞ୍ଚଳରେ ବର୍ଷାଜଳ ଘର ଭିତରକୁ ପଶିଯାଇଛି। ଡ୍ରେନ୍ ଉଛୁଳି ରାସ୍ତାଘାଟ ଜଳମଗ୍ନ ହେବାରୁ ସହରର ସାଧାରଣ ଜନଜୀବନ ଓ ଯାତାୟାତ ବ୍ୟାହତ ହୋଇଛି ।

ପୌରପାଳିକା ପକ୍ଷରୁ ପମ୍ପ ଲଗାଇ ଜମା ପାଣି ନିଷ୍କାସନ କାର୍ଯ୍ୟ ଜାରି ରହିଛି। ଗତ ୨୪ ଘଣ୍ଟାରେ ଶ୍ୟାମାଖୁଣ୍ଟାରେ ସର୍ବାଧିକ ୨୩୦ମିଲିମିଟର ଓ ବାରିପଦାରେ ୨୦୮ ମିଲିମିଟର ବର୍ଷା ରେକର୍ଡ ହୋଇଛି । ଲଗାଣ ବର୍ଷା ଯୋଗୁଁ ବୁଢ଼ାବଳଙ୍ଗ ନଦୀର ଜଳସ୍ତର କ୍ରମାଗତ ଭାବେ ବଢୁଥିବାରୁ ନଦୀକୂଳ ଓ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ଆହୁରି ବଢିବାରେ ଲାଗିଛି। ଏହି ସମୟରେ କାଳ ଡ୍ୟାମର ଏକକାଳୀନ ଦୁଇଟି ଗେଟ ଖୋଲାଯିବାରୁ ତଳିଆ ଅଞ୍ଚଳ ପାଇଁ ବିପଦ ବଢ଼ିଛି । ଉପରମୁଣ୍ଡରେ ଲଗାଣ ବର୍ଷା ଯୋଗୁଁ ଡ୍ୟାମର ଜଳସ୍ତର ବିପଦ ସଂକେତ ନିକଟରେ ପହଞ୍ଚିବା ପରେ ଦୁଇଟି ଗେଟ ଦେଢ଼ ମିଟର ଲେଖାଏଁ ଖୋଲାଯାଇଛି । ଡ୍ୟାମକୁ ପ୍ରତି ସେକେଣ୍ଡରେ ପ୍ରାୟ ୨୧୫ କ୍ୟୁମେକ୍ସ ପାଣି ପ୍ରବେଶ କରୁଥିବା ବେଳେ ୧୫୬ କ୍ୟୁମେକ୍ସ ପାଣି ନିଷ୍କାସିତ ହେଉଛି । ଏହାର ପ୍ରଭାବରେ ସଂଲଗ୍ନ ନଦୀଗୁଡ଼ିକରେ ମଧ୍ୟ ଜଳସ୍ତର ଫୁଲିବା ଆରମ୍ଭ କରିଛି । ଫଳରେ ଡ୍ୟାମ ତଳମୁଣ୍ଡରେ ଥିବା ତଳିଆ ଅଞ୍ଚଳରେ ବନ୍ୟା ବିପଦ ଆହୁରି ବଢ଼ିବା ଆଶଙ୍କା ସୃଷ୍ଟି ହୋଇଛି । ଅନ୍ୟପକ୍ଷରେ ବେତନଟୀ, ମୋରଡ଼ା ଓ ଶୁଳିଆପଦା ବ୍ଲକ୍‌ରେ ବନ୍ୟା ପ୍ରଭାବରେ ଯୋଗାଯୋଗ ବ୍ୟବସ୍ଥା ବିପର୍ଯ୍ୟସ୍ତ ହୋଇଛି । ଚିତ୍ରଡ଼ା ବନ୍ଧ ଉପରେ ପ୍ରାୟ ୩ ଫୁଟ ଓ ମୋହନପୁର ବନ୍ଧ ଉପରେ ପ୍ରାୟ ୪ ଫୁଟ ପାଣି ପ୍ରବାହିତ ହେବାରୁ ଯାତାୟାତ ବନ୍ଦ ରହିଛି । ଶୁଳିଆପଦା ବ୍ଲକ୍‌ର ଝାଲିଆମରା ନିକଟରେ ଏକ ପୋଲ ଧୋଇଯିବାରୁ ପ୍ରାୟ ୮ଟି ପଞ୍ଚାୟତର ଯୋଗାଯୋଗ ବିଚ୍ଛିନ୍ନ ହୋଇଛି । ରାସଗୋବିନ୍ଦପୁର ବ୍ଲକ୍‌ର ୪ଟି ପଞ୍ଚାୟତର ପ୍ରଭାବିତ ପରିବାରଗୁଡ଼ିକୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି । ବନ୍ୟା ପରିସ୍ଥିତି ମଧ୍ୟରେ ବଡ଼ସାହି ଥାନା ଅଧୀନ ପାଉଁସିଆ ଡ୍ୟାମ ନିକଟରେ ଅଘଟଣ ଘଟିଛି । ପାଣି ସୁଅରେ ଭାସିଯାଇ ପାଉଁସିଆ ଗ୍ରାମର ୩୫ବର୍ଷୀୟ ପ୍ରଫୁଲ୍ଲ ଖଟୁଆଙ୍କ ମୃତ୍ୟୁ ଘଟିଛି । ଅନ୍ୟପକ୍ଷରେ ବାଙ୍ଗିରିପୋଷି ବ୍ଲକ୍‌ର ନୂଆଗାଁର ୩୦ ବର୍ଷୀୟ ବାଜୁନ ହାଁସଦାଙ୍କୁ ଓଡ୍ରାଫ୍ ଟିମ୍ ସଫଳତାର ସହ ଉଦ୍ଧାର କରିଛି । ବିପନ୍ନ ଲୋକଙ୍କ ସହାୟତା ପାଇଁ ଜିଲ୍ଲାପ୍ରଶାସନ ପକ୍ଷରୁ ୧୦ଟି ଆଶ୍ରୟସ୍ଥଳୀ ଓ ୧୪ଟି ମାଗଣା ରୋଷେଇ କେନ୍ଦ୍ର ଖୋଲାଯାଇଛି । ଆବଶ୍ୟକ ସ୍ଥଳେ ବିଦ୍ୟାଳୟଗୁଡ଼ିକୁ ଆଶ୍ରୟସ୍ଥଳୀ ଭାବେ ବ୍ୟବହାର କରିବାକୁ ବିଡିଓ ଓ ତହସିଲଦାରମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟ ପାଇଁ ଓଡ୍ରାଫ୍ ଓ ଅଗ୍ନିଶମ ବାହିନୀକୁ ସଜାଗ ରଖାଯାଇଛି। ଲଗାଣ ବର୍ଷା ଓ ଡ୍ୟାମରୁ ଜଳ ନିଷ୍କାସନ ଯୋଗୁଁ ନଦୀ ଓ ତଳିଆ ଅଞ୍ଚଳର ଜଳସ୍ତର ଆହୁରି ବଢ଼ିବା ଆଶଙ୍କା ଥିବାରୁ ପ୍ରଶାସନ ପକ୍ଷରୁ ଲୋକଙ୍କୁ ସତର୍କ ରହିବା ସହ ନଦୀ ଓ ଜଳମଗ୍ନ ଅଞ୍ଚଳକୁ ନଯିବାକୁ ପରାମର୍ଶ ଦିଆଯାଇଛି ।

## ଲଗାଣ...

ଆହୁରି ବଢ଼େଇ ଦେଇଛି । ବାଲେଶ୍ୱରରେ ପୁଣି ଜଳବନ୍ଦୀ ଅବସ୍ଥା । କୃତ୍ରିମ ବନ୍ୟାରେ ଫସିଛନ୍ତି ସହରବାସୀ । ସହରବାସୀଙ୍କ ଦୁର୍ଦ୍ଦଶା ବଢ଼ି ଚାଲିଛି । ପାଇପ ଲାଇନ, ପାଣି ସମ୍ପ, ପାଇଖାନା ଆଦି ବୁଡ଼ିରହିଛି । ପାନୀୟ ଜଳ ପାଇବାରେ ବି ସମସ୍ୟା ଦେଖାଦେଇଛି । ନଆସବାବପତ୍ର, ଟିଭି, ଫ୍ରିଜ, ଚାଉଳ, ସଉଦା ସବୁ ଓଦା । ଏପରିକି ପିଲାଙ୍କ ବହି ମଧ୍ୟ ନଷ୍ଟ ହୋଇଯାଇଛି ।

ସେହିପରି ବୁଧବାର ବିଳମ୍ବିତ ରାତିରୁ ୧୩ଘଟଣା ଧରି ଅବିଶ୍ରାନ୍ତ ଲଗାଣ ବର୍ଷାରେ ଖଣିନଗରୀ ଯୋଡ଼ା ସହର ଜଳମଗ୍ନ ହୋଇପଡ଼ିଛି । ଏପରି କି ବର୍ଷା ବନ୍ୟା ପରିସ୍ଥିତି ଗମ୍ଭୀର ରୂପ ନେଇଛି । ଲଗାତାର ବର୍ଷା ଯୋଗୁଁ ସୁନା ନଦୀର ଜଳସ୍ତର ଦ୍ରୁତଗତିରେ ବଢ଼ିବା ସହ ସହରର ବିଭିନ୍ନ ତଳିଆ ଅଞ୍ଚଳକୁ ବନ୍ୟାଜଳ ପ୍ରବେଶ କରିଛି । ବନ୍ୟାଜଳ ଓ ଅବିରତ ବର୍ଷାର ପ୍ରଭାବରେ ବାରୁ ହଟିଂ ଅଞ୍ଚଳରେ ମଣି କାରୁଆ ଓ ସରସ୍ୱତୀ ନାଏକଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି । ସେହିପରି ଆମ୍ବବଗାନ ଅଞ୍ଚଳରେ ବହୁ ଘର ମଧ୍ୟକୁ ବର୍ଷା ଓ ବନ୍ୟାଜଳ ପ୍ରବେଶ କରିଛ । କୁଦୂର୍ ନାଲ ଏବଂ ହୁଡ଼ିଶାଇରେ ବର୍ଷା ଜଳ ନିଷ୍କାସିତ ହୋଇ ନପାରି ପାଣି ଜମି ବହୁ ଲୋକଙ୍କ ଘରେ ପାଣି ପଶି ଘରର ବହୁ ଆସବାବ ପତ୍ର ନଷ୍ଟ ହୋଇଛିଏପରି ସ୍ଥିତିରେ ବର୍ଷା ଆହୁରି ଜାରି ରହିଲେ ଜଳସ୍ତର ବୃଦ୍ଧି ପାଇ ପରିସ୍ଥିତି ଅଧିକ ସଙ୍କଟଜନକ ହୋଇପାରେ ବୋଲି ସ୍ଥାନୀୟ ଲୋକେ ଆଶଙ୍କା ପ୍ରକାଶ କରିଛନ୍ତି । ସୁନା ନଦୀର ଜଳସ୍ତର ଲଗାତାର ବୃଦ୍ଧି ପାଉଥିବାରୁ ନଦୀକୂଳବର୍ତ୍ତୀ ଓ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ଘନୀଭୂତ ହୋଇଛି । ପରିସ୍ଥିତିକୁ ନଜରରେ ରଖି ସ୍ଥାନୀୟ ପ୍ରଶାସନ ଓ ପୌରପାଳିକା ପକ୍ଷରୁ ପ୍ରଭାବିତ ଅଞ୍ଚଳରେ ନଜରଦାରି ବଢ଼ାଯାଇଛି । ଇତିମଧ୍ୟରେ ସ୍ଥାନୀୟ ପ୍ରଶାସନ ଓ ପୌରନିର୍ବାହୀ ଅଧିକାରୀ ବନ୍ୟାପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି ସ୍ଥିତିର ସମୀକ୍ଷା କରିଛନ୍ତି । ଲଗାଣ ବର୍ଷା ଓ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ଯୋଡ଼ା ସହରର ସମସ୍ତ ବିଦ୍ୟାଳୟକୁ ମଧ୍ୟାହ୍ନ ଭୋଜନ ପରେ, ବନ୍ଦ କରାଯାଇଥିଲା । ଆଗାମୀ ୧୨ ଘଣ୍ଟା ରେ ପ୍ରବଳ ବର୍ଷିବା ନେଇ ଏସ.ଆର.ସି ରେଡ଼ ୱାର୍ଣ୍ଣିଂ ଜାରି କରିଥିବା ବେଳେ ପରିସ୍ଥିତି ଉପରେ ପ୍ରଶାସନ ନିରନ୍ତର ନଜର ରଖିଥିବା ସହ ବନ୍ୟାଜଳରେ ଅନାବଶ୍ୟକ ଭାବେ ପ୍ରବେଶ ନକରିବା ଏବଂ ବିପଦପୂର୍ଣ୍ଣ ପୋଲ ଓ ନଦୀକୂଳକୁ ନଯିବା ପାଇଁ ସାଧାରଣ ଲୋକଙ୍କୁ ସତର୍କ କରାଯାଇଛି । ବଡବିଲ, ଜୁରୁଡ଼ି, ବିଲେଇପଦା ବାମେବାରୀ, କାଳିମାଟି, ପଲସା, ଜଜାଙ୍ଗ ଓ ଲଙ୍ଗଲଟା ଆଦି ସ୍ଥାନରେ ଥିବା ତଳିଆ ଅଞ୍ଚଳ ଗୁଡ଼ିକ ଜଳମଗ୍ନ ହୋଇ ଯାଇଥିବା ବେଳେ ସ୍ଥାନୀୟ ଜନସାଧାରଣ ଏବଂ ଗୃହ ପାଳିତ ପଶୁ ପକ୍ଷୀମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଥିବା ଦେଖିବାକୁ ମିଳିଛି । ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ ଅଧିନର ବିଭିନ୍ନ ସ୍ଥାନରେ ଅଧିକ ବୃଷ୍ଟିପାତ ହୋଇଥିବା ବେଳେ ବୈଶିଙ୍ଗା ଏବଂ ବେତନଟୀର ବିଭିନ୍ନ ସ୍ଥାନରେ ଲୋକମାନଙ୍କ ଘର ଭିତରେ ଆଣ୍ଠୁଏ ପାଣି ସହ ମାଟି ଘରର କାନ୍ଥ ଭାଙ୍ଗି ଯାଇଥିବାର ଦେଖାଯାଇଛି । ବିଭିନ୍ନ ପଞ୍ଚାୟତର ସରପଞ୍ଚ ଏବଂ ଆରଆଇ ଘଟଣାସ୍ଥଳରେ ପହଞ୍ଚି ତୁରନ୍ତ ଆବଶ୍ୟକ ସହଯୋଗ କରିଥିବାର ଦେଖାଯାଇଛି ।

## ଆସୁଛି...

କରୁଛି । ଏହା ଗାଙ୍ଗେୟ ପଶ୍ଚିମବଙ୍ଗ ଦେଇ ଝାଡ଼ଖଣ୍ଡ ଓ ଉତ୍ତର ଓଡ଼ିଶା-ଛତିଶଗଡ଼ ଆଡ଼କୁ ଯିବାର ସମ୍ଭାବନା ରହିଛି । ତେଣୁ ଏହା ଓଡ଼ିଶା ଉପରେ ସିଧାସଳଖ ଅବପାତ ଭାବେ ଅତିକ୍ରମ କରିବାର ସମ୍ଭାବନା କମ୍ ।

ଏହି ପ୍ରଣାଳୀ ଓଡ଼ିଶା ଉପରେ ଶକ୍ତିଶାଳୀ ମୌସୁମୀ ବାୟୁ ପ୍ରବାହକୁ ସକ୍ରିୟ କରୁଛି । ଫଳରେ ୧୫ ତାରିଖ ପର୍ଯ୍ୟନ୍ତ ଉତ୍ତର, ମଧ୍ୟ ଓ ପଶ୍ଚିମ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ-ବିଶେଷକରି କେନ୍ଦୁଝର, ମୟୂରଭଞ୍ଜ, ଅନୁଗୋଳ, ସମ୍ବଲପୁର, ସୁନ୍ଦରଗଡ଼ ଓ ଝାରସୁଗୁଡ଼ାରେ-ବ୍ୟାପକ ଭାବେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ । ୧୬-୧୮ ଅଗଷ୍ଟରେ ବର୍ଷା କିଛିଟା କମିପାରେ ତଥାପି ବାୟୁମଣ୍ଡଳରେ ଅଧିକ ଆର୍ଦ୍ରତା ଥିବାରୁ ବିଭିନ୍ନ ସ୍ଥାନରେ ସ୍ଥାନୀୟ ବଜ୍ରପାତ ସହ ବର୍ଷା ଜାରି ରହିପାରେ ।

ଆସନ୍ତା ୪୮ ଘଣ୍ଟାର ପ୍ରବଳ ବର୍ଷାରେ ନିମ୍ନ ଓ ଜଳ ନିଷ୍କାସନ ବ୍ୟବସ୍ଥା ନଥିବା ଜମିରେ ନୂଆ ରୋଇଥିବା କିମ୍ବା ସିଧା ବୁଣା ଧାନ ଚାରା ଦୀର୍ଘ ସମୟ ପାଣିରେ ବୁଡ଼ି ରହିଲେ କ୍ଷତି ହୋଇପାରେ । ୪-୫ ଦିନରୁ ଅଧିକ ସମୟ ଜଳମଗ୍ନ ରହିବା ଚାରା ପାଇଁ ବିପଜ୍ଜନକ । ଅନ୍ୟପକ୍ଷରେ, ଯେଉଁ ଅଞ୍ଚଳରେ ପୂର୍ବରୁ ମାଟିରେ ଆର୍ଦ୍ରତାର ଅଭାବ ଥିଲା, ସେଠାରେ ଏହି ବର୍ଷା ମାଟିର ଆର୍ଦ୍ରତାକୁ ଭଲ ଭାବେ ପୂରଣ କରି ଧାନର କଲ୍ଲା ବାହାରିବାରେ ସାହାଯ୍ୟ କରିବ । ଉଚ୍ଚ ଜମିର ପନିପରିବା, ଡାଲି ଓ ମକା ଚାଷରେ ଜଳ ଜମି ରହିଲେ ମୂଳ ପଚା ଓ ରୋଗ ବଢ଼ିପାରେ ବୋଲି ଶ୍ରୀ ପଶୁପାଳକ ପରାମର୍ଶ ଦେଇଛନ୍ତି ।

## ୨୦୩୦ ସୁଦ୍ଧା...

ଆରୋପ କରିଥିଲେ । ରାଜ୍ୟବାସୀଙ୍କ ପାଇଁ ନିରବଚ୍ଛିନ୍ନ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ତଥା ଦ୍ରୁତ ଶିଳ୍ପାୟନକୁ ଦୃଷ୍ଟିରେ ରଖି ୭୬୫ କେଭି ଗ୍ରୀଡ୍‌ର ଏକ ରିଙ୍ଗ ସିଷ୍ଟମ୍ ସ୍ଥାପନ କରାଯାଉଛି ବୋଲି ବୈଠକରୁ ଜଣାଯାଇଛି ।

ଏହି ସିଷ୍ଟମ ପାଇଁ ଅନୁଗୋଳ ଓ ସୁନ୍ଦରଗଡ଼ରେ ୨ଟି ୭୬୫/୪୦୦ କେଭି ଗ୍ରୀଡ୍ କାର୍ଯ୍ୟକ୍ଷମ ଥିବା ବେଳେ ଗୋପାଳପୁର ଓ ପାରାଦୀପରେ ୨ଟି ୭୬୫/୪୦୦ କେଭି ବିଶିଷ୍ଟ ଗ୍ରୀଡ୍ ଷ୍ଟେସନ୍ ନିର୍ମାଣ କରାଯାଉଛି । ଏହା ସହିତ କୋଲାବିରା, ଡୁବୁରି ଓ ଆଠଗଡ଼ ନିକଟସ୍ଥ ବେତଖୋଲି ଠାରେ ଆଉ ୩ଟି ୭୬୫/୪୦୦ କେଭି ସବ୍‌ଷ୍ଟେସନ୍ ନିର୍ମାଣ କରିବା ପାଇଁ ଯୋଜନା କରାଯାଇଛି । ବୈଠକରୁ ଜଣାଯାଇଛି ଯେ, ରାଜ୍ୟରେ ୪୦୦ କେଭି ବିଶିଷ୍ଟ ୫ଟି ଗ୍ରୀଡ୍ ସବ୍‌ଷ୍ଟେସନ୍ ଥିବା ବେଳେ ଆଉ ୪ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣାଧୀନ ରହିଛି ଏବଂ ୨ଟି ଟେଣ୍ଡର ଷ୍ଟେଜ୍‌ରେ ଅଛି । ଆଗକୁ ଆହୁରି ୯ଟି ୪୦୦ କେଭି ଗ୍ରୀଡ୍ ସବ୍‌ଷ୍ଟେସନ୍ ନିର୍ମାଣ କରିବାର ଯୋଜନା ରହିଛି । ଏସବୁ ସବ୍‌ଷ୍ଟେସନ୍ ଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାରେ ବିଦ୍ୟୁତ୍ ସମସ୍ୟା ରହିବ ନାହିଁ ।

ସେହିଭଳି, ବିଭିନ୍ନ ଗ୍ରୀଡ୍ ଗୁଡ଼ିକର ଆଧୁନିକୀକରଣ କାର୍ଯ୍ୟ ମଧ୍ୟ ହାତକୁ ନିଆଯାଇଛି । ୨୦୩୦-୩୧ ସୁଦ୍ଧା ରାଜ୍ୟରେ ପ୍ରାୟ ୫୯୦ଟି ଶିଳ୍ପ ପ୍ରକଳ୍ପ ସ୍ଥାପନ ହେବାକୁ ଯାଉଛି । ଏହି ଶିଳ୍ପ ସଂସ୍ଥା ତଥା ଉପଭୋକ୍ତା ମାନଙ୍କ ପାଇଁ ଗୁଣାତ୍ମକ ବିଦ୍ୟୁତ୍ ଯୋଗାଣକୁ ଦୃଷ୍ଟିରେ ରଖି ରାଜ୍ୟରେ ୧୬ ହଜାର କୋଟି ଟଙ୍କାର ଶକ୍ତି ପ୍ରକଳ୍ପ ନିର୍ମାଣ କରାଯିବ ବୋଲି ବୈଠକରୁ ଜଣାପଡ଼ିଛି ।

ଏହି ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ, ଉନ୍ନୟନ କମିଶନର ଡି.କେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶାଶ୍ୱତ ମିଶ୍ର, ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ, ଓପିଟିସିଏଲ୍‌ର ସିଏମ୍‌ଡି ଭାସ୍କର ଜ୍ୟୋତି ଶର୍ମା ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଏଫ୍‌ଏସ୍‌ଏସ୍‌ଏଆଇ...

ବୈଠକର ବିଷୟବସ୍ତୁ ସମ୍ପର୍କରେ ଆବେଦନକାରୀ ଓକିଲ କହିଛନ୍ତି ଯେ ସେଠାରେ ନିଆଯାଇଥିବା ନିଷ୍ପତ୍ତି କୋର୍ଟର ପୂର୍ବ ନିର୍ଦ୍ଦେଶର ସିଧାସଳଖ ବିରୋଧାଚରଣ କରୁଛି । ଏହି ବିରୋଧ ଯୋଗୁ ପ୍ୟାକେଟ୍‌ରେ ଅତିରିକ୍ତ ଚିନି, ଲୁଣ ଓ ଫ୍ୟାଟ୍ ସମ୍ପର୍କରେ ପ୍ରସ୍ତାବିତ ଦୈନିକ ଆବଶ୍ୟକତା ଟେବଲକୁ ଉଲ୍ଲେଖ କରାଯାଉ । ଅତିରିକ୍ତ ଫ୍ୟାଟ୍ ଚିନି ଓ ଲୁଣ ଥିବା ଖାଦ୍ୟର ବ୍ୟବହାର କମାଇବାରେ ଚେତାବନୀ ଲେବଲ କିପରି ସହାୟକ ହୋଇପାରେ ସେ ନେଇ ସାମାଜିକ ସଂଗଠନର ପ୍ରତିନିଧିମାନେ ଦାଖଲ କରିଥିବା ପ୍ରମାଣକୁ ଅଣଦେଖା କରାଯାଇପାରିବ ନାହିଁ । ଖାଦ୍ୟ ପ୍ୟାକେଟ୍‌ରେ ଚେତାବନୀ ଲେବଲ ଉଲ୍ଲେଖ କରିବା ନିଷ୍ପତ୍ତି ଜନସ୍ୱାର୍ଥରେ ନିଆଯାଉଛି । ତଥାପି କୋର୍ଟର ନିର୍ଦ୍ଦେଶ କାହିଁକି ପାଳନ କରାଯାଉନାହିଁ । ସରକାର ନିଜେ ଏହା କରିବେ ନା ଆମକୁ ଆଦେଶ ଜାରି କରିବାକୁ ପଡ଼ିବ ବୋଲି ପ୍ରଶ୍ନ କରିଥିଲେ । ଏଏସ୍‌ଜି ବିଜେନ୍ଦ୍ର ଚହର କୋର୍ଟଙ୍କୁ ସମୟ ଦେବାକୁ ଅନୁରୋଧ କରିଥିଲେ । କେନ୍ଦ୍ର ସରକାର ପାରମ୍ପରିକ ଭାରତୀୟ ଖାଦ୍ୟର ଉଦାହରଣ ଦେଇ ଯୁକ୍ତି ରଖିଥିଲେ ଯେ ପ୍ରସ୍ତାବିତ ଲେବଲିଂ ଲାଗୁ ହେଲେ ନମ୍‌କିନ୍ ଭଳି ଅନେକ ଖାଦ୍ୟ ପ୍ୟାକେଟ୍‌ରେ ଲାଲ୍ ଚେତାବନୀ ଚିହ୍ନ ଲାଗିପାରେ । ବିକଶିତ ଦେଶଗୁଡ଼ିକରେ ଖାଦ୍ୟରେ ସାଧାରଣତଃ ଲୁଣ, ଚିନି ଓ ଚର୍ବିର ପରିମାଣ କମ୍ ଥାଏ । ତେଣୁ ଏହି ମାନଦଣ୍ଡକୁ ଭାରତୀୟ ପାରମ୍ପରିକ ଖାଦ୍ୟ ଉପରେ ସିଧାସଳଖ ଲାଗୁ କରିବା କଷ୍ଟକର । ଚେତାବନୀ ଲେବଲର ଉଦ୍ଦେଶ୍ୟ ଜିନିଷ ବିକ୍ରି ବନ୍ଦ କରିବା ନୁହେଁ ବରଂ ଲୋକମାନେ କ'ଣ ଖାଉଛନ୍ତି ସେ ବିଷୟରେ ସଚେତନ କରିବା ହିଁ ଏହାର ଉଦ୍ଦେଶ୍ୟ ବୋଲି ଖଣ୍ଡପୀଠ କହିଛନ୍ତି । କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବିତ ଲେବଲ ବ୍ୟବସ୍ଥା ପାଳନ ପାଇଁ କୋର୍ଟ ଦୁଇ ସପ୍ତାହ ସମୟ ଦେଇଛନ୍ତି ।

## ସରିଲା...

ଉପରେ ହୋଇଥିବା ଲାଠି ଚାର୍ଜର ନିର୍ଦ୍ଦେଶ କିଏ ଦେଇଥିଲା ତାହା ସ୍ପଷ୍ଟ କରାଯାଉ । ଇଣ୍ଡିଆ ବ୍ଲକ୍‌ର ସାଂସଦମାନେ ଲଗାତର ମକରଦ୍ୱାର ନିକଟରେ ବିକ୍ଷୋଭ କରିଆସୁଥିଲେ । ତେବେ ରାଞ୍ଚିରେ ଛାତ୍ର ଆନ୍ଦୋଳନ ପରେ ସେଠାରେ ପୋଲିସ ଲାଠି ଚାର୍ଜ କରିଥିବା ଘଟଣାରେ ଏନ୍‌ଡିଏ ସାଂସଦମାନେ ବିରୋଧୀ ଦଳକୁ ଘେରିବା ପାଇଁ ଉଦ୍ୟମ କରି ମକରଦ୍ୱାର ନିକଟରେ ମଧ୍ୟ ବିକ୍ଷୋଭ କରିଥିଲେ । ଉଭୟେ ଶାସକ ଓ ବିରୋଧୀ ସାଂସଦ ମୁହାଁମୁହିଁ ହୋଇଥିଲେ । ରାଜ୍ୟସଭାକୁ ମଧ୍ୟ ଅନୁରୂପ ଭାବେ ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ କରାଯାଇଛି ।

# ଡିଖିରିରେ ଅନାସ୍ଥା ଭୋଟିଂ, ଫଳାଫଳ ସଂରକ୍ଷିତ

ମହାକାଳପଡ଼ା (ସବ୍ୟୁ) : ମହାକାଳପଡ଼ା ବ୍ଲକ ଡିଖିରି ପଂଚାୟତ ର ସରପଞ୍ଚ ଚାମେଲୀ ଓଝା ଙ୍କ ବିରୁଦ୍ଧରେ ପଂଚାୟତର ଓ୍ୱାର୍ଡ ସଭ୍ୟ /ସଭ୍ୟା ଅନାସ୍ଥା ପ୍ରସ୍ତାବ ଆଗତ କରିଥିଲେ । ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ଦସ୍ତଖତ ଯାଞ୍ଚ ପରେ ଆଗତ ପ୍ରସ୍ତାବ ଗୃହୀତ ହୋଇ ଅଗଷ୍ଟ ୧୩ରେ ପଂଚାୟତ କାର୍ଯ୍ୟାଳୟ ରେ ଅନାସ୍ଥା ଭୋଟିଂ ହୋଇଥିଲା । ମାତ୍ର ସରପଞ୍ଚ ଶ୍ରୀମତୀ ଓଝା ଅନାସ୍ଥା ସମ୍ବନ୍ଧେ ଉଚ୍ଚ ନ୍ୟାୟାଳୟ ର ଦ୍ୱାରସ୍ଥ ହୋଇଥିଲେ । ଭୋଟିଂ ଶେଷ ହୋଇଥିବା ବେଳେ ନ୍ୟାୟାଳୟ ନିର୍ଦ୍ଦେଶ ପରେ ଫଳାଫଳ ଘୋଷିତ ହେବ ବୋଲି ଜଣାପଡିଛି ।

# ପାନୀୟ ଜଳ ସଙ୍କଟ : ଦୁର୍ଦ୍ଦଶାରେ ମହନାପଦା ଗ୍ରାମବାସୀ

ଗଣିଆ,(ସବ୍ୟୁ): ଜଳ ବିନା ଜୀବନ ଅସମ୍ଭବ । ପାନୀୟ ଜଳ ସଂକଟୁ ଦୂରକରିବା ପାଇଁ ଘନଘନ ବୈଠକ ବସି ତାର ସମୀକ୍ଷା କରାଯାଉଥିଲେ ମଧ୍ୟ ବାସ୍ତବରେ ତାହା ଗଣିଆ ବ୍ଲକରେ ଏହି ସମସ୍ୟାର ସମାଧାନ ହୋଇପାରିନାହିଁ । ରାଜ୍ୟ ସରକାର ପାନୀୟ ଜଳପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ କିଛି ବିଭାଗୀୟ ଅଧିକାରୀ ଓ ଠିକାଦାରମାନଙ୍କ ମନମାନୀ ଯୋଗୁଁ ବସୁଧା ପାନୀୟ ଜଳ ଯୋଜନା ଫେଲ ମାରଛି । ଏଭଳି ଏକ ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲା ଗଣିଆ ବ୍ଲକର ଛାମୁଣ୍ଡିଆ ପଞ୍ଚାୟତ ଅଧିନସ୍ଥ ମହନାପଦା ଗ୍ରାମରେ । ମହନାପଦା ଗ୍ରାମବାସୀମାନେ ବିଶୁଦ୍ଧ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପାଣି ଟୋପାଏ ପାଇଁ ବିଡିଓଙ୍କ ଠାରୁ ଆରମ୍ଭ କରି ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ଏପରିକି ଜିଲାପାଳଙ୍କ ଜନଶୁଣାଣୀ ଶିବିରରେ ମଧ୍ୟ ଅଭିଯୋଗ କରିଥିଲେ । ହେଲେ କିଛି ସୁଫଳ ମିଳିନାହିଁ । ବର୍ତ୍ତମାନ ବଢିପାଣି ଆସି କୁଅ ପୋଖରୀ ବୁଡ଼ି ଯାଇଛି ।ଏପଟେ ଗାଁକୁ ଲାଗିଥିବା ବିଶୁଦ୍ଧ ପାନୀୟ ଜଳ ଯାଗାଣ ୩ମାସ ଧରି ଅଚଳ ହୋଇ ପଡ଼ିଛି । ଫଳରେ ବୁଧବାର ଦିନ ଗ୍ରାମର ୫୦ରୁ ଅଧିକ ପୁରୁଷ ଓ ମହିଳା ଗରାବାଲଟି ଧରି ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।


**AFFIDAVIT**

By virtue of an affidavit sworn before the Executive Magistrate, Baripada, Dist.-Mayurbhanj, I, Raza Manzoor Siddiqui, S/o - Mohammed Akil, permanent resident of At - Gouramohan Lane, Lalbazar, Ward No -04, PO/PS-Baripada Town, Mayurbhanj, Odisha, Pin - 757001, declare that this affidavit no. 193, dated 12.08.2026. My minor daughter's actual and correct name is Amirah Siddiqui, which is mentioned in her Birth Certificate, but her name has been wrongly mentioned as Ameera Siddiqui in Aadhar card vide no. 4788-2883-9976. So, I have changed my minor daughter's name from Ameera Siddiqui to Amirah Siddiqui. Henceforth, she shall be known as Amirah Siddiqui for all purposes.

Sd/- Raza Manzoor Siddiqui

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.: eT-M-CD-BBS-PFRT-Clg-2026

କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ଭୁବନେଶ୍ୱର ଏବଂ ଭୁବନେଶ୍ୱର ନ୍ୟୁ ପ୍ଲାଟଫର୍ମ ଠାରେ ପ୍ଲାଟଫର୍ମ ଫେରନ୍ତା ଟ୍ରେନ୍‌ଗୁଡ଼ିକର ସଫେଇ ଏବଂ ପାଣି ଭରିବା ତଥା କେତେକ ନିର୍ଦ୍ଦିଷ୍ଟ ଟ୍ରେନ୍ ଗୁଡ଼ିକରେ ପାଣି ଭରିବା କାର୍ଯ୍ୟ ।

ବିଜ୍ଞାପିତ ମୂଲ୍ୟ (₹) : 3,53,14,116.40, EMD (₹) : 3,26,600.00, ଟେଣ୍ଡର ନଥିପତ୍ରର ମୂଲ୍ୟ (₹): 11,800.00, ଶେଷ ହେବା ଅବଧି : 24 ମାସ ।

ବିକ୍ରି ଆରମ୍ଭ ହେବା ତାରିଖ: ତା.18.08.2026 ରିଖ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.01.09.2026 ରିଖ 1530 ଘଟିକାରେ ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ ।

ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ ।

କୋଚିଂ ଡିପୋ ଅଧିକାରୀ / ଭୁବନେଶ୍ୱର

PR-358/R/26-27

**AFFIDAVIT**

By virtue of an affidavit before the Executive Magistrate, Khandapada. Affidavit No. 1299, on dated. 06.08.2026. I will be known as Pushapalata Behera instead of **Puspalata Behera** for all purposes for today ie. 06.08.2026.

Sd/- Pushapalata Behera

**AFFIDAVIT**

By virtue of an affidavit sworn before Executive Magistrate,Odagaon Odisha on dated 06.09.2025 Nirakar Pradhan S/o -Narayan Pradhan Resident of Village-Nandighor P.O- Nandighor P.S- Odagaon Dist-Nayagarh,PIN-752081 declare that I have changed my minor Son's name from Iswar Pradhan to Ashutosh Pradhan Henceforth, he shall be known as Ashutosh Pradhan for all purposes.

Sd/- Nirakar Pradhan

**AFFIDAVIT**

By virtue of an affidavit sworn before Notary Public,Nayagarh Odisha on dated 01.08.2026 I Pitabash Nayak S/o -Upendra Nayak Resident of At - Jogiapalli P.O- Jogiapalli P.S- Khandapada Dist- Nayagarh,PIN-752070 declare that I have changed my minor daughter's name from Jochhonarani Nayak to Jyotsna Ranee Nayak Henceforth, She shall be known as Jyotsna Ranee Nayak for all purposes.

Sd/- Pitabash Nayak

**ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ**
**Securities and Exchange Board of India**

**ନିରାପତ୍ତା ସଂଯୋଜକ (ଚୁକ୍ତି ଭିତ୍ତିରେ)**

**ପଦବୀ ପାଇଁ ଆବେଦନ**

ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ଏସ୍‌ଇବିଆଇ) ହେଉଛି ସଂସଦର ଏକ ଆଇନ ଦ୍ୱାରା ପ୍ରତିଷ୍ଠିତ ଏକ ସାମ୍ବିଧାନିକ ନିୟାମକ ସଂସ୍ଥା ଯାହା ପ୍ରତିଭୂତିରେ ନିବେଶକଙ୍କ ସ୍ୱାର୍ଥକୁ ସୁରକ୍ଷା ଦେବା, ପ୍ରତିଭୂତି ବଜାରର ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ନିୟନ୍ତ୍ରଣ କରିବା ପାଇଁ ପ୍ରତିଷ୍ଠିତ ।ଏସ୍‌ଇବିଆଇ ଭାରତୀୟ ନାଗରିକଙ୍କଠାରୁ ୦୧ (ଗୋଟିଏ) ନିରାପତ୍ତା ସଂଯୋଜକ ପଦବୀ (ଚୁକ୍ତି ଭିତ୍ତିରେ) ପାଇଁ ଆବେଦନ ଆମନ୍ତ୍ରଣ କରୁଛି ।

ବିଜ୍ଞାପନର ଅଧିକ ବିବରଣୀ ପାଇଁ, ଏସ୍‌ଇବିଆଇ ୱେବସାଇଟ୍ www.sebi.gov.in ପରିଦର୍ଶନ କରନ୍ତୁ ।

CBC 15204/11/0064/2627

**ZILLA SWASTHYA SAMITI, KENDUJHAR**
**CHIEF DISTRICT MEDICAL & PUBLIC HEALTH OFFICER : KENDUJHAR**

Advt. No. 993 Date : 13.08.2026

10001/460/2627 **TENDER CALL NOTICE**

Sealed Tenders are invited from the interested/ bonafide/ reputed agencies for printing and supply of different types of IEC/ BCC materials on different Health programme of Kendujhar district. The details regarding the terms and conditions and Tender papers may be downloaded from the district Portal website i.e. https:// kenduihar.odisha.gov.in up to dt. 07.09.2026. The Tender document should reach to the office of the CDM&PHO,Kendujhar by 07.09.2026 up to 5:00 P.M through Reg. Post /Speed Post/ Courier only along with all the relevant documents and E.M.D with sealed cover and the envelope should be super scribed on the top of the envelope clearly, " Tender for Printing, Supply & Fixing of different types of IEC/BCC Materials on different health programme for Kendujhar district " . The Tender will be opened on dated 08.09.2026 at 11.30 AM in Mini Conference Hall, NHM, Kendujhar in presence of the bidders/their authorized representatives.

The undersigned has reserves the right to reject or cancel any or all the Tender without assigning any reason thereof.

Sd/- Chief District Medical & Public Health Officer Kendujhar

OIPR : 10001/10033/1/26-27/0011

**Kataka Development Authority**
Arunodaya Bhawan, Link Road, Kataka-12
Fax No-0671-2312299
email -cda.cuttack@.nic.in

Date: 11.08.2026

Bid Identification No. 2026 CDACU 138604

Tender Notice Inviting Bids for "Construction of Five Bridges along with Approach Road over Petanala"

13001/1521/2627

Online bids are invited by the Vice-Chairman, Kataka Development Authority (KDA), Kataka, from eligible and experienced contractors for the work "Construction of Five Bridges along with Approach Road over Petanala". The detailed DTCN can be downloaded from the e-Procurement Portal: https://tendersodisha.gov.in. The interested and eligible Agency/Firms, as specified in DTCN, may apply for the same in ON-LINE mode. (For details visit https://tendersodisha.gov.in)

| Sl. No. | Description | Critical Dates |
|---|---|---|
| (i) | Period of availability of tender online for bidding | From 11:00 A.M. of 14.08.2026 to 10:00 A.M. of 14.09.2026 |
| (ii) | Last date & time of seeking clarifications (if any) | 01.09.2026 up to 05:00 P.M. |
| (iii) | Pre-Bid Meeting | 02.09.2026 at 11:30 A.M. (Conference Hall of KDA, Kataka) |
| (iv) | Last date & time for submission of bids online | 14.09.2026 up to 10:00 A.M. |
| (v) | Date & time of opening of Technical Bids received online | 14.09.2026 at 11:30 A.M. onwards |
| (vi) | Date & time of opening of Financial Bid (Price Bid/BOQ) | To be intimated later to the bidder(s) found technically qualified after evaluation of the Technical Bids received online. |

Please note that KDA reserves the right to accept or reject the Bid process at any stage without assigning any reason whatsoever.

Sd/- Vice Chairman, Kataka Development Authority

OIPR : 13001/13037/1/26-27/0089

**Office of CSO-cum-District Manager Odisha State Civil Supplies Corporation Ltd.**
District: Malkangiri
Phone No. 9438200051

7001/96/2627

TENDER No.: 2659 Dated: 11.08.2026

Cost of Tender Document is Rs.11800/- Inclusive of GST
Online Tenders are invited from eligible bidders for selection and appointment of Level-I Transport Contractors for transportation of Wheat from Food Storage Depot(FSD), FCI to Rice Receiving Centres(RRC).

| | | |
|---|---|---|
| 1 | Availability of tender documents | From Date 11.08.2026 www.tendersodisha.gov.in & www.oscsc.in & www.foododisha.in |
| 2 | Date, time and venue for pre-bid conference. | On dt 14.08.2026, at 11.00 A.M. Place: CSO-cum-D.M., OSCSC Ltd., Malkangiri |
| 3 | Last date and time for online submission Of complete Tender Documents with enclosures | Through e-Procurement Portal: www.tendersodisha.gov.in Upto 5.00 PM on dt. 31.08.2026 |
| 4 | Date, time and venue for opening of Technical Bid by the Tender Committee | On dt. 01.09.2026 At 10.00 A.M. Place: Collectorate, Malkangiri |
| 5 | Date, time and venue of submission of original documents in support of scanned Copies uploaded in the portal for verification | On dt 01.09.2026 At 11.00 A.M. Place: Collectorate, Malkangiri |
| 6 | Date, time and venue of Financial Bid opening by the Tender Committee (Only of Technically Qualified Bidders) | To be announced after technical bid evaluation. |
| 7 | Validity Period | Tender are to remain open for acceptance for 180 days from the date of issue of tender. |
| 8 | Language of the tender | The tender should be prepared by the bidder in English language only. |
| 9 | Helpdesk Telephone Number | CSO-cum-DM's Contact Number: 9438200051 |

N.B:
1. If the Office happens to be closed on the date of opening of tenders, tenders will be opened on the next working day in the same time.
2. District Level Tender Committee (DLTC) reserves the right to cancel any/ all of the tenders at anytime without assigning any reason thereof.
3. Further details can be obtained in the website www.tendersodisha.gov.in
4. The bidder must deposit Tender Document Fee and EMD at the time of submission of tender through online payment gate way service.
5. Any amendment / cancellation / re-tender / corrigendum please refer to the website www.tendersodisha.gov.in & www.foododisha.in.

Sd/- CSO-cum-District Manager OSCSC Ltd., Malkangiri

OIPR : 7001/7035/1/26-27/0008

32001/684/2627

**GOVERNMENT OF ODISHA, DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, JAGATSINGHPUR IRRIGATION DIVISION**
Ph. No. 06724-220038, E-mail - eejspurirr@gmail.com

**"e" Procurement Notice No.JID-06 of 2026-27**

| | | | |
|---|---|---|---|
| 1 | Total number of Works | : | 15 (fifteen) Nos. |
| 2 | Tender Amount (Approx.) | : | Rs.34.10 Lakh to Rs.84.67 Lakh |
| 3 | Class of Contractor | : | "C" & "B" Class |
| 4 | Cost of tender paper & EMD required | : | As per DTCN |
| 5 | Availability of Tender (Online) | : | From 17.08.2026 at 10 Hours to 01.09.2026 at 17.30 Hours |
| 6 | Last date & time of seeking of tender clarification | : | 31.08.2026 at 1.00 P.M during office hours |
| 6 | Date of opening of the Bid | : | 02.09.2026 at 11 Hours |

Further details can be seen from the Govt, web site "https:// tendersodisha.gov.in"

All corrigendum / cancellation of tender if any, will only be uploaded in the above web site

Sd/- Superintending Engineer, Jagatsinghpur Irrigation Division, Jagatsinghpur

OIPR : 32001/32050/1/26-27/0003

**OFFICE OF THE NOTIFIED AREA COUNCIL, UDALA**
Email: -udalanac@gmail.com
Website- www.udalanac.in

13001/1527/2627

**INVITATION FOR BIDS**
(Through E-Procurement)
Tender Reference No.UDLN-2/2026-27
Tender Call Notice No. 1201 / dt. 11.08.2026

The Executive Officer, Udala NAC, Udala invites percentage rate bids in double cover system through e-procurement in conformity with the detailed tender call notice to be eventually drawn up in Municipal Agreement form for execution of the works as detailed in the table below from eligible class of contractors registered with the state Government/contractors of equivalent grade/class registered with central Government/MES/Railways and Municipal Contractors on production of definite proof from the appropriate authority. Only tenderers with sound financial background capable of investing required amount for advance procurement of all materials required for the work need apply.

| | | | |
|---|---|---|---|
| 1. | Name of the work | : | Construction of Ganesh Market First Floor in Ward No-01 Under Udala NAC |
| 2. | No of works put to tender | : | 1 No individual civil construction works |
| 3. | Estimated cost | : | As per DTCN |
| 4. | Period of completion | : | As per DTCN |
| 5. | Date and time of availability of bid document in the portal | : | From 10.00 A.M. of Dt.14.08.2026 to 02.00 P.M of Dt.29.08.2026 |
| 6. | Mode of deposit towards cost of Bid document & EMD | : | Online |
| 7. | Date and time of opening of Technical bid | : | 4.30 P.M. and onwards of Dt. 29.08.2026 |
| 8. | Name and address of the Officer Inviting Bid | : | Executive Officer, Udala NAC, Udala. |

Further details can be seen from the e-procurement portal "https:// tendersorissa.gov.in"

Sd/- Executive Officer Udala NAC

OIPR : 13001/13162/1/26-27/0006

34001/621/2627 **GOVERNMENT OF ODISHA**
**OFFICE OF THE SUPERINTENDING ENGINEER, BOUDH (R&B) DIVISION, BOUDH**
Phone: - 06841-296119 Email : - eeboudhrb@gmail.com

**INVITATIONS FOR BIDS (IFB)**
**e-Procurement Notice**

Letter No. 4000 Dated. 12.08.2026

**BID IDENTIFICATION No. : SE (R&B)-BDH 08/2026-27**

| | | | |
|---|---|---|---|
| 1. | Number of work | : | 03 (Three) Nos. of civil work (Single cover) |
| 2. | Estimated cost | : | As per the column No. 3 of the table |
| 3. | Period of completion | : | As per the column No. 8 of the table |
| 4. | Date & time of availability of Bid documents in the portal | : | From 19.08.2026, 10:00 AM to 29.08.2026, 05:00 PM |
| 5. | Last date / time for seeking of Tender clarification | : | 29.08.2026 up to 01:00 PM |
| 6. | Last date / time for receipt of bids in the portal | : | Up to 5:00 PM of Dtd. 29.08.2026 |
| 7. | Date & time of opening of Tender / Bid | : | 31.08.2026 at 11:30 AM |
| 8. | Name and address of the officer inviting bid | : | Superintending Engineer, Boudh (R&B) Division, Boudh |

A. Other details can be seen from detailed notice.
B. Inviting tenders, available in the website : www.tendersorissa.gov.in
C. Corrigendum if any shall only be published in the website : www.tendersorissa.gov.in.

Sd/- Superintending Engineer Boudh (R&B) Division, Boudh

OIPR : 34001/34134/1/26-27/0015

**GOVERNMENT OF ODISHA**
**OFFICE OF THE EXECUTIVE ENGINEER**
**KEONJHAR IRRIGATION DIVISION, KEONJHAR**

32001/676/2627 **Notice Invitation of Tenders**

**e-Procurement Notice No.- 01 (NCB)/ 2026-27 on dated 21.05.2026**

E-mail Id: eekjrirrdivn@gmail.conl

| | | | |
|---|---|---|---|
| 1 | Nature of the work | : | Equipments, Solar Light |
| 2 | No.of Works | : | 2 (Two) no |
| 3 | Value of Works | : | Rs. 2.93 Lakhs to 18.01 |
| 4 | Tender paper cost | : | Refer to Table-1 |
| 5 | EMD/Bid Security | : | Refer to Table-1 |
| 6 | Period of Completion | : | Refer to Table-1 |
| 7 | Class of Contractor | : | Refer to Table-1 |
| 8 | Procurement officer | : | Executive Engineer, Keonjhar Irrigation Division, Keonjhar |
| 9 | Bid Identification no. | : | KIDN-03(NCB)/01/2026-27 & KIDN-03 (NCB)/02/2026-27 |
| 10 | Availability of Tender for Online Bidding | : | From 11.30 AM Dt 17.08.2026 to 5.00 PM Dt 24.08.2026 |
| 11 | Date and Time for Tender Opening | : | Dt. 25.08.2026 @ 11.30 AM onwards in O/o the Executive Engineer, Keonjhar Irrigation Division, Keonjhar |
| 12 | Date and Time for seeking clarification | : | Dt 21.08.2026 @ 11.30 AM to Dt 05.06.2026 @ 5 PM in O/o the Executive Engineer, Keonjhar Irrigation Division, Keonjhar |

The Bidders have to participate in ONLINE bidding only. Further details can be seen from the e-procurement portal: www.tendersodisha.gov.in .Any addendum/ corrigendum/cancellation of tenders can be seen from the above portal.

Sd/- Executive Engineer Keonjhar Irrigation Division, Keonjhar

OIPR : 32001/32476/1/26-27/0003



**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାରଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର- ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ- ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବିନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୮ ।

# ଭିମସାରରେ ଆଣ୍ଟି ରାଗିଂ ସଚେତନତା ସଭା

ସମ୍ବଲପୁର,(ସବ୍ୟୁ): ବୀର ସୁରେନ୍ଦ୍ର ସାଏ ଚିକିତ୍ସା ବିଜ୍ଞାନ ଓ ଗବେଷଣା ପ୍ରତିଷ୍ଠାନ (ଭିମସାରରେ) ଆଣ୍ଟି-ରାଗିଂ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଭିମସାର ନିର୍ଦ୍ଦେଶକ ପ୍ରଫେସର ଡା. ଲାଲମୋହନ ନାୟକ ଯୋଗ ଦେଇ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଉପରେ ଅନୁଷ୍ଠାନର ମର୍ଯ୍ୟାଦା, ଶୃଙ୍ଖଳା ଓ ଶିକ୍ଷାନୁକୂଳ ପରିବେଶକୁ ଅକ୍ଷୁର୍ଣ୍ଣ ରଖିବାର ଦାୟିତ୍ୱ ରହିଥିବା ଉଲ୍ଲେଖ କରିଥିଲେ । ଭବିଷ୍ୟତର ଚିକିତ୍ସକ ଭାବେ ଛାତ୍ରଛାତ୍ରୀଙ୍କ ଆଚରଣରେ ଆବଶ୍ୟକ ନୈତିକ ମାନଦଣ୍ଡ ପ୍ରତିଫଳିତ ହେବା ଉଚିତ ବୋଲି ସେ କହିଥିଲେ । ଭାରପ୍ରାପ୍ତ ଡିନ୍ ଡା. ଭାବଗ୍ରାହୀ ରଥ କହିଥିଲେ ଯେ, ଚିକିତ୍ସା ଶିକ୍ଷା ଶୃଙ୍ଖଳା, ସମବେଦନା, ବୃତ୍ତିଗତ ନୈତିକତା ଓ ମାନବୀୟ ମର୍ଯ୍ୟାଦା ପ୍ରତି ସମ୍ମାନ ଉପରେ ଆଧାରିତ। ରାଗିଂ କରୁଥିବା ବ୍ୟକ୍ତି, ତାହାକୁ ସମର୍ଥନ କରୁଥିବା ବ୍ୟକ୍ତି କିମ୍ବା ନିରବ ଦର୍ଶକ ଭାବେ ମଧ୍ୟ ଏଥିରେ ସାମିଲ ନହେବାକୁ ସେ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏଭଳି କୌଣସି ଘଟଣା ଘଟିଲେ ତୁରନ୍ତ ଅଭିଯୋଗ କର୍ତ୍ତୃପକ୍ଷଙ୍କୁ ଜଣାଇବାକୁ କହିଥିଲେ। ଅଧୀକ୍ଷକ ଡା. ରାଜୀବ ନନ୍ଦ, ଆନାଟୋମି ଡା. ଦୁଲାଲ ସୋରେନ୍ ମଧ୍ୟ ରାଗିଂ ରୋକିବା ଓ ଏ ସମ୍ପର୍କିତ ଘଟଣାର ଅଭିଯୋଗ କରିବା ପାଇଁ ଅନୁଷ୍ଠାନରେ ଉପଲବ୍ଧ ବ୍ୟବସ୍ଥା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆନେସ୍ଥେସିଆ ବିଭାଗର ପ୍ରଫେସର ଡା. ବିମଳ କୁମାର ପଣ୍ଡା, ମେଡିସିନ୍ ବିଭାଗର ପ୍ରଫେସର ଡା. ଦେବେନ୍ଦ୍ରନାଥ ବେହେରା, ଫିଜିଓଲୋଜି ବିଭାଗର ପ୍ରଫେସର ଡା. ରାଜୀବ ନନ୍ଦ, ଆନାଟୋମି ବିଭାଗର ମୁଖ୍ୟ ଡା. ମମତା ସାର୍, ପିଡିଆଟ୍ରିକ୍ସ ବିଭାଗର ମୁଖ୍ୟ ଡା. ପ୍ରକାଶଚନ୍ଦ୍ର ପଣ୍ଡା, ବରିଷ୍ଠ ସାମ୍ବାଦିକ ତଥା ଆଣ୍ଟି-ରାଗିଂ କମିଟିର ସଦସ୍ୟ ରାଜାରାମ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।




# ଦାମ୍ପତ୍ୟ କଳହ : ସ୍ୱାମୀ-ସ୍ତ୍ରୀ ଡାକ୍ତରଖାନାରେ

ଭଦ୍ରକ,(ସବ୍ୟୁ): ଦାମ୍ପତ୍ୟ କଳହକୁ ନେଇ ଆକ୍ରମଣ ଓ ପ୍ରତି ଆକ୍ରମଣରେ ଉଭୟ ସ୍ୱାମୀ-ସ୍ତ୍ରୀ ଆହତ ପରେ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି । ପୋଲିସ ଉପସ୍ଥିତରେ ଦାଉରୀ ଜିନିଷ ସିଜ ବେଳେ ସ୍ୱାମୀ ଅକ୍ଷୟ କୁମାର ନାୟକଙ୍କୁ ତାଙ୍କ ଘରେ ଶଶୁର ଘର ଲୋକେ ଆକ୍ରମଣ କରିଥିବାର ଅଭିଯୋଗ କରିଛନ୍ତି ଅକ୍ଷୟ। ଅନ୍ୟ ପଟରେ ସ୍ତ୍ରୀ ଅରୁନ୍ଧତୀ ମଧ୍ୟ ସ୍ୱାମୀଙ୍କ ଆକ୍ରମଣରେ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି। ସେ ମଧ୍ୟ ସ୍ୱାମୀଙ୍କ ଉପରେ ପ୍ରଥମେ ଆକ୍ରମଣର ଅଭିଯୋଗ ଆଣିଛନ୍ତି। କଣିଆ ମେରାଇନ ଥାନା ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଅଭିଯୋଗ ଅନୁଯାୟୀ କଣିଆ ମେରାଇନ ଥାନା ଅଧିନ ବିଦେଇପୁରରୁ ଆସିଛି ଏହିପରି ଅଭିଯୋଗ। ୨୦୧୮ ମସିହାରେ ଅକ୍ଷୟ କୁମାର ନାୟକ ଓ ଅରୁନ୍ଧତୀ ନାୟକ ମଧ୍ୟରେ ବିବାଦ ହୋଇଥିଲେ। ଦୁଇଜଣଙ୍କର ବିବାହର ୮ବର୍ଷ ପରେ ପୁଅ ଓ ଝିଅ ହୋଇଥିଲା। ପାରିବାରିକ କଳହ ଲାଗି ରହିଥିଲା। ପରେ ଅରୁନ୍ଧତୀ ପୁଅ ଓ ଝିଅକୁ ଧରି ବାପ ଘରେ ରହୁଥିଲେ। ବାରମ୍ବାର ସମାଧାନ ପାଇଁ ଚେଷ୍ଟା ପରେ ମଧ୍ୟ ସମାଧାନ ହୋଇନଥିଲା। କଣିଆ ମେରାଇନ ଥାନାରେ ଅଭିଯୋଗ ପରେ ଅଗଷ୍ଟ ୧୦ତାରିଖରେ ଅରୁନ୍ଧତୀ ଓ ତାଙ୍କ ପରିବାର ଲୋକେ ପୋଲିସ ସହ ଦାଉରୀ ସିଜ ପାଇଁ ଯାଇଥିଲେ। ସେଠାରେ ଉଭୟ ଉଭୟଙ୍କୁ ଆକ୍ଷେପ ପରେ ଗଣ୍ଡଗୋଳ ହୋଇଥିଲେ। ଏଥିରେ ଅକ୍ଷୟ ଅଧିକ ଶଶୁର ଘରର ଲୋକଙ୍କ ଆକ୍ରମଣରେ ଗୁରୁତର ହୋଇଥିଲେ। ତାଙ୍କୁ ପରିବାର ଲୋକେ ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଭଦ୍ରକ ଜିଲ୍ଲାର ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରିଥିଲେ। ତାଙ୍କ ଗୋଡ ଆଙ୍ଗୁଠି ଓ ମୁଣ୍ଡ,ଦେହ ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ରହିଛି। ସେହିପରି ଅରୁନ୍ଧତୀ ମଧ୍ୟ ଆହତ ହୋଇ ଭଦ୍ରକ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ପୋଲିସ ଘଟଣାର ତଦନ୍ତ ଜାରି ରହିଛି। ଆଇନ ଯାହା ସପକ୍ଷରେ ବି ଯାଉ କିନ୍ତୁ ସ୍ୱାମୀ ଓ ସ୍ତ୍ରୀଙ୍କର ଏହି କଳହ ପାଇଁ ଦୁଇ ଛୁଆଙ୍କ ଭବିଷ୍ୟତ ଅନ୍ଧାର ଭିତରେ ପ୍ରବେଶ କରିଗଲା।

# ନାବାଳିକା ଦୁଷ୍କର୍ମ ମାମଲାରେ ଆଜୀବନ କାରାଦଣ୍ଡାଦେଶ

ଅନୁଗୋଳ,(ସବ୍ୟୁ) :ଅନୁଗୋଳ ସହର ର ସିମିଳିପଡ଼ା ଅଞ୍ଚଳରେ ଘଟିଥିବା ଏକ ଅତି ସମ୍ବେଦନଶୀଳ ଶିଶୁ କନ୍ୟା ଦୁଷ୍କର୍ମ ମାମଲାରେ ଆଜି ଅଦାଲତ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡ ଶୁଣାଣି କରିଛନ୍ତି । ଆଜୀବନ ସଶ୍ରମ କାରାଦଣ୍ଡାଦେଶ ସହିତ ୩୦ ହଜାର ଟଙ୍କା ର ଜୋରିମାନା ଓ ଜରିମାନା ଅନାଦେୟ ହେଲେ ଅଧିକ ୧ ବର୍ଷ କାରାଦଣ୍ଡ ଭୋଗିବ ବୋଲି ଅନୁଗୁଳ ଫାଷ୍ଟ ଟ୍ରାକ ଜଜ ବିରଞ୍ଚି ନାରାୟଣ ମିଶ୍ର ତାଙ୍କ ଦଣ୍ଡାଦେଶ ରେ ଉଲ୍ଲେଖ କରିଛନ୍ତି । ଏଥିସହିତ ପୀଡ଼ିତାଙ୍କୁ ରାଜ୍ୟ ସରକାର ଙ୍କ ତରଫ ରୁ ୭ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ପ୍ରଦାନ କରିବାକୁ ଜଜ ତାଙ୍କ ରାୟ ରେ ପ୍ରକାଶ କରିଛନ୍ତି

ଗତ ୨୦.୦୫.୨୦୨୫ ରିଖରେ ପୀଡ଼ିତାଙ୍କ ମାଆ ଅନୁଗୋଳ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ଅନୁଯାୟୀ, ୧୯.୦୫.୨୦୨୫ ରିଖ ମଧ୍ୟାହ୍ନ ପ୍ରାୟ ୧୨ଟା ସମୟରେ ସିମିଳିପଡ଼ା ଅଞ୍ଚଳର କାଳିଆ ଓରଫ ସତ୍ୟବ୍ରତ ମିଶ୍ର (୨୨), ପିତା- ପ୍ରମୋଦ ମିଶ୍ର, ଜଣେ ୭ ବର୍ଷର ନାବାଳିକା ଶିଶୁ କନ୍ୟା ସହିତ ଅତି ବର୍ବର ଓ ଅମାନୁଷିକ ଯୌନ ନିର୍ଯାତନାକରିଥିଲା । ପୂର୍ବରୁ ମଧ ସେ ଉକ୍ତ ଶିଶୁ କନ୍ୟାକୁ ଏକ ନିଛାଟିଆ ପଡ଼ିଆକୁ ନେଇ ଦୁଷ୍କର୍ମ କରିଥିବା ନେଇ ପୀଡ଼ିତା ପ୍ରକାଶ କରିଥିଲେ ।

# ଦୁଇଟି ଗେଟ ଦେଇ ବନ୍ୟାଜଳ ନିଷ୍କାସିତ

ରେଙ୍ଗାଲି,(ସବ୍ୟୁ) : ଏ ବର୍ଷ ତୃତୀୟ ଥର ପାଇଁ ରେଙ୍ଗାଲି ଡ୍ୟାମର ଆଉ ଗୋଟିଏ ଗେଟ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଉପରେ ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁଁ ରେଙ୍ଗାଲି ଡ୍ୟାମ ଜଳଭଣ୍ଡାରରେ ବ୍ରାହ୍ମଣୀ ନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି। ରେଙ୍ଗାଲି ଡ୍ୟାମ ଜଳଭଣ୍ଡାରର ପୂର୍ଣ୍ଣ ଜଳ ଧାରଣ କ୍ଷମତା ୧୨୩.୫୦ ମିଟର ଥିବାବେଳେ ଆଜି ଦିନ ଦୁଇଟା ସୁଦ୍ଧା ଡ୍ୟାମର ଜଳସ୍ତର ୧୨୨.୩୪ ମିଟରରେ ପହଁଚିଥିଲା। ନିର୍ଦ୍ଧାରିତ ଜଳସ୍ତର ଠାରୁ ଡ୍ୟାମର ଜଳସ୍ତର ଅଧିକ ରହିଛି। ଫଳରେ ଆଜି ଦିନ ୨ଟା ୫୨ ମିନିଟରେ ଡ୍ୟାମ କର୍ତ୍ତୃପକ୍ଷ ଡ୍ୟାମର ଗେଟ ୧୦କୁ ଖୋଲି ବନ୍ୟା ଜଳ ନିଷ୍କାସନ କରିଥିଲେ।ଆଜି ଅପରାହ୍ଣ ୪ଟା ସୁଦ୍ଧା ରେଙ୍ଗାଲି ଡ୍ୟାମ ଠାରେ ବ୍ରାହ୍ମଣୀ ନଦୀର ଜଳସ୍ତର ୧୨୨.୩୪ ମିଟର ରହିଛି।ଡ୍ୟାମର ଜଳଧାରଣ ସାରଣୀ ଅନୁଯାୟୀ ଏହି ସମୟରେ୧୧୮.୬୦ ମିଟର ରହିବା କଥା।ପ୍ରତି ସେକେଣ୍ଡରେ ଜଳଭଣ୍ଡାର ମଧ୍ୟକୁ୨୫୬୯ ଘନ ମିଟର ବନ୍ୟା ଜଳ ପ୍ରବେଶ କରୁଥିବା ବେଳେ ଖୋଲା ଯାଇଥିବା ୨ଟି ଗେଟ ଓ ପାୱାର ଚ୍ୟାନେଲ ମାଧ୍ୟମରେ ମୋଟ ୩୩୫୮.୯୦ଘନ ମିଟର ବନ୍ୟା ଜଳ ନିଷ୍କାସିତ ହେଉଅଛି ଓ ୨୩୯. ୨୦ମେଗାୱାଟ ବିଦ୍ୟୁତ ଉତ୍ପାଦନ ହେଉଥିବା ନେଇ ରେଙ୍ଗାଲି ବନ୍ଧ ର ଅଧିକ୍ଷଣ ଯନ୍ତ୍ରୀ ଆଶିଷ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି

# ବଅଁରପାଳରେ ଅନୁଗୋଳ ଜିଲ୍ଲା ବନ୍ଦ ପ୍ରଭାବ

ବଅଁରପାଳ,(ସବ୍ୟୁ) : ଅନୁଗୋଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଦିଆଯାଇଥିବା ୧୨ ଘଣ୍ଟିଆ ବନ୍ଦର ପ୍ରଭାବ ବଅଁରପାଳ ଅଞ୍ଚଳରେ ପଡିଛି । ସକାଳୁ କଂଗ୍ରେସର କର୍ମୀ ମାନେ ଏକତ୍ରିତ ହୋଇ ପୁରୁଣା ୫୫ ନମ୍ବର ଜାତୀୟ ରାଜପଥ ବଅଁରପାଳ ଛକଠାରେ ଆନ୍ଦୋଳନକୁ ଓହ୍ଲାଇଥିଲେ । ଫଳରେ ଦୀର୍ଘ ସମୟ ପର୍ଯ୍ୟନ୍ତ ରାସ୍ତାରେ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା । ବଅଁରପାଳ ଥାନା ପୋଲିସ ଆନ୍ଦୋଳନ କାରୀଙ୍କୁ ଉଠାଇ ଦେବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ସୂଚନାଯୋଗ୍ୟ କି ଅନୁଗୋଳ ଜିଲ୍ଲାରେ ପ୍ରଦୂଷଣ ସମସ୍ୟା ଓ ରାସ୍ତାରେ କୋଇଲା ପରିବହନକୁ ବିରୋଧ କରି ମିଥ୍ୟା ମାମଲାରେ ଗିରଫ କୋଶଳା ପଞ୍ଚାୟତର ୫ ଜଣଙ୍କ ମାମଲା ପ୍ରତ୍ୟାହାର ଦାବିରେ ଆଜି କଂଗ୍ରେସ ପକ୍ଷରୁ ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ବନ୍ଦ ଡାକରା ଦିଆଯାଇଥିଲା । କଟକ - ସମ୍ବଲପୁର ୫୫ନଂ ଜାତୀୟ ରାଜପଥ ମରାଡିରା ଠାରେ କଂଗ୍ରେସର କର୍ମୀ ମାନେ ରାସ୍ତାରୋକ କରିବାରୁ ହଜାର ହଜାର ଗାଡ଼ି ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକି ରହିଥିଲା

# ଯୁବତୀଙ୍କୁ ବ୍ଲାକମେଲିଂ : ଅଭିଯୁକ୍ତ ଗିରଫ

ବଲଙ୍ଗା ,(ସବ୍ୟୁ): ବଲଙ୍ଗା ଥାନା ଅନ୍ତର୍ଗତ ଏକ ଗ୍ରାମରେ ଜଣେ ଯୁବତୀଙ୍କୁ ବ୍ଲାକମେଲିଂ କରି ଅଶ୍ଳୀଳ ଫଟୋ ଭାଇରାଲ କରିବା ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ବଲଙ୍ଗା ପୋଲିସ। ଅଭିଯୁକ୍ତ ଜଣକ ପିପିଲି ଥାନା ଅନ୍ତର୍ଗତ ରାଜତେଇ ଗ୍ରାମର ଜନ୍ମେଶର ବେହେରା ବୋଲି ପୋଲିସ ସୂଚନା ଦେଇଛି। ଏଥି ସହ ପୋଲିସ ଅଭିଯୁକ୍ତର ମୋବାଇଲ ଫୋନକୁ ଜବତ କରିଛି। ସୂଚନା ମୁତାବକ ଦୀଘ ୬ବର୍ଷ ତଳୁ ଅଭିଯୁକ୍ତ ଜଣଙ୍କ ଯୁବତୀଙ୍କୁ ଧମକ ଚମକ ଦେଇ ଏକ ତରଫା ପ୍ରେମ କରିବା ସହ ତାଙ୍କ ଫଟୋକୁ ସୋସିଆଲ ମିଡିଆରେ ଛାଡୁଥିଲା। ଏନେଇ ଯୁବତୀଙ୍କ ପରିବାର ଲୋକେ ସାଇବର ଓ ବାଲଙ୍ଗା ଥାନାରେ ଅଭିଯୋଗ କରିବା ପରେ ଅଭିଯୁକ୍ତକୁ ପୋଲିସ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଏହା ଭିତରେ ଯୁବତୀଙ୍କ ବିବାହ ସାରିଥିଲା ବେଳେ ଗତ ୮ତାରିଖରୁ ଅଭିଯୁକ୍ତ ପୁନର୍ବାର ଯୁବତୀଙ୍କୁ ଟଙ୍କା ନ ଦେଲେ ତା ପାଖରେ ଥିବା ଆପତ୍ତି ଜନକ ଫଟୋକୁ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ଧମକ ଦେଇ କ୍ରମାଗତ ଭାବେ ଫଟୋକୁ ଭାଇରାଲ କରିଥିଲା। ଯାହା ଫଳରେ ଯୁବତୀଙ୍କ ଭାଇ ଏନେଇ ବଲଙ୍ଗା ଥାନାରେ ଅଭିଯୋଗ କରିବା ପରେ ଥାନାରେ ଏକ ସାଇବର ମାମଲା ରୁଜୁ କରାଯାଇ ଥିଲା। ଗତକାଲି ବିଳମ୍ବିତ ରାତିରେ ବଲଙ୍ଗା ପୋଲିସ ପକ୍ଷରୁ ଅଭିଯୁକ୍ତ ଘରେ ଚଢ଼ାଉ କରାଯାଇ ତାକୁ ଗିରଫ କରାଯାଇଥିଲା।

# ପଞ୍ଜୁରୀ ଭିତରୁ ନାଗ ସାପ ଉଦ୍ଧାର

ବାଙ୍କୀ ,(ସବ୍ୟୁ): : ପଞ୍ଜୁରି ଭିତରକୁ ଚଢ଼େଇ ଖାଇବା ପାଇଁ ଗୋଟିଏ ଚାରି ଫୁଟର ନାଗ ସାପ ପଞ୍ଜୁରୀ ଭିତରେ ପଶିଗୋଟିଏ ପରେ ଗୋଟିଏ ଚଢ଼େଇ କୁ ଗିଳି ଦେଇଛି। କିନ୍ତୁ ଗିଳି ସାରିବା ପରେ ପଞ୍ଜୁରୀ ଭିତରୁ ବାହାରକୁ ଆସି ନ ପାରିବାରୁ ପ୍ରଦୀପ୍ତ କୁମାର ମିଶ୍ର ଙ୍କ ପରିବାର ଲୋକେ ନିକଟରେ ରହୁଥିବା ଓଡିଶା ସ୍ନେକ ହେଲ୍ପଲାଇନ ସଦସ୍ୟ ଲଳିତ ମୋହନ ପଣ୍ଡାଙ୍କୁ ଖବର ଦେଇଥିଲେ। ଶ୍ରୀ ପଣ୍ଡା ପହଞ୍ଚି ପଞ୍ଜୁରୀ ଭିତରୁ ବାହାରକୁ ସାପକୁ ଉଦ୍ଧାର କରି ନିକଟସ୍ଥ ଜାତମୁଣ୍ଡିଆ ସ୍ଥିତ ଆବାସିକ ସ୍ଥଳୀରେ ଛାଡି ଦେଇ ଥିଲେ।

# ୨୦୦ ମିଟରର ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା

ନୀଳଗିର,(ସବ୍ୟୁ): ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଅଛି । ଏହି ଶୋଭାଯାତ୍ରା ନୀଳଗିରି ଜଗନ୍ନାଥ ମନ୍ଦିର ଠାରୁ ବାହାରି ନୀଳଗିରି ବଜାର ପରିକ୍ରମା କରି ନୀଳଗିରି ଡାକବଙ୍ଗଳା ଠାରେ ସମାପନ ହୋଇଥିଲା । ଏହି ଶୋଭାଯାତ୍ରାରେ ଏକ ୨୦୦ ମିଟର ବା ୬୬୦ ଫୁଟର ବିଶାଳ ତ୍ରିରଙ୍ଗାକୁ ନେଇ ନୀଳଗିରି ବଜାର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାରେ ଏକ ହଜାରରୁ ଉର୍ଦ୍ଧ ସଂଖକ ଲୋକ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ସନ୍ତୋଷ ଖଟୁଆ, ସାଂସଦଙ୍କ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ଚନ୍ଦ୍ରଶେଖର ନନ୍ଦ, ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ନାରାୟଣ ମହନ୍ତ, ଯୁବ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ, କୃଷକ ମୋର୍ଚ୍ଚା ଜିଲ୍ଲା ସଭାପତି ତାପସ ମହାନ୍ତି, ଜିଲ୍ଲା ଉପସଭାପତି କରୁଣାକର ପଣ୍ଡାପ୍ରମୁଖ ଛାତ୍ରଛାତ୍ରୀ ଏବଂ ସାମାଜିକ ସାଂଗଠନର ସଦସ୍ୟ ସାମିଲ ହୋଇଥିଲେ।

# ଯୁବତୀଙ୍କୁ ଗଣଦୁଷ୍କର୍ମ ଘଟଣା ୫ ଅଭିଯୁକ୍ତ ଗିରଫ, ଜଣେ ଫେରାର

ନିଶ୍ଚିନ୍ତକୋଇଲି ,(ସବ୍ୟୁ) : ନିଶ୍ଚିନ୍ତକୋଇଲି ଥାନା ରାଜ୍ୟ ରାଜପଥର ସୁକରପଡା ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ନିକଟରେ ମଙ୍ଗଳବାର ରାତ୍ରର ବିଳମ୍ବିତ ପ୍ରହରରେ କାର ଭିତରୁ ଟେକି ନେଇ ଯୁବତୀଙ୍କୁ ଗଣବଳାତ୍କାର କରାଯିବା ଘଟଣାରେ ପୋଲିସ ୫ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ବେଳେ ଜଣେ ଫେରାର ଥିବା ପୋଲିସ ସୂତ୍ରରୁ ପ୍ରକାଶ। ଏହି ଘଟଣାରେ ପୋଲିସ ନିଶ୍ଚିନ୍ତକୋଇଲି ଥାନା କଟିକଟା ଗ୍ରାମପଞ୍ଚାୟତ ଆଏଣ୍ଡା ଗ୍ରାମର ଅଜମୁଲ ଖାଁ, ସାଜନ ଖାଁ,କୁଦାନଗରୀ ଥାନା ଚାଟରା ଗ୍ରାମର ମହମ୍ମଦ ଅବୁଜର ଗଫର, ସେହିଥାନା ଚାଟଣା ଗ୍ରାମର ରିଆସଦ ଅହମ୍ମଦ, ନେମାଳ ଥାନା ନାହାଳଗ୍ରାମର ସେକ ସଲମନ ଅଲ୍ଲୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାର ଜଣାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣକୁ ପୋଲିସ ଗିରଫ କରିବା ନିମନ୍ତେ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବାର ଜଣାଯାଇଛି।

# ୪୭ ଘର ଉପରେ ଚାଲିଲା ଜେସିବି

ଢେଙ୍କାନାଳ,(ସବ୍ୟୁ) : ଢେଙ୍କାନାଳ ପୌରାଞ୍ଚଳର ୯ ନମ୍ବର ୱାର୍ଡରେ ବେଆଇନ ଭାବରେ ଗଢିଉଠିଥିବା କୁଟୁଣିଆ ବସ୍ତିକୁ ଦ୍ୱିତୀୟ ଦିନରେ ପୋଲିସ ଓ ପ୍ରଶାସନର ମିଳିତ ସହଯୋଗରେ ଉଚ୍ଛେଦ କରାଯାଇଛି। ବୁଧବାର ୨୧ଟି ଘର ଭଙ୍ଗା ଯାଇଥିବା ବେଳେ ଗୁରୁବାର ୪୭ଟି ଘର ମାଟିରେ ମିଶିଛି। ଦୁଇ ଦିନରେ ପ୍ରଶାସନ ତରଫରୁ ୬୮ଟି ଘରକୁ ଭାଙ୍ଗି ଦିଆଯାଇଛି। ଢେଙ୍କାନାଳ ସହରର ୯ନମ୍ବର ୱାର୍ଡ କୁଟୁଣିଆ ଜବରଦଖଲ ବସ୍ତି ଉଚ୍ଛେଦ ପାଇଁ ଦ୍ୱିତୀୟ ଦିନରେ ଉଚ୍ଛେଦ ଜାରି ରହିଥିଲା। ବ୍ୟାପକ ପୋଲିସ ଫୋର୍ସ ସହାୟତାରେ ବୁଲଡୋଜର ଲଗାଇ ପୋଲିସ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଜାରିରହିଥିଲା।

# ୮ କିଲୋ ୭୭୦ ଗ୍ରାମ ଭାଙ୍ଗ ଜବତ

ଯାଜପୁର,(ସବ୍ୟୁ) :ଯାଜପୁରରେ ଅବକାରୀ ବିଭାଗକୁ ମିଳିଛି ବଡ଼ ସଫଳତା। ଆଜି ସକାଳେ ତ୍ରିଲୋଚନପଡ଼ା ଦେବୀଦ୍ୱାର ଅଞ୍ଚଳରେ ଚଢ଼ାଉ କରି ୮ କିଲୋ ୭୭୦ ଗ୍ରାମ ଭାଙ୍ଗ ଜବତ କରିବା ସହ ସୁଶାନ୍ତ ଦୀକ୍ଷିତଙ୍କୁ ଗିରଫ କରିଛି ବିଭାଗ। ଭାଙ୍ଗ ଚାଲାଣ ଓ ବିକ୍ରି ଅଭିଯୋଗରେ ୩୩ ବର୍ଷୀୟ ସୁଶାନ୍ତଙ୍କୁ ଗିରଫ କରାଯାଇଛି।ଏହି ଚଢ଼ାଉରେ ଇନ୍ସପେକ୍ଟର କେଶବଚନ୍ଦ୍ର ଦାସ, ଓଆଇସି ସୁଭଦର୍ଶିନୀ ସାହୁ, ଏସ ଆଇ ଅଭୟ ନାଏକଙ୍କ ସମେତ ଅନ୍ୟ ଅବକାରୀ ଅଧିକାରୀ ଓ କର୍ମଚାରୀ ସାମିଲ ହୋଇଥିଲେ।

# ସ୍କୁଲରେ ଛାତ୍ରଙ୍କ ଅଙ୍ଗୁଳି ଛିଣ୍ଡାଇନେଲା କୁକୁର

ବାଲେଶ୍ୱର,(ସବ୍ୟୁ): ବାଲେଶ୍ୱର ସଦର ଥାନା ରସାଲପୁର ନିକଟସ୍ଥ ଭୀମପୁରରେ ପାଗଳ କୁକୁର ଆତଙ୍କ ଦେଖାଦେଇଛି। ମଙ୍ଗଳବାର ଭୀମପୁର ସତ୍ୟନାରାୟଣ ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ପବିତ୍ର ରଣାଙ୍କୁ ସ୍କୁଲ ନିକଟରେ ଗୋଟିଏ ପାଗଳ କୁକୁର ଗୋଡ଼ାଇ ଗୋଡ଼ାଇ କାମୁଡ଼ିଥିଲା। କୁକୁରଟି ତାଙ୍କ ହାତର ଆଙ୍ଗୁଳି ସହ ବିଭିନ୍ନ ସ୍ଥାନକୁ ଝୁଣି ଦେଇଥିଲା। ଏପରିକି ଛାତ୍ରଙ୍କ ହାତର ବୁଢ଼ା ଆଙ୍ଗୁଳି ଛିଣ୍ଡି ପଡ଼ିଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ପ୍ରଥମେ ପବିତ୍ରଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଏହି ଘଟଣାକୁ କେନ୍ଦ୍ର କରି ବୁଧବାର ଉତ୍ତେଜନା ଦେଖାଦେଇଥିଲା। ପୂର୍ବାହ୍ନରେ ଅଭିଭାବକ ଓ ଗ୍ରାମବାସୀ ବିଦ୍ୟାଳୟରେ ତାଲା ପକାଇଥିଲେ। ସ୍କୁଲରେ ଅଧିକ ଶିକ୍ଷକ ନିଯୁକ୍ତି ଓ କ୍ଷତିପୂରଣ ଦାବି କରି ବିଦ୍ୟାଳୟ ବନ୍ଦ କରିଦେଇଥିଲେ। ଅପରାହ୍ନ ୩ଟା ପର୍ଯ୍ୟନ୍ତ ଧାରଣା ଜାରି ରହିଥିଲା। କ୍ଷତିପୂରଣ ବାବଦରେ ଜିଲାପାଳଙ୍କ ସହ ପରାମର୍ଶ କରି ଆହତ ଛାତ୍ରଙ୍କ ଅଭିଭାବକଙ୍କୁ ଡକାଯାଇ ନିଷ୍ପତ୍ତି ନିଆଯିବ ବୋଲି କହିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

# ପ୍ୟାରେଡ୍ ଅଭ୍ୟାସ ବେଳେ ୩ ଛାତ୍ରୀ ଅସୁସ୍ଥ

ତିହିଡି,(ସବ୍ୟୁ):ତିହିଡି ସଦର ମହକୁମାରେ ଅବସ୍ଥିତ ଚନ୍ଦ୍ର ଶେଖର ରତ୍ନାକର ସହଯୋଗ ସରକାରୀ ହାଇସ୍କୁଲରେ ଆଗାମୀ ସ୍ୱାଧୀନତା ଦିବସ ଲାଗି ଗୁରୁବାର ଦିନ ପ୍ୟାରେଡ୍ ଅଭ୍ୟାସ କରାଯାଉଥିବାବେଳେ ୩ ଜଣ ଦଶମ ଶ୍ରେଣୀ ଛାତ୍ରୀ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ ପ୍ରଥମେ ତିହିଡି ଡାକ୍ତରଖାନାରେ ଭର୍ତ୍ତି କରାଯାଇ ଥିବାବେଳେ ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ଭଦ୍ରକ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଅସୁସ୍ଥ ଛାତ୍ରୀମାନେ ହେଲେ ଅଭିଲିପ୍ସା ଯେନା,ରାଜଲକ୍ଷ୍ମୀ ପତ୍ର ଓ କ୍ରିଷ୍ଣା ପ୍ରିୟଦର୍ଶିନୀ ସାହୁ ଏମାନେ ସମସ୍ତେ ତିହିଡି ମିର୍ଜାପୁର ଗାଁର ବୋଲି ଜଣାଯାଇଛି।

# ଏଏସ୍ଆଇ ମାନ୍ୟତା ପାଇଲା ବାଫ୍ଲିମାଳି ବକ୍ସାଇଟ ଖଣି

ରାୟଗଡ଼ା, (ସବ୍ୟୁ): ଆଦିତ୍ୟ ବିର୍ଲା ଗ୍ରୁପ୍ର ଉତ୍କଳ ଆଲୁମିନା ଇଣ୍ଟରନ୍ୟାସନାଲ ଲିମିଟେଡ ରାୟଗଡ଼ା ଜିଲ୍ଲାର ବାଫ୍ଲିମାଳି ବକ୍ସାଇଟ ଖଣି ପାଇଁ ଆଲୁମିନିୟମ ଷ୍ଟିୱାର୍ଡସିପ ଇନିସିଏଟିଭ (ଏଏସଆଇ) ପରଫରମାନ୍ସ ଷ୍ଟାଣ୍ଡାର୍ଡ ଭି୩.୧ (୨୦୨୩) ମାନ୍ୟତା ହାସଲ କରିଛି । ଏହା ସହ ବାଫ୍ଲିମାଳି ଭାରତର ପ୍ରଥମ ବକ୍ସାଇଟ ଖଣି ଭାବେ ଏହି ମାନ୍ୟତା ପାଇଛି । ଏଏସଆଇ ମାନ୍ୟତାରେ ଖଣି ଯୋଜନା, ଖନନ, ସ୍ଥାନୀୟ ଭାବେ ବକ୍ସାଇଟ ଚୂର୍ଣ୍ଣକରଣ ଏବଂ କନ୍ଭେୟର ମାଧ୍ୟମରେ ବକ୍ସାଇଟ ପରିବହନ ଭଳି ସମସ୍ତ କାର୍ଯ୍ୟକଳାପକୁ ସାମିଲ କରାଯାଇଛି । ବାର୍ଷିକ ୮.୫ ନିୟୁତ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ଏହି ଖଣିରୁ ଉତ୍କଳ ଆଲୁମିନା ବିଶୋଧନାଗାରକୁ ବକ୍ସାଇଟ ଯୋଗାଣ ହେଉଛି । ହିଣ୍ଡାଲ୍କୋର ସମନ୍ୱିତ ଆଲୁମିନିୟମ ମୂଲ୍ୟ ଶୃଙ୍ଖଳରେ ବାଫ୍ଲିମାଳିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ସଫଳତା ପରେ ହିଣ୍ଡାଲକୋର ଏଏସଆଇ ପ୍ରମାଣିତ କାର୍ଯ୍ୟକ୍ଷେତ୍ର ସଂଖ୍ୟା ୧୧କୁ ବୃଦ୍ଧି ପାଇଛି। ଖଣି, ସ୍ମେଲଟିଂ ଓ ଡାଉନ୍ଷ୍ଟ୍ରିମ ଉତ୍ପାଦନ କ୍ଷେତ୍ରର ବିଭିନ୍ନ ୟୁନିଟ ଏହାର ଅନ୍ତର୍ଭୁକ୍ତ। ହିଣ୍ଡାଲ୍କୋର ଆଲୁମିନିୟମ ଅପଷ୍ଟ୍ରିମ ସିଇଓ କୈଳାସ ପାଣ୍ଡେ କହିଛନ୍ତି, ବାଫ୍ଲିମାଳି ହିଣ୍ଡାଲ୍କୋର ଏକ ରଣନୈତିକ ସମ୍ପଦ । ଏଏସଆଇ ମାନ୍ୟତା ଦୀର୍ଘସ୍ଥାୟୀ ବିକାଶ, ସ୍ୱଚ୍ଛତା ଏବଂ ଦାୟିତ୍ୱସମ୍ପନ୍ନ ସମ୍ବଳ ସଂଗ୍ରହ ପ୍ରତି କମ୍ପାନୀର ପ୍ରତିବଦ୍ଧତାକୁ ଦର୍ଶାଉଛି । ଏଏସଆଇ ସିଇଓ ଡ. ଫିଓନା ସୋଲୋମନ କହିଛନ୍ତି, ବାଫ୍ଲିମାଳିର ମାନ୍ୟତା ଉତ୍କଳ ଆଲୁମିନାର ଦୀର୍ଘସ୍ଥାୟୀ ମାନଦଣ୍ଡ ପ୍ରତି ନିରନ୍ତର ପ୍ରତିବଦ୍ଧତାର ପ୍ରମାଣ। ଏହା ପରିବେଶ, ସାମାଜିକ ଦାୟିତ୍ୱ ଓ ସୁଶାସନ ସହ ଦାୟିତ୍ୱସମ୍ପନ୍ନ ଉତ୍ପାଦନକୁ ଆହୁରି ସୁଦୃଢ଼ କରିବ। ନିରପେକ୍ଷ ତୃତୀୟପକ୍ଷ ସଂସ୍ଥା ସେଟିଜିଓନ ଭେରିଫିକା ଦ୍ୱାରା ଏଏସଆଇର ସାକ୍ଷ୍ୟ ଆକଳନ ପ୍ରକ୍ରିୟା ଅନୁସାରେ ଅଡିଟ କରାଯାଇଥିଲା । ବାଫ୍ଲିମାଳିର ଏହି ମାନ୍ୟତା ଦାୟିତ୍ୱସମ୍ପନ୍ନ ଖଣି କାର୍ଯ୍ୟ ଓ ଭାରତରୁ ବିଶ୍ୱସ୍ତରୀୟ ଆଲୁମିନିୟମ ଯୋଗାଣ ଶୃଙ୍ଖଳ ବିକାଶ ଦିଗରେ ହିଣ୍ଡାଲ୍କୋର ପ୍ରତିବଦ୍ଧତାକୁ ଆହୁରି ମଜଭୁତ କରିଛି ।

# ଟ୍ରେନ ଧକ୍କାରେ ଗୋରୁ ଚଳାଳି ସହ ୪ ଗୋରୁ ମୃତ

ନୟାଗଡ଼/ ନୂଆଗାଁ, (ସବ୍ୟୁ): ଭୁବନେଶରରୁ ଦଶପଲ୍ଲା ଅଭିମୁଖେ ଯାଉଥିବ ଏକ ଟ୍ରେନ ଧକ୍କାରେ ନୂଆଗାଁ ସଂପଡ଼ା ନିକଟରେ ଜଣେ ଗୋରୁ ଚଳାଳିଙ୍କ ସହିତ ୪ ଗାଈ ଓ ବଳଦ ମୃତ୍ୟୁ ହୋଇଛି। ଗୁରୁବାର ଅପରାହ୍ନ ପ୍ରାୟ ୩ଟା ୧୫ରେ ଯାତ୍ରୀବାହୀ ଟ୍ରେନ ଦୃତ ବେଗରେ ଯାଉଥିବା ବେଳେ ସମ୍ମୁଖରେ ରେଳ ଧାରଣାରେ ଜଣେ ଗୋରୁ ଚଳାଳିଙ୍କ ସହିତ ଏକାଧିକ ଗାଈ ଓ ବଳଦଙ୍କୁ ଧକ୍କା ଦେଇଥିଲା । ଟ୍ରେନ ଧକ୍କାରେ ୪ ଗାଈ ଓ ବଳଦଙ୍କ ମୃତ୍ୟୁ ହୋଇଥିଲା ଗୋରୁ ଚଳାଉଥିବା ସଂପଡା ଗାଁର ବିଶ୍ୱନାଥ ସାଇଁ (୬୩) ବର୍ଷ ମୃତ୍ୟୁ ହୋଇଥିଲା। ଘଟଣା ପରେ ନୂଆଗାଁ ପୋଲିସ ଏକ ଅପମୃତ୍ୟୁ ରୁଜୁ କରିଛି। ମୃତକଙ୍କ ପରିବାରକୁ କ୍ଷତିପୂରଣ ପ୍ରଦାନ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

# ଦୁଇଟି ମାମଲାରେ ଦୁଇ ଗିରଫ

ଅସୁରାଳି,(ସବ୍ୟୁ): ଜାଗା ବିବାଦକୁ କେନ୍ଦ୍ରକରି ହୋଇଥିବା ଦୁଇଟି ମାମଲାରେ ଧୂଷୁରୀ ପୁଲିସ ଦୁଇ ଜଣଙ୍କୁ ଗିରଫ କରିଛି। କିଛି ଦିନ ତଳେ ଧାମନଗର ବ୍ଲକର ପାଳସାହି ଅଂଚଳରେ ଜାଗା ବାଡ଼ି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଥିଲା। ଗୋଟିଏ ପକ୍ଷର ତୁଳସୀ ସାହୁଙ୍କ ଅଭିଯୋଗକ୍ରମେ ଧୂଷୁରୀ ପୁଲିସ ତିନି ଜଣଙ୍କ ନାଁରେ ମାମଲା ସଂଖ୍ୟା- ୨୯୫/୨୬ ରୁଜୁ କରିଥିବାବେଳେ ଆଜି ପ୍ରତିପକ୍ଷର ସୁଶାନ୍ତ ସାହୁ(୩୨)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେହି ଘଟଣାରେ ପ୍ରତାପ ସାହୁଙ୍କ ଏତଲା କ୍ରମେ ଧୂଷୁରୀ ପୁଲିସ ୬ଜଣଙ୍କ ନାମରେ ମାମଲା ସଂଖ୍ୟା-୨୯୮/୨୬ ରୁଜୁ କରି ଗଣେଶ ସାହୁ(୩୨)ଙ୍କୁ ଗିରଫ କରିଛି ଏବଂ କୋର୍ଟ ଚାଲାଣ କରିଛି।

# ନିଶା ସାମଗ୍ରୀ ସହ ଯୁବକ ଗିରଫ

ସମ୍ବଲପୁର,(ସବ୍ୟୁ) : ବେଆଇନ ନିଶା ସାମଗ୍ରୀ ବିକ୍ରି ଅଭିଯୋଗରେ ଧନୁପାଲି ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ଚାରଭାଟି ଅଞ୍ଚଳର ଗୋବିନ୍ଦ ଓରାମ(୨୬) ବୋଲି ଜଣାପଡ଼ିଛି । ଚଢାଉ ବେଳେ ତାଙ୍କ ନିକଟରୁ ୩୨ ବୋତଲ ନିଶା କଫସିରପ , ୨ଟି ଠିପି ଖୋଲା କଫସିରପ ବୋତଲ, ୬ଟି ନିଶା ବଟିକା, ୭୦୦ମିଲିଲିଟର ଅପମିଶ୍ରିତ ନିଶାଯୁକ୍ତ ତରଳ ପଦାର୍ଥ ପ୍ଲାଷ୍ଟିକ ବୋତଲ, ୨୪ ଲିଟର ଦେଶୀ ମଦ ଓ ମୋବାଇଲ ଫୋନ ଜବତ ହୋଇଛି । ଏନେଇ ୨୬୪/୨୬ରେ ଏକ ମାମଲା ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଇଛି । ସୂଚନାଯୋଗ୍ୟ, ଧନୁପାଲି ଥାନା ପୋଲିସ ଟିମ ପାଟ୍ରୋଲିଂ କରୁଥିବା ବେଳେ ଗୋବିନ୍ଦତୋଲା ସିଏସ କଲୋନୀ ନିକଟରେ ବେଆଇନ ଭାବେ ଅପମିଶ୍ରିତ ନିଶାଦ୍ରବ୍ୟ ବିକ୍ରି ହେଉଥିବା ଖବର ପାଇ ଚଢ଼ାଉ କରିଥିଲା । ଚଢାଉ ବେଳେ ଉପରୋକ୍ତ ସାମଗ୍ରୀ ସହ ଅଭିଯୁକ୍ତ ଗୋବିନ୍ଦଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି ।

# କୋଚିଙ୍ଗ ସେଣ୍ଟର୍ ଝରକା କାଟି ୪ ଛାତ୍ର ଫେରାର

କେନ୍ଦୁଝର, (ଜିପ୍ର) : କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇ ପୋଷିସ୍ଥିତ ଏକ ଘରୋଇ ରେସି ଡେଣ୍ଟାଲ କୋଚିଂ ସେଣ୍ଟରରୁ ବୁଧବାର ବିଳମ୍ବିତ ରାତିରେ କୋଚିଂ ସେଣ୍ଟରର ଝରକା ଗ୍ରୀଲ ଭାଙ୍ଗି ୪ ଜଣ ଦଶମ ଶ୍ରେଣୀର ଛାତ୍ର ଫେରାର ହୋଇଯାଇଛନ୍ତି। ନିଖୋଜ ଛାତ୍ରମାନେ ହେଉଛନ୍ତି ଆନନ୍ଦପୁର ବ୍ଲକ ରରୁଦ୍ର ନାଏକ, ଘଟଗାଁ ବ୍ଲକ ଜାମୁପଶି ଗ୍ରାମର ଶୁଭମ ମହାନ୍ତ, ତୁରୁମୁଙ୍ଗା ଥାନା ବୁଢ଼ୀକାପୁଡିର ଶୁଭମ କୁମାର ମହାନ୍ତ ଓ ପାଟଣା ବ୍ଲକ ଟାଙ୍ଗରପଡ଼ା ପଞ୍ଚାୟତ ବାଲିବନ୍ଧର ପିପୁଲ ମହାନ୍ତ, ପ୍ରଥମ ୩ ଜଣ ସିଲିଦା ହାଇସ୍କୁଲର ଛାତ୍ର ହୋଇଥିବାବେଳେ ଚତୁର୍ଥ ଛାତ୍ର ଜଣଙ୍କ କେନ୍ଦେଇପଶି ହାଇସ୍କୁଲର ଛାତ୍ର ହୋଇଥିବା ଜଣାପଡ଼ିଛି। ସମସ୍ତେ କୋଚିଂ ସେଣ୍ଟରରେ ରହି ପାଠ ପଢୁଥିଲେ । ୪ଜଣ ଛାତ୍ର କୋଚିଙ୍ଗ ସେଣ୍ଟରରୁ ଚାଲି ଯାଇଥିବା ବେଳେ କେହି ଘରକୁ ଫେରୁଥିବାରୁ ଚିନ୍ତା ବଢିଛି।ଅଭିଭାବକମାନେ କୋଚିଙ୍ଗ ସେଣ୍ଟର୍ରେ ପହଞ୍ଚିଛନ୍ତି। ଛାତ୍ରମାନେ କୋଚିଙ୍ଗ ସେଣ୍ଟରରୁ ରାତ୍ରୀ ଲୁଚି ପଳାଇବାର କାରଣ ସ୍ପଷ୍ଟ ହୋଇ ନ ଥିବାବେଳେ କୋଚିଙ୍ଗ ସେଣ୍ଟର୍ ମାଲିକ ଏନେଇ ତୁରୁମୁଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ ତନାଘନା ଆରମ୍ଭ ହୋଇଛି।

# ଭାଲୁ ଆକ୍ରମଣରେ ଦୁଇ ଗୁରୁତର

ନୀଳଗିରି,(ସବ୍ୟୁ): ଗୁରୁବାର ସକାଳେ ବିଲକୁ ଯାଇଥିବା ବେଳେ ଭାଲୁ ଆକ୍ରମଣରେ ୨ଜଣ ଗୁରୁତର ହୋଇଥିବା ଜଣାପଡ଼ିଛି ଘଟଣାରୁ ପ୍ରକାଶ ନୀଳଗିରି ଉପଖଣ୍ଡ ଶଯାମସୁନ୍ଦରପୁର ପଞ୍ଚାୟତର ଦ୍ୱାରିକା ଗାଁର ପୁର୍ଣ୍ଣଚନ୍ଦ୍ର ବାରିକଙ୍କ ପୁଅ ଦିଲ୍ଲୀପ କୁମାର ବାରିକ (୩୫) ଘରପାଖ ଚାଷଜମିକୁ ଯାଇଥିବା ବେଳେ ୩ଟି ଭାଲୁ ଅତର୍କିତ ଭାବେ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ଦିଲ୍ଲୀପ ଗୁରୁତର ଆହତ ହୋଇଥିବା ବେଳେ ଅନୁରୂପଭାବେ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଜୁନିଆପାଟଣା ଗାଁର ଅରୁଣ ଦଳେଇର ସ୍ତ୍ରୀ ସୁକାନ୍ତି ଦଳେଇ(୪୫) ଘରପାଖ ଚାଷଜମି କୁ ଯାଇଥିବା ବେଳେ ଗୋଟିଏ ଭାଲୁ ଆକ୍ରମଣ କରିଥିଲା। ଉଭୟ ଗୁରୁତରଙ୍କୁ ପ୍ରଥମେ ନୀଳଗିରି ମେଡିକାଲକୁ ଅଣାଯାଇଥିବା ବେଳେ ଅବସ୍ଥା ଗୁରୁତର ହେବାରୁ ୧୦୮ ଆମ୍ବୁଲେନ୍ସ ଯୋଗେ ତାଙ୍କୁ ବାଲେଶ୍ୱର ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି।

## ଏଗ୍ରିଷ୍ଟାକ୍କୁ ନେଇ ଚାଷୀ ଅସନ୍ତୋଷ

# ୧୬ରେ ପଶ୍ଚିମ ଓଡ଼ିଶାସ୍ତରୀୟ ବୈଠକ

ସମ୍ବଲପୁର,(ସବ୍ୟୁ): ଏଗ୍ରିଷ୍ଟାକ୍ ଆଇଡି ଓ ଖରିଫ ଧାନ ପଞ୍ଜିକରଣର ଜଟିଳତାକୁ ନେଇ ସମ୍ବଲପୁର ଜିଲ୍ଲାରେ ଚାଷୀ ଅସନ୍ତୋଷ ଉଗ୍ରରୂପ ନେଇଛି। ଏହାର ପ୍ରତିବାଦରେ ଜିଲ୍ଲାର ୪୫ଟି ସମବାୟ ସମିତି (ପ୍ୟାକ୍ସ) ଓ ଲ୍ୟାମ୍ପସ ସମ୍ମୁଖରେ ଗୁରୁବାର ଚାଷୀମାନେ ତାଲା ପକାଇ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନର ସଭାପତି ବ୍ୟୋମକେଶ ଠାକୁରଙ୍କ ଆହ୍ୱାନ କ୍ରମେ ଏହି ତାଲାବନ୍ଦ ଆନ୍ଦୋଳନ ଦେଖିବାକୁ ମିଳିଥିଲା । ସମ୍ବଲପୁର, ମାନେଶ୍ୱର, ଯୁଯୋମୁରା, ରେଢାଖୋଲ, ନାକଟିଦେଉଳ, ବାମରା ଓ କୁଚିଣ୍ଡା ସମେତ ବିଭିନ୍ନ ଅଞ୍ଚଳରେ ଚାଷୀ ମାନେ ସ୍ୱତଃସ୍ଫୂର୍ତ୍ତ ଭାବେ ପିକେଟିଂ କରି ତାଲାବନ୍ଦ ଆନ୍ଦୋଳନରେ ସାମିଲ ହୋଇଥିଲେ । ଚାଷୀଙ୍କ ଅଭିଯୋଗ ଯେ, ଏଗ୍ରିଷ୍ଟାକ୍ ପଞ୍ଜିକରଣରେ ଜମିଜମା ଓ ବଂଶାନୁକ୍ରମିକ ଜମିର ମ୍ୟାପିଂ ଭଳି ସମସ୍ୟା ଯୋଗୁଁ ଅନେକ ଚାଷୀ ପଞ୍ଜିକରଣ କରିବାରେ ଅସୁବିଧା ଭୋଗୁଛନ୍ତି। ଏହି ପ୍ରକିୟା ସରଳ ନହେଲେ ଆଗାମୀ ଖରିଫ ଋତୁରେ ଧାନ ବିକ୍ରି ବେଳେ ଅନେକ ଚାଷ ବଞ୍ଚିତ ହେବେ । ଅନ୍ୟପଟେ ଏଗ୍ରିଷ୍ଟାକ୍ ଆଇଡିକୁ ନେଇ ମନ୍ତ୍ରୀମାନଙ୍କ ବକ୍ତବ୍ୟରେ ତାଳମେଳ ରହୁନାହିଁ । ସରକାର କୋହଳ




ଆଭିମୁଖ୍ୟ ଗ୍ରହଣ କରାଯାଉଥିବା କହୁଥିଲେ ବି କୌଣସି ସ୍ପଷ୍ଟତା ନାହିଁ । ଯଦି ଚଳିତ ବର୍ଷ ଧାନ ସଂଗ୍ରହରେ ଏଗ୍ରିଷ୍ଟାକ୍ ବାଧ୍ୟତାମୂଳକ ନୁହେଁ, ତେବେ ଏହାକୁ ଧାନ ସଂଗ୍ରହରୁ ଅଲଗା ରଖାଯିବ ବୋଲି ସରକାର ତୁରନ୍ତ ସର୍କୁଲାର ଜାରି କରନ୍ତୁ ବୋଲି ଦାବି କରାଯାଇଛି । ନଚେତ୍ ଜିଲ୍ଲାର ସମସ୍ତ ପ୍ୟାକ୍ସ ଓ ଲ୍ୟାମ୍ପସକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରାଯିବ ବୋଲି ଚେତାବନୀ ଦିଆଯାଇଛି । ତେବେ ଆସନ୍ତା ୧୬ ତାରିଖରେ ପଶ୍ଚିମ ଓଡ଼ିଶାର ଚାଷୀ ସଙ୍ଗଠନ ଗୁଡ଼ିକର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆୟୋଜିତ ହେବ । ଗାଁ ଗାଁ ବୁଲି ବଡ଼ଧରଣର ଆନ୍ଦୋଳନ ପାଇଁ ପ୍ରସ୍ତୁତି କରାଯିବ । ଏହା ପୂର୍ବରୁ ସରକାର ନୀତି ନିୟମରେ ପରିବର୍ତ୍ତନ ନକଲେ ସମଗ୍ର ଅଞ୍ଚଳରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ଚାଷୀମାନେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି ।

# ଲୋକଙ୍କ ସେବାରେ ଜେଏସ୍ଡବ୍ଲ୍ୟୁ ପ୍ରତିଶ୍ରୁତିବଦ୍ଧ : ଅନିଲ ସିଂ

ପାରାଦୀପ,( ଜି ପ୍ର ): ଲୋକଙ୍କ ସହିତ ଓ ଲୋକଙ୍କ ସେବାରେ ସଦାସର୍ବଦା ଜେଏସଡବ୍ଲ୍ୟୁ ପ୍ରତିଶୃତିବଦ୍ଧ ଲୋକଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସମାଧାନ କରିବାର ଅନନ୍ୟ ଶୈଳୀ ଆପଣାଇବାକୁ ଯାଉଛି କମ୍ପାନୀ । ଆଜି ଜେଏସ ଡବ୍ଲ୍ୟୁ ଉତ୍କଳ ଷ୍ଟିଲ ଲିମିଟେଡ୍ କମ୍ପାନୀର ସଭାପତି ଅନିଲ ସିଂ ଢ଼ିଙ୍କିଆ , ନୂଆଗାଁ ଓ ଗଡକୁଜଙ୍ଗ ପଂଚାୟତର ପ୍ରତିନିଧି ମଣ୍ଡଳୀ ସହ ଆଲୋଚନା ବେଳେ ଏହା ପ୍ରକାଶ କରିଛନ୍ତି । କମ୍ପାନୀର ଅଗ୍ରଗତି ସମୀକ୍ଷା କରିବାକୁ ପାରାଦୀପ ଆସି ଅନିଲ ସିଂ ଆଜି ଦିନ ତମାମ ଏହି ତିନି ପଂଚାୟତ ଲୋକଙ୍କ ସହ ଅନେକ ଗୁରୁତ୍ୱପୂର୍ଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଛନ୍ତି । ଲୋକମାନେ ମୁଖ୍ୟତଃ ସ୍ଥାନୀୟ ନିଯୁକ୍ତି ଉପରେ ବିଶେଷ ଜୋର ଦେଇଥିବା ବେଳେ



ତିନି ପଂଚାୟତର ଭିତିଭୂମିର ବିକାଶ , ଲୋକଙ୍କ ଆର୍ଥିକ ଉନ୍ନତି , ଯୁବ ଓ କ୍ରୀଡାର ବିକାଶ ପାଇଁ ଖେଳପଡିଆ , ଉନ୍ନତ ଚିକିତ୍ସାଳୟ , ଗରିବ ଅନଗ୍ରସର ଛାତ୍ରଛାତ୍ରୀଙ୍କ ନିମନ୍ତେ କୋଚିଂର ସୁବିଧା , ପାନୀୟ ଜଳ ଯୋଗାଣର ସୁ ବନ୍ଦୋବସ୍ତ , ଗମନାଗମନର ବିକାଶ ଜଳ ନିଷ୍କାସନର ସ୍ଥାୟୀ ସୁବିଧା , ଗଡକୁଜଙ୍ଗ ମନ୍ଦିର ଓ ମାଉସୀମା ମନ୍ଦିରର ସ୍ୱତନ୍ତ୍ର କାରିଗର ମାନଙ୍କ ଦ୍ୱାରା ଉନ୍ନତିକରଣ ଉପରେ ନିଜର ମତ ପ୍ରକାଶ କରିଥିଲେ । ଦୀର୍ଘ ସମୟ ଅନିଲ ସିଂ ଲୋକଙ୍କ ସହ ଏହି ସବୁ ବିଷୟରେ କିଭଳି ତ୍ୱରିତ ପଦକ୍ଷେପ ଗ୍ରହଣ କରି ଏହାର ସରଳ ସମାଧାନ କରିହେବ ସେନେଇ ଦୃଢ ପ୍ରତିଶୃତି ପ୍ରଦାନ କରିଥିଲେ ।

# ଅନ୍ଧାରରେ ବାଂଲାଦେଶ

## ମଲ୍ ଓ ଦୋକାନ ବଜାର ବନ୍ଦ, ସହାୟତା ପାଇଁ ଭାରତକୁ ଅନୁରୋଧ



**ଢାକା:** ବାଂଲାଦେଶ ବର୍ତ୍ତମାନ ଏକ ଗମ୍ଭୀର ଶକ୍ତି ସଙ୍କଟର ସମ୍ମୁଖୀନ ହୋଇଛି। ଏହି ସଙ୍କଟକୁ ନିୟନ୍ତ୍ରଣ କରିବା ପାଇଁ ବାଂଲାଦେଶ ସରକାର ଅଗଷ୍ଟ ୧୨ ତାରିଖରେ ଏକ ଅଫିସିଆଲ୍ ନୋଟିଫିକେସନ୍ ଜାରି କରି ସାରା ଦେଶରେ ସପିଂ ମଲ୍, ମାର୍କେଟ୍ ଏବଂ ଦୋକାନଗୁଡ଼ିକ କେବଳ ପୂର୍ବାହ୍ନ ୧୧ଟାରୁ ରାତି ୮ଟା ପର୍ଯ୍ୟନ୍ତ ଖୋଲା ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି।ବିଦ୍ୟୁତ୍, ଶକ୍ତି ଓ ଖଣିଜ ସମ୍ପଦ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏହି ନିର୍ଦ୍ଦେଶନାମା ଅନୁଯାୟୀ, ଦେଶସାରା ଚାଲିଥିବା କିମ୍ବା ଆଗାମୀ ଦିନରେ ହେବାକୁ ଥିବା ସମସ୍ତ ମେଳା, ବାଣିଜ୍ୟ ମେଳା ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକୁ ମଧ୍ୟ ରାତି ୮ଟା ସୁଦ୍ଧା ଶେଷ କରିବାକୁ କୁହାଯାଇଛି। ଏହା ସହିତ ସନ୍ଧ୍ୟା ୭ଟା ସୁଦ୍ଧା ସମସ୍ତ ସାଜସଜ୍ଜା ପାଇଁ ବ୍ୟବହୃତ ଲାଇଟକୁ ସମ୍ପୂର୍ଣ୍ଣ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ସାରା ଦେଶରେ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ୍ କାଟ୍ ହେଉଥିବାରୁ କୃତ୍ରିମ ଆଲୋକର ବ୍ୟବହାର କମାଇବା ପାଇଁ ସରକାର ଏହି ପଦକ୍ଷେପ ନେଇଛନ୍ତି।ସଙ୍କଟର ମୁକାବିଲା ପାଇଁ ବାଂଲାଦେଶର ଶକ୍ତି ମନ୍ତ୍ରୀ ଇକବାଲ ହସନ ମହମୁଦ ଭାରତୀୟ ହାଇକମିଶନର ପ୍ରଣୟ ବର୍ମାଙ୍କ ସହ ଆଲୋଚନା କରି ଭାରତରୁ ଅତିରିକ୍ତ ଡିଜେଲ ଯୋଗାଣ ପାଇଁ ଅନୁରୋଧ କରିଛନ୍ତି। ବିଶ୍ୱସ୍ତରରେ ମଧ୍ୟପ୍ରାଚ୍ୟ ବିବାଦ ବୃଦ୍ଧି ପାଇଲେ ଇନ୍ଧନ ଆମଦାନୀ ବାଧାପ୍ରାପ୍ତ ହୋଇପାରେ, ତେଣୁ ଭାରତ-ବାଂଲାଦେଶ ପାଇପଲାଇନ୍ ଜରିଆରେ ଅଧିକ ଡିଜେଲ୍ ଦେବାକୁ ବାଂଲାଦେଶ ଅନୁରୋଧ କରିଛି। ଏହି ଅନୁରୋଧ ସମ୍ପର୍କରେ ଭାରତୀୟ ବୈଦେଶିକ ମନ୍ତ୍ରଣାଳୟର ସ୍ପୋକ୍ସପରସନ୍ ରଣଧୀର ଜୈସୱାଲ କହିଛନ୍ତି ଯେ, ବାଂଲାଦେଶ ସରକାରଙ୍କଠାରୁ ଅନୁରୋଧ ମିଳିଛି ଏବଂ ଏହାର ତର୍ଜମା କରାଯାଉଛି।

## ବନ୍ଦ ହେଉ ବ୍ୟାଙ୍କ-ମାଲ୍ୟା ବିବାଦ: ହାଇକୋର୍ଟ

**ନୂଆଦିଲ୍ଲୀ:** ପଳାତକ ବ୍ୟବସାୟୀ ବିଜୟ ମାଲ୍ୟା ଓ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଚାଲିଥିବା ବାଣିଜ୍ୟିକ ବିବାଦର ସମାଧାନ ହୋଇଛି। ଏହି ମାମଲା ବନ୍ଦ କରିବାକୁ ବମ୍ବେ ହାଇକୋର୍ଟ କହିଛନ୍ତି। କୋର୍ଟ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଠାରୁ ତଦନ୍ତର ବର୍ତ୍ତମାନର ସ୍ଥିତି ଓ ଜବତ କରାଯାଇଥିବା ସମ୍ପତ୍ତିର ବିବରଣୀ ସମ୍ପର୍କରେ ଏକ ରିପୋର୍ଟ ମଧ୍ୟ ମାଗିଛନ୍ତି। ମାଲ୍ୟାଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ମିଲିନ୍ଦ ଜାଧବଙ୍କ ଏକକ ବିଚାରପତିଖଣ୍ଡପୀଠ କହିଛନ୍ତି ଯେ ଯଦି ଉଭୟ ପକ୍ଷ ଏହି ବିବାଦର ସମାଧାନ ନ କରନ୍ତି ଏବଂ ଆଗକୁ ନ ବଢ଼ନ୍ତି, ତେବେ ଏହାର ସିଧାସଳଖ ଓ ନକାରାତ୍ମକ ପ୍ରଭାବ ଦେଶର ଅର୍ଥନୀତି ଉପରେ ପଡ଼ିବ।ହାଇକୋର୍ଟ ଖଣ୍ଡପୀଠ କହିଛନ୍ତି ଯେ ପ୍ରାୟ ଏକ ଦଶନ୍ଧି ଧରି ଚାଲିଥିବା ଏହି ମାମଲା ଏବେ ଏକ ଯୁକ୍ତିଯୁକ୍ତ ନିଷ୍କର୍ଷରେ ପହଞ୍ଚିବା ଉଚିତ। ୭୦ ବର୍ଷୀୟ ବିଜୟ ମାଲ୍ୟା ତାଙ୍କ ସମ୍ପତ୍ତିକୁ ବ୍ୟାଙ୍କଗୁଡ଼ିକୁ ହସ୍ତାନ୍ତର କରିବା ନିର୍ଦ୍ଦେଶକୁ ଅନ୍ୟାୟ ବୋଲି କହି ଚ୍ୟାଲେଞ୍ଜ କରି ଏକ ଆବେଦନ କରିଥିଲେ। ଏହା ଉପରେ କୋର୍ଟ ମତ ଦେଇଥିଲେ ଯେ ବାଣିଜ୍ୟିକ ବିବାଦର ସମାଧାନ ପ୍ରାୟତଃ ବିବାଦ ମଧ୍ୟରେ ହିଁ ଥାଏ। ଫସି ରହିବା ପରିବର୍ତ୍ତେ ପକ୍ଷଗୁଡ଼ିକୁ ବ୍ୟବହାରିକ ସମାଧାନ ଅନୁସରଣ କରିବା ଉଚିତ।୨୦୨୦ରେ ମାଲ୍ୟା ସ୍ୱତନ୍ତ୍ର ମନି ଲଣ୍ଡରିଂ ନିବାରଣ ଆଇନ (ପିଏମ୍‌ଏଲ୍‌ଏ) କୋର୍ଟର ଆଦେଶକୁ ଚ୍ୟାଲେଞ୍ଜ କରିଥିଲେ ଯେଉଁଥିରେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନେତୃତ୍ୱରେ ବ୍ୟାଙ୍କଗୁଡ଼ିକର ଏକ ସଂଘକୁ ଇଡି ଦ୍ୱାରା ଜବତ କରାଯାଇଥିବା ତାଙ୍କର ସମ୍ପତ୍ତି ବ୍ୟବହାର କରିବାକୁ ଅନୁମତି ଦିଆଯାଇଥିଲା। ମାଲ୍ୟାଙ୍କ ବିରୁଦ୍ଧରେ ବର୍ତ୍ତମାନ ବନ୍ଦ ହୋଇଯାଇଥିବା କିଙ୍ଗଫିସର ଏୟାରଲାଇନ୍ସ ପାଇଁ ବିଭିନ୍ନ ବ୍ୟାଙ୍କରୁ ନିଆଯାଇଥିବା ୯୦୦୦ କୋଟି ଟଙ୍କାର ଋଣ ପରିଶୋଧ ନକରିବାର ଅଭିଯୋଗ ରହିଛି।

## ସୁଖବୀର ସିଂହ ବାଦଲଙ୍କୁ ଆକ୍ରମଣ

**ଚଣ୍ଡିଗଡ଼:** ଶିରୋମଣି ଅକାଳୀ ଦଳ ମୁଖ୍ୟ ଏବଂ ପୂର୍ବତନ ପଞ୍ଜାବ ଉପମୁଖ୍ୟମନ୍ତ୍ରୀ ସୁଖବୀର ସିଂହ ବାଦଲଙ୍କ ଉପରେ ନାନ୍ଦେଦରେ ଆକ୍ରମଣ କରାଯାଇଛି। ତାଙ୍କ ସୁରକ୍ଷା ପାଇଁ ନିୟୋଜିତ ଜଣେ ପୁଲିସ କର୍ମଚାରୀ ମଧ୍ୟ ଏହି ଆକ୍ରମଣରେ ଆହତ ହୋଇଛନ୍ତି। ସୁଖବୀର ସିଂହ ବାଦଲଙ୍କୁ ଚିକିତ୍ସା ପାଇଁ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମାତା ସାହିବ ଗୁରୁଦ୍ୱାରା ଅଞ୍ଚଳରେ ବାଦଲଙ୍କୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରାଯାଇଛି। ତାଙ୍କ ହାତରେ ଆଘାତ ଲାଗିଛି।ସୁଖବୀର ସିଂହ ବାଦଲଙ୍କ ଉପରେ ଏହା ପ୍ରଥମ ଆକ୍ରମଣ ନୁହେଁ। ପୂର୍ବରୁ, ୪ ଡିସେମ୍ବର ୨୦୨୪ରେ, ସୁଖବୀର ସିଂହ ବାଦଲଙ୍କ ଉପରେ ଅମୃତସରର ସ୍ୱର୍ଣ୍ଣ ମନ୍ଦିରରେ ଆକ୍ରମଣ କରାଯାଇଥିଲା। ସେ ଏକ ହତ୍ୟା ଉଦ୍ୟମରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ସୁଖବୀର ଧାର୍ମିକ ପ୍ରାର୍ଥନା କରୁଥିବା ସମୟରେ ଏହି ଆକ୍ରମଣ ହୋଇଥିଲା।ଏହି ସମୟରେ ଜଣେ ବନ୍ଧୁକଧାରୀ ଗୁଳି ଚଳାଇଥିଲା, ଯାହା କାନ୍ଥରେ ବାଜିଥିଲା। ଏହି ଘଟଣାରେ ସେ ଆହତ ହୋଇନଥିଲେ। ଆକ୍ରମଣକାରୀଙ୍କୁ ତୁରନ୍ତ ପାଖରେ ଥିବା ଲୋକମାନେ ଏବଂ ସୁରକ୍ଷା କର୍ମୀମାନେ କାବୁ କରିଥିଲେ।

## ଆତଙ୍କୀ ହାଫିଜ ସହ ପୂର୍ବତନ ପାକ୍ ମନ୍ତ୍ରୀଙ୍କ ସମ୍ପର୍କ

**ଇସ୍ଲାମବାଦ:** ପାକିସ୍ତାନର ପୂର୍ବତନ ମନ୍ତ୍ରୀ ଶେଖ ରସିଦ ଅହମ୍ମଦ ଲସ୍କର-ଏ-ତୋଇବା ଆତଙ୍କବାଦୀଙ୍କ ସହ ମଞ୍ଚରେ ବସିବା, ବ୍ୟାନ ହୋଇଥିବା ଏହି ସଂଗଠନର ମୁଖ୍ୟ ହାଫିଜ ସୟିଦକୁ ପ୍ରଶଂସା କରିବା ଏବଂ ଭାରତକୁ ଧମକ ଦେବା ପରେ ସମାଲୋଚିତ ହୋଇଛନ୍ତି।ଏହି କାର୍ଯ୍ୟକ୍ରମର ଏକ ଭିଡିଓ ସାମ୍ନାକୁ ଆସିଛି। ଏଥିରେ ରସିଦ୍ ଲସ୍କର-ଏ-ତୋଇବାର ବରିଷ୍ଠ କମାଣ୍ଡର ତଥା ପାକିସ୍ତାନ ମରକାଜି ମୁସଲିମ୍ ଲିଗ୍ର ସଭାପତି ଭାବେ ଚିହ୍ନଟ ଖାଲିଦ ମସୁଦ ସାନ୍ଧୁ ଏବଂ ଆତଙ୍କବାଦୀ ସଂଗଠନର କେନ୍ଦ୍ରୀୟ ପରାମର୍ଶଦାତା କମିଟିର ସଦସ୍ୟ ମହମ୍ମଦ ୟାକୁବ ସେଖ ସହ ମଞ୍ଚରେ ଉପସ୍ଥିତ ଥିବାର ଦେଖିବାକୁ ମିଳିଛି।ଆୟୋଜିତ ସଭାକୁ ସମ୍ବୋଧିତ କରି ପୂର୍ବତନ ମନ୍ତ୍ରୀ ରସିଦ ଅହମ୍ମଦ ଆତଙ୍କବାଦୀ ହାଫିଜ୍ ସୟିଦର ପ୍ରଶଂସା କରିବା ସହ ତା ପ୍ରତି ସମର୍ଥନ ଜଣାଇ କ୍ରମାଗତ କେତେକ ମନ୍ତବ୍ୟ ଦେଇଥିଲେ। ଏହି ଭିଡିଓ ଅନୁଯାୟୀ ସେ କହିଥିଲେ, "ମୈ ହାଫିଜ ସାହାବ କା ଗୁଲାମ ହୁଁ (ମୁଁ ହାଫିଜ ସୟିଦଙ୍କର ଜଣେ ଗୁଲାମ)"।

## ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା: ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ



**ନୂଆଦିଲ୍ଲୀ:** କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ସିବିଆଇ ଓ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ତଦନ୍ତ ପାଇଁ ଆହ୍ଲାବାଦ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ସେ ମାମଲାକୁ ଦିଲ୍ଲୀ ହାଇକୋର୍ଟକୁ ସ୍ଥାନାନ୍ତର କରିବାକୁ ମଧ୍ୟ ଆବେଦନ କରିଛନ୍ତି। ସୁପ୍ରିମକୋର୍ଟ ଅଗଷ୍ଟ ୧୭ରେ ଏହି ମାମଲାର ଶୁଣାଣି କରିବେ।ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆହ୍ଲାବାଦ ହାଇକୋର୍ଟଙ୍କ ଦ୍ୱାରା ସିବିଆଇ ଓ ଇଡିକୁ ଆୟ ବର୍ହିଭୂତ ସମ୍ପତ୍ତି ରଖିବା ଅଭିଯୋଗର ଦେଇଥିବା ତଦନ୍ତ ନିର୍ଦ୍ଦେଶକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛନ୍ତି। ରାହୁଲ ଗାନ୍ଧୀ ଏହି ମାମଲାକୁ ଆହ୍ଲାବାଦ ହାଇକୋର୍ଟରୁ ଦିଲ୍ଲୀ ହାଇକୋର୍ଟକୁ ସ୍ଥାନାନ୍ତର କରିବା ପାଇଁ ଏକ ପୃଥକ୍ ଆବେଦନ ମଧ୍ୟ ଦାଖଲ କରିଛନ୍ତି।ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତ, ବିଚାରପତି ଜୟମାଲ୍ୟ ବାଗଚୀ ଓ ବିଚାରପତି ଭି.ମୋହନାଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଅଗଷ୍ଟ ୧୭ ରେ ଏହି ମାମଲାର ଶୁଣାଣି କରିବେ।ଏହି ମାମଲା କର୍ଣ୍ଣାଟକ ବିଜେପି କର୍ମୀ ବିଗ୍ନେଶ ଶିଶିରଙ୍କ ଦ୍ୱାରା ଦାୟର ଅଭିଯୋଗ ସହିତ ଜଡ଼ିତ। ଏଥିରେ ଅଭିଯୋଗ କରାଯାଇଛି ଯେ, ରାହୁଲ ଗାନ୍ଧୀଙ୍କ ପାଖରେ ଜ୍ଞାତ ଆୟ ଉତ୍ସ ଠାରୁ ଅଧିକ ସମ୍ପତ୍ତି ରହିଛି। ଅଭିଯୋଗର ଶୁଣାଣି କରି ଆହ୍ଲାବାଦ ହାଇକୋର୍ଟ ମେ ମାସରେ ଆଇନ ଅନୁଯାୟୀ ଅଭିଯୋଗ ଯାଞ୍ଚ କରିବାକୁ ସିବିଆଇ ଓ ଇଡିକୁ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ଆଦେଶରେ ହାଇକୋର୍ଟ କହିଛନ୍ତି ଯେ, ଯଦି ଆବେଦନକାରୀଙ୍କ ଅଭିଯୋଗ ଗ୍ରହଣ କରାଯାଏ, ତେବେ ଏଥିରେ କରାଯାଇଥିବା ଅଭିଯୋଗଗୁଡ଼ିକୁ ଆଇନ ଅନୁଯାୟୀ ଯାଞ୍ଚ କରାଯିବା ଉଚିତ। କୋର୍ଟ ଏହା ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ସିବିଆଇ କିମ୍ବା ଇଡି ଆଇନ ଅନୁଯାୟୀ ଉପଲବ୍ଧ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରିବେ।

## ୬୦୦ ଆନ୍ଦୋଳନକାରୀଙ୍କ ବିରୋଧରେ ମାମଲା ରୁଜୁ

**ରାଞ୍ଚି:** ଝାଡ଼ଖଣ୍ଡର ରାଞ୍ଚିରେ ବିଧାନସଭା ଅଭିମୁଖେ ଶୋଭାଯାତ୍ରା କରିବା ମାମଲାରେ ପୁଲିସ ୬୦୦ ଆନ୍ଦୋଳନକାରୀଙ୍କ ବିରୋଧରେ ଏକ ଏଫ୍‌ଆଇଆର ରୁଜୁ କରିଛି। ଏହି ମାମଲାରେ ୧୦୦ ଜଣ ଆନ୍ଦୋଳନକାରୀଙ୍କ ନାମ ଉଲ୍ଲେଖ କରାଯାଇଥିବା ବେଳେ ୫୦୦ ଜଣ ଅଜ୍ଞାତ ଛାତ୍ର ଓ ଅନ୍ୟ ଆନ୍ଦୋଳନକାରୀଙ୍କ ବିରୋଧରେ ମଧ୍ୟ ମାମଲା ଦାୟର ହୋଇଛି। ଝାଡ଼ଖଣ୍ଡ ନିଯୁକ୍ତି ପରୀକ୍ଷାଗୁଡ଼ିକରେ ହୋଇଥିବା ଅନିୟମିତତାକୁ ନେଇ ଛାତ୍ରମାନଙ୍କ ଦ୍ୱାରା ଜାରି ରହିଥିବା ଆନ୍ଦୋଳନ ଆଜି ୨୦ତମ ଦିବସରେ ପ୍ରବେଶ କରିଛି ଏବଂ ଆନ୍ଦୋଳନକାରୀମାନେ ସେମାନଙ୍କ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ପ୍ରତିବାଦ ପ୍ରତ୍ୟାହାର କରିବାକୁ ମନା କରିଦେଇଛନ୍ତି।

## ଏସବିଆଇ ଲାଇଫ୍-ଜେଆଣ୍ଡକେ ବ୍ୟାଙ୍କ ବୀମା ସହଯୋଗିତା

**ନୂଆଦିଲ୍ଲୀ:** ଜମ୍ମୁ-କାଶ୍ମୀର ଓ ଲଦାଖର ପରିବାରଗୁଡ଼ିକୁ ବୀମା ସୁବିଧା ପହଞ୍ଚାଇବା ପାଇଁ ଏସବିଆଇ ଲାଇଫ୍ ଇନ୍ସ୍ୟୁରାନ୍ସ ଓ ଜେଆଣ୍ଡକେ ବ୍ୟାଙ୍କ ମଧ୍ୟରେ କର୍ପୋରେଟ୍ ଏଜେନ୍ସି ସହଯୋଗିତା ହୋଇଛି। ଏହା ମାଧ୍ୟମରେ ଜେଆଣ୍ଡକେ ବ୍ୟାଙ୍କର ୧,୦୦୦ରୁ ଅଧିକ ଶାଖାରେ ଗ୍ରାହକମାନେ ଏସବିଆଇ ଲାଇଫର ସୁରକ୍ଷା, ସଞ୍ଚୟ, ଅବସରକାଳୀନ ଓ ଶିଶୁ ଯୋଜନା ଭଳି ବୀମା ସମାଧାନ ପାଇପାରିବେ । ଏହି ସହଯୋଗିତା ଗ୍ରାହକଙ୍କ ଆବଶ୍ୟକତା ଅନୁଯାୟୀ ବୀମା ସମାଧାନ ଯୋଗାଇବା ସହ ଅଞ୍ଚଳରେ ବୀମା ସଚେତନତା ଓ ଆର୍ଥିକ ସୁରକ୍ଷାକୁ ଆହୁରି ସୁଦୃଢ଼ କରିବ ବୋଲି ଉଭୟ ସଂସ୍ଥାର ଅଧିକାରୀମାନେ କହିଛନ୍ତି ।

## ଆଣ୍ଟି ଡମ୍ପିଂ ଡ୍ୟୁଟି ୫ ବର୍ଷ ବଢ଼ାଇଲା ଚୀନ

**ବେଜିଂ :** ଭାରତର ସିଙ୍ଗଲ୍-ମୋଡ୍ ଅପ୍ଟିକାଲ ଫାଇବର୍ ଆମଦାନି ଉପରେ ଚୀନ ଲଗାଇଥିବା ଆଣ୍ଟି ଡମ୍ପିଂ ଡ୍ୟୁଟି ବା ପ୍ରତିସ୍ଥାପୀକରଣ ଶୁଳ୍କକୁ ଆଉ ୫ ବର୍ଷ ପାଇଁ ବଢ଼ାଇ ଦେଇଛି । ଶୁକ୍ରବାରଠାରୁ ଏହା ଲାଗୁ ହେବ ବୋଲି ଚୀନର ବାଣିଜ୍ୟ ମନ୍ତ୍ରାଳୟ ପକ୍ଷରୁ ଆଜି କୁହାଯାଇଛି । ଉକ୍ତ ଶୁଳ୍କ ହଟାଇଲେ ଚୀନର ଅପ୍ଟିକାଲ ଫାଇବର ଶିଳ୍ପକୁ କ୍ଷତି ପହଞ୍ଚିବ ବୋଲି ଗତବର୍ଷ ଏକ ସମୀକ୍ଷା ସମୟରେ କୁହାଯାଇଥିଲା । ଚୀନ ୭.୪ ପ୍ରତିଶତରୁ ୩୦.୬ ପ୍ରତିଶତ ହାରରେ ଉକ୍ତ ଶୁଳ୍କ ଆଦାୟ କରୁଛି ।୨୦୧୪ ଅଗଷ୍ଟରେ ପ୍ରଥମେ ଏହି ଶୁଳ୍କ ଚୀନ ଲଗାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ୨୦୨୦ ମସିହାରେ ଏହାକୁ ୫ ବର୍ଷ ପର୍ଯ୍ୟନ୍ତ ବଢ଼ାଯାଇଥିଲା।



ହର ଘର ତିରଙ୍ଗା ଅଭିଯାନ-୨୦୨୬ ପରିପ୍ରେକ୍ଷୀରେ ସ୍ୱାଧୀନତା ଦିବସର ପୂର୍ବ ସନ୍ଧ୍ୟାରେ ଦକ୍ଷିଣ ପୂର୍ବ ରେଳବାଇର ମୁଖ୍ୟାଳୟ କୋଠା ତ୍ରିରଙ୍ଗା ରଙ୍ଗରେ ଆଲୋକିତ ।

## କଲମ୍ବିଆ ଭୂକମ୍ପ ମୃତ୍ୟୁ ୨୬୫ରେ ପହଞ୍ଚିଲା

**ବୋଗୋଟା:** କଲମ୍ବିଆରେ ସୋମବାର ଘଟିଥିବା ୭.୪ ତୀବ୍ରତାର ଭୟଙ୍କର ଭୂକମ୍ପରେ ମୃତ୍ୟୁସଂଖ୍ୟା ୨୬୫ରେ ପହଞ୍ଚିଛି। ଦେଶର ଏହି ଶତାବ୍ଦୀର ସବୁଠାରୁ ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ପଶ୍ଚିମ କଲମ୍ବିଆର କଫି ଚାଷ ଅଞ୍ଚଳର ଅନେକ ସହର ଓ ଗାଁରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଅନୁସାରେ, ଅତି କମ୍ରେ ୩,୭୦୦ ପରିବାର ବାସହୀନ ହୋଇଛନ୍ତି। ମୃତକଙ୍କ ସମ୍ମାନରେ ସରକାର ୩ ଦିନିଆ ଶୋକ ଘୋଷଣା କରିଛନ୍ତି। ସରକାରୀ କାର୍ଯ୍ୟାଳୟ ଓ ବିଦେଶରେ ଥିବା କଲମ୍ବିଆର ଦୂତାବାସଗୁଡ଼ିକରେ ଜାତୀୟ ପତାକା ଅର୍ଦ୍ଧନମିତ ରଖାଯାଇଛି।

### ଖାଦ୍ୟ ପ୍ୟାକେଟରେ ଚେତାବନୀ ଲେବଲ୍

## କେନ୍ଦ୍ର ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଅଲ୍ଟିମେଟମ୍



**ନୂଆଦିଲ୍ଲୀ:** ଯଦି ଆପଣ ନ କରିବେ, ତା'ହେଲେ ଆମେ କରିବୁ। ଖାଦ୍ୟ ପ୍ୟାକେଟ୍ରେ ଚେତାବନୀ ଲେବଲ ପ୍ରସଙ୍ଗରେ ଆଜି କେନ୍ଦ୍ରକୁ ଏଭଳି ଅଲ୍ଟିମେଟମ ଦେଇଛନ୍ତି ସୁପ୍ରିମକୋର୍ଟ। ପ୍ୟାକେଟରେ ବିକ୍ରି ହେଉଥିବା ଖାଦ୍ୟର ସମ୍ମୁଖ ଭାଗରେ ଚିନି, ଲୁଣ ଓ ଫ୍ୟାଟ୍ ସମ୍ପର୍କରେ ଲୋକଙ୍କୁ ସତର୍କ କରାଇବା ଉଦ୍ଦେଶ୍ୟରେ ଉଲ୍ଲେଖ କରାଯାଉ ନଥିବାରୁ ଏହାକୁ ନେଇ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ପ୍ରସଙ୍ଗରେ କେନ୍ଦ୍ର ସରକାର ଓ ଭାରତୀୟ ଖାଦ୍ୟ ସୁରକ୍ଷା ଏବଂ ମାନକ ପ୍ରାଧିକରଣ(ଏଫଏସଏସଏଆଇ) ଗ୍ରହଣ କରୁଥିବା ଆଭିମୁଖ୍ୟ ଉପରେ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ ଉଠାଇଛନ୍ତି। କ'ଣ ଅଧିକାରୀମାନେ କମ୍ପାନୀ ବା କର୍ପୋରେଟ ଜଗତର ଚାପରେ ରହିଛନ୍ତି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ ପଚାରିଛନ୍ତି। କେନ୍ଦ୍ର ଓ ଏଫଏସଏସଏଆଇକୁ ସୁପ୍ରିମକୋର୍ଟ କହିଛନ୍ତି ଯେ "ଏହି ପ୍ରସଙ୍ଗ ସାଧାରଣ ନାଗରିକଙ୍କ ସ୍ୱାସ୍ଥ୍ୟ ସହ ଜଡ଼ିତବ। ବିଶେଷ କରି ଆଗକୁ ବଢ଼ୁଥିବା ପିଲାଙ୍କ ସ୍ୱାସ୍ଥ୍ୟଗତ ପ୍ରସଙ୍ଗ। ତେଣୁ ଏହି ପ୍ରସଙ୍ଗର ନିଷ୍ପତ୍ତି କର୍ପୋରେଟ ଚାପ ଦ୍ୱାରା ପ୍ରଭାବିତ ହେବା କଥା ନୁହେଁ।" ପ୍ୟାକେଜ ଖାଦ୍ୟ ପ୍ରସ୍ତୁତ କରୁଥିବା ଶିଳ୍ପ ଜଗତ ସତର୍କତା ଲେବଲିଂ ବିରୋଧରେ ଥିବା ଏଫଏସଏସଏଆଇ କହୁଥିବା ଜାଣିବା ପରେ ଏହାକୁ ତୀବ୍ର ସମାଲୋଚନା କରିଛନ୍ତି ଜଷ୍ଟିସ ଜେବି ପାର୍ଡିୱାଲା ଓ ଜଷ୍ଟିସ କେ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ। ମାର୍ଚ୍ଚ ୭ରେ ଅନୁଷ୍ଠିତ ଏଫଏସଏସଏଆଇ ବୈଠକର ବିଷୟବସ୍ତୁ ସମ୍ପର୍କରେ ଆବେଦନକାରୀ ଓକିଲ କହିଛନ୍ତି ଯେ ସେଠାରେ ନିଆଯାଇଥିବା ନିଷ୍ପତ୍ତି କୋର୍ଟର ପୂର୍ବ ନିର୍ଦ୍ଦେଶର ସିଧାସଳଖ ବିରୋଧାଭାସ କରୁଛି। ଖାଦ୍ୟ ପ୍ୟାକେଟ୍ରେ ଚେତାବନୀ ଲେବଲ ଲଗାଇବାକୁ ଶିଳ୍ପ ଜଗତ ବିରୋଧ କରିଥିଲା।ଏହି ବିରୋଧ ଯୋଗୁ ଏଫଏସଏସଏଆଇ କହିଥିଲା ଯେ ପ୍ୟାକେଟରେ ଅତିରିକ୍ତ ଚିନି, ସ୍ୟାଚୁରେଟେଡ୍ ଫ୍ୟାଟ୍ ଓ ଲୁଣର ପ୍ରସ୍ତାବିତ ଦୈନିକ ଆବଶ୍ୟକତାକୁ ଟେବୁଲ୍ ଆକାରରେ ଉଲ୍ଲେଖ କରାଯାଉ।

## ସୋନାଲିକାର ୨୭% ଅଭିବୃଦ୍ଧି ହାସଲ

**ମୁମ୍ବାଇ:** ସୋନାଲିକା ଟ୍ରାକ୍ଟର୍ସ ଜୁଲାଇରେ ୧୧,୪୪୨ଟି ଟ୍ରାକଟର ବିକ୍ରି କରି ସର୍ବକାଳୀନ ରେକର୍ଡ କରିଛି । କମ୍ପାନୀ ୨୭.୨% ଘରୋଇ ଅଭିବୃଦ୍ଧି ହାସଲ କରି ଘରୋଇ ଟ୍ରାକଟର ଶିଳ୍ପର ପ୍ରଦର୍ଶନକୁ ମଧ୍ୟ ଅତିକ୍ରମ କରିଛି । କୃଷକଙ୍କ ମଧ୍ୟରେ ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାକଟରର ଚାହିଦା ବୃଦ୍ଧି ଏହି ସଫଳତାର ପ୍ରମୁଖ କାରଣ ବୋଲି କମ୍ପାନୀ କହିଛ । ଆଗାମୀ ପାର୍ବଣ ଋତୁରେ ବଢ଼ିବାକୁ ଥିବା ଚାହିଦା ପୂରଣ ପାଇଁ କମ୍ପାନୀ ପ୍ରସ୍ତୁତ ରହିଛି ।

## ଚମୋଲିରେ ସୁଡ଼ଙ୍ଗ ଭୁଶୁଡ଼ି ୨୦ ଶ୍ରମିକ ଫସିଲେ, ୧୩ ଉଦ୍ଧାର

**ଚମୋଲି:** ଉତ୍ତରାଖଣ୍ଡର ଚମୋଲି ଜିଲ୍ଲାର ପିପଲକୋଟିସ୍ଥିତ ଟେହରି ହାଇଡ୍ରୋ ଡେଭଲପମେଣ୍ଟ କର୍ପୋରେସନ୍ ଲିମିଟେଡ୍ (ଟିଏଚ୍‌ଡିସି) ପ୍ରକଳ୍ପରେ ନିର୍ମାଣାଧୀନ ସୁଡ଼ଙ୍ଗର ଏକ ଅଂଶ ଗୁରୁବାର ଭୁଶୁଡ଼ି ପଡ଼ିଛି। ସୁଡ଼ଙ୍ଗ ଭିତରକୁ ମାଟି ଓ ପାଣି ପଶିଯିବାରୁ ସେଠାରେ କାମ କରୁଥିବା ଅନେକ ଶ୍ରମିକ ଫସିଯାଇଥିଲେ। ପ୍ରାଥମିକ ସୂଚନା ଅନୁଯାୟୀ, ଘଟଣା ସମୟରେ ସୁଡ଼ଙ୍ଗ ଭିତରେ ପ୍ରାୟ ୨୦ରୁ ୨୫ ଜଣ ଶ୍ରମିକ ଥିଲେ। ତେବେ ପ୍ରକୃତରେ କେତେ ଜଣ ଫସିଛନ୍ତି, ତାହା ଏଯାଏ ସରକାରୀ ଭାବେ ସ୍ପଷ୍ଟ ହୋଇନାହିଁ।ଘଟଣା ପରେ ଉଦ୍ଧାରକାର୍ଯ୍ୟ ଜୋରଦାର କରାଯାଇଛି।

### ଆରଜି କର ଦୁଷ୍କର୍ମ ପୀଡ଼ିତାଙ୍କ ଶବଦାହ ମାମଲା

## ଟିଏମସିର ପୂର୍ବତନ ବିଧାୟକ ଗିରଫ

**କୋଲକାତା:** ଅଗଷ୍ଟ ୨୦୨୪ରେ କୋଲକାତାର ଆରଜି କର ମେଡିକାଲ କଲେଜଓ ହସ୍ପିଟାଲରେ ଦୁଷ୍କର୍ମ ଓ ହତ୍ୟାର ଶିକାର ହୋଇଥିବା ଜଣେ ଡାକ୍ତରଙ୍କ ମୃତଦେହକୁ ତରବରିଆ ଭାବେ ଦାହ କରିବା ଘଟଣାରେ ତୃଣମୂଳ କଂଗ୍ରେସ (ଟିଏମ୍ସି)ର ପୂର୍ବତନ ବିଧାୟକ ନିର୍ମଳ ଘୋଷଙ୍କୁ ଗୁରୁବାର ଗିରଫ କରାଯାଇଛି। ତରବରିଆ ଭାବରେ ଶବଦାହ କରାଯିବା ଘଟଣାରେ ବାରାକପୁର କମିସନରେଟ୍ ପୁଲିସ ଦ୍ୱାରା ପଞ୍ଜିକୃତ ଏତଲାରେ ଘୋଷ ଓ ଅନ୍ୟ ଦୁଇଜଣଙ୍କ ନାମ ଉଲ୍ଲେଖ କରାଯାଇଛି। ଅନ୍ୟ ଦୁଇ ଜଣ ହେଉଛନ୍ତି ପାନିହାଟି ପୌରପାଳିକାର କାଉନସିଲର ସୋମନାଥ ଦେ ଓ ପୀଡିତ ପରିବାରର ପଡ଼ୋଶୀ ସଞ୍ଜୀବ ମୁଖାର୍ଜୀ।ମୃତ ଡାକ୍ତରଙ୍କ ବାପାଙ୍କ ଅଭିଯୋଗକ୍ରମେ ଖାରଦାହ ପୁଲିସ ଷ୍ଟେସନରେ ଏହା ବିରୋଧରେ ଏକ ଏତଲା ରୁଜୁ ହୋଇଥିଲା। ମୃତ ଡାକ୍ତରଙ୍କ ବାପା ଅଭିଯୋଗ କରିଥିଲେ ଯେ, ଦ୍ୱିତୀୟ ଶବ ବ୍ୟବଚ୍ଛେଦର ସମ୍ଭାବନାକୁ ଏଡାଇବା ଓ ପ୍ରମାଣ ଲୁଚାଇବା ପାଇଁ ତିନି ଅଭିଯୁକ୍ତଙ୍କ ତତ୍ତ୍ୱାବଧାନରେ ତରବରିଆ ଭାବେ ଶବଦାହ କରାଯାଇଥିଲା। ବାରାକପୁର କମିସନରେଟ ପୁଲିସର ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି ଯେ, ନୂତନ ମାମଲାଟି ଦୁଷ୍କର୍ମ ଓ ହତ୍ୟା ସମ୍ପର୍କିତ ସିବିଆଇ ତଦନ୍ତଠାରୁ ପୃଥକ୍। କୋଲକାତା ପୁଲିସ ଅଧୀନରେ ଆସୁଥିବା ଏହି ଦୁଷ୍କର୍ମ ଓ ହତ୍ୟା ଘଟଣାର ତଦନ୍ତ ସିବିଆଇ କରୁଛି। ଖାରଦାହ ପୁଲିସ ଷ୍ଟେସନରେ ରୁଜୁ ହୋଇଥିବା ନୂତନ ଏତଲାଗୁଡ଼ିକ ମୃତକଙ୍କ ପରିବାରର ଅଭିଯୋଗ ଉପରେ ଆଧାରିତ। ଏଥିରେ ପୀଡ଼ିତ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା ଯେ, ପ୍ରମାଣ ଲୁଚାଇବା ପାଇଁ ପରିବାର ସଦସ୍ୟଙ୍କ ସମ୍ମତି ବିନା ଶୀଘ୍ର ଶବଦାହ କରାଯାଇଥିଲା।

## ବୃଦ୍ଧଙ୍କୁ ୧୦ କୋଟି ଠକେଇ ମାମଲାରେ 'ରିଲ୍ ଷ୍ଟାର' ଗିରଫ



**ନୂଆଦିଲ୍ଲୀ:** କିଛି ମାସ ପୂର୍ବେ ଜଣେ ବୃଦ୍ଧଙ୍କୁ ୧୦ କୋଟି ଟଙ୍କାରୁ ଅଧିକ ଠକି ଡିଜିଟାଲ ଆରେଷ୍ଟ ଠକେଇରେ ମୁଖ୍ୟ ଭୂମିକା ଗ୍ରହଣ କରିଥିବା ଜଣେ ସୋସିଆଲ ମିଡିଆ ଷ୍ଟାରଙ୍କୁ ପୁଣେରୁ ଗିରଫ କରାଯାଇଛି। ଅଧିକାରୀଙ୍କ ଅନୁସାରେ, ରୋହନ ଜାଧବ ନାମକ ଏହି 'ରିଲ୍ ଷ୍ଟାର'ର ସମସ୍ତ ବ୍ୟାଙ୍କ ଆକାଉଣ୍ଟ ଓ ଆର୍ଥିକ ଉତ୍ସକୁ ପୁଲିସ ଫ୍ରିଜ୍ କରିବା ପରେ ସେ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି।ଠକେଇ ଚଳିତ ବର୍ଷ ଜାନୁଆରି ମାସରେ ଘଟିଥିବା ଜଣାପଡ଼ିଛି, ଠକମାନଙ୍କ ଏକ ଗୋଷ୍ଠୀ ନିଜକୁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଅଧିକାରୀ ବୋଲି ପରିଚୟ ଦେଇ ଜଣେ ବୃଦ୍ଧଙ୍କ ସହିତ ଯୋଗାଯୋଗ କରିଥିଲେ। ସେମାନେ ତାଙ୍କୁ ଏକ ମାମଲାରେ ଅଭିଯୁକ୍ତ ବୋଲି କହି ଡିଜିଟାଲ ଆରେଷ୍ଟର ଧମକ ଦେଇଥିଲେ। ଆଇନଗତ କାର୍ଯ୍ୟାନୁଷ୍ଠାନ ଏଡାଇବା ପାଇଁ ଠକମାନେ ତାଙ୍କୁ ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟରେ ୧୦.୭୪ କୋଟି ଟଙ୍କା ପ୍ରଦାନ କରିବାକୁ କହିଥିଲେ। ବୃଦ୍ଧ ଜଣକ ଠକେଇର ଶିକାର ହୋଇଥିବା ଜାଣିବା ପରେ ପୁଲିସରେ ଅଭିଯୋଗ କରିଥିଲେ। ଅଭିଯୁକ୍ତମାନଙ୍କ ମଧ୍ୟରୁ ଜଣେ ଏଟିଏମରୁ ଟଙ୍କା ଉଠାଇବା ପରେ ପୁଣେ ପୁଲିସ ଅଭିଯୁକ୍ତମାନଙ୍କୁ ଖୋଜି ବାହାର କରିଥିଲା। ପୂର୍ବରୁ ତିନି ଜଣ - ହର୍ଷଦ ସୁଭାଷ ଧନତୋଲେ, ସମର୍ଥ ସୁରେଶ ଦେଶମୁଖ ଓ ଅମର ଶିବାଜୀ ଅଟ୍ଟାର୍ଗିଙ୍କୁ ଗିରଫ କରାଯାଇଥିଲା। ଜାଧବ କିନ୍ତୁ ଧରାପଡ଼ି ନଥିଲେ।ତଦନ୍ତ ସମୟରେ ଧନତୋଲେ ପ୍ରକାଶ କରିଥିଲେ ଯେ, ଉଠାଯାଇଥିବା ଟଙ୍କା ସେ ଜାଧବଙ୍କୁ ଦେଇଥିଲେ। ଜାଧବ ଛତ୍ରପତି ସମ୍ଭାଜୀନଗରର ବାସିନ୍ଦା । ଠକେଇ ହୋଇଥିବା ୧୦.୭୪ କୋଟି ଟଙ୍କାକୁ ସେ ମୋଟ ୫,୪୩୬ଟି ବ୍ୟାଙ୍କ ଆକାଉଣ୍ଟକୁ ସ୍ଥାନାନ୍ତର କରିଥିଲେ। ସେ ଟେଲିଗ୍ରାମ ଆପ୍ ମାଧ୍ୟମରେ ହଂକଂର ବ୍ୟକ୍ତିବିଶେଷଙ୍କ ସହିତ ଯୋଗାଯୋଗରେ ଥିଲେ ଓ ଭିଡିଓ କଲ୍ ମାଧ୍ୟମରେ ସେମାନଙ୍କ ସହିତ ପ୍ରାୟତଃ କଥା ହେଉଥିଲେ ବୋଲି ତଦନ୍ତରୁ ଜଣାପଡିଛି। ପୁଲିସ କହିଛି ଯେ, ଜାଧବ ଡିଜିଟାଲ କ୍ରିପ୍ଟୋକରେନ୍ସି ବ୍ୟବହାର କରି ହଂକଂ ହ୍ୟାଣ୍ଡଲରଙ୍କ ସହିତ ଆର୍ଥିକ କାରବାର କରୁଥିଲେ ଓ ବଡ଼ ପରିମାଣର କମିସନ ପାଉଥିଲେ। ଅଧିକାରୀମାନେ କହିଛନ୍ତି ଯେ ଜାଧବ ସେଲିବ୍ରିଟି ମ୍ୟାନେଜମେଣ୍ଟରେ ମଧ୍ୟ କାମ କରୁଥିଲା। ତାଙ୍କ ବିରୋଧରେ ଦୁଇଟି ମାମଲା ରୁଜୁ କରାଯାଇଛି - ଗୋଟିଏ ପୁଣେରେ ଓ ଅନ୍ୟଟି ପିମ୍ପରି-ଚିଞ୍ଚୱାଡରେ।

## କମନୱେଲଥ ପାରା ଫେନ୍ସିଂ ଚାମ୍ପିଅନସିପ

# ଓଡ଼ିଶା ପ୍ରତିଯୋଗୀଙ୍କୁ ୨ ସ୍ୱର୍ଣ୍ଣ ସହ ୫ ପଦକ







ଭୁବନେଶ୍ୱର,୧୩।୮ (ସବ୍ୟୁ): ନାଇଜେରିଆର ଲାଗୋସରେ ଅନୁଷ୍ଠିତ କମନୱେଲଥ ପାରା ଫେନ୍ସିଂ ଚାମ୍ପିଅନସିପର ଓଡ଼ିଶାର ପୁରୁଷ ପାରା ଫେନ୍ସରମାନେ ଚମତ୍କାର ପ୍ରଦର୍ଶନ କରି ୨ଟି ସ୍ୱର୍ଣ୍ଣ, ୧ଟି ରୌପ୍ୟ ଓ ୨ଟି କାଂସ୍ୟ ପଦକ ଜିତିଛନ୍ତି।

ଭି. ରମେଶ ରାଓ ପୁରୁଷ ଫଏଲ୍ କାଟାଗୋରୀରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁଲ୍ ପର୍ଯ୍ୟାୟରେ ପ୍ରଥମ ସ୍ଥାନରେ ରହି ସେ କ୍ୱାର୍ଟର ଫାଇନାଲରେ ପହଞ୍ଚିଥିଲେ। ସେମିଫାଇନାଲରେ ଓଡ଼ିଶାର ଅନ୍ୟତମ ଖେଳାଳି ପବିତ୍ର ସାହୁଙ୍କୁ ୧୫-୧୨ରେ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ପିଙ୍କୁଙ୍କୁ ୧୫-୧୦ରେ ପରାସ୍ତ କରି ରମେଶ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରାଖାଲ କୁମାର ସେଠୀ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ। ପୁଲ୍ ପର୍ଯ୍ୟାୟରୁ ଆଗକୁ ବଢ଼ି କ୍ୱାର୍ଟର ଫାଇନାଲରେ ପ୍ରବୀଣଙ୍କୁ ୧୫-୧୦ରେ ପରାସ୍ତ କରି ସେମିଫାଇନାଲରେ ପହଞ୍ଚିଥିଲେ। ସେମିଫାଇନାଲରେ ପିଙ୍କୁଙ୍କଠାରୁ ୧୫-୧୩ରେ ପରାଜିତ ହୋଇ କାଂସ୍ୟ ପଦକ ଜିତିଥିଲେ। ପବିତ୍ର ସାହୁ ମଧ୍ୟ ଚମତ୍କାର ପ୍ରଦର୍ଶନ କରିଥିଲେ। ପୁଲ୍ ପର୍ଯ୍ୟାୟରୁ ଆଗକୁ ବଢ଼ି କ୍ୱାର୍ଟର ଫାଇନାଲରେ ସନ୍ଦୀପଙ୍କୁ ୧୫-୯ପରାସ୍ତ କରିଥିଲେ। ସେମିଫାଇନାଲରେ ଭି. ରମେଶ ରାଓଙ୍କଠାରୁ ୧୫-୧୨ରେ ପରାଜିତ ହୋଇ ସେ କାଂସ୍ୟ ପଦକ ହାସଲ କରିଥିଲେ।

ଓମ୍ ପ୍ରକାଶ ବେହେରା ପୁରୁଷ ଫଏଲ୍ କାଟାଗୋରୀ ବିରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ପୁଲ୍ ପର୍ଯ୍ୟାୟରେ ପ୍ରଥମ ସ୍ଥାନ ହାସଲ କରି ସେ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରିଥିଲେ। ସେଠାରେ ଡାମିଲୋଲାଙ୍କୁ ୧୫-୨ରେ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲେ। ଫାଇନାଲରେ ଓଡ଼ିଶାର ରୁଦ୍ରନାରାୟଣ ବେହେରାଙ୍କୁ ୧୫-୫ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ରୁଦ୍ରନାରାୟଣ ବେହେରା ପୁଲ୍ ପର୍ଯ୍ୟାୟ ପରେ ସିଧାସଳଖ ସେମିଫାଇନାଲରେ ପ୍ରବେଶ କରି ଆଜାନୀ ଇଦୁଲ ଙ୍କୁ ୧୫-୩ରେ ପରାସ୍ତ କରିଥିଲେ। ଫାଇନାଲରେ ଓମ୍ ପ୍ରକାଶ ବେହେରାଙ୍କଠାରୁ ୧୫-୫ରେ ପରାଜିତ ହୋଇ ସେ ରୌପ୍ୟ ପଦକ ଜିତିଥିଲେ। ଓଡ଼ିଶାର ପାରା ଫେନ୍ସରମାନଙ୍କ ଏହି ଉଲ୍ଲେଖନୀୟ ପ୍ରଦର୍ଶନ ରାଜ୍ୟର ପାରା ଫେନ୍ସିଂର ବଢ଼ୁଥିବା ଶକ୍ତିକୁ ପ୍ରମାଣିତ କରିଛି ଏବଂ ନାଇଜେରିଆରେ ଭାରତର ଅଭିଯାନକୁ ଆହୁରି ଗୌରବମୟ କରିଛି।

## ପ୍ରଥମ ଟେଷ୍ଟ: ହାସନଙ୍କ ଘାତକ ବୋଲିଂରେ ଅଷ୍ଟ୍ରେଲିଆ ଧରାଶାୟୀ



ଡାରୱିନ,୧୩।୮ (ଏଜେନ୍ସି): ଭ୍ରମଣକାରୀ ବାଂଲାଦେଶ ଦଳ ଘରୋଇ ଅଷ୍ଟ୍ରେଲିଆକୁ ପ୍ରଥମ ଟେଷ୍ଟର ପ୍ରଥମ ଦିନ ଚକମା ଦେବାରେ ସଫଳ ହୋଇଛି। ହାସନ ମହମୁଦଙ୍କ ଅଗ୍ନିବର୍ଷି ବୋଲିଂ ଯୋଗୁଁ ଘରୋଇ ଅଷ୍ଟ୍ରେଲିଆ ଦଳ ପ୍ରଥମ ପାଳିରେ କେବଳ ୧୯୮ ରନ କରି ଅଲଆଉଟ୍ ହୋଇଛି। ପ୍ରଥମ ଦିବସ ଷ୍ଟମ୍ପଅପସାରଣ ବେଳକୁ ବାଂଲାଦେଶ ପ୍ରଥମ ପାଳିରେ ୨୪ ଓଭରରେ ଗୋଟିଏ ୱିକେଟ ହରାଇ ୯୬ ରନ୍ କରିଛି। ଏବେ ବି ବାଂଲାଦେଶ ଘରୋଇ ଦଳର ପ୍ରଥମ ଇନିଂସ ଠାରୁ ୧୦୨ ରନ ପଛରେ ରହିଛି।

ମାରାରା ଷ୍ଟାଡିୟମରେ ଅଷ୍ଟ୍ରେଲିଆ ଅଧିନାୟକ ପାଟକୁମିନ୍ସ ଟସ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। କିନ୍ତୁ ନିଜ ହୋମ ଭେନ୍ୟୁରେ ବାଂଲାଦେଶୀ ବୋଲର ସଫଳ ହେବେ ବୋଲି କୌଣସି ପୂର୍ବାନୁମାନ କରିନଥିଲା ଅଷ୍ଟ୍ରେଲିଆ। ହାସନ ମହମୁଦ ଚମତ୍କାର ବୋଲିଂ କରି ଅଷ୍ଟ୍ରେଲିଆର ବ୍ୟାଟିଂ ମେରୁଦଣ୍ଡ ଭାଙ୍ଗି ଦେଇଥିଲେ। ସେ ପର୍ଯ୍ୟାୟକ୍ରମେ ୬ଟି ୱିକେଟ ଅକ୍ତିଆର କରିଥିଲେ। ଅଷ୍ଟ୍ରେଲିଆର ଦୁଇ ଓପନର ଟ୍ରେଭିସ ହେଡ ଓ ଜ୍ୟାକି ୱେଦରଲ୍ୟାଣ୍ଡ ପାଳି ଆରମ୍ଭ କରିଥିଲେ। ପ୍ରଥମ ୱିକେଟ ପାଇଁ ୪୫ ରନର ପାର୍ଟନରସିପ ହୋଇଥିଲା। ଏହି ଯୋଡି ଭାଙ୍ଗିବା ପରେ କ୍ରମାନ୍ୱୟରେ ୱିକେଟ ହରାଇଥିଲର ଅଷ୍ଟ୍ରେଲିଆ। ଟ୍ରେଭିସ ହେଡ ୨୨ ରନ, ଜ୍ୟାକ ୱେଦରଲ୍ୟାଣ୍ଡ ୨୩ ରନ କରିଥିଲେ। କେବଳ ଅଭିଜ୍ଞ ଷ୍ଟିଭେନ୍ସ ସ୍ମିଥ ସର୍ବାଧିକ ୭୧ ରନ୍ କରିଥିଲେ। କାମେରନ ଗ୍ରୀନ ୧୩, ଆଲେକ୍ସ କାରେ ୧୯ ଓ ବ୍ୟୁ ୱେବଷ୍ଟାର ୧୨ ରନ୍ କରିଥିଲେ। ତେଣୁ ଅଷ୍ଟ୍ରେଲିଆ ୫୩ ଓଭରରେ ୧୯୮ ରନ୍ କରି ଅଲଆଉଟ୍ ହୋଇଥିଲା। ବାଂଲାଦେଶର ହାସନ ମହମ୍ମଦ ୧୭ ଓଭର ବୋଲିଂ କରି ୫୫ ରନ ବ୍ୟୟରେ ସର୍ବାଧିକ ୬ଟି, ତସ୍କିନ ଅହମ୍ମଦ ଓ ଇବାଦତ ହୁସେନ ଦୁଇଟି କରି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ବାଂଲାଦେଶ ପ୍ରଥମ ପାଳି ବ୍ୟାଟିଂ ଆରମ୍ଭ କରି ୨୪ ଓଭରରେ ଗୋଟିଏ ୱିକେଟ ହରାଇ ୯୬ ରନ୍ କରିଛି। ସଦମନ ଇସ୍ଲାମ ୨୦ ରନ କରି ମିଚେଲ ଷ୍ଟାର୍କଙ୍କ ଶିକାର ହୋଇଥିଲେ। ଏହାପରେ ତାନଜିଦ ହାସନ ୬୭ ବଲରୁ ୩୨ ଓ ମୌମିନୁଲ ହକ୍ ୩୫ ରନ୍ କରି ଅପରାଜିତ ଥିଲେ। ଦୁହିଁଙ୍କ ଲଢୁଆ ବ୍ୟାଟିଂ ଯୋଗୁଁ ବାଂଲାଦେଶ ଘରୋଇ ଅଷ୍ଟ୍ରେଲିଆକୁ କଡା ଜବାବ ଦେଇପାରିଛି।

## ଗଣେଶ ପୂଜାରେ ହୋଇପାରେ ଭାରତ-ଆଫଗାନିସ୍ତାନ ମ୍ୟାଚ

ନୂଆଦିଲ୍ଲୀ,୧୩।୮ (ଏଜେନ୍ସି): ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଖେଳାଯିବାକୁଥିବା ଟି-୨୦ ଶୃଙ୍ଖଳାର କାର୍ଯ୍ୟସୂଚୀରେ ପରିବର୍ତ୍ତନ ହୋଇପାରେ। ଆଫଗାନିସ୍ତାନ କ୍ରିକେଟ ବୋର୍ଡ ସେପ୍ଟେମ୍ବର ୧୪ ତାରିଖରେ ଗଣେଶ ଚତୁର୍ଥ ଦିନ ମ୍ୟାଚ ଆୟୋଜନ କରିବା ପାଇଁ ବିସିସିଆଇ ସହ ଆଲୋଚନା କରିଛି। ସୂଚନାଯୋଗ୍ୟ ଏହି ଶୃଙ୍ଖଳାର ସମସ୍ତ ୩ଟି ଯାକ ମ୍ୟାଚ ନୂଆଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବ। ନୂଆ ପ୍ରସ୍ତାବ ଅନୁଯାୟୀ ସେପ୍ଟେମ୍ବର ୧୩ କିମ୍ବା ୧୫ ତାରିଖର ମ୍ୟାଚକୁ ୧୪ ତାରିଖକୁ ଘୁଞ୍ଚା ଯିବା ପାଇଁ ବିସିସିଆଇକୁ ଅନୁରୋଧ କରାଯାଇଛି। ବିସିସିଆଇ ଏହି ପ୍ରସ୍ତାବରେ ସହମତି ପ୍ରକାଶ କଲେ ହିଁ ନୂଆ ତାରିଖ ଘୋଷଣା କରାଯିବ। ଭବିଷ୍ୟତର ଗସ୍ତ ସୂଚୀ ଅନୁଯାୟୀ ଏହି ଆଫଗାନସ୍ତାନର ନିଜସ୍ୱ ଘରୋଇ ଶୃଙ୍ଖଳା। ମାତ୍ର ନିଜ ଦେଶରେ ପରିସ୍ଥିତି ଅନୁକୂଳ ନଥିବାରୁ ଆଫଗାନିସ୍ତାନ ପୂର୍ବପରି ଭାରତକୁ ନିଜର ହୋମ ଗ୍ରାଉଣ୍ଡ ଭାବେ ବ୍ୟବହାର କରି ଏହି ଅନ୍ତର୍ଜାତୀୟ ଶୃଙ୍ଖଳା ଆୟୋଜନ କରୁଛି। ସେପ୍ଟେମ୍ବର ମାସରେ ଭାରତୀୟ ଦଳ ବାଂଲାଦେଶ ଗସ୍ତକୁ ନେଇ ଅନିଶ୍ଚିତତା ଲାଗି ରହିଛି। ପୂର୍ବରୁ ସ୍ଥଗିତ ରହିଥିବା ଏହି ଶୃଙ୍ଖଳାକୁ ପୁନର୍ବାର ଆରମ୍ଭ କରିବା ପାଇଁ ବାଂଲାଦେଶ ବୋର୍ଡ ଆଶାବାଦୀ ଥିଲେ ମଧ୍ୟ ବିସିସିଆଇ ଏଥିପାଇଁ ଭାରତ ସରକାରଙ୍କୁ ଅନୁମତି ପାଇବା ପରେ ବି କୌଣସି ଅନ୍ତିମ ନିଷ୍ପତ୍ତି ନେବ। ତେବେ ବର୍ତ୍ତମାନ ପାଇଁ ସେପ୍ଟେମ୍ବରରେ ଆଫଗାନିସ୍ତାନ ବିପକ୍ଷ ଶୃଙ୍ଖଳା ଭାରତ ଖେଳିବା ନିଶ୍ଚିତ ହୋଇଛି।

# ଶ୍ରୀଲଙ୍କାରେ ବଡ଼ ରେକର୍ଡ ଲକ୍ଷ୍ୟରେ ଗିଲ୍

କଲମ୍ବୋ,୧୩।୮ (ଏଜେନ୍ସି): ଭାରତୀୟ ଦଳ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଦୁଇ ମ୍ୟାଚ ବିଶିଷ୍ଟ ଟେଷ୍ଟ ଶୃଙ୍ଖଳା ଖେଳିବ। ଏହି ଶୃଙ୍ଖଳାରେ ଭାରତୀୟ ଅଧିନାୟକ ଶୁଭମନ ଗିଲଙ୍କ ପାଖରେ ରେକର୍ଡ ସ୍ଥାପନ କରିବାର ଭଲ ସୁଯୋଗ ରହିଛି। ସେ ପ୍ରଥମ ଭାରତୀୟ ଭାବେ ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ୩ ହଜାର ରନ ପୂରଣ କରିବେ। ଏଥିପାଇଁ ତାଙ୍କୁ ଆଉ ୧୫୭ ରନ ସଂଗ୍ରହ କରିବାକୁ ପଡିବ। ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ଗିଲ ୪୦ଟି ମ୍ୟାଚ ଖେଳି ୨୮୪୩ ରନ୍ କରିଛନ୍ତି। ଅନ୍ୟ ଭାରତୀୟଙ୍କ ମଧ୍ୟରେ ରିଷଭ ପନ୍ତ ୨୭୮୦ ରନ ଓ ରୋହିତ ଶର୍ମା ୨୭୧୬ ରନ ସଂଗ୍ରହ କରି ଦ୍ୱିତୀୟ ଓ ତୃତୀୟ ସ୍ଥାନରେ ରହିଛନ୍ତି। ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ଇତିହାସରେ ସର୍ବାଧିକ ରନ ରେକର୍ଡ ଇଂଲଣ୍ଡର ଜୋ ରୁଟଙ୍କ ନାଁରେ ରହିଛି। ସେ ୬୬୫୧ ରନ ସଂଗ୍ରହ କରିସାରିଛନ୍ତି। ସେହିପରି ଷ୍ଟିଭେନ ସ୍ମିଥ ବିଶ୍ୱ ଟେଷ୍ଟ ଚାମ୍ପିଅନସିପରେ ୪୫୬୪ ରନ ସଂଗ୍ରହ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଗିଲ ୨୦୨୫/୨୭ ଟେଷ୍ଟ ଚକ୍ରରେ ମୋଟ ୯୫୦ ରନ ସଂଗ୍ରହ କରିଛନ୍ତି। ସେ ଆଉ ୫୦ ରନ କଲେ



ପ୍ରଥମ ଭାରତୀୟ ଭାବେ ଗୋଟିଏ ଚକ୍ରରେ ୧୦୦୦ ରନ ପୂରଣ କରିବେ।

ଶ୍ରୀଲଙ୍କା ବିପକ୍ଷ ପ୍ରଥମ ଟେଷ୍ଟକୁ ନେଇ ଭାରତୀୟ ଦଳର ସମ୍ଭାବ୍ୟ ଏକାଦଶ ଚୂଡାନ୍ତ ହୋଇପାରିନାହିଁ। ପୂର୍ବରୁ ଶ୍ରୀଲଙ୍କାର ପୂର୍ବତନ ଅଲରାଉଣ୍ଡର ପରଭେଜ ମହାରୁଖଙ୍କ ମତରେ ଭାରତ ପ୍ରଥମ ଟେଷ୍ଟରେ ୩ ଜଣ ସ୍ପିନରଙ୍କୁ ନେଇ ମୈଦାନକୁ ଓହ୍ଲାଇ ପାରେ। ରବିନ୍ଦ୍ର ଜାଡେଜା ଏବଂ କୁଲଦୀପ ଯାଦବଙ୍କ ସହ ବାମହାତୀ ସ୍ପିନର ମାନବ ସୁତାରଙ୍କୁ ଦଳରେ ସ୍ଥାନ ମିଳିପାରେ।

ଅଭିଜ୍ଞ ବ୍ୟାଟର ବିରାଟ କୋହଲି, ରୋହିତ ଶର୍ମା, ଚେତେଶ୍ୱର ପୂଜାରା ଓ ଆଜିଙ୍କ୍ୟ ରାହାଣେଙ୍କ ଅବସର ପରେ ଭାରତୀୟ ବ୍ୟାଟିଂ ଲାଇନରେ ବଡ଼ ପରିବର୍ତ୍ତନ ହୋଇଛି। ଯଶପ୍ରୀତ ବୁମରା ଆହତ ସମସ୍ୟା ଯୋଗୁଁ ଦଳରୁ ବାଦ ପଡିଥିବାରୁ ମହମ୍ମଦ ସିରାଜଙ୍କ ନେତୃତ୍ୱରେ ଯୁବ ବୋଲରଙ୍କ ଉପରେ ଦାୟିତ୍ୱ ରହିବ। ଶ୍ରୀଲଙ୍କାଙ୍କ ପ୍ରଶିକ୍ଷକ ଗ୍ୟାରି କ୍ରୀଷ୍ଟନ ଅଛନ୍ତି। ସେ ପୂର୍ବରୁ ଭାରତୀୟ ଦଳର ପ୍ରଶିକ୍ଷକ ଥିଲେ। ତେଣୁ ଭାରତୀୟ ଖେଳାଳିଙ୍କ ବିଷୟରେ ସେ ଭଲ ଭାବରେ ଜାଣିଛନ୍ତି। ସେହିଭଳି ଘରୋଇ ମାଟିରେ ଶ୍ରୀଲଙ୍କା ଶକ୍ତିଶାଳୀ ଥିବାରୁ ଭାରତୀୟ ବ୍ୟାଟରଙ୍କ ପାଇଁ ସ୍ପିନ ଅନୁକୂଳ ପିଚରେ ରନ ସଂଗ୍ରହ କରିବା ସହଜ ହେବନି। ତଥାପି ଶୁଭମନ ଗିଲ, ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ ଓ ରିଷଭ ପନ୍ତଙ୍କ ଉପରେ ବ୍ୟାଟିଂ ଦାୟିତ୍ୱ ନ୍ୟସ୍ତ ରହିବ। ଅଭିଜ୍ଞ ରବିନ୍ଦ୍ର ଜାଡେଜା, କୁଲଦୀପ ଯାଦବଙ୍କ ସହ ନୂଆ ମୁହଁ ମାନବ ସୁତାର, ସାରାଂଶ ଜୈନ, ଆକିବ ନବୀ ଓ ଗୁରନୁର ବ୍ରାରଙ୍କୁ ଭାରତୀୟ ବୋଲିଂ ଦୃଢ଼ ରହିଛି।

## ପୁଞ୍ଚରେ ଜାତୀୟ ଗେଟ ବଲ ଟୁର୍ଣ୍ଣାମେଣ୍ଟ: ଓଡ଼ିଶା ଚାମ୍ପିଅନ



ଭୁବନେଶ୍ୱର,୧୩।୮ (ସବ୍ୟୁ): ଜମ୍ମୁ-କାଶ୍ମୀର ପୁଞ୍ଚଠାରେ ଇଣ୍ଡିଆନ୍ ଗେଟ ବଲ ୟୁନିଅନର ଜମ୍ମୁ-କାଶ୍ମୀର ଶାଖା ପକ୍ଷରୁ ୩ ଦିନିଆ ଜାତୀୟ ଗେଟ ବଲ ଡବଲ୍ସ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଦେଶର ବିଭିନ୍ନ ରାଜ୍ୟରୁ ୧୮ଟି ଦଳ ସହିତ ବିଏସଏଫର ଏକ ଦଳ ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିଲେ। ଭାରତ-ପାକିସ୍ତାନ ସୀମା ନିକଟସ୍ଥ ବିଏସଏଫ ଗ୍ରାଉଣ୍ଡରେ ଏହି ରୋମାଞ୍ଚକର ପ୍ରତିଯୋଗିତା ଆୟୋଜିତ ହୋଇଥିଲା। କଡା ପ୍ରତିଦ୍ୱନ୍ଦ୍ୱିତା ପରେ ଓଡ଼ିଶା, ବିହାର, ବିଏସଏଫ ଓ ଚଣ୍ଡିଗଡ଼ ଦଳ ସେମିଫାଇନାଲରେ ପ୍ରବେଶ କରିଥିଲେ। ଫାଇନାଲରେ ଚଣ୍ଡିଗଡ଼କୁ ପରାସ୍ତ କରି ଓଡ଼ିଶା ଦଳ ଚାମ୍ପିଅନ ହୋଇଛି। ବିହାର ତୃତୀୟ ଏବଂ ବିଏସଏଫ ଚତୁର୍ଥ ସ୍ଥାନ ଅଧିକାର କରିଛି। ଚାମ୍ପିଅନ ଓଡ଼ିଶା ଦଳରେ ରଞ୍ଜନ ପାତ୍ର ଅଧିନାୟକ, ଏଜାଜ ଅହମ୍ମଦ ଏବଂ ସର୍ବେଶ୍ୱର ବ୍ରହ୍ମାନନ୍ଦ ମହାପାତ୍ର ଥିଲେ। ଓଡ଼ିଶା ଦଳର ଏହି ଗୌରବମୟ ସଫଳତା ପାଇଁ ଇଣ୍ଡିଆନ ଗେଟବଲ ୟୁନିଅନ ସଭାପତି ଉମାକାନ୍ତ ପାଣି ଏବଂ ଏସିଆନ ପାସିଫିକ ଡାଇରେକ୍ଟର ଦ୍ୱୀପାୟନ ପଟ୍ଟନାୟକ ଓଡ଼ିଶା ଦଳକୁ ଅଭିନନ୍ଦନ ଜଣାଇବା ସହ ସମସ୍ତ ଅଂଶଗ୍ରହଣକାରୀ ଦଳ ଓ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସୀମାନ୍ତ ଅଞ୍ଚଳରେ ଏଭଳି ଜାତୀୟସ୍ତରର କ୍ରୀଡା ପ୍ରତିଯୋଗିତା ଆୟୋଜନ ଦେଶର ଏକତା, ଭାଇଚାରା ଓ କ୍ରୀଡା ଭାବନାକୁ ଆହୁରି ସୁଦୃଢ଼ କରିଛି।

# କେଡିବିଏ ୟୁଥ ଲିଗ୍: ବିଏଏ, କିସ୍, ବିବିଏ ବିଜୟୀ

ଭୁବନେଶ୍ୱର,୧୩।୮ (ସବ୍ୟୁ): ୟୁନିଟ୍-୧ ସ୍ଥିତ ବାସ୍କେଟ ବଲ କମ୍ପ୍ଲେକ୍ସରେ କେଡିବିଏ ୟୁଥ ବାସ୍କେଟବଲ ପ୍ରତିଯୋଗିତା ଆରମ୍ଭ ହୋଇଛି। ଖୋର୍ଦ୍ଧା ଜିଲ୍ଲା ବାସ୍କେଟବଲ ଆସୋସିଏସନ୍ ଆନୁକୂଲ୍ୟରେ ଆୟୋଜିତ ଅନୁଷ୍ଠିତ ୩ଟି ମ୍ୟାଚରେ ଭୁବନେଶ୍ୱର ଆଥଲେଟ୍ ଆସୋସିଏସନ, କିସ ଏବଂ ଭୁବନେଶ୍ୱର ବାସ୍କେଟବଲ ଆସୋସିଏସନ୍ ବିଜୟୀ ହୋଇ ଅଭିଯାନ ଆରମ୍ଭ କରିଛନ୍ତି। ପ୍ରଥମ ମ୍ୟାଚରେ ବିଏଏ ୩୦-୧୪ ପଏଣ୍ଟରେ ଭୁବନେଶ୍ୱର ବାସ୍କେଟ ବଲ ଆସୋସିଏସନକୁ ପରାଜିତ କରିଥିଲା। ବାଳିକା ବର୍ଗର ଦ୍ୱିତୀୟ ମ୍ୟାଚରେ କିସ ୩୭-୩୨ ପଏଣ୍ଟରେ ଖୋର୍ଦ୍ଧା ଜିଲ୍ଲା ବାସ୍କେଟବଲ ଆସୋସିଏସନ ଦଳକୁ ପରାଜିତ କରିଛି। ତୃତୀୟ ମ୍ୟାଚରେ ଭୁବନେଶ୍ୱର ବାସ୍କେଟବଲ ଆସୋସିଏସନ୍ ୪୦-୧୯ ପଏଣ୍ଟରେ



ଭୁବନେଶ୍ୱର ଆଥଲେଟିକ୍ ଆସୋସିଏସନକୁ ପରାଜିତ କରିଛି। ଉଦଘାଟନୀ ଉତ୍ସବରେ ଓଡ଼ିଶା ବାସ୍କେଟବଲ ଆସୋସିଏସନ ସମ୍ପାଦକ ଅଶୋକ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ରାଜେନ୍ଦ୍ର ପାଣି, ଗୋରାଚାନ୍ଦ ମହାନ୍ତି, ଦେବବ୍ରତ ସାହୁ, ମୁନା ଗୌଡ, ଆଦର୍ଶ ପଟ୍ଟନାୟକ ଓ ଆଶୁତୋଷ ସାହୁ ପ୍ରମୁଖ ଟୁର୍ଣ୍ଣାମେଣ୍ଟ ପରିଚାଳନା କରୁଛନ୍ତି।

## ରାଜ୍ୟସ୍ତରୀୟ କବାଡି ଚାମ୍ପିଅନସିପରେ ମୟୂରଭଞ୍ଜ ଦଳ

ବାରିପଦା,୧୩।୮ (ସବ୍ୟୁ): ଭୁବନେଶ୍ୱର ଠାରେ ଅନୁଷ୍ଠିତ ହେବାକୁଥିବା ୫୨ତମ କନିଷ୍ଠ ରାଜ୍ୟସ୍ତରୀୟ କବାଡି ଚାମ୍ପିଅନସିପ୍‌ରେ ଅଂଶଗ୍ରହଣ ପାଇଁ ମୟୂରଭଞ୍ଜର ଉଭୟ ପୁରୁଷ ଓ ମହିଳା କବାଡି ଦଳ ଭୁବନେଶ୍ୱର ଗସ୍ତ କରିଛନ୍ତି। ପୁରୁଷ ଦଳରେ ଲିପୁନ ଦାସ, ଲକ୍ଷ୍ମୀଧର ବାଗ, ଗୌତମ ଗୋଛାୟତ, ଓମ ପଣ୍ଡିତ, ସୋନେଶ୍ୱର ଦଳେଇ, ସୁପ୍ରଭାତ ସେନାପତି, ବିଶ୍ୱଜିତ କୁଁଅର, ସତ୍ୟମ ଗିରି, ରିତେଶ ମୁଖି, ନିରାକର ପରିଡ଼ା, ସାଇ ପ୍ରତୀକ ଭଞ୍ଜଦେଓ ଓ ସିମନ ମୁର୍ମୁ ସ୍ଥାନ ପାଇଛନ୍ତି। ସେହିପରି ମହିଳା ଦଳରେ ଦେବକୀ ସୋରେନ, ସୁନିତା ଧଳ, ସନ୍ଧ୍ୟାରାଣୀ ସିଂ, ଦିପ୍ତିମୟୀ ଧୀର, ଯମୁନା ସିଂ, ଆକାଂକ୍ଷା ସୁଭଦର୍ଶିନୀ ନାୟକ, ସୁଭଦ୍ରା ଚାପେୟାର, ସୋନାକ୍ଷୀ ମୁର୍ମୁ ଓ ଆଲିୟା ମହାନ୍ତ ରହିଛନ୍ତି। ଦଳ ସହ କୋଚ୍ ଭାବେ ମିହିର ରଞ୍ଜନ ବେହେରା ଓ ମ୍ୟାନେଜର ଭାବେ ମାନସ ମହାପାତ୍ର ଗସ୍ତ କରିଛନ୍ତି। ମୟୂରଭଞ୍ଜ ଆଥଲେଟିକ୍



ଆସୋସିଏସନ୍‌ର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କୋଷାଧ୍ୟକ୍ଷ ଅମିତାଭ ଦାସ, କବାଡି ସମ୍ପାଦକ ପ୍ରସନ୍ନଜିତ ମହାନ୍ତି, ସହସମ୍ପାଦକ ବୈଦ୍ୟନାଥ ରଥ, ଅଶୋକ ପଟ୍ଟନାୟକ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ସମେତ ବରିଷ୍ଠ ସଦସ୍ୟ ଓ କ୍ରୀଡ଼ା ପ୍ରଶିକ୍ଷକମାନେ ଉପସ୍ଥିତ ରହି ଉଭୟ ଦଳର ସଫଳତା କାମନା କରିଛନ୍ତି।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଇମେଲ:classifiedsamaya@gmail.com

## ୧୫ରୁ ଓଡ଼ିଶା ରାଜ୍ୟ ରାପିଡ ଓ ବ୍ଲିଜ ଫିଡେ ରେଟିଂ କ୍ଷୀପ୍ର ଚେସ୍ ପ୍ରତିଯୋଗିତା

# ଭାଗ ନେବେ ରେକର୍ଡ ସଂଖ୍ୟକ ୩୫୦ ପ୍ରତିଯୋଗୀ

ଭୁବନେଶ୍ୱର,୧୩।୮ (ସବ୍ୟୁ): ରାଜ୍ୟର ଅନ୍ୟତମ ଅଗ୍ରଣୀ ଚେସ ପ୍ରଶିକ୍ଷଣ କେନ୍ଦ୍ର ଏସ ଆର ଚେସ ସେଣ୍ଟର ଓ ପ୍ରତିଷ୍ଠିତ ଏସ.ବି ୧ ଗ୍ରୁପ୍ ଅଫ କମ୍ପାନୀଜ୍ ର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପାହାଳ ସ୍ଥିତ ମଦର ପବ୍ଲିକ ସ୍କୁଲ ଠାରେ ଚଳିତ ମାସ ୧୫ ଓ ୧୬ ତାରିଖ ଦୁଇଦିନ ଧରି ମର୍ଯ୍ୟାଦା ଜନକ ଓଡ଼ିଶା ରାଜ୍ୟ ସିନିୟର୍ ରାପିଡ୍ ଓ ବ୍ଲିଜ୍ ଫିଡେ ରେଟିଂ କ୍ଷୀପ୍ର ଚେସ୍ ପ୍ରତିଯୋଗିତା ଅନୁଷ୍ଠିତ ହେଉଛି।

ଫାଇଡ , ଓ ଏ ଆଇ ସି ଏଫ୍ ଦ୍ୱାରା ସୀକୃତିପ୍ରାପ୍ତ , ନିଖିଳ ଓଡ଼ିଶା ଚେସ ସଂଘ ତରଫରୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ, ସହଯୋଗରେ ଅନୁଷ୍ଠିତ ଏହି ଦୁଇ ଦିନିଆ ଚେସ ପ୍ରତିଯୋଗିତାରେ ୨୦ ଟି ଜିଲ୍ଲାର ମାତ୍ରାଧିକ ରାପିଡ ରେ ରେକର୍ଡ ୩୫୦ ଓ ବ୍ଲିଜ୍ ରେ ୨୦୦ ରୁ ଉର୍ଦ୍ଧ ପ୍ରତିଯୋଗୀ ଯୋଗ ଦେବା ଫଳରେ ପଞ୍ଜିକରଣକୁ ଆଜିଠାରୁ ବନ୍ଦ କରାଯାଇଛି। ଉନ୍ନତ ପ୍ରଦର୍ଶନ କରିଥିବା ଖେଳାଳିମାନେ ଜାତୀୟ ଚେସକୁ ଓଡ଼ିଶାରୁ ମନୋନୀତ ହେବା ସହ ଏଥିରେ ଅନ୍ତର୍ଜାତୀୟ ଫିଡେ ରେଟିଂ ପାଇବାର ଯୋଗ୍ୟତା ଅର୍ଜନ ମଧ୍ୟ କରିପାରିବେ।




ମୋଟ ରେକର୍ଡ ୧,୨୦,୦୦୦/- ଓ ୬୦ ରୁ ଉର୍ଦ୍ଧ୍ୱ ଆକର୍ଷଣୀୟ ଟ୍ରଫି ଓ ମେଡାଲ ଥିବା ଏହି ପ୍ରତିଯୋଗିତାରେ ରାପିଡ୍ ବିଭାଗରେ ଚାମ୍ପିଅନକୁ ୨୦,୦୦୦/-, ରନର ଅପ କୁ ୧୫,୦୦୦/- ଟଙ୍କା ଓ ୩ୟ ସ୍ଥାନ ହାସଲ କରିଥିବା ଖେଳାଳୀଙ୍କୁ ୧୦,୦୦୦/- ନଗଦ ଅର୍ଥ ସହ ଆକର୍ଷଣୀୟ ଟ୍ରଫି ଓ ମେଡାଲ ପ୍ରଦାନ କରାଯିବ। ଏହା ଛଡ଼ା ଶ୍ରେଷ୍ଠ ୧୫ଜଣ ଖେଳାଳୀଙ୍କୁ ନଗଦ ଅର୍ଥ ଦିଆଯିବ।

ସେହିପରି ବ୍ଲିଜ ବିଭାଗରେ ଚାମ୍ପିଅନକୁ ୧୫,୦୦୦/-, ରନରଅପ କୁ ୧୦,୦୦୦/- ଟଙ୍କା ଓ ୩ୟ ସ୍ଥାନ ହାସଲ କରିଥିବା ଖେଳାଳିଙ୍କୁ ୬,୦୦୦/- ନଗଦ ଅର୍ଥ ସହ ଆକର୍ଷଣୀୟ ଟ୍ରଫି ଓ ମେଡାଲ ପ୍ରଦାନ କରାଯିବ। ଏହା ବାଦ୍ ଶ୍ରେଷ୍ଠ ୧୫ ପ୍ରତିଯୋଗୀଙ୍କୁ ମୋଟ ୫୦ ହଜାର ଟଙ୍କାର ନଗଦ ଅର୍ଥ ରାଶି ପ୍ରଦାନ କରାଯିବ। ବୋଲି ଏସ ବି୧ ଗ୍ରୁପ୍ ଅଫ କମ୍ପାନୀର ଅଧ୍ୟକ୍ଷ ବୈଜୟନ୍ତୀ ସାହୁ ପ୍ରକାଶ କରିଛନ୍ତି। ଉଦଯାପନ ଦିବସରେ ଆଇନ ଓ ଅବକାରୀ ମନ୍ତ୍ରୀ, କ୍ରୀଡା ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ଓ ଗଣଶିକ୍ଷା ମନ୍ତ୍ରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି ବୋଲି ସତ୍ୟ ରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।




Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି